# ଧରିତ୍ରୀ
DHARITRI
ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୯/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, December 9/2025 | Page 12 | ₹ 7.00

୫୨ଶ ଭାଗ ୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 16 | ମୂଲ୍ୟ ₹୭/-


## ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଆଜି

କଟକ,୮।୧୨(ଅନାଦି କର)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମଙ୍ଗଳବାର ଐତିହାସିକ ବାରବାଟୀ ଷ୍ଟାଡିୟମରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ପାଇଁ ଖେଳାଳିଙ୍କଠାରୁ ଆରମ୍ଭ କରି ପିଚ୍, ସୁରକ୍ଷା ବ୍ୟବସ୍ଥା ସମେତ ସବୁ ପ୍ରକାର ପ୍ରସ୍ତୁତି ଶେଷ। ଏବେ କେବଳ ଲଢ଼େଇକୁ ଅପେକ୍ଷା। ବାରବାଟୀରେ ଖୁବ କମ୍ ଅନ୍ତର୍ଜାତୀୟ ମ୍ୟାଚ ଖେଳାଯାଉଥିବାରୁ ଏହି ମ୍ୟାଚ୍ ଲାଗି ଦର୍ଶକମାନେ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି। ମ୍ୟାଚ୍ ଲାଗି ଦୁଇ ଦଳ ସୋମବାର ବାରବାଟୀ ଷ୍ଟାଡିୟମରେ ଦୀର୍ଘ ସମୟ ଧରି ଅଭ୍ୟାସ ମଧ୍ୟ କରିଛନ୍ତି।

ବାରବାଟୀ ଷ୍ଟାଡିୟମରେ ପ୍ରଥମ ଥର ପାଇଁ ନାଲି ମାଟିରେ ପିଚ୍ ପ୍ରସ୍ତୁତ କରାଯାଇଛି। ଏଥିସହିତ ମ୍ୟାଚ୍ ଆଗକୁ ବଢ଼ିବା ସହ କାକରର ପ୍ରଭାବ ମଧ୍ୟ ବୃଦ୍ଧି ପାଇବ। ଏଣୁ ମ୍ୟାଚ୍‌ଟି ହାଇସ୍କୋରିଂ ହେବ ବୋଲି ଆଶା କରାଯାଉଛି। ବାରବାଟୀରେ ଏପର୍ଯ୍ୟନ୍ତ ୩ଟି ଟି୨୦ ମ୍ୟାଚ୍ ଖେଳାଯାଇଛି। ପୂର୍ବରୁ ବାରବାଟୀ ଗ୍ରାଉଣ୍ଡରେ ଭାରତ ଓ ଦ.ଆଫ୍ରିକା ପରସ୍ପରକୁ ଦୁଇ ଥର ଭେଟିଥିବା ବେଳେ ଉଭୟ ଥର ଭ୍ରମଣକାରୀ ଦଳ ବାଜିମାତ୍ କରିଛି। ଏଣୁ ରେକର୍ଡ ସମ୍ପୂର୍ଣ୍ଣ ରୂପେ ଦ. ଆଫ୍ରିକା ସପକ୍ଷରେ ☞ପୃଷ୍ଠା-୪



ବାରବାଟୀ ଷ୍ଟାଡିୟମରେ ସୋମବାର ଭାରତୀୟ ଦଳର ନେଟ୍ସ ସେସନରେ ବୋଲିଂ କରୁଛନ୍ତି ଯଶପ୍ରୀତ୍ ବୁମ୍‌ରା। (ଫଟୋ: ରାଜକିଶୋର ମହାନ୍ତି)

# କେନ୍ଦ୍ରୀୟ ଅନୁଦାନ କମିଛି ୪ହଜାର କୋଟି: ବିରୋଧୀ

■ ଓଡ଼ିଶାର ବିକାଶ ଦେଖିବ ବିଶ୍ୱ: ମୁଖ୍ୟମନ୍ତ୍ରୀ
■ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ପାରିତ

**ଓଡ଼ିଶାରେ ଭାଜପା ସରକାର ଗଠନ ହେବା ପରେ ରାଜ୍ୟକୁ ଅଧିକ ଅନୁଦାନ ମିଳିବ ବୋଲି ରାଜ୍ୟବାସୀ ଆଶା ରଖିଥିଲେ। ହେଲେ ବାସ୍ତବକ୍ଷେତ୍ରରେ ତାହା ପ୍ରତିଫଳିତ ହେଉନାହିଁ। ବିଜେଡି ସରକାର ସମୟରେ ରାଜ୍ୟକୁ ଯେତିକି କେନ୍ଦ୍ରୀୟ ଅନୁଦାନ ମିଳୁଥିଲା ତାହାଠାରୁ ଏବେ କମ୍ ମିଳୁଛି ବୋଲି ବିରୋଧୀମାନେ ଅଭିଯୋଗ କରୁଛନ୍ତି। ପୂର୍ବବର୍ଷ(୨୦୨୩-୨୪)ତୁଳନାରେ ଗତ ୮ ମାସରେ ୧୮ପ୍ରତିଶତ ଅର୍ଥାତ୍ ୪ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ କମ୍ ମିଳିଛି ବୋଲି କହି ସୋମବାର ବିଧାନସଭାରେ ବିରୋଧୀ ସଦସ୍ୟମାନେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।**

ଭୁବନେଶ୍ୱର,୮।୧୨
(ରବିନାରାୟଣ ଜେନା/ସୁନିତ୍ ମିଶ୍ର)

କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି। ଓଡ଼ିଶାକୁ ଡବଲ ଫାଇଦା ହେବା କଥା, ମାତ୍ର ବିଜେଡି ସରକାର ସମୟରେ ରାଜ୍ୟକୁ ଯେତିକି ଅନୁଦାନ ମିଳୁଥିଲା ତାହାଠାରୁ ଏବେ କମ୍ ପରିମାଣର ମିଳୁଛି। ଗତ ୮ମାସରେ ୧୮ପ୍ରତିଶତ ଅର୍ଥାତ୍ ୪ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ କମ୍ ରାଜ୍ୟ ପାଇଛି। ଏଥିରେ ରାଜ୍ୟର ବିକାଶ କିଭଳି ହେବ। ସରକାର କେବଳ ଋଣ କରି ଘିଅ ଖାଇବାକୁ ବାହାରିଛନ୍ତି। ରାଜସ୍ୱ ଅଭାବରୁ ଖୋଲା ବଜାରରୁ ସରକାର ୯୧ହଜାର କୋଟି ଋଣ କରିଛନ୍ତି। ଏଭଳି ବିକାଶ ହେଲେ ୨୦୦୦ ପୂର୍ବରୁ ରାଜ୍ୟରେ ଯେଭଳି ବିକଳ ଅର୍ଥନୀତି ଥିଲା ପୁଣି ସେହି ଅବସ୍ଥା ସୃଷ୍ଟି କାହିଁକି ନ ହେବ ବୋଲି କହି ବିରୋଧୀ ବିଜେଡି ଓ କଂଗ୍ରେସ ସୋମବାର ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଆଲୋଚନା କାଳରେ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଛନ୍ତି। ଶାସକଦଳ ଏହାର ଦୃଢ଼ ଜବାବ ରଖି କହିଛି, ପୂର୍ବର ୨୪ବର୍ଷର ବିଜେଡି ସରକାର କେବଳ ଠିକାଦାର ପ୍ରୀତି ଦେଖାଇ ଓଡ଼ିଶାକୁ ଲୁଟ୍ କରୁଥିଲା, ହେଲେ ଏବେ ବିକାଶ କ'ଣ ରାଜ୍ୟବାସୀ ଦେଖିବେ ବୋଲି ସଦସ୍ୟମାନେ କହିଥିଲେ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ରାଜ୍ୟ ସରକାରଙ୍କ ବଜେଟରେ କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚରେ ରାଜ୍ୟର ଭିଜନ ରହିଛି। ରାଜ୍ୟ ସରକାର ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଗଣିତ କରିବାପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି, ସେଥିପାଇଁ ଓଡ଼ିଶା ଭିଜନ-୨୦୩୬ ପ୍ରସ୍ତୁତ କରାଯାଇଛି। ଏହା ନିଶ୍ଚିତ ରୂପେ ପ୍ରତିଫଳିତ ହେବ ଏବଂ ସାରା ବିଶ୍ୱ ଓଡ଼ିଶାର ବିକାଶ ଦେଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିରୋଧୀ ଓ ଶାସକଦଳର ସଦସ୍ୟଙ୍କ ଅତିରିକ୍ତ ବଜେଟ ଆଲୋଚନା ଶୁଣିବା ପରେ ବାଚସ୍ପତି ସୁରମା ପାଢ଼ୀ ୧୭ହଜାର ୪୪୦କୋଟି ଟଙ୍କାର ଅତିରିକ୍ତ ବଜେଟକୁ ବାଚନିକ ଭୋଟରେ ପାରିତ କରିଥିଲେ। ଏହି ସମୟରେ ବିରୋଧୀ କଂଗ୍ରେସ ଓ ବିଜେଡି କକ୍ଷତ୍ୟାଗ କରିଥିବା ଦେଖିବାକୁ ମିଳିଥିଲା।

ବିଧାନସଭାରେ ସୋମବାର ମଧ୍ୟାହ୍ନ ୧୨ଟା ୧୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୭ହଜାର ୪୪୦କୋଟି ଟଙ୍କାର ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଆଗତ କରି ଗୃହରେ ପାରିତ ☞ପୃଷ୍ଠା-୪

## ଥାଇଲାଣ୍ଡ ପଳାଇଛନ୍ତି ୨ ମାଲିକ ଲୁଥ୍ରା ଭ୍ରାତା

ଗୋଆ ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ,୮।୧୨

ଉତ୍ତର ଗୋଆର ନାଇଟ୍ କ୍ଲବ୍‌ରେ ଶନିବାର ମଧ୍ୟରାତ୍ରିରେ ଭୟାବହ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ନାଇଟ୍ କ୍ଲବ୍‌ର ୨୦ କର୍ମଚାରୀ ଓ ୫ ପର୍ଯ୍ୟଟକ ଥିଲେ। ନାଇଟ୍ କ୍ଲବ୍‌ରେ ଆବଶ୍ୟକ ସୁରକ୍ଷା ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା ନ ଥିଲା। ଏହି ମାମଲାରେ ପୋଲିସ ନାଇଟ୍ କ୍ଲବ୍‌ର ଜଣେ ମ୍ୟାନେଜରଙ୍କୁ ସୋମବାର ଦିଲ୍ଲୀରୁ ଗିରଫ କରାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୫ ଜଣ ଅଭିଯୁକ୍ତ ଗିରଫ ହେଲେଣି। ଅଗ୍ନିକାଣ୍ଡର କିଛି ଘଣ୍ଟା ପରେ ନାଇଟ୍ କ୍ଲବ୍‌ର ୨ ମାଲିକ ସୌରଭ ଲୁଥ୍ରା ଓ ଗୌରବ ଲୁଥ୍ରା ଭାରତ ଛାଡ଼ି ଥାଇଲାଣ୍ଡ ପଳାଇଥିବା ପୋଲିସ କହିଛି। ଏତଲା ଦାଏର ପରେ ପୋଲିସ ସେମାନଙ୍କୁ ଖୋଜିବା ଲାଗି ଦିଲ୍ଲୀ ଯାଇଥିଲା। ସେମାନେ ଦିଲ୍ଲୀ ବାସଭବନରେ ନ ଥିବାରୁ ପୋଲିସ ଏକ ନୋଟିସ ଦେଇଆସିଥିଲା। ଲୁକ୍ ଆଉଟ୍ ସର୍କୁଲାର ଜାରି ପାଇଁ ପୋଲିସ ରବିବାର ସନ୍ଧ୍ୟାରେ ବ୍ୟୁରୋ ଅଫ୍ ଇମିଗ୍ରେଶନକୁ ନିବେଦନ କରିଥିଲା। ତେବେ ରବିବାର ଭୋର ୫ଟା ୩୦ ମିନିଟ୍ ☞ପୃଷ୍ଠା-୪

## କଲେଜରେ ଛୁରାମାଡ଼, ଛାତ୍ର ଗୁରୁତର

**ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ, ମାର୍‌ପିଟ, ଆକ୍ରମଣ ଘଟଣା ଶିକ୍ଷାନୁଷ୍ଠାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟିକରୁଛି। ଏହାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ମହଲରେ ଘୋର ଅସନ୍ତୋଷ ଦେଖାଦେଉଛି, ଯାହା ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣକୁ ନଷ୍ଟ କରୁଛି। ଯଦିଓ ଶିକ୍ଷାନୁଷ୍ଠାନରେ ଏସବୁ କାର୍ଯ୍ୟକଳାପକୁ ନିୟନ୍ତ୍ରଣ ଲାଗି ପ୍ରିନ୍ସିପାଲ, ବରିଷ୍ଠ ଅଧ୍ୟାପିକା, ଅଧ୍ୟାପକମାନେ ହସ୍ତକ୍ଷେପ କରିଥାନ୍ତି। କିନ୍ତୁ ଏଭଳି ଘଟଣା ଥମିବାର ନାଁ ଧରୁନି। ଏହି କ୍ରମରେ ସୋମବାର ମୟୂରଭଞ୍ଜ ଜିଲା କୁଳିଅଣାର ବାଇଗଣବାଡ଼ିଆସ୍ଥିତ ବାବାବଳିଆ କଲେଜରେ ଦୁଇ ଯୁକ୍ତ-୨ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ନେଇଛି। ଜଣେ ଛାତ୍ରଙ୍କ ଛୁରାମାଡ଼ରେ ଅନ୍ୟ ଜଣେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଆକ୍ରମଣକାରୀ ଛାତ୍ରଙ୍କୁ ପୋଲିସ ଅଟକ ରଖିଛି।**

ବାରିପଦା/କୁଳିଅଣା,୮।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ/ଆଦିକନ୍ଦ ସାହୁ)

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ବାଇଗଣବାଡ଼ିଆସ୍ଥିତ ବାବା ବଳିଆ (ବିବି) ମହାବିଦ୍ୟାଳୟରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଦୁଇ ଛାତ୍ରଙ୍କ ମଧ୍ୟରେ ସଂଘର୍ଷ ଘଟି ଛୁରା ମାଡ଼ରେ ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ଗୁରୁତର ଛାତ୍ର ଜଣକ ହେଲେ କୁଳିଅଣା ଥାନା ଅଧୀନ ତିଳକଗଡ଼ିଆ ଗ୍ରାମର ପ୍ରହ୍ଲାଦ ବିନ୍ଧାଣି(୧୭)। ସେ ଉକ୍ତ କଲେଜର

### ପ୍ରେମ ବ୍ୟାପାରକୁ ନେଇ ଚର୍ଚ୍ଚା

ଯୁକ୍ତ ୨ ବାଣିଜ୍ୟ ବିଭାଗର ଛାତ୍ର। କଲେଜ କର୍ତ୍ତୃପକ୍ଷ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ବାରିପଦାସ୍ଥିତ ଜିଲା ମୁଖ୍ୟାଳୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀ ଯୁକ୍ତ ୨ କଳା ବିଭାଗର ଛାତ୍ର ଜଣକ ବାରିପଦା ସଦର ଥାନା ଅଞ୍ଚଳର। ପୋଲିସ ତାଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଥିବା ବେଳେ ବ୍ୟବହୃତ ଛୁରିକୁ ଜବତ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ. ୨୦୮/୨୫) ରୁଜୁ ହୋଇଛି। ପ୍ରେମ ବ୍ୟାପାରକୁ ନେଇ ଏହି ଛୁରାମାଡ଼ ଘଟଣା ଘଟିଥିବା ଚର୍ଚ୍ଚା ହେଉଛି।

ପୋଲିସ ସୂଚନା ଅନୁଯାୟୀ, ୨ ଛାତ୍ରଙ୍କ ମଧ୍ୟରେ କିଛି ଦିନ ହେଲା ତିକ୍ତତା ଲାଗିରହିଥିଲା। ସୋମବାର ମଧ୍ୟାହ୍ନ ୧୨ଟା୩୦ ମିନିଟ ସମୟରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଯୁକ୍ତ ୨ କଳା ବିଭାଗର ଛାତ୍ର ଜଣକ ଏକ ଛୁରିରେ ପ୍ରହ୍ଲାଦଙ୍କ ପେଟକୁ ଭୁସିଦେବାରୁ ତାଙ୍କ ଅନ୍ତବୁଜୁଳା ପଦାକୁ ବାହାରି ଆସିଥିଲା। କଲେଜ କର୍ତ୍ତୃପକ୍ଷ ଆକ୍ରମଣକାରୀ ଛାତ୍ରଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ବାରିପଦା ସଦର ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ଓ ତଦନ୍ତକାରୀ ଅଫିସର ଏସ୍ଆଇ ପ୍ରକାଶ କୁମାର ଗୋସ୍ୱାଇଁ ସଦଳବଳ ପହଞ୍ଚି ଆକ୍ରମଣକାରୀଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଥିବା ସୂଚନା ମିଳିଛି।

## ମାଲକାନଗିରି: ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍, ମଦଦୋକାନ ବନ୍ଦ

### ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣା

### ଏମ୍‌ଭି-୨୬ରେ ଜାଳିଦେଲେ ୫୦ ଘର, ପୋଲିସ ଛାଉଣି

ମାଲକାନଗିରି/କୋରୁକୋଣ୍ଡା,୮।୧୨
(ଦୁର୍ଯ୍ୟୋଧନ ପାତ୍ର/ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ଥାନା ଅନ୍ତର୍ଗତ ଢୁଡ଼ାମେଟଲା ନଦୀ ନିକଟରୁ ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣା ପରେ ଉତ୍ତେଜନା ତୀବ୍ର ହେବାରେ ଲାଗିଛି। ଏହାକୁ ନେଇ ରାଖେଲଗୁଡ଼ା ଏବଂ ଏମ୍‌ଭି -୨୬ ଗ୍ରାମ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି। ରବିବାର ଜିଲାପାଳଙ୍କ ସହ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣାଧୀନ କରିଥିବା ବେଳେ ସୋମବାର ପୁଣି ଉତ୍ତେଜନା ବଢ଼ିଛି। ଗୋଟିଏ ଗୋଷ୍ଠୀର ଲୋକ ରାଖେଲଗୁଡ଼ା ନଦୀକୂଳରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଏକତ୍ରିତ ହୋଇଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ମାଲକାନଗିରି ସଦର ମହକୁମାରେ ☞ପୃଷ୍ଠା-୪

### ବିଧାନସଭା ସରଗରମ

ଭୁବନେଶ୍ୱର,୮।୧୨(ରବିନାରାୟଣ ଜେନା)

ମାଓପ୍ରବଣ ମାଲକାନଗିରି ଜିଲାରେ ସରକାରଙ୍କ ଅବହେଳାରୁ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି ବୋଲି ବିରୋଧୀ ବିଜେଡି ଓ କଂଗ୍ରେସ ପକ୍ଷରୁ ସରକାରଙ୍କୁ ଟାର୍ଗେଟ କରାଯାଇଛି। ବିଧାନସଭାରେ ସୋମବାର ଶୂନ୍ୟକାଳରେ ବିରୋଧୀଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ କହିଛନ୍ତି, ମାଲକାନଗିରିରେ କିଛିଦିନ ମଧ୍ୟରେ ଦୁଇଟି ☞ପୃଷ୍ଠା-୪



ଏମ୍‌ଭି-୨୬ ଗାଁରେ ଆନ୍ଦୋଳନକାରୀ ଜଣଙ୍କ ଘରେ ନିଆଁ ଲଗାଇଦେଇଛନ୍ତି।

### ଆଜିର ସମ୍ପାଦକୀୟ

**ନେହେରୁ ନୁହେଁ, ଭବିଷ୍ୟତକୁ ଦେଖ**

## ୪୨ବର୍ଷ ପରେ ମନ୍ଦିରକୁ ଫେରିବ ବିରଳ ପ୍ରାଚୀନ ମୂର୍ତ୍ତି

ସୋନପୁର,୮।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ଗୋପାଳଜୀ ମନ୍ଦିରରୁ ଚୋରି ହୋଇ ଦୀର୍ଘ ୪୨ବର୍ଷ ସିବିଆଇ ମାଲଖାନାରେ ଥିବା ୧୨ ବିରଳ ପ୍ରାଚୀନ ମୂର୍ତ୍ତି ପୁଣି ମନ୍ଦିରକୁ ଫେରିବ। ସୋମବାର ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଏଡିଜେ-୩ କୋର୍ଟଙ୍କ ରାୟ ପରେ ମୂର୍ତ୍ତି ଫେରିବା ଆଶା ଉଜ୍ଜୀବିତ ହୋଇଛି। ବିଚାରପତି ହିମାଂଶୁ ମଲ୍ଲିକ ଏ ସମ୍ପର୍କରେ ରାୟ ପ୍ରଦାନ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସୁବର୍ଣ୍ଣପୁର ଜିଲାରେ ଖୁସିର ମାହୋଲ ସୃଷ୍ଟି ହୋଇଛି।

ସୋନପୁର ରାଜଉଆସର ଠିକ୍ ସମ୍ମୁଖରେ ଗୋପାଳଜୀ ମନ୍ଦିର ଅବସ୍ଥିତ। ରାଜ ପରିବାରର ଇଷ୍ଟଦେବତା ହେଉଛନ୍ତି ଶ୍ରୀଗୋପାଳଜୀ ଠାକୁର। ଦେଶ ସ୍ୱାଧୀନ ହେଲା ପରେ ରାଜ ଶାସନ ଅବସାନ ପରେ ମନ୍ଦିରଗୁଡ଼ିକର ଦାୟିତ୍ୱ ସରକାର ନେଇଥିଲେ। ତେବେ ୧୯୮୨ ମସିହାରେ ମନ୍ଦିରରୁ ବହୁମୂଲ୍ୟ ପ୍ରାଚୀନ ରାଧା, ଗୋପାଳଜୀ, ଗରୁଡଙ୍କ ସମେତ ୯ଗୋଟି ପାର୍ଶ୍ୱ ଦେବତା ଏପରି ମୋଟ ୧୨ମୂର୍ତ୍ତି ଚୋରି ହୋଇଥିଲା। ସେହିବର୍ଷ ଦିଲ୍ଲୀ ବିମାନ ବନ୍ଦରଠାରେ ସିବିଆଇ ଦ୍ୱାରା ଚୋର ଧରାପଡ଼ିଥିଲେ। ଚାନ୍ଦିନିଚୌକର ଫତେପୁରୀ ନିକଟରୁ ସିବିଆଇ ମୂର୍ତ୍ତିଗୁଡ଼ିକ ଜବତ କରିଥିଲା। ଏଥିରେ ଏକାଧିକ ଲୋକଙ୍କ ସମ୍ପୃକ୍ତି ଥିବା ନେଇ ମାମଲା ରୁଜୁ ହୋଇଥିଲା। ସୁବର୍ଣ୍ଣପୁର ଗୋପାଳଜୀ ମନ୍ଦିରରୁ ଚୋରି ମୂର୍ତ୍ତିଗୁଡ଼ିକ ଚିହ୍ନଟ ହୋଇଥିଲା। ମୂର୍ତ୍ତିଗୁଡ଼ିକ ସେବେଠାରୁ ଭୁବନେଶ୍ୱରସ୍ଥିତ ସିବିଆଇ ମାଲଖାନାରେ ଆସି ରହିଥିଲା। ବିଭିନ୍ନ ସମୟରେ ଏସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଉଦ୍ୟମ ହେଉ ନ ଥିଲା। ମନ୍ଦିର କମିଟି ପକ୍ଷରୁ ମୂର୍ତ୍ତିଗୁଡ଼ିକୁ ସ୍ୱମନ୍ଦିରକୁ ଫେରାଇ ଆଣିବା ପାଇଁ ଉଦ୍ୟମ ହୋଇଥିଲା। ☞ପୃଷ୍ଠା-୪

### ଉଦ୍ଧାର ପରେ ସିବିଆଇ ମାଲଖାନାରେ ରହିଛି




ସୁବର୍ଣ୍ଣପୁର ଗୋପାଳଜୀ ମନ୍ଦିର

## ଓଡ଼ିଶା ଯୋଜନାକୁ ସୀମାନ୍ତବର୍ତ୍ତୀ ୭ ଗାଁର ବର୍ଜନ ନିଷ୍ପତ୍ତି

**ଓଡ଼ିଶା ସୀମାନ୍ତବର୍ତ୍ତୀ କେତେକ ଅଞ୍ଚଳକୁ ନିଜର ଦର୍ଶାଇବା ପାଇଁ ଆନ୍ଧ୍ରପ୍ରଦେଶ ସରକାର ଦୀର୍ଘବର୍ଷ ହେଲା ଅନେକ ଷଡ଼ଯନ୍ତ୍ର କରିଆସୁଛନ୍ତି। ଏହାର ବହୁ ଉଦାହରଣ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ କୋଟିଆ ପଞ୍ଚାୟତରେ ଦେଖିବାକୁ ମିଳିଛି। ବର୍ତ୍ତମାନ ଆନ୍ଧ୍ର ସରକାରଙ୍କ ଏଜେଣ୍ଟମାନେ କୋଟିଆ ପଞ୍ଚାୟତ ଅଧୀନ ୭ ଗ୍ରାମର ଲୋକଙ୍କୁ ମେଳି କରି ଓଡ଼ିଶା ବିରୋଧୀ ମନୋଭାବ ସୃଷ୍ଟି କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ଚଳାଇଛନ୍ତି। ସେହି ଏଜେଣ୍ଟମାନଙ୍କ କଥାରେ ପଡ଼ି ୭ ଗ୍ରାମର ଲୋକେ ଓଡ଼ିଶାର ସରକାରୀ ଯୋଜନା ଗ୍ରହଣ ନ କରିବାକୁ ସୋମବାର ଏକ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଏନେଇ ବ୍ଲକ ଓ ଜିଲା ପ୍ରଶାସନ ଅବଗତ ଥିଲେ ମଧ୍ୟ କୌଣସି ତତ୍ପରତା ଦେଖିବାକୁ ମିଳିନାହିଁ।**

ପଟ୍ଟାଙ୍ଗି,୮।୧୨(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ କୋଟିଆ ପଞ୍ଚାୟତ ଫାଟୁସିନେରୀ ଗ୍ରାମ ନିକଟ ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଏକ ସ୍ଥାନରେ ୭ ଗ୍ରାମର ମୁଖିଆ ଓ ଗ୍ରାମବାସୀ ଏକତ୍ର ହୋଇ ସୋମବାର ଏକ ବୈଠକ କରିଛନ୍ତି। ଓଡ଼ିଶାର ସମସ୍ତ ସରକାରୀ ଯୋଜନା ଗ୍ରହଣ ନ କରିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଛି। ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ଏ କ୍ଷେତ୍ରରେ କୌଣସି ଆଗ୍ରହ ପ୍ରକାଶ କରି ନ ଥିବା ଜଣାପଡ଼ିଛି।

ଆନ୍ଧ୍ର ସରକାରଙ୍କ ଏଜେଣ୍ଟମାନଙ୍କ ନେତୃତ୍ୱରେ ଫାଟୁସିନେରୀ, ଫଗୁଣସିନେରୀ, ସଲପଗୁଡ଼ା, ହରମାଣ୍ଡାଙ୍ଗି, କଣାଦୋରା, ତଲଗଞ୍ଜେଇପଦର ଓ ଡୋଳିଆମ୍ବ ଆଦି ଗ୍ରାମର ମୁଖିଆ ଓ ଗ୍ରାମବାସୀ ଏକତ୍ର ହୋଇଛନ୍ତି। ନଭେମ୍ବର ୨୫ରେ ଆନ୍ଧ୍ରର କୃଷି ବିଭାଗର କେତେଜଣ ଅଧିକାରୀଙ୍କ ଦ୍ୱାରା ହରମାଣ୍ଡାଙ୍ଗି, ଫାଟୁସିନେରୀ ଓ ଡୋଳିଆମ୍ବ ଆଦି ଗ୍ରାମରେ ହେଉଥିବା ସର୍ଭେକୁ ପଟ୍ଟାଙ୍ଗି

### ଆନ୍ଧ୍ରର ଚକ୍ରାନ୍ତ


ବ୍ଲକ୍ ପ୍ରଶାସନ ବନ୍ଦ କରି ସର୍ଭେ କାଗଜକୁ ଜବତ କରିଥିଲା। ଏହାକୁ ବୈଠକରେ ବିରୋଧ କରାଯାଇଛି। ଓଡ଼ିଶା ପକ୍ଷରୁ ଯୋଗାଇ ଦିଆଯାଉଥିବା ସମସ୍ତ ଯୋଜନା ତଥା ଶିକ୍ଷା, ଭତ୍ତା ଆଦି ବ୍ୟବସ୍ଥାକୁ ଗ୍ରହଣ ନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଫାଟୁସିନେରୀ ଗ୍ରାମ ନିକଟ ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ଲାଗିଥିବା ଓଡ଼ିଶାର ନାମଫଳକକୁ ଭାଙ୍ଗିଦେଇ ଘୋର ପ୍ରତିବାଦ କରାଯାଇଥିଲା। ବୈଠକ କରିବା ପୂର୍ବରୁ ଫାଟୁସିନେରୀରେ ଅବସ୍ଥିତ ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟକୁ ଅଭିଭାବକମାନେ କୌଣସି ପିଲାଙ୍କୁ ଛାଡ଼ି ନ ଥିଲେ। ଏହି ସ୍କୁଲକୁ ପିଲାଙ୍କୁ ନ ଛାଡ଼ିବାକୁ ଆନ୍ଧ୍ରର ଏଜେଣ୍ଟମାନେ ସେମାନଙ୍କୁ ବୁଝାଇଲେ। ଗ୍ରାମବାସୀଙ୍କ ବୈଠକ ନେଇ ସ୍ଥାନୀୟ ବ୍ଲକ୍ ପ୍ରଶାସନ ଅବଗତ ହୋଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିଲା।

ସୂଚନାଯୋଗ୍ୟ, କୋଟିଆ ପଞ୍ଚାୟତ ସୀମାନ୍ତ ଉପରସେମ୍ଭି ଗ୍ରାମରେ ଓଡ଼ିଶା ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ର ଆରମ୍ଭ କରାଯାଇଥିଲା। ଓଡ଼ିଶାର ଏହି ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟକୁ ଗ୍ରାମବାସୀ ପିଲାମାନଙ୍କୁ ପଠାଇବା ବନ୍ଦ କରିଦେଇଛନ୍ତି। ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ ମଧ୍ୟ ବାରଣ କରାଯାଇଛି। ତେବେ ସ୍ଥାନୀୟ ବ୍ଲକ୍ ପ୍ରଶାସନ ପକ୍ଷରୁ ବନ୍ଦ ଥିବା ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟ ଖୋଲିବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଜଣାପଡ଼ିଛି। ଅଙ୍ଗନୱାଡି କର୍ମୀ ଓ ଶିକ୍ଷକ ନିୟମିତ ଗ୍ରାମରେ ପହଞ୍ଚି ଅଭିଭାବକମାନଙ୍କୁ ବୁଝାଇବା ପାଇଁ ଚେଷ୍ଟା ଜାରି ରଖିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଏ ସମ୍ପର୍କରେ ପଟ୍ଟାଙ୍ଗି ବିଡିଓ ରାମକ୍ରିଷ୍ଣା ନାୟକଙ୍କୁ ପଚାରିବାରୁ ଘଟଣା ବିଷୟରେ ଅବଗତ ଅଛି। ଏ ନେଇ ଜିଲା ପ୍ରଶାସନଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି। ଏ ବିଷୟରେ ଜିଲାପାଳ ମନୋଜ ସତ୍ୟବାନ ☞ପୃଷ୍ଠା-୪

# ଲୋକ ସଭାରେ ବନ୍ଦେ ମାତରମ୍ ବିତର୍କ

## ଗାନ୍ଧିଜୀଙ୍କ ଇଚ୍ଛାକୁ ବଦଳାଇଥିଲା କଂଗ୍ରେସ: ମୋଦି

## ପ୍ରଧାନମନ୍ତ୍ରୀ ଇତିହାସ ବଦଳାଇବାକୁ ଚାହୁଁଛନ୍ତି: କଂଗ୍ରେସ




ଲୋକ ସଭାରେ ବନ୍ଦେ ମାତରମ୍ ବିତର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଭାଗ ନେଇଛନ୍ତି।

ନୂଆଦିଲ୍ଲୀ,୮।୧୨(ପି.ଟି.)

ସାମାଜିକ ସୌହାର୍ଦ୍ଦ୍ୟ ନାମରେ କଂଗ୍ରେସ ଜାତୀୟ ଗାନ ବନ୍ଦେ ମାତରମ୍‌କୁ ଖଣ୍ଡ ଖଣ୍ଡ କରିଦେଇଥିଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଅଭିଯୋଗ କରିଛନ୍ତି। ଏହି ଦଳ ଏବେ ବି ତୁଷ୍ଟୀକରଣ ରାଜନୀତି କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଲୋକ ସଭାରେ ବିତର୍କ ଆରମ୍ଭ କରି ମୋଦି ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କୁ ଟାର୍ଗେଟ କରିଛନ୍ତି। ବନ୍ଦେ ମାତରମ୍ ଗାନ ମୁସଲମାନମାନଙ୍କୁ କ୍ରୋଧିତ କରିବ ପ୍ରସ୍ତାବରେ ନେହେରୁ ରାଜି ହୋଇଥିଲେ ବୋଲି ସୁଭାଷ ଚନ୍ଦ୍ର ବୋଷଙ୍କ ନିକଟକୁ ଲେଖିଥିବା ପତ୍ରରୁ ଜଣାପଡ଼ିଛି। ଲକ୍ଷ୍ନୌରେ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ବିକ୍ଷୋଭ ପରେ ନେହେରୁ ଏହି ପତ୍ର ଲେଖିଥିଲେ। ପରେ ବନ୍ଦେ ମାତରମ୍ ଗାନ ବ୍ୟବହାର କରାଯିବା ଉପରେ ସମୀକ୍ଷା ପାଇଁ କଂଗ୍ରେସର ଏକ ଅଧିବେଶନ ବଙ୍ଗରେ ଡକାଯାଇଥିଲା। ଏହା ସତ୍ତ୍ୱେ ବନ୍ଦେ ମାତରମ୍ ସହ କଂଗ୍ରେସ ସାଲିସ କରିଥିଲା ଏବଂ ସାମାଜିକ ସୌହାର୍ଦ୍ଦ୍ୟ ନାମରେ ଏହାକୁ ଭାଗ ଭାଗ କରିଦିଆଯାଇଥିଲା, ଇତିହାସ ଯାହାର ସାକ୍ଷୀ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ତୁଷ୍ଟୀକରଣ ରାଜନୀତିର ଚାପରେ କଂଗ୍ରେସ ଏପରି କରିଥିଲା। ଏହି କାରଣରୁ କଂଗ୍ରେସ ଦେଶ ବିଭାଜନ ଦାବି ନିକଟରେ ମୁଣ୍ଡ ନୁଆଁଇଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ଆହୁରି ଦର୍ଶାଇଛନ୍ତି, ବନ୍ଦେ ମାତରମ୍ ଏତେ ଲୋକପ୍ରିୟ ହୋଇଯାଇଛି ଯେ ଜାତୀୟ ସଙ୍ଗୀତ ହେବାକୁ ଯାଉଛି ବୋଲି ମହାତ୍ମା ଗାନ୍ଧୀ ୧୯୦୫ରେ ଲେଖିଥିଲେ। ତେବେ ଏହା ପ୍ରତି କାହିଁକି ଅନ୍ୟାୟ କରାଗଲା ବୋଲି ସେ ବିବ୍ରତ ହୋଇଥିଲେ। ବନ୍ଦେ ମାତରମ୍ ଉପରେ ମହାତ୍ମା ଗାନ୍ଧୀଙ୍କ ଇଚ୍ଛାକୁ ବଦଳାଇଦେବା ପାଇଁ କେଉଁ ଚାପ ଏତେ ଶକ୍ତିଶାଳୀ ଥିଲା ବୋଲି ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ସେହିପରି ବିତର୍କରେ ଭାଗନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ବନ୍ଦେ ମାତରମ୍‌ର ନିଷ୍ପକ୍ଷ ମୂଲ୍ୟାୟନ କରିବାର ସମୟ ଆସିଛି। ସମ୍ପୂର୍ଣ୍ଣ ଗାନ ଏବଂ 'ଆନନ୍ଦ ମଠ' ପୁସ୍ତକ କଦାପି ମୁସଲମାନ ବିରୋଧୀ ନ ଥିଲା, ବରଂ ବେଙ୍ଗଲ ନବାବ ଏବଂ ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ଥିଲା। କଂଗ୍ରେସର ତୁଷ୍ଟୀକରଣ ରାଜନୀତି ଭାରତକୁ ଭାଗ ଭାଗ କରାଇଲା ବୋଲି ରାଜନାଥ ଅଭିଯୋଗ କରିଛନ୍ତି।

ବିତର୍କରେ ଭାଗନେଇ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିଛି। ପ୍ରଧାନମନ୍ତ୍ରୀ ଇତିହାସର ପୁନର୍ଲିଖନ କରିବାକୁ ଉଦ୍ୟମ କରିବା ସହ ବନ୍ଦେ ମାତରମ୍ ବିତର୍କକୁ ରାଜନୈତିକ ରୂପ ଦେଉଛନ୍ତି ବୋଲି ଲୋକ ସଭାରେ କଂଗ୍ରେସର ଉପନେତା ଗୌରବ ଗୋଗୋଇ ଅଭିଯୋଗ କରିଛନ୍ତି। ଭାଜପା ଯେତେ ଚେଷ୍ଟା କଲେ ମଧ୍ୟ ନେହେରୁଙ୍କ ଅବଦାନ ଉପରେ ଗୋଟିଏ ବି ଦାଗ ଲଗାଇପାରିବ ନାହିଁ ବୋଲି ସେ କହିଛନ୍ତି। କଂଗ୍ରେସ ବନ୍ଦେ ମାତରମ୍‌କୁ ଜାତୀୟ ଗାନ ମାନ୍ୟତା ଦେଇଛି, ତାହା ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ପ୍ରସଙ୍ଗରେ ନେହେରୁ ଏବଂ କଂଗ୍ରେସର ନାଁ ନେବା ପ୍ରଧାନମନ୍ତ୍ରୀଙ୍କର ଅଭ୍ୟାସ ବୋଲି ଗୋଗୋଇ କହିଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଆଲୋଚନାରେ ଭାଗନେଇ କହିଛନ୍ତି, ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଆଗକୁ ଥିବାରୁ ଲୋକମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକରୁ ଦୃଷ୍ଟି ଏଡ଼ାଇବା ପାଇଁ କେନ୍ଦ୍ର ସରକାର ବନ୍ଦେ ମାତରମ୍ ଉପରେ ବିତର୍କ କରାଉଛନ୍ତି। ମୋଦିଙ୍କ ଆତ୍ମବିଶ୍ୱାସ ହ୍ରାସ ପାଇବା ସହ ତାଙ୍କ ନୀତିଗୁଡ଼ିକ ଦେଶକୁ ଦୁର୍ବଳ କରିଦେଇଥିବା ପ୍ରିୟଙ୍କା କହିଛନ୍ତି। ଭାଜପା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରୁଛି। ଯେଉଁମାନେ ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିଲେ, ସରକାର ସେମାନଙ୍କ ବିରୋଧରେ ସାନି ଅଭିଯୋଗ ଆଣିବା ପାଇଁ ଏହି ବିତର୍କକୁ ବ୍ୟବହାର କରୁଥିବା ୱାୟନାଡ୍ ଏମ୍‌ପି ଅଭିଯୋଗ କରିଛନ୍ତି।

ସେହିପରି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଭାଜପାକୁ ସମାଲୋଚନା କରି କହିଛନ୍ତି, ଯେଉଁମାନେ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇ ନ ଥିଲେ, ସେମାନେ ଏବେ ବନ୍ଦେ ମାତରମ୍‌ର ମୂଲ୍ୟବୋଧ ଉପରେ ଆଲୋଚନା କରୁଛନ୍ତି। ଜଣକର ବିଶ୍ୱାସକୁ ଅନ୍ୟମାନଙ୍କ ଉପରେ ଲଦିଦେବା ପାଇଁ ଜାତୀୟ ଗାନକୁ ଅସ୍ତ୍ର ଭାବେ ବ୍ୟବହାର କରାଯିବା ଉଚିତ ନୁହେଁ ବୋଲି ଅଖିଳେଶ କହିଛନ୍ତି। ଡିଏମ୍‌କେ ସାଂସଦ ଏ. ରାଜା କହିଛନ୍ତି, ମୁସଲମାନମାନଙ୍କୁ ବାଦ୍ ଦେବା ଲକ୍ଷ୍ୟରେ ବନ୍ଦେ ମାତରମ୍‌କୁ ଉପସ୍ଥାପନ କରାଯାଇଥିବାର ଐତିହାସିକ ଦସ୍ତାବିଜରୁ ଜଣାପଡ଼ିଛି। ଏହି ଗୀତକୁ ନେଇ ବିବାଦ ସମ୍ପ୍ରଦାୟ ଦ୍ୱାରା କରାଯାଇ ନ ଥିଲା, ବରଂ ଏହାକୁ 'କେବଳ ହିନ୍ଦୁ' ସଙ୍ଗୀତ ଭାବେ ପ୍ରସ୍ତୁତ କରିଥିବା ଲୋକଙ୍କ ଦ୍ୱାରା ହୋଇଥିଲା ବୋଲି ରାଜା କହିଛନ୍ତି।

## କାମ୍ବୋଡିଆ ସୀମାରେ ଥାଇଲାଣ୍ଡର ଏୟାରଷ୍ଟ୍ରାଇକ୍

ବ୍ୟାଙ୍କକ୍,୮।୧୨

କାମ୍ବୋଡିଆର ବିବାଦୀୟ ସୀମାରେ ଥାଇଲାଣ୍ଡ ଏୟାରଷ୍ଟ୍ରାଇକ୍ କରିଥିବା ଥାଇ ମନ୍ତ୍ରଣାଳୟ ସୋମବାର କହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ହୋଇଥିବା ଯୁଦ୍ଧବିରତି ଚୁକ୍ତିନାମାକୁ ଉଭୟ ଉଲ୍ଲଂଘନ କରିଥିବା ନେଇ ପରସ୍ପରକୁ ଦୋଷାରୋପ କରିଛନ୍ତି। ସାନି ସଂଘର୍ଷରେ ଥାଇଲାଣ୍ଡର ଜଣେ ସୈନ୍ୟ ନିହତ ହେବା ସହ ୪ ଜଣ ଆହତ ହୋଇଛନ୍ତି। ପୂର୍ବଭାଗରେ ଥିବା ଉବୋନ୍ ରାଚ୍‌ଥାନି ପ୍ରଦେଶର ୨ଟି ସ୍ଥାନରେ ସଂଘର୍ଷ ଘଟିଥିଲା ବୋଲି ଥାଇଲାଣ୍ଡ ସେନା ପକ୍ଷରୁ କୁହାଯାଇଛି। ଏହାର ଜବାବ ଦେବାକୁ ଯାଇ ଥାଇଲାଣ୍ଡ କାମ୍ବୋଡିଆର ବିଭିନ୍ନ ଅଞ୍ଚଳକୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକ୍ କରିଛି। ଅନ୍ୟପକ୍ଷରେ କାମ୍ବୋଡିଆ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ରବିବାର ଦିନ ତମାମ ଉତ୍ତେଜନା ଲାଗିରହିବା ପରେ ଭୋର ସମୟରେ ଥାଇଲାଣ୍ଡ ୨ଟି ସୀମାନ୍ତ ଅଞ୍ଚଳରେ ଆକ୍ରମଣ କରିଥିଲା। ତେବେ କାମ୍ବୋଡିଆ ସୈନ୍ୟ ପ୍ରତିଆକ୍ରମଣ କରିନାହାନ୍ତି। ଥାଇଲାଣ୍ଡ ସେନା କହିବା ଅନୁଯାୟୀ, କାମ୍ବୋଡିଆ ସୈନ୍ୟ ଥାଇଲାଣ୍ଡର ଜନବସତି ଅଞ୍ଚଳକୁ ଟାର୍ଗେଟ କରି ବିଏମ୍-୨୧ ରକେଟ ମାଡ଼ କରିଥିଲା। ଏଥିରେ କେତେଜଣ ମୃତାହତ ହୋଇଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ସୂଚନାଯୋଗ୍ୟ, ଗତ ଜୁଲାଇରେ ଦୁଇ ପଡୋଶୀ ଦେଶ ମଧ୍ୟରେ ୫ ଦିନ ସଂଘର୍ଷ ଲାଗିରହିବା ସହ ଅନେକ ସୈନ୍ୟ ଓ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ।

## ସଂକ୍ଷେପରେ

### ଜାପାନରେ ୭.୬ ତୀବ୍ରତାର ଭୂକମ୍ପ

#### ସୁନାମି ସତର୍କ ସୂଚନା ଜାରି

ଟୋକିଓ,୮।୧୨

ଜାପାନ ଉପକୂଳରେ ସୋମବାର ୭.୬ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏହାର ପ୍ରଭାବରେ ରାତି ୧୧ଟା ୪୦ ସୁଦ୍ଧା ୩ ମିଟର ଉଚ୍ଚର ସୁନାମି ଆସିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆଓମୋରି ସହର ନିକଟ ହୋକୋଇଡୋ ଉପକୂଳକରେ ସମୁଦ୍ର ପତ୍ତନଠାରୁ ପ୍ରାୟ ୫୦ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି କୁହାଯାଉଛି। ଭୂକମ୍ପ ସମୟରେ ଗାଡ଼ିଗୁଡ଼ିକ ଦୋହଲୁଥିବା ଏବଂ ଲୋକେ ଭୟରେ ଘରୁ ବାହାରି ଆସୁଥିବାର ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି।

### କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ: ମନ୍ତ୍ରୀ

#### ଇଣ୍ଡିଗୋ ବିମାନ ସେବା ବିଭ୍ରାଟ

ନୂଆଦିଲ୍ଲୀ,୮।୧୨(ପି.ଟି.)

ଇଣ୍ଡିଗୋ ଏୟାରଲାଇନ୍ସର ବିମାନ ସେବାରେ ସପ୍ତାହେ ହେଲା ବିଭ୍ରାଟ ଲାଗିରହିଥିବାବେଳେ ଲୋକ ସଭାରେ ବିରୋଧୀ ଦଳ ସୋମବାର ଏହା ଉପରେ ସରକାରଙ୍କ ବିବୃତି ଦାବି କରିଥିଲେ। ବିମାନ ସେବା ବାଧାପ୍ରାପ୍ତ ହେବାରୁ ଦେଶର ବିଭିନ୍ନ ଏୟାରପୋର୍ଟରେ ଅନେକ ହଜାର ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କ'ଣ ପାଇଁ ଏଭଳି ସମସ୍ୟା ଉପୁଜିଲା, ସରକାର ଜଣାନ୍ତୁ ବୋଲି ପ୍ରଶ୍ନୋତ୍ତର କାଳରେ ଗୃହର ଉପନେତା ଗୌରବ ଗୋଗୋଇ କହିଥିଲେ। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ଏହା ଉପରେ ସବିଶେଷ ତଥ୍ୟ ଦେବେ ବୋଲି ବାଚସ୍ପତି ଓମ୍ ବିର୍ଲା କହିଥିଲେ। ବିମାନ ସେବାରେ ସଙ୍କଟ ପାଇଁ ଇଣ୍ଡିଗୋ ବିରୋଧରେ ସରକାର ଅତ୍ୟନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମନ୍ତ୍ରୀ ନାଇଡୁ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ଏୟାରଲାଇନ୍ସ ଏହାର କର୍ମଚାରୀ ଏବଂ ଡ୍ୟୁଟି ରୋଷ୍ଟର ପରିଚାଳନା କରିବାରେ ବିଫଳ ହୋଇଛି। ସରକାର ଏହା ଉପରେ ତଦନ୍ତ କରୁଛନ୍ତି। କାର୍ଯ୍ୟାନୁଷ୍ଠାନ କେବଳ ବର୍ତ୍ତମାନର ସ୍ଥିତି ପାଇଁ ନୁହେଁ ବରଂ ଦୃଷ୍ଟାନ୍ତମୂଳକ ଭାବେ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସୋମବାର ଇଣ୍ଡିଗୋର ପ୍ରାୟ ୫୦୦ ବିମାନ ଉଡ଼ାଣ ବାତିଲ ହୋଇଥିବାବେଳେ ୧୩୭ଟି ରୁଟ୍‌ରେ ୧,୮୦୨ ବିମାନ ଉଡ଼ାଣ କରିଛି। ସପ୍ତାହେ ଧରି ବାତିଲ ଓ ବିଳମ୍ବିତ ହୋଇଥିବା ବିମାନ ପାଇଁ ଏୟାରଲାଇନ୍ସ କର୍ତ୍ତୃପକ୍ଷ ସୋମବାର ସୁଦ୍ଧା ଯାତ୍ରୀମାନଙ୍କୁ ମୋଟ ୮୨୭ କୋଟି ଟଙ୍କା ଫେରସ୍ତ କରିଛନ୍ତି। ଏଥିସହିତ ଯାତ୍ରୀମାନଙ୍କୁ ୪,୫୦୦ ବ୍ୟାଗେଜ୍ ଫେରାଇ ଦିଆଯାଇଛି।

### ବାହାବଲପୁରରେ ଜୈଶ, ଲଶ୍କର ଆତଙ୍କବାଦୀଙ୍କ ସଭା

ନୂଆଦିଲ୍ଲୀ,୮।୧୨

ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ସଂଗଠନର ମୁଖ୍ୟାଳୟ ଥିବା ପାକିସ୍ତାନର ବାହାବଲପୁରଠାରେ ବହୁ ସଂଖ୍ୟାରେ ଜୈଶ ଏବଂ ଲଶ୍କର-ଇ-ତୋଇବା ଆତଙ୍କବାଦୀ ଏକାଠି ହୋଇ ସଭା କରିଥିବା ଗୋଇନ୍ଦା ସୂତ୍ରରୁ ଜଣାପଡ଼ିଛି। ଏଥିରେ ଉଭୟ ସଂଗଠନରୁ ବହୁସଂଖ୍ୟାରେ ଆତଙ୍କବାଦୀ ଯୋଗ ଦେଇଥିଲେ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଭାରତୀୟ ସେନାର ଅପରେଶନ ସିନ୍ଦୂର ବେଳେ ବାହାବଲପୁର ଆତଙ୍କବାଦୀ ଶିବିର ଧ୍ୱଂସ ହୋଇଥିଲା।

## ବଳାତ୍କାର ମାମଲାରେ ଅଭିନେତା ଦିଲୀପ ଦୋଷମୁକ୍ତ



### ରାଜ୍ୟ ବିରୋଧରେ ଅପିଲ୍ କରିବେ କେରଳ ସରକାର

କୋଚି,୮।୧୨

୨୦୧୭ରେ ମାଲୟାଲମ ଚଳଚ୍ଚିତ୍ରର ଜଣେ ଅଭିନେତ୍ରୀଙ୍କୁ ଅପହରଣ ଓ ବଳାତ୍କାର ମାମଲାରେ ଅଭିନେତା ଦିଲୀପଙ୍କୁ ଏର୍ନାକୁଲମ୍ ଡିଷ୍ଟ୍ରିକ୍ଟ ଓ ପ୍ରିନ୍ସିପାଲ ସେସନ୍ସ କୋର୍ଟ ଦୋଷମୁକ୍ତ କରିଛନ୍ତି। ଉକ୍ତ ରାୟ ବିରୋଧରେ ଅପିଲ କରିବାକୁ କେରଳ ସରକାର ସୋମବାର ଘୋଷଣା କରିଛନ୍ତି। ରାଜ୍ୟ ଆଇନମନ୍ତ୍ରୀ ପି. ରାଜୀଭ କହିଛନ୍ତି, ସରକାର ପୀଡ଼ିତାଙ୍କ ପଛରେ ଦୃଢ଼ ଭାବେ ଛିଡ଼ାହେବେ ଏବଂ ତାଙ୍କୁ ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରାଇବା ଲାଗି ସମସ୍ତ ଆବଶ୍ୟକ ଆଇନଗତ ପଦକ୍ଷେପ ନେବେ। ମୁଖ୍ୟ ଅଭିଯୁକ୍ତ ସୁନୀଲ ଏନ୍.ଏସ୍ ଓରଫ୍ ପୁଲସାର ସୁନିଙ୍କ ସମେତ ପ୍ରଥମରୁ ଷଷ୍ଠ ଅଭିଯୁକ୍ତଙ୍କୁ ଅଦାଲତ ଦୋଷୀସାବ୍ୟସ୍ତ କରିଥିବାବେଳେ ଉପଯୁକ୍ତ ପ୍ରମାଣ ଅଭାବରୁ ୭ମରୁ ୧୧ତମ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି। ଦିଲୀପ ଏହି ମାମଲାରେ ଅଷ୍ଟମ ଅଭିଯୁକ୍ତ ଥିଲେ। ରାୟ ପ୍ରକାଶ ପାଇବା ପରେ ଦିଲୀପ କହିଛନ୍ତି, ତାଙ୍କୁ ବଦନାମ କରିବା ସହ କ୍ୟାରିୟର ନଷ୍ଟ କରିବା ପାଇଁ ଏହା ଏକ ଷଡ଼ଯନ୍ତ୍ର ଥିଲା।

ସୂଚନାଯୋଗ୍ୟ, ୨୦୧୭ ଫେବୃଆରୀ ୧୭ରେ ମାଲୟାଲମ ଚଳଚ୍ଚିତ୍ର ଶିଳ୍ପର ଜଣେ ଖ୍ୟାତନାମା ଅଭିନେତ୍ରୀଙ୍କୁ କେରଳର କୋଚି ନିକଟରେ ଅପହରଣ କରିନିଆଯାଇ ଚଳନ୍ତା କାର୍‌ରେ ବଳାତ୍କାର କରାଯାଇଥିଲା। ଅଭିଯୋଗ ଅନୁଯାୟୀ, ୨୦ ବର୍ଷୀୟ ଅଭିନେତ୍ରୀ ବିଳମ୍ବିତ ରାତିରେ ତ୍ରିସୁରରୁ କୋଚି ଫେରୁଥିବାବେଳେ ଗୋଟିଏ ଗାଡ଼ି ତାଙ୍କ କାର୍‌କୁ ପିଛା କରିଥିଲା। ୨ ଜଣ ବ୍ୟକ୍ତି ତାଙ୍କ କାର୍‌ରେ ପ୍ରବେଶ କରି ଡ୍ରାଇଭରଙ୍କୁ ଧମକ ଦେବା ସହ କୋଚି ଅଭିମୁଖେ ଚଲାଇବାକୁ କହିଥିଲେ। ଅଭିନେତ୍ରୀଙ୍କୁ କାର୍‌ରେ ୨ ଘଣ୍ଟା ପଣବନ୍ଦୀ ରଖାଯାଇ ଯୌନ ନିର୍ଯାତନା ଦିଆଯାଇଥିଲା। ଅପରାଧୀମାନେ ଅଭିନେତ୍ରୀଙ୍କୁ ବ୍ଲାକ୍‌ମେଲ୍ କରିବା ପାଇଁ ତାଙ୍କ ଫଟୋ ନେଇଥିଲେ। ପୀଡ଼ିତା ଅଭିନେତ୍ରୀ ନିର୍ଦ୍ଦେଶକଙ୍କ ଘରେ ପହଞ୍ଚିବା ପରେ ସେ ପୋଲିସକୁ ଜଣାଇଥିଲେ। ପୋଲିସ ତଦନ୍ତ କରି ଦିଲୀପଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଦିଲୀପ ଅପରାଧର ମାଷ୍ଟରମାଇଣ୍ଡ ଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଥିଲା।

## କାଗଜକଲମରେ ପରୀକ୍ଷା ପାଇଁ ସଂସଦୀୟ କମିଟିର ସୁପାରିସ

ନୂଆଦିଲ୍ଲୀ,୮।୧୨(ପି.ଟି.)

ପ୍ରବେଶିକା ପରୀକ୍ଷାଗୁଡ଼ିକରେ ପ୍ରଶ୍ନପତ୍ର ଲିକ୍ ଭଳି ସମସ୍ୟା ଲାଗିରହିଥିବାରୁ ସଂସଦୀୟ କମିଟି ଉଦ୍‌ବେଗ ପ୍ରକାଶ କରିଛି। ଅନ୍ୟପକ୍ଷରେ ବହୁବର୍ଷ ହେଲା ସିବିଏସ୍‌ଇ ଏବଂ ୟୁପିଏସ୍‌ସି ଭଳି ପରୀକ୍ଷା ପ୍ରଶ୍ନପତ୍ର ଲିକ୍‌ରୁ ମୁକ୍ତ ରହିଥିବାରୁ କାଗଜକଲମରେ ପରୀକ୍ଷା କରାଇବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି କମିଟି ସୁପାରିସ କରିଛି। ଗତବର୍ଷ ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ)ର ପ୍ରଦର୍ଶନ ଆତ୍ମବିଶ୍ୱାସକୁ ଯଥେଷ୍ଟ ପ୍ରେରିତ କରି ନ ଥିବା କମିଟି କହିଛି।

କଂଗ୍ରେସ ଏମ୍‌ପି ଦିଗ୍‌ବିଜୟ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଉଲ୍ଲେଖ କରିଛି, କେବଳ ୨୦୨୪ରେ ଏନ୍‌ଟିଏ ଦ୍ୱାରା ୧୪ଟି ପ୍ରତିଯୋଗିତାମୂଳକ ପରୀକ୍ଷା କରାଯାଇଥିଲା। ପେପର ଲିକ୍ ଯୋଗୁ ୟୁଜିସି-ନେଟ୍, ସିଏସ୍‌ଆଇଆର୍-ନେଟ ଏବଂ ଏନ୍‌ଇଇଟି-ପିଜି ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ଏନ୍‌ଇଇଟି-ୟୁଜି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହୋଇଥିବାବେଳେ ସିୟୁଇଟି (ୟୁଜି/ପିଜି)ରେ ଫଳାଫଳ ସ୍ଥଗିତ ରହିଥିଲା। ସେହିପରି ଚଳିତ ବର୍ଷ ଜାନୁଆରୀରେ ଅନୁଷ୍ଠିତ ଜେଇଇ ମେନ୍ ପରୀକ୍ଷାରେ ୧୨ଟି ପ୍ରଶ୍ନରେ ତ୍ରୁଟି ଥିବାରୁ ସେଗୁଡ଼ିକୁ ପ୍ରତ୍ୟାହାର କରିନିଆଯାଇଥିଲା ବୋଲି ଶିକ୍ଷା, ମହିଳା ଓ ଶିଶୁ ଏବଂ ଯୁବ ଓ କ୍ରୀଡ଼ା ସମ୍ପର୍କିତ ସ୍ଥାୟୀ କମିଟି ରିପୋର୍ଟରେ କୁହାଯାଇଛି। ତେଣୁ ଏନ୍‌ଟିଏ ତୁରନ୍ତ ସେଗୁଡ଼ିକୁ ସୁଧାରିବା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ, ଯେପରି ଭବିଷ୍ୟତରେ ଏଭଳି ସମସ୍ୟା ଦେଖାଦେବ ନାହିଁ ବୋଲି କମିଟି ସୁପାରିସ କରିଛି।

## ଭାରତରେ ବାକ୍ ସ୍ୱାଧୀନତା ବିପଦରେ: ରଶ୍‌ଦି

ନୂଆଦିଲ୍ଲୀ,୮।୧୨

ନରେନ୍ଦ୍ର ମୋଦିଙ୍କ ସରକାର ସମୟରେ ଭାରତରେ ବାକ୍ ସ୍ୱାଧୀନତା ଏବଂ ଗଣମାଧ୍ୟମ ସ୍ୱାଧୀନତା ବିପଦରେ ଥିବା ନେଇ ଖ୍ୟାତନାମା ଲେଖକ ସଲମାନ ରଶ୍‌ଦି ସତର୍କ କରାଇଛନ୍ତି। ଏହି ଭାରତୀୟ-ବ୍ରିଟେନ୍ ଔପନ୍ୟାଶିକଙ୍କ ପୁସ୍ତକ 'ସାଟାନିକ୍ ଭର୍ସେସ'କୁ ଇସ୍‌ଲାମୀୟ ଚାପରେ କଂଗ୍ରେସ ନେତୃତ୍ୱାଧୀନ ସରକାର ଭାରତରେ ନିଷେଧ କରିଥିଲା। ମୋଦିଙ୍କ ଭାରତରେ ହିନ୍ଦୁ ଜାତୀୟତାବାଦ ବଢ଼ିବା ସହ ଅଭିବ୍ୟକ୍ତି ସ୍ୱାଧୀନତାକୁ ସଙ୍କୁଚିତ କରାଯାଉଥିବାରୁ ରଶ୍‌ଦି ଉଦ୍‌ବେଗ ପ୍ରକାଶ କରିଛନ୍ତି। ୨୦୨୫ରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ଭାରତ ୧୫୧ତମ ର୍ୟାଙ୍କ୍‌ରେ ରହିଛି। ପୂର୍ବବର୍ଷ ଏହା ୧୫୯ତମ ସ୍ଥାନରେ ରହିଥିଲା। ତେବେ ଏଥିରେ ପାଶ୍ଚାତ୍ୟ ପକ୍ଷପାତିତା ଥିବା ଦର୍ଶାଇ ଭାରତୀୟ ନେତାମାନେ ଉକ୍ତ ର୍ୟାଙ୍କିଙ୍ଗ୍‌କୁ ସମାଲୋଚନା କରିଥିଲେ। ବାକ୍ ସ୍ୱାଧୀନତା ପାଇଁ ବହୁ ଦଶନ୍ଧି ଧରି ଲଢ଼େଇ କରିଆସୁଥିବା ରଶ୍‌ଦିଙ୍କୁ ୨୦୨୨ରେ ନ୍ୟୁୟର୍କରେ ମରଣାନ୍ତକ ଆକ୍ରମଣ ହୋଇଥିଲା, ଯେଉଁଥିରେ ସେ ଗୋଟିଏ ଆଖି ହରାଇଥିଲେ।


## ଶୁଭାଙ୍ଗୀ ଦତ୍ତଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର


### ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବ

ନୂଆଦିଲ୍ଲୀ

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ଅଭିନେତ୍ରୀ ଶୁଭାଙ୍ଗୀ ଦତ୍ତଙ୍କୁ ସର୍ବଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ମିଳିଛି। ସେ ଅନୁପମ ଖେର୍‌ଙ୍କ ନିର୍ଦ୍ଦେଶିତ 'ତନଭି ଦି ଗ୍ରେଟ୍' ଚଳଚ୍ଚିତ୍ରରେ ପ୍ରଥମେ ଅଭିନୟ କରିଥିଲେ। ଉକ୍ତ ଚଳଚ୍ଚିତ୍ରକୁ ଶ୍ରେଷ୍ଠ ସ୍କ୍ରିନ୍‌ପ୍ଲେ ପୁରସ୍କାର ମିଳିଛି। ଉକ୍ତ ଚଳଚ୍ଚିତ୍ରର କାହାଣୀ ଅନୁପମ ଅଭିଷେକ ଦୀକ୍ଷିତ ଏବଂ ଅଙ୍କୁର ସୁମନ ଲେଖିଥିଲେ। ଗତ ଶନିବାର ଚଳଚ୍ଚିତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା। ତାଙ୍କ ଅଭିନୀତ ଚଳଚ୍ଚିତ୍ର ବିଶ୍ୱବ୍ୟାପୀ ଚର୍ଚ୍ଚା ହୋଇଥିବାରୁ ଶୁଭାଙ୍ଗୀ ଏଥିପାଇଁ ଦର୍ଶକମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ତନଭି ଚରିତ୍ରରେ ଅଭିନୟ କରିଥିବା ଶୁଭାଙ୍ଗୀ ପୁରସ୍କାର ପାଇଥିବାରୁ ଅତ୍ୟନ୍ତ ସ୍ୱତନ୍ତ୍ର ଅନୁଭବ କରୁଥିବା କହିଛନ୍ତି। ଅନୁପମ ଖେର୍ ତାଙ୍କ ଉପରେ ବିଶ୍ୱାସ ରଖିବା ସହ ଗାଇଡ୍ କରିଥିବାରୁ ସେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ପୁରସ୍କାର ଆମର ସମ୍ପୂର୍ଣ୍ଣ ଟିମ୍ ପାଇଁ ବୋଲି ଏକ ବିବୃତିରେ ଶୁଭାଙ୍ଗୀ କହିଛନ୍ତି।








# ଆଖି ବୁଜିଲେ ଆତ୍ମାହୁତି ଉଦ୍ୟମ କରିଥିବା ଛାତ୍ରୀ

## ୪ ଲକ୍ଷ ଟଙ୍କା, ଚାକିରି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

**ରାଉରକେଲା, ୮।୧୨(ସଙ୍ଗୀତା ଜେନା)**

ଜଣେ ଯୁବକଙ୍କ ଉତ୍ପୀଡ଼ନର ଶିକାର ହୋଇ ଶୁକ୍ରବାର ଆତ୍ମାହୁତି ଉଦ୍ୟମ କରିଥିବା ରାଜଗାଙ୍ଗପୁର ସରବତୀ ମହିଳା କଲେଜର ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ (୧୭)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଆଇଜିଏଚ୍‌ରେ ରବିବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ଏହି ଘଟଣାରେ ମୃତା ଛାତ୍ରୀଙ୍କ ପରିବାରକୁ କ୍ଷତିପୂରଣ ବାବଦ ୫୦ ଲକ୍ଷ ଟଙ୍କା ଏବଂ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ଦାବି କରି ହସ୍ପିଟାଲ ପରିସରରେ ସାମାଜିକ କର୍ମୀ ରଶ୍ମୀ ଏକ୍କା, ଶିଲ୍ପା ଏକ୍କା ଏବଂ ଅମରେଶ ପଣ୍ଡାଙ୍କ ନେତୃତ୍ୱରେ ମୃତାଙ୍କ ପରିବାର ଲୋକେ ଧାରଣା ଦେଇଥିଲେ। ଖବର ପାଇ ରାଜଗାଙ୍ଗପୁର ସହାୟକ ତହସିଲଦାର (ମାଜିଷ୍ଟ୍ରେଟ୍) କିରଣ କୁମାର ସୋରେନ, ସୁନ୍ଦରଗଡ଼ ଅତିରିକ୍ତ ଏସ୍‌ପି ଶାନ୍ତା ନୂତନ ସମାଦ ପ୍ରମୁଖ ସେଠାରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ପ୍ରଥମ ପର୍ଯ୍ୟାୟରେ



ଆଇଜିଏଚ୍ ପରିସରରେ ଛାତ୍ରୀଙ୍କ ପରିବାର ଲୋକେ ଧାରଣା ଦେଇଛନ୍ତି।

ମୃତା ଛାତ୍ରୀଙ୍କ ପରିବାର ଲୋକଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ବାବଦକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହ ପରବର୍ତ୍ତୀ ସମୟରେ ୪ଲକ୍ଷ ଟଙ୍କା ପ୍ରଦାନ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅପରାହ୍ନ ୩ଟାରେ ଆଇଜିଏଚ୍ ମର୍ଗ ହାଉସକୁ ବ୍ୟବଚ୍ଛେଦ ପାଇଁ ମୃତଦେହ ନିଆଯାଇଥିଲା। ସନ୍ଧ୍ୟା ୫ଟାରେ ଲାଞ୍ଜିବେର୍ନାଠାରେ ଛାତ୍ରୀଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଥିଲା।

ସୂଚନାଯୋଗ୍ୟ, ଜଣେ ଯୁବକଙ୍କ ଉତ୍ପୀଡ଼ନର ଶିକାର ହୋଇ ଉକ୍ତ ଛାତ୍ରୀ ଶୁକ୍ରବାର ରାତିରେ କିରୋସିନ୍ ଢାଳି ଦେହରେ ନିଆଁ ଲଗାଇ ଦେଇଥିଲେ। ଫଳରେ ତାଙ୍କ ଶରୀରର ପ୍ରାୟ ୯୨ ପ୍ରତିଶତ ପୋଡ଼ିଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆଇଜିଏଚ୍‌ରେ ଭର୍ତ୍ତି କରିଥିଲେ। ରବିବାର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ତାଙ୍କ ଦିନିକିଆ ରାଉରକେଲା ଗସ୍ତ ଅବସରରେ ଆଇଜିଏଚ୍ ବର୍ନ ସେଣ୍ଟରକୁ ଯାଇ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ନାବାଳିକାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମନ୍ତ୍ରୀ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ସହ ପରାମର୍ଶ କରିଥିଲେ। ଅବସ୍ଥା ସାମାନ୍ୟ ସୁଧୁରିଲେ ଉକ୍ତ ଛାତ୍ରୀଙ୍କୁ ଏୟାରଲିଫ୍ଟ କରାଯିବ ବୋଲି ମଧ୍ୟ କୁହାଯାଇଥିଲା। ଅପରପକ୍ଷେ ନାବାଳିକାଙ୍କୁ ଉତ୍ପୀଡ଼ନ କରିଥିବା ଯୁବକଙ୍କୁ ପୋଲିସ ରବିବାର ଗିରଫ କରି କୋର୍ଟଚାଲାଣ କରିଛି।

# ହାତୀ ଆକ୍ରମଣରେ ଯୁବକ ମୃତ

**ଚମ୍ପୁଆ,୮।୧୨(ମହେଶ୍ୱର ଦାସ)**

କେନ୍ଦୁଝର ବନଖଣ୍ଡ ଚମ୍ପୁଆ ବନାଞ୍ଚଳ ଅଧୀନ ଉଖୁଣ୍ଡା ସେକ୍ସନର ଉଛବାଲିଠାରେ ସୋମବାର ଦ୍ୱିପ୍ରହରରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଣ୍ଡାବାଙ୍କ ସାହିର ମନୋଜ ମହାନ୍ତଙ୍କ ପୁଅ ସମରେନ୍ଦ୍ର ମହାନ୍ତ(୧୮)। ସମରେନ୍ଦ୍ର କୌଣସି କାମରେ ଉଛବାଲି ଯାଉଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଭଣ୍ଡା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ ଚମ୍ପୁଆ ରେଞ୍ଜରେ ୩୭ଟି ହାତୀ ରହିଥିବା ବେଳେ ଉଛବାଲିଠାରେ ୩ ଗୋଟି ହାତୀ ରହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ମୃତ ସମରେନ୍ଦ୍ରଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ଏସିଏଫ ଅକ୍ଷୟ ଛତ୍ରିଆ ସୂଚନା ଦେଇଛନ୍ତି।

# ୧୦ ଡିଗ୍ରୀ ତଳେ ୧୦ ସହର

## ଦ୍ୱିତୀୟ ଦିନ ପାଇଁ ଜି. ଉଦୟଗିରି ସବୁଠୁ ଥଣ୍ଡା

**ଭୁବନେଶ୍ୱର, (ବନ୍ଦନା ସେଠୀ)/ ଜି. ଉଦୟଗିରି, ୮।୧୨ (ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)**

ରାଜ୍ୟରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ବିଶେଷକରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଡ଼ ଥରାଇଦେବା ଭଳି ଶୀତ ଜାରି ରହିଛି। କନ୍ଧମାଳ ଜିଲାର ଜି. ଉଦୟଗିରିଠାରେ ଲଗାତାର ଦ୍ୱିତୀୟଦିନ ପାଇଁ ରାଜ୍ୟର ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଛି। ଏଠାରେ ତାପମାତ୍ରା ୪.୩ ଡିଗ୍ରୀକୁ ଖସି ଆସିଥିବାବେଳେ ଗ୍ରାମାଞ୍ଚଳରେ ଏହାଠାରୁ ୨/୩ ଡିଗ୍ରୀ କମ୍ ରହୁଥିବାରୁ ଗ୍ରାମୀଣ ଜୀବନଜୀବିକା ପ୍ରଭାବିତ ହୋଇଛି। ବିଶେଷକରି ଶ୍ରମିକ ଶ୍ରେଣୀର ଲୋକେ ହଇରାଣ ହେଉଛନ୍ତି। ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ବିଭିନ୍ନ ସ୍ଥାନରେ ଲୋକେ ନିଆଁ ପୁଉଁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଦୁଇ ସହରରେ ତାପମାତ୍ରା ସ୍ୱାଭାବିକଠାରୁ ୫ରୁ ୬ ଡିଗ୍ରୀ କମ୍ ରହିଛି। ଝାରସୁଗୁଡାଠାରେ ସର୍ବନିମ୍ନ ତାପମାତ୍ରା ୭.୪ ଡିଗ୍ରୀ ରହିଥିବାବେଳେ ଏହା ସ୍ୱାଭାବିକ ତାପମାତ୍ରାଠାରୁ ୬.୨ ଡିଗ୍ରୀ କମ୍। ସେହିପରି ଅନୁଗୋଳରେ ନିମ୍ନତମ ତାପମାତ୍ରା ୮.୮ ଥିବାବେଳେ ଏହା ସ୍ୱାଭାବିକ ତାପମାତ୍ରାଠାରୁ ୫.୪ ଡିଗ୍ରୀ କମ୍ ରହିଛି। ସେହିଭଳି ରାଜ୍ୟର ୧୦ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ଜଣାଯାଇଛି। ସିମିଳିଗୁଡାରେ ୪.୬ ଡିଗ୍ରୀ, ଫୁଲବାଣୀ ୭.୨, ଦାରିଙ୍ଗୀବାଡି ୭.୫, ରାଉରକେଲା ୭.୬, ଚିପିଲିମା ୮, କିରେଇ ୮.୯ ଓ ଭବାନୀପାଟଣାରେ ୯ ଡିଗ୍ରୀ ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ଫୁଲବାଣୀରେ ଘନ କୁହୁଡି ଦେଖାଦେଇଥିବାବେଳେ ରାଉରକେଲା, ଭବାନୀପାଟଣା, ଝାରସୁଗୁଡାରେ ସାମାନ୍ୟରୁ ମଧ୍ୟମ କୁହୁଡି ଦେଖାଯାଇଥିଲା। ମଙ୍ଗଳବାର ଓ ବୁଧବାର ଦୁଇଦିନ ପାଇଁ ସୁନ୍ଦରଗଡ଼, କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନରେ ଘନ କୁହୁଡି ଏବଂ ସୁନ୍ଦରଗଡ, ଅନୁଗୋଳ ଓ ଝାରସୁଗୁଡାରେ ପ୍ରବଳ ଶୀତ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି ହୋଇଛି। ୧୨ ତାରିଖ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ ଶୀତ ନେଇ ପୂର୍ବାନୁମାନ କରାଯାଇଛି ବୋଲି ପାଣିପାଗ ବିଜ୍ଞାନୀ ସଞ୍ଜୀବ ଦ୍ୱିବେଦୀ ସୂଚନା ଦେଇଛନ୍ତି।

# ସୁନା ବିସ୍କୁଟ୍ ଲୋଭ ଦେଖାଇ ୪ ଲକ୍ଷ ଠକେଇ: ୬ ଗିରଫ

## ୩ ଲକ୍ଷ ସହ ୫ ମୋବାଇଲ, ୨ ବାଇକ୍ ଜବତ

**ନୀଳଗିରି, ୮।୧୨(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଞ୍ଚଳରେ ସୁନା ବିସ୍କୁଟ ପ୍ରଲୋଭନ ଦେଖାଇ ପୁରୀ ବ୍ରହ୍ମଗିରି ଅଞ୍ଚଳର ଜଣେ ବ୍ୟକ୍ତିଙ୍କଠାରୁ ୪ଲକ୍ଷ ଟଙ୍କାର ଠକେଇ ହୋଇଥିଲା। ଏହି ଘଟଣାରେ ୬ ଅଭିଯୁକ୍ତଙ୍କୁ ସୋମବାର ନୀଳଗିରି ପୋଲିସ ଗିରଫ କରିଛି। ଅଭିଯୁକ୍ତମାନଙ୍କଠାରୁ ୩ ଲକ୍ଷ ୨୯ହଜାର ଟଙ୍କା ସହ ୫ ମୋବାଇଲ ଓ ୨ଟି ବାଇକ୍ ଜବତ ହୋଇଛି। ପୋଲିସ ନକଲି ସୁନା ବିସ୍କୁଟ ଖୋଜୁଛି। ଏହି ୬ ଅଭିଯୁକ୍ତ ହେଲେ ନୀଳଗିରି ଥାନା ଈଶ୍ୱରପୁର ଫାଣ୍ଡି, ନୀଳଗିରି, ରେମୁଣା ଓ ସୋର ଥାନା ଅଞ୍ଚଳର।

ଏହି ଗ୍ରୁପ୍ ଅତି ଚତୁରତାର ସହ ଅସଲି ସୁନାକୁ ଦେଖାଇ ନକଲି ସୁନା ବେପାର କରୁଥିଲା। ଅସଲି ସୁନା ବିସ୍କୁଟ ବିକ୍ରି ପ୍ରଲୋଭନରେ କିଛିଦିନ ପୂର୍ବରୁ ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳର ଜଣେ ଶିକ୍ଷକଙ୍କ ସହ ଯୋଗାଯୋଗ ହୋଇଥିଲା। ପରେ ବ୍ରହ୍ମଗିରି ଅଞ୍ଚଳର ଶିକ୍ଷକ ଜଣଙ୍କ ତାଙ୍କ ସମ୍ପର୍କୀୟ ଶାଳକଙ୍କୁ ପଠାଇ ସୁନାର ଗୁଣ୍ଡ ନେଇଥିଲେ। ଏହି ସୁନା ଗୁଣ୍ଡ ଯାଞ୍ଚ ପରେ ଅସଲି ୨୨କ୍ୟାରେଟ୍ ଜାଣିବା ପରେ ସୁନା ବିସ୍କୁଟ ଶସ୍ତାରେ କିଣିବାର ଆଶା ବଢ଼ିଥିଲା। ସୁନା ବିସ୍କୁଟ ବିକ୍ରିର ବିଶ୍ୱାସ ଜନ୍ମାଇବା ପରେ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ଡିଲ୍ ହୋଇଥିଲା। ଶସ୍ତାରେ ସୁନା ବିସ୍କୁଟ କିଣିବା ପାଇଁ ରବିବାର ସକାଳେ ବ୍ରହ୍ମଗିରି ଅଞ୍ଚଳର ଶିକ୍ଷକ ଓ ତାଙ୍କ ଶାଳକ ନିଜ ମାରୁତି କାର୍(ନଂ. ଓଡ଼ି୩୩ଡ଼ି-୪୯୮୮)ରେ ନଗଦ ୪ଲକ୍ଷ ଟଙ୍କା ଧରି ସନ୍ତରାଗଡ଼ିଆ ବଜାର ଅଞ୍ଚଳରେ ପହଞ୍ଚି ବିକ୍ରେତାଙ୍କ ସହ ଯୋଗାଯୋଗ କରିଥିଲେ। ସୁନା ବିକ୍ରେତା ଯୁବକମାନେ ପୂର୍ବ ପ୍ରସ୍ତୁତି ଅନୁସାରେ ଅତି ଚତୁରତାର ସହ ଈଶ୍ୱରପୁର ଫାଣ୍ଡି ଅଧୀନ ଏକ ନିଛାଟିଆ ଜାଗାକୁ ଡକାଇଥିଲେ। ଆସିଥିବା ଶାଳକ ଭିଣୋଇଙ୍କ ବ୍ୟାଗ୍‌ରେ ରଖିଥିବା ୪ଲକ୍ଷ ଟଙ୍କା ଖୋଲୁଥିବା ବେଳେ ଅନ୍ୟ ୪ଜଣ ଦୁଇଟି ବାଇକ୍‌ରେ ନକଲି ପୋଲିସ ବେଶରେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଧମକ ଚମକ ଦେବା ସହ ନଗଦ ୪ଲକ୍ଷ ଟଙ୍କା ଓ ଶାଳକ ପିନ୍ଧିଥିବା ଏକ ସୁନାଚେନକୁ ନେଇ ୬ଜଣ ଯାକ ଫେରାର ହୋଇଯାଇଥିଲେ। ଶେଷରେ ସମ୍ପୃକ୍ତ ବ୍ୟକ୍ତି ନିରୁପାୟ ହୋଇ ରବିବାର ରାତିରେ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଏକ ମାମଲା (ନଂ.୫୨୦/୨୫) ରୁଜୁ କରିଥିଲା। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ ହୋଇ ଖୋଳତାଡ଼ ଆରମ୍ଭ ହୋଇଥିଲା। ରାତିତମାମ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମାଷ୍ଟରମାଇଣ୍ଡ ସହ ୫ଜଣ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି। ଅନ୍ୟପକ୍ଷେ ପୁରୀ ବ୍ରହ୍ମଗିରି ଅଞ୍ଚଳର ଶିକ୍ଷକତା କରୁଥିବା ଭିଣୋଇ ଓ ତାଙ୍କ ଶାଳକଙ୍କୁ ମଧ୍ୟ ପୋଲିସ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।



## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ଫର୍ମ ପୂରଣ: ଆଉ ୩ ଦିନ ବଢ଼ିଲା

କଟକ,୮।୧୨(କାର୍ତ୍ତିକ ସାହୁ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୨୦୨୬ ନିମନ୍ତେ ଅନ୍‌ଲାଇନରେ ଫର୍ମ ପୂରଣ ପାଇଁ ଆଉ ୩ ଦିନ ଅଧିକ ସମୟ ବଢ଼ାଇ ଦିଆଯାଇଛି। ସମଗ୍ର ରାଜ୍ୟରୁ ଛାତ୍ରାଛାତ୍ରଙ୍କ ଅଭିଭାବକଙ୍କ ଅନୁରୋଧକ୍ରମେ ପୁଣି ଡିସେମ୍ବର ୮ରୁ ୧୦ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଅନ୍‌ଲାଇନ୍ ଫର୍ମ ପୂରଣ ପାଇଁ ସୁଯୋଗ ଦିଆଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ www.bseodisha.ac.in ଓ www.oav.edu.inରେ ଉପଲବ୍ଧ ଲିଙ୍କରେ ଫର୍ମ ପୂରଣ କରାଯିବ। ଏହାପରେ ଅବଧି ଆଉ ବଢ଼ାଯିବ ନାହିଁ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମଙ୍ଗଳବାର ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଉତ୍କଳ ସମ୍ମିଳନୀ ପକ୍ଷରୁ କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ପାଳନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ସନ୍ଧ୍ୟା ୬ଟା।

**କଟକ**
- ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନ, ସ୍ଥାନ: ବିଦ୍ୟାଳୟ ପରିସର, ଦେଉଳସାହି, ସମୟ: ମଧ୍ୟାହ୍ନ ୧୨ଟା ୧୫।
- କ୍ରିଏଟିଭ ଆର୍ଟିଷ୍ଟ ଗ୍ରୁପ୍ ପକ୍ଷରୁ ଚିତ୍ରଶିଳ୍ପୀ ବିଭୂତି କାନୁନଗୋଙ୍କ ୧୦୪ତମ ଜୟନ୍ତୀ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ଅପରାହ୍ନ ୩ଟା।
- ଓଡ଼ିଶା ଲଳିତ କଳା ଏକାଡେମୀ ଓ କ୍ରିଏଟିଭ ଆର୍ଟିଷ୍ଟ ଗ୍ରୁପ୍ ପକ୍ଷରୁ ଚିତ୍ରଶିଳ୍ପୀ ବିଭୂତି କାନୁନଗୋଙ୍କ ୧୦୪ତମ ଜୟନ୍ତୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ବାଳ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଉଗରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ଖଇରା, ସମୟ: ସକାଳ ୯ଟା।
- ନାଟ୍ୟ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରତିଭା ସମ୍ମାନ ଓ ଗୁରୁ ସମ୍ବର୍ଦ୍ଧନା ଉତ୍ସବ–୨୦୨୫, ସ୍ଥାନ: ଇମାମୀ ଜଗନ୍ନାଥ ମନ୍ଦିର ପରିସର, ବାଲଗୋପାଳପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

**ଭଦ୍ରକ**
- ଓଡ଼ିଶା ଶିକ୍ଷା ବିକାଶ ପରିଷଦ ପକ୍ଷରୁ ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ମଠଡିହ ତଥାସ୍ତୁ ଶିଶୁ ବିଦ୍ୟାମନ୍ଦିର, ଆରଡ଼ି, ସମୟ: ସକାଳ ୯ଟା।
- କବିତା ପାଠୋତ୍ସବ ଓ ଆଲୋଚନାଚକ୍ର, ସ୍ଥାନ: ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**ମୟୂରଭଞ୍ଜ**
- ବ୍ଲକସ୍ତରୀୟ ଓଷ୍ଟା ଶିଶୁ ଉତ୍ସବ, ସ୍ଥାନ: ରିଜିଓନାଲ ଉଚ୍ଚ ବାଳିକା ବିଦ୍ୟାଳୟ, ପୁରୁଣା ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ଟା।
- ଆଦିବାସୀ ସୁପରଷ୍ଟାର କଳ୍ପନା ହାଁସଦାଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ମୟୂରଭଞ୍ଜ ମହୋତ୍ସବ ଛଉ ପଡ଼ିଆ, ବାରିପଦା, ସମୟ:ସନ୍ଧ୍ୟା ୭ଟା।

**ଅନୁଗୋଳ**
- କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା, ସ୍ଥାନ: ଆଠମଲ୍ଲିକସ୍ଥିତ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

**କେନ୍ଦ୍ରାପଡ଼ା**
- ଜିଲ୍ଲାସ୍ତରୀୟ କ୍ରିକେଟ ମ୍ୟାଚ, ସ୍ଥାନ: ବଡମଙ୍ଗ, ଆଳି, ସମୟ: ପୂର୍ବାହ୍ନ ୧୦ଟା।

**ଜଗତସିଂହପୁର**
- ମଣି ମନ୍ଦିର ଟ୍ରଷ୍ଟ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ନୁଆବଜାର, ପାରାଦୀପ, ସମୟ: ସକାଳ ୯ଟା।
- ଆନ୍ତର୍ଜାତିକ ଦୁର୍ନୀତି ନିବାରଣ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ବନ୍ଦର ଭିଜିଲାନ୍ସ ବିଭାଗ ସମ୍ମିଳନୀ କକ୍ଷ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ମଧୁସୂଦନପୁର, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।

**ନୟାଗଡ଼**
- ଘୋଡଲାଗି ପର୍ବର ତ୍ରୟୋଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଘୋଡଲାଗି ପର୍ବର ତ୍ରୟୋଦଶ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ମା' ବରୁଣେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୫ମ ଦିବସରେ ଚମ୍ପେଶ୍ୱର ବନାମ ଖଣ୍ଡପଡା, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ମହାଲକ୍ଷ୍ମୀ ପୂଜା ମହୋତ୍ସବର ଭସାଣି ଉତ୍ସବ, ସ୍ଥାନ:ଖଣ୍ଡପଡା ରଥଗଡା ଛକ, ସମୟ: ସଂଧ୍ୟା ୭ଟା ।
- ମହାଲକ୍ଷ୍ମୀ ପୂଜାର ଷଷ୍ଠ ଦିବସରେ ଚଣ୍ଡୀ ପ୍ରସାଦର ସମ୍ପୂର୍ଣ୍ଣ ମହାଭାରତ, ସ୍ଥାନ:ଖଣ୍ଡପଡା ବ୍ଲକ ବାଇଗୁଣିଆ, ସମୟ:ଅପରାହ୍ନ ୨ଟା।
- ସୁନାଖଳା ମହୋତ୍ସବର ୨ୟ ଦିବସ, ସ୍ଥାନ:ସିଟି ସ୍କୁଲ ପଡିଆ ସୁନାଖଳା, ସମୟ:ସଂଧ୍ୟା ୬ଟା।

**ରାୟଗଡ଼ା**
- ବ୍ଲକସ୍ତରୀୟ ଲୋକ ମହୋତ୍ସବ ଚଇତି–୨୦୨୫, ସ୍ଥାନ: କଲ୍ୟାଣସିଂହପୁର ରଥ ପଡିଆ, ସମୟ: ସକାଳ ୭ ଟା।

**କୋରାପୁଟ**
- ପରବ ନେଇ ଜିଲ୍ଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: କୋରାପୁଟ ସାଂସ୍କୃତିକ ପରିଷଦ ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଦୁର୍ଗା ଚିତ୍ରକଳା ପ୍ରଦର୍ଶନୀ–୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ: ଗୁଜୁରାତି କଲୋନୀ ସ୍ଥିତ ବନ୍ଦନା ଆର୍ଟ କର୍ନର, ସମୟ: ପୂର୍ବାହ୍ନ ୧୦ଟା।
- ତୃତୀୟ ସମ୍ବଲପୁରୀ ବହି ହାଟ –୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ସମ୍ବଲପୁରୀ ଧନୁଯାତ୍ରାର କଳାକାରମାନଙ୍କ ଅଭିନୟ ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ବ୍ଲକସ୍ତରୀୟ ଯୁବ ମହୋତ୍ସବ–୨୦୨୫, ସ୍ଥାନ: ବ୍ଲକ ପରିସର, ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା।

**ରାଉରକେଲା**
- ସାଂସଦ ଖେଳ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଆୟୁଷ କଲେଜ ଛାତ୍ରୀଛାତ୍ରଙ୍କ ଆମରଣ ଅନଶନ, ସ୍ଥାନ: ରାଉରକେଲା ହୋମିଓପ୍ୟାଥି କଲେଜ, ସମୟ: ସକାଳ ୯ଟା।
- ପଶ୍ଚିମାଞ୍ଚଳ ଏଆଇ ହାକାଥନ୍, ସ୍ଥାନ: ଏନ୍‌ଆଇଟି, ସମୟ : ସକାଳ ୯ଟା।
- ଦ୍ୱିଦିବସୀୟ ଆଧ୍ୟାତ୍ମିକ ସାଧନା ଶିବିର, ସ୍ଥାନ: ସେକ୍ଟର–୭ ଶିବାନନ୍ଦ ଆଶ୍ରମ, ସମୟ: ସକାଳ ୯ଟା।
- ପିଏମ୍ ଶ୍ରୀ ଶିକ୍ଷକ ତାଲିମ ଶିବିରର ଦ୍ୱିତୀୟ ଦିବସ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ଏକତ୍ର ଆୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବର ୮ମ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫।

**ବରଗଡ଼**
- ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଉପଲକ୍ଷେ ଗଳ୍ପ, ପଦ୍ୟ ଲିଖନ ପ୍ରତିଯୋଗିତା, ସ୍ଥାନ: ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ,ବରଗଡ଼, ସମୟ: ସକାଳ ୯ଟା।
- ପଦ୍ମପୁର ଲୋକ ମହୋତ୍ସବର ସାଂସ୍କୃତିକ ଶୋଭାଯାତ୍ରା ଓ ବାଣିଜ୍ୟ ମେଳା, ସ୍ଥାନ: ଅଶୋକ ପଡ଼ିଆ ପଦ୍ମପୁର, ବରଗଡ଼, ସମୟ:ସକାଳ ୧୦ଟା।
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ: କଲ୍ୟାଣ ମଣ୍ଡପ, ଗାନ୍ଧିଛକ, ବରଗଡ଼, ସମୟ:ପୂର୍ବାହ୍ନ ୧୧ଟା।

**କଳାହାଣ୍ଡି**
- କଂଗ୍ରେସ ପକ୍ଷରୁ ଏସ୍‌ପି ଅଫିସ ଘେରାଉ, ସ୍ଥାନ: ଭବାନୀପାଟଣା ଏସ୍‌ପି ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଚାଷ ପ୍ରଣାଳୀ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ଜିଲ୍ଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ୧୦ଟା ୩୦।

**ସୁବର୍ଣ୍ଣପୁର**
- ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟିର ଶୁଭାରମ୍ଭ, ସ୍ଥାନ: ବିନିକା ବ୍ଲକର ସିଲାଟି ମାର୍କେଟ୍ ୟାର୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ–ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ୧୭ତମ ବିରାଟ ଧନୁଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ଲଖନା ଧନୁଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୬ଟା।
- ୪ର୍ଥ ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଖେଳପଡିଆ, ସମୟ: ଅପରାହ୍ନ ୫ଟା ୩୦।

**ଝାରସୁଗୁଡ଼ା**
- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପାଠ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ରୁଦ୍ରାଭିଷେକ ପୂଜା, ସ୍ଥାନ: ଲହାବଗା ସ୍ୱପନେଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଝାରସୁଗୁଡ଼ା ମନମୋହନ ସ୍କୁଲପଡିଆ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ପ୍ରଥମ ପୃଷ୍ଠାରୁ...

### କେନ୍ଦ୍ରୀୟ ଅନୁଦାନ...

କରିବାକୁ ସମସ୍ତ ସଦସ୍ୟଙ୍କ ସହଯୋଗ ଲୋଡ଼ିଥିଲେ। ଏହାପରେ ବିରୋଧୀ ଦଳ ସଦସ୍ୟ ଅରୁଣ ସାହୁ ଆଲୋଚନା ଆରମ୍ଭ କରି ସରକାରଙ୍କୁ ପ୍ରଶ୍ନବାଣରେ ଛନ୍ଦିଥିଲେ। ସେ ରାଜ୍ୟରେ ବଢ଼ି ଚାଲିଥିବା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାଠାରୁ ଆରମ୍ଭ କରି ଦୁର୍ନୀତି,କଟକରେ ଦଙ୍ଗା, ପୁରୀରେ ରଥଯାତ୍ରାବେଳେ ଦଳାଚକଟା ମୃତ୍ୟୁ ସହିତ ସ୍ୱାସ୍ଥ୍ୟ, ଶିକ୍ଷା, ଚାକିରି, ଦାଦନ, ଚାଷୀଙ୍କ କ୍ଷେତ୍ରରେ ସରକାରଙ୍କ ଚରମ ବିଫଳତା କାହିଁକି ବୋଲି ପ୍ରଶ୍ନ କରିଥିଲେ। ଆଲୋଚନାରେ ଭାଗନେଇ ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ସରକାରଙ୍କ ଅତିରିକ୍ତ ବଜେଟ ମାୟାଜାଲ ପରି ଲାଗୁଛି। ପୂର୍ବର ୨୪ବର୍ଷର ସରକାର କ'ଣ କଲେ ନ କଲେ ତା' ଉପରେ ନୀତି ଆୟୋଗ ପ୍ରମାଣପତ୍ର ଦେଇଛନ୍ତି, ପୂର୍ବ ସରକାର ରାଜ୍ୟକୁ ଆର୍ଥିକ ସୁପରିଚାଳନା, ବେକାରି ଦୂରୀକରଣ ଏବଂ ନିରନ୍ତର ବିକାଶ ଲକ୍ଷ୍ୟରେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି। ୨୦୦୦ରେ ରାଜ୍ୟରେ ଦେବାଳିଆ ସ୍ଥିତି ଥିବାବେଳେ ପୂର୍ବ ସରକାର ଏକ ସୁଦୃଢ଼ ଅର୍ଥନୀତି ପ୍ରତିଷ୍ଠା କରିଥିଲେ।

ପ୍ରସନ୍ନ କହିଥିଲେ, ୨୦୨୫ ଅକ୍ଟୋବର ସୁଦ୍ଧା କେନ୍ଦ୍ର ସରକାର ରାଜ୍ୟକୁ ମାତ୍ର ୧୮ ପ୍ରତିଶତ ଅର୍ଥ ଅନୁଦାନ ପ୍ରଦାନ କରିଛନ୍ତି। ୨୦୨୩–୨୪ରେ ବିଜେଡି ସରକାର ସମୟରେ କେନ୍ଦ୍ର ୨୧ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ଅନୁଦାନ ଦେଇଥିବାବେଳେ ଅକ୍ଟୋବର ସୁଦ୍ଧା ଭାଜପା ସରକାର ସମୟରେ ୨୦୨୪–୨୫ରେ ମାତ୍ର ୧୭ହଜାର କୋଟି ଆସିଛି। ପୂର୍ବ ସରକାର ସମୟରେ ଜିଏସ୍‌ଡିପି ୯ପ୍ରତିଶତ ଥିବାବେଳେ ଏବେ ଏହା ୭.୨ ପ୍ରତିଶତକୁ ଖସିଛି। କୃଷି,ଶିଳ୍ପ ଓ ସେବା କ୍ଷେତ୍ରରେ ମଧ୍ୟ ହ୍ରାସ ପାଇଛି। ପୂର୍ବ ସରକାର ଯେଉଁ ରାଜସ୍ୱ ସଂଗ୍ରହ କରୁଥିଲେ ଭାଜପା ସରକାର ସେଥିରେ ମଧ୍ୟ ସକ୍ଷମ ହୋଇପାରିନାହାଁନ୍ତି। ଜିଏସ୍‌ଟି କ୍ଷେତ୍ରରେ ଦେଶରେ ଓଡ଼ିଶା ଅନ୍ୟାନ୍ୟ ରାଜ୍ୟଠାରୁ ପଛରେ ପଡ଼ିଛି। ରାଜ୍ୟ ସରକାର ଏହା ଉପରେ ଆତ୍ମ ସମୀକ୍ଷା କରନ୍ତୁ। ଖାଲି ଖର୍ଚ୍ଚ କଲେ ଚଳିବନାହିଁ, ସେହି ଅନୁପାତରେ ରୋଜଗାର ସୃଷ୍ଟି କରିବାର ରହିଛି ବୋଲି ପ୍ରସନ୍ନ କହିଥିଲେ।

ଆଲୋଚନାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଭାଗ ନେଇ ଆଦିବାସୀଙ୍କୁ ସରକାରଙ୍କ ଅବହେଳାକୁ ନେଇ ଟାର୍ଗେଟ କରିଥିଲେ। ସେ କହିଥିଲେ, ସରକାର କେବଳ ଲୋକଦେଖାଣିଆ ବଜେଟ କରୁଛନ୍ତି। ମାତ୍ର ଠିକଣା ବାଟରେ ଖର୍ଚ୍ଚ କରିପାରୁ ନାହାନ୍ତି। ମେଡିକାଲରେ ଡାକ୍ତର ନ ଥିବାବେଳେ ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି। ରାଜ୍ୟରେ ମା'ମାନେ ଅସୁରକ୍ଷିତ ରହିଛନ୍ତି। ଆଦିବାସୀମାନେ ନିର୍ଯାତିତ ହୋଇ ରହିଛନ୍ତି। ପେସା ଆଇନ ସରକାର କାର୍ଯ୍ୟକାରୀ କରୁ ନାହାନ୍ତି। ରାଜ୍ୟରେ ୯୪ ପ୍ରତିଶତ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ରହିଥିଲେ ହେଁ ସେମାନଙ୍କୁ ଶିକ୍ଷା କ୍ଷେତ୍ରରେ ଅଧିକାର ମିଳୁନାହିଁ କହି ସରକାରଙ୍କ ବଜେଟକୁ ବିରୋଧ କରିଥିଲେ।

ଅନ୍ୟପକ୍ଷରେ ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ କହିଥିଲେ, ଆମର ବରିଷ୍ଠ ସଦସ୍ୟ ଜୟନାରାୟଣ ମିଶ୍ର କହୁଛନ୍ତି, ହୁଇସିଲ୍ ମାରିଲେ ବିଜେଡି ଚୂନା ହୋଇଯିବ। ଏକଥା ଏବେ ଧୀରେ ଧୀରେ ସମସ୍ତେ ଜାଣିଗଲେଣି, ଯେଉଁଥିପାଇଁ ବାପା ବିଜେଡିରେ, ପୁଅ ଏବେ ଆମ ଦଳରେ। ସେ ପୂର୍ବ ସରକାରକୁ ଟାର୍ଗେଟ କରି କହିଥିଲେ, ଚାଷୀଙ୍କ ୧୦୦ଟଙ୍କାର ବୋନସ ଦେବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସୋହେଲା ଚାଷୀ ସମାବେଶରେ ଘୋଷଣା କରି ପରେ ଭୁଲି ଯାଇଥିଲେ। ଶିକ୍ଷାର ରୂପାନ୍ତରୀକରଣ କେବଳ ଠିକାଦାରଙ୍କୁ ପୋଷିବା ପାଇଁ କରାଯାଇଥିଲା। ପୋଲିସ ରାଜନୈତିକ ଆକାଂକ୍ଷା ରଖି କାର୍ଯ୍ୟ କରୁଥିଲା। ବିଶ୍ୱରେ ନଗଡା ଓଡ଼ିଶାର ଚିତ୍ରକୁ ନଗ୍ନ କରିଥିଲା। ନୂଆପଡ଼ା ଉପନିର୍ବାଚନରେ ଏହା ପ୍ରମାଣିତ ହୋଇଛି। ଲୋକଙ୍କ ଆଶୀର୍ବାଦ ରହିଛି, ୫୦ବର୍ଷ ଯାଏ ହଟିବୁନି ବୋଲି କହି ଟଙ୍କଧର ବିରୋଧୀଙ୍କ ଉପରେ ବର୍ଷିଥିଲେ।

### ମାଲକାନଗିରି: ୨୪ ଘଣ୍ଟା...

ଏକାଠିହୋଇ ଜିଲ୍ଲାପାଳଙ୍କୁ ଭେଟିଛନ୍ତି। ମୃତ ମହିଳାଙ୍କ ମୁଣ୍ଡକୁଯଥାଶୀଘ୍ର ପରିବାର ଲୋକଙ୍କୁହସ୍ତାନ୍ତର କରିବା ନେଇ ଆଦିବାସୀ ସଂଘ ଅଡ଼ି ବସିଛି। ସୋମବାର ରାଖେଲଗୁଡ଼ା ଗ୍ରାମବାସୀଙ୍କ ସମେତ ଆଦିବାସୀ ସମ୍ପ୍ରଦାୟର ଲୋକେ ଏମ୍‌ଭି–୨୬ ଗାଁରେ ପଶି ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିବା ସହ ୫୦ରୁ ଊର୍ଦ୍ଧ୍ୱ ଘରେ ନିଆଁ ଲଗାଇ ଜାଳିଦେଇଛନ୍ତି। ଜିଲ୍ଲାରେ ଶାନ୍ତି ବଜାୟ ରଖିବାକୁ ମାଲକାନଗିରି ଜିଲ୍ଲାରେ ସୋମବାର ସନ୍ଧ୍ୟା ୬ଟାରୁ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବା ବନ୍ଦ ସହ ବିଦେଶୀ ମଦଦୋକାନ ବନ୍ଦ ପାଇଁ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ନିର୍ଦ୍ଦେଶ ଜାରି କରିଛନ୍ତି।

ସୋମବାର ସକାଳ ୯ ଟାରେ ରାଖେଲଗୁଡ଼ା ପୋଲ ନିକଟରେ ଥିବା ହାଟପଦାରେ ଆଦିବାସୀ ସମାଜ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଏକାଠି ହୋଇଥିଲେ। ଉକ୍ତ ପୋଲ ଉପରେ ଏସ୍‌ପିଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ମଧ୍ୟ ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଏମ୍‌ଭି–୨୬ ଗାଁ ଅଭିମୁଖେ ବାହାରିଥିଲେ। ପୋଲିସର ବାରଣ ସତ୍ତ୍ୱେ ଉତ୍ତ୍ୟକ୍ତ ଲୋକେ ଏମ୍‌ଭି–୨୬ ଗାଁରେ ଘରେ ଘରେ ପଶି ଭଙ୍ଗାରୁଜା କରିବା ସହ ବହୁ ଆସବାବପତ୍ର, ଗାଡ଼ି, ମୋଟରସାଇକେଲ ସହ ଘରେ ନିଆଁ ଲଗାଇ ଦେଇଥିଲେ। ସୋମବାର ଏମ୍‌ଭି –୨୬ ଗାଁର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଘର ପୋଡ଼ି ନଷ୍ଟହେବା ସହ ବହୁ ଗାଡିମୋଟର, ଧାନ ଚାଉଳ ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ସେହିପରି ଏମ୍‌ଭି– ୨୬ ଗାଁରେ ପୋଲିସ ଫ୍ଲାଗ୍ ମାର୍ଚ୍ଚ କରିବା ସହ ଗାଁ ଏବଂ ଆଖପାଖ ଅଞ୍ଚଳରେ ପୋଲିସ ଫୋର୍ସ ଏବଂ ବିଏସ୍‌ଏଫ୍ ଯବାନଙ୍କୁ ମୁତୟନ କରାଯାଇଛି।

ଅନ୍ୟପକ୍ଷେ ଜିଲ୍ଲାର ୨୧୪ଟି ଗ୍ରାମରୁ ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ସୋମବାର ଏମ୍‌ଭି– ୩ ରାଧାଗୋବିନ୍ଦ ମନ୍ଦିରରେ ଏକାଠି ହୋଇଥିଲେ। ସେଠାରେ ସେମାନେ ଏକ ବୈଠକ କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ନିଜର ସୁରକ୍ଷା ନେଇ ଦାବି ଜଣାଇଥିଲେ। ଆଗାମୀ ୨୪ ଘଣ୍ଟା ମଧ୍ୟରେ ସ୍ଥିତି ନିୟନ୍ତ୍ରଣ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଉଭୟ ଗୋଷ୍ଠୀଙ୍କୁ ଅନୁରୋଧ କରିଥିଲେ। ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଏମ୍‌ଭି –୨୬ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ରାଖେଲଗୁଡ଼ାଠାରେ ଆଦିବାସୀ ସମାଜ ପକ୍ଷରୁ ଆୟୋଜିତ ବୈଠକରେ ଯୋଗଦେଇଥିଲେ। ଏଭଳି ପରିସ୍ଥିତିରେ ଆଇନକୁ ହାତକୁ ନ ନେବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସନ୍ଧ୍ୟା ସୁଦ୍ଧା ସ୍ଥିତି ନିୟନ୍ତ୍ରଣ ଥିବାବେଳେ ଏମ୍‌ଭି –୨୬ ଗାଁର ଅଧିକାଂଶ ଲୋକ ଗାଁ ଛାଡ଼ି ଅନ୍ୟତ୍ର ଚାଲିଯାଇଛନ୍ତି। ଶାନ୍ତି ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୨ଗୋଷ୍ଠୀଙ୍କୁ ଡକାଯାଇ ଆଲୋଚନା କରାଯିବ ବୋଲି ଏସ୍‌ପି ବିନୋଦ ପାଟିଲ ସୂଚନା ଦେଇଛନ୍ତି।

### ବିଧାନସଭା ସରଗରମ...

ସମ୍ବେଦନଶୀଳ ଘଟଣା ଘଟିଲାଣି। ପୂର୍ବରୁ ଜଣେ ନାବାଳିକାଙ୍କୁ ୩ଜଣ ଗଣବଳାତ୍କାର କରିଥିବାବେଳେ ଏବେ ଦିନକ ପୂର୍ବରୁ ଜଣେ ମହିଳା ଧାନ କାଟିବାକୁ ବିଲକୁ ଯାଇଥିବାବେଳେ ୪ଜଣ ବ୍ୟକ୍ତି ତାଙ୍କୁ ବଳାତ୍କାର କରିବା ପରେ ଗଳାକାଟି ହତ୍ୟା କରିବା ଘଟଣା ଏବେ ତୀବ୍ର ରୂପ ନେଇଛି। । ହେଲେ ଏ ବିଷୟରେ ଗୃହ ବିଭାଗ ଜାଣି ନ ପାରିବା ଦୁର୍ଭାଗ୍ୟଜନକ। ତତ୍‌କ୍ଷଣାତ୍ ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ରିପୋର୍ଟ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବାକୁ ସେ ଦାବି ରଖିଥିଲେ।

ଏହି ଆଲୋଚନାରେ ସ୍ୱର ମିଳାଇ କଂଗ୍ରେସ ବିଧାୟକ ମଙ୍ଗୁ ଖିଲ କହିଛନ୍ତି, ମହିଳାଟିଏ ବିଲକୁ ଧାନ କାଟିବାକୁ ଯାଉଛି କିନ୍ତୁ ତାଙ୍କୁ ବୀଭତ୍ସ ହତ୍ୟା କରାଯାଉଛି। ପରେ ଗୋଟେ ମିସିଂ କେସ୍ ରୁଜୁ ହେଲା କିନ୍ତୁ ଯେତେବେଳେ ମହିଳାଙ୍କୁ ଖୋଜାଖୋଜି କରାଗଲା ସେତେବେଳକୁ ତାଙ୍କର ମୃତଦେହ ମିଳୁଛି ; ଯାହାକୁ ନେଇ ସେଠାରେ ବଡ଼ ଧରଣର ଗୋଷ୍ଠୀ ସଂଘର୍ଷ ଆରମ୍ଭ ହୋଇଛି। ବଙ୍ଗାଳୀ ଓ ଆଦିବାସୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଜାରି ରହିଛି। ତାକୁ କାହିଁକି ହାଲୁକା ଭାବରେ ପୋଲିସ ନେଉଛି। ମୋ ମାଲକାନଗିରିରେ ଆଇନ ଶୃଙ୍ଖଳା ପ୍ରତି ମୁଖ୍ୟମନ୍ତ୍ରୀ ଧ୍ୟାନ ଦିଅନ୍ତୁ। କାହିଁକି ନା ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି ବୋଲି ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ।

### ବାରବାଟୀରେ ଭାରତ-ଦକ୍ଷିଣ...

ରହିଛି। ତେବେ ଏହି ଗ୍ରାଉଣ୍ଡରେ ଟି୨୦ ଫର୍ମାଟରେ ଭାରତୀୟ ଦଳ ମଧ୍ୟ ବିଜୟ ସ୍ୱାଦ ଚାଖିଛି। ୨୦୧୭ରେ ଶ୍ରୀଲଙ୍କା ବିପକ୍ଷରେ ଖେଳାଯାଇଥିବା ଏକ ଟି୨୦ ମ୍ୟାଚ୍‌କୁ ଭାରତ ୯୩ ରନର ବଡ଼ ବ୍ୟବଧାନରେ ଜିତିଥିଲା। କିନ୍ତୁ ଟିମ୍ ଇଣ୍ଡିଆ ଏଥର ଏହି ଗ୍ରାଉଣ୍ଡରେ ଦକ୍ଷିଣ ଆଫ୍ରିକା ବିପକ୍ଷ ରେକର୍ଡରେ ସୁଧାର ଆଣିବା ଲକ୍ଷ୍ୟରେ ରହିଛି।

ଟିମ୍ ଇଣ୍ଡିଆ ଏହି ମ୍ୟାଚ୍ ଲାଗି ଦଳରେ କୌଣସି ବିଶେଷ ପରିବର୍ତ୍ତନ କରିବ ନାହିଁ। ଏ ନେଇ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଦଳୀୟ ନେଟ୍ ସେଶନ ପୂର୍ବରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାରତୀୟ ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ୍ ଦୀର୍ଘ ସମୟ ଧରି ସୋମବାର ନେଟ୍ସରେ ଝାଳ ବୁହାଇଥିଲେ। ଏହାର ଅର୍ଥ ସେ ଏବେ ବେକଜନିତ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକ୍ତିି ପାଇସାରିଛନ୍ତି। ଇଞ୍ଜୁରି କାରଣରୁ ସେ ଦ. ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ଓ ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଥିଲେ। ସୋମବାର ତାଙ୍କ ବ୍ୟାଟିଂ ପ୍ରାକ୍ଟିସରୁ ତାଙ୍କର ଖେଳିବା ନିଶ୍ଚିତ ମନେହେଉଛି। ତାଙ୍କ ବ୍ୟତୀତ ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। ସେ ମଧ୍ୟ ଇଞ୍ଜୁରୀ କାରଣରୁ ଗତ ୨ ମାସ ହେଲା କ୍ରିକେଟରୁ ଦୂରେଇ ରହିଥିଲେ। ଉଭୟ ଖେଳାଳି ଏସିଆ କପ୍ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟ ଥିଲେ। ତେବେ ଉଇକେଟକିପର ଭାବେ କିଏ ଖେଳିବ, ତାହାକୁ ନେଇ ପ୍ରଶ୍ନବାଚୀ ରହିଛି। ଦଳରେ ଉଇକେଟକିପର ଭାବେ ସଞ୍ଜୁ ସାମସନ ଓ ଜୀତେଶ ଶର୍ମା ସ୍ଥାନ ପାଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣଙ୍କୁ ହିଁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯିବ। ସାମସନ ଜଣେ ଟପ୍ ଅର୍ଡର ବ୍ୟାଟର ଭାବେ ନିଜକୁ ପ୍ରତିଷ୍ଠିତ କରାଇ ସାରିଛନ୍ତି। ହେଲେ ଦଳରେ ଗିଲ୍‌ଙ୍କ ଉପସ୍ଥିତି ଯୋଗୁ ତାଙ୍କୁ ଟପ୍ ଅର୍ଡରରେ ସ୍ଥାନ ମିଳିବାର ସମ୍ଭାବନା ନାହିଁ। ଏଣୁ ତାଙ୍କୁ ମିଡିଲ ଅର୍ଡର କିମ୍ବା ଲୋୟର ମିଡିଲ ଅର୍ଡରରେ ଖେଳିବାକୁ ପଡ଼ିବ। ଏହି ପୋଜିଶନରେ ତାଙ୍କୁ ସୁଯୋଗ ମିଳିଥିଲେ ହେଁ ସେ ଏ ପର୍ଯ୍ୟନ୍ତ କିଛି ଆଖିଦୃଶିଆ ପ୍ରଦର୍ଶନ କରିପାରି ନାହାନ୍ତି। ଅନ୍ୟପକ୍ଷରେ ଜୀତେଶ ଜଣେ ଲୋୟର ଅର୍ଡର ବ୍ୟାଟର ଏବଂ ମ୍ୟାଚ୍ ଫିନିଶ୍ କରିବାର ଦକ୍ଷତା ମଧ୍ୟ ତାଙ୍କ ପାଖରେ ରହିଛି, ଯାହା କି ତାଙ୍କ ସପକ୍ଷରେ ଯାଇପାରେ। ଏହା ବ୍ୟତୀତ ଦଳରେ ଟିମ୍ କମ୍ବିନେଶନକୁ ଅନ୍ୟ କୌଣସି ଚିନ୍ତା ନାହିଁ। ଟିମ ଇଣ୍ଡିଆ ଦୁଇ ପେସର, ଦୁଇ ସ୍ପିନର ଓ ଦୁଇ ଅଲରାଉଣ୍ଡରଙ୍କ ସହ ମ୍ୟାଚ୍‌କୁ ଓହ୍ଲାଇବ ବୋଲି ଆଶା କରାଯାଉଛି।

**ସମ୍ଭାବ୍ୟ ଭାରତୀୟ ଦଳ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ଶୁବମନ ଗିଲ୍, ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ସଞ୍ଜୁ ସାମସନ/ଜୀତେଶ ଶର୍ମା (ଉଇକେଟକିପର), ଶିବମ ଦୁବେ, ଅକ୍ଷର ପଟେଲ/ୱାଶିଂଟନ ସୁନ୍ଦର, ଯଶପ୍ରୀତ ବୁମରା, ଅର୍ଶଦୀପ ସିଂ, କୁଲଦୀପ ଯାଦବ/ବରୁଣ ଚକ୍ରବର୍ତ୍ତୀ।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଏଡେନ ମାରକ୍ରମ(ଅଧିନାୟକ), କ୍ୱିଣ୍ଟନ ଡି କକ୍, ରିଜା ହେଣ୍ଡ୍ରିକ୍ସ/ଟ୍ରିଷ୍ଟାନ ଷ୍ଟବ୍ସ, ଡେୱାଲ୍ଡ ବ୍ରେଭିସ, ଟୋନି ଡି ଜର୍ଜି, ଡେଭିଡ୍ ମିଲର, ମାର୍କୋ ଜାନସେନ, କର୍ବିନ ବୋଶ୍, କେଶବ ମହାରାଜ, ଲୁଙ୍ଗି ଏନ୍‌ଗିଡି, ଏନରିଚ ନର୍କିଆ।

### ଥାଇଲାଣ୍ଡ ପଳାଇଛନ୍ତି...

ସମୟରେ ୨ ଅଭିଯୁକ୍ତ ଥାଇଲାଣ୍ଡର ଫୁକେଟ୍ ପଳାଇଥିବା ମୁମ୍ବାଇ ବିମାନବନ୍ଦରର ଇମିଗ୍ରେଶନ ବ୍ୟୁରୋ ଜାଣିବାକୁପାଇଛି। ସୌରଭ ଏକ ସୋସିଆଲ ମିଡିଆ ପୋଷ୍ଟରେ ଅଗ୍ନିକାଣ୍ଡ ମୃତକଙ୍କ ପାଇଁ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକମାନଙ୍କ ପରିବାରକୁ ସବୁପ୍ରକାର ସହାୟତା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ରବିବାର ମୁଖ୍ୟ ସାଧାରଣ ପରିଚାଳକ ରାଜୀବ ମୋଡକ, ସାଧାରଣ ପରିଚାଳକ ବିବେକ ସିଂ, ବାର୍ ମ୍ୟାନଜର ରାଜବୀର ସିଙ୍ଘାନିଆ ଏବଂ ଗେଟ୍ ମ୍ୟାନେଜର ପ୍ରିୟାଂଶୁ ଠାକୁରଙ୍କୁ ଗିରଫ କରାଯାଇଥିଲା। କୋର୍ଟରେ ହାଜର ପରେ ସେମାନଙ୍କୁ ୬ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

ଅଗ୍ନିକାଣ୍ଡ ଘଟଣାର ତଦନ୍ତ ପାଇଁ ଗୋଆ ସରକାର ୪ ଜଣିଆ ମାଜିଷ୍ଟ୍ରେଟସ୍ତରୀୟ ତଦନ୍ତ କମିଟି ଗଠନ କରିଛନ୍ତି। କେଉଁ କାରଣ ଏବଂ ପରିସ୍ଥିତିରୁ ଅଗ୍ନିକାଣ୍ଡ ଘଟିଲା କମିଟି ତାହାର ତଦନ୍ତ କରି ରିପୋର୍ଟ ଦେବ। ନାଇଟ୍ କ୍ଲବ୍‌ରେ ଆତସବାଜି କାର୍ଯ୍ୟ ବେଳେ ନିଆଁ ଲାଗିଯାଇଥିବା ଅଧିକାରୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

### ୪୨ବର୍ଷ ପରେ...

ଏହି ମାମଲାର ଶୁଣାଣି ହୋଇଥିଲା। ମୂର୍ତ୍ତିଗୁଡିକ ଗୋପାଳଜୀ ମନ୍ଦିରରେ ପୁନଃ ସ୍ଥାପନ ପାଇଁ କୋର୍ଟ ପରାମର୍ଶ ଦେଇଥିଲେ। ମାତ୍ର କୌଣସି କାରଣରୁ ମୂର୍ତ୍ତିଗୁଡିକ ସୁବର୍ଣ୍ଣପୁର ଫେରାଇ ଅଣାଯାଇ ପାରି ନ ଥିଲା। ତେବେ ବର୍ତ୍ତମାନର ଜିଲ୍ଲାପାଳ ଡ. ନୃପରାଜ ସାହୁ ଏହା ଜାଣିବା ପରେ ମୂର୍ତ୍ତିଗୁଡିକୁ ଫେରସ୍ତ ଆଣିବାକୁ ଉଦ୍ୟମ କରିଥିଲେ। ସୋନପୁର ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ଡ. ସୌମ୍ୟରୂପା ରଥ ଏନେଇ ଉଦ୍ୟମ ଜାରି ରଖିଥିଲେ। ମହନ୍ତ ବଂଶୀଧର ଦାସ, ଆଇନଜୀବୀ ଏବଂ ଅନ୍ୟ ଭକ୍ତଙ୍କ ସହଯୋଗରୁ ମୂର୍ତ୍ତିଗୁଡିକ ଦିନେ କିମ୍ବା ଦୁଇଦିନ ଭିତରେ ଗୋପାଳଜୀ ମନ୍ଦିରକୁ ଫେରିବା ସମ୍ଭାବନା ସୃଷ୍ଟି ହୋଇଛି।

### ଓଡ଼ିଶା ଯୋଜନାକୁ...

ମହାଜନଙ୍କ ସହ କୌଣସି ଯୋଗାଯୋଗ ହୋଇପାରିନାହିଁ। ଉପଜିଲ୍ଲାପାଳ ପ୍ରେମଲାଲ ହିଆଲଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ କୌଣସି ଖବର ଆସିନାହିଁ। କିନ୍ତୁ ପଛାଙ୍ଗିତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କ ସହ ଆଲୋଚନା କରି ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଲାଜୁକ ଷାଠିଆ।**
**ପାନ ନାହିଁ ଗୁଆ ନାହିଁ**
**ଖାଲି ବଟୁଆ ।**

ଦିନହୀନ ଦରିଦ୍ର ବ୍ୟକ୍ତିଙ୍କ ପକ୍ଷେ ବଡ଼ ପଣିଆ ଶୋଭା ପାଇ ନ ଥାଏ। ନିଃସ୍ୱ ବ୍ୟକ୍ତି ଉପରକୁ ଚାକଚକ୍ୟ ଦେଖାଉଥିବା ଉପଲକ୍ଷେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅରଜେ ଜଣେ, ଖାଆନ୍ତି ପଣେ,**
**ତା' ଘରଟି ବୁଡ଼ଇ ଦିନେ।**

ଆଜିର ମହଙ୍ଗା ଯୁଗରେ ଜଣଙ୍କ ଉପାର୍ଜନରେ ଘର ଚଳାଇବା ଯେ କେତେ କଷ୍ଟକର ତାହା କେବଳ ଅନୁଭବୀ ହିଁ ଜାଣିଥାଏ। ଏପରିସ୍ଥଳେ ବହୁ କୁଟୁମ୍ବୀ ଘରେ ଜଣକ ଉପାର୍ଜନରେ ଅନ୍ୟମାନେ ପୋଷିହେଲେ ସେ ଘରେ ଆର୍ଥିକ ସମସ୍ୟା ଲାଗି ରହିବା ସହ ଘରର ଉନ୍ନତି ହୋଇପାରି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଶୁଭଚନ୍ଦ୍ର ପ୍ରଭାବରେ ପାରିବାରିକ ସ୍ଥିତି ଏବଂ କର୍ମକ୍ଷେତ୍ର ଭଲ ରହିବ। ପରିବାରର ଆବଶ୍ୟକତାକୁ ଅନୁଭବକରି ଇଚ୍ଛା ନ ଥାଇ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ପରାମର୍ଶରେ ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆନୁଷ୍ଠାନିକ କାମରେ ଆଦର ଅଭ୍ୟର୍ଥନା ମିଳିବା ସାଙ୍ଗକୁ ପ୍ରଶଂସିତ ମଧ୍ୟ ହୋଇପାରନ୍ତି।

**ବୃଷ** ଦ୍ୱିତୀୟସ୍ଥ ବୃହସ୍ପତିଙ୍କ ଯୋଗୁ ଆଲୋଚନା ପରିସରରେ ଠିକ୍ ନିଷ୍ପତ୍ତି ନେବାରେ ସମର୍ଥ ହେବେ। କେତେକ କ୍ଷେତ୍ରରେ ବେପରୁଆ କାର୍ଯ୍ୟକଳାପ ସକାଶେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ଅଭାବ ପୂରଣ ଦିଗରେ ଚେଷ୍ଟିତ ହେବେ। ବ୍ୟବସାୟିକ ସ୍ଥିତି ଏବଂ ପାରିବାରିକ ପରିସ୍ଥିତି ପ୍ରାୟତଃ ଭଲ ରହିବ।

**ମିଥୁନ** ଧନ ସ୍ଥାନରେ ଚନ୍ଦ୍ର ଅର୍ଥନୈତିକ ଅଭିବୃଦ୍ଧି ସହ ଲୋକସମ୍ପର୍କ ସୃଷ୍ଟିରେ ସହାୟକ ହୋଇପାରନ୍ତି। କିନ୍ତୁ କର୍ମସ୍ଥ ଶନିଙ୍କ କୁପ୍ରଭାବରୁ ନୀଚଜାତିର ବ୍ୟକ୍ତିବିଶେଷଙ୍କ ଦ୍ୱାରା ଶତ୍ରୁତା ପ୍ରତିବନ୍ଧକର ସମ୍ମୁଖୀନ ହେବେ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**କର୍କଟ** ରାଶି ପ୍ରତି ଚନ୍ଦ୍ର ଓ ମଙ୍ଗଳଙ୍କ ସମ୍ପର୍କ ହେତୁ ସୁସ୍ଥ ରହିବା ସାଙ୍ଗକୁ କଳ୍ପନାବିଳାସୀ ହେବେ। ପାରିବାରିକ କ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ରହିବ ଏବଂ କର୍ମକ୍ଷେତ୍ରରେ ପ୍ରଶଂସିତ ମଧ୍ୟ ହେବେ। ପୂର୍ବ ସ୍ଥିରୀକୃତ ନୂତନ କର୍ମାରମ୍ଭ ପ୍ରୀତିପଦ ହେବ, ମାତ୍ର ସମସ୍ୟା ଛାଡ଼ିବ ନାହିଁ। ରାହୁ ଓ ରବିଙ୍କ ଦୁର୍ବଳତା ରାଜନୀତିରେ ବିବାଦୀୟ ପରିସ୍ଥିତି ସୃଷ୍ଟିକରିବ।

**ସିଂହ** ରବିଙ୍କ ଦୁର୍ବଳତା ଦୈହିକ ଦୁର୍ବଳତା ସାଙ୍ଗକୁ ଉପରିସ୍ଥ କର୍ମଚାରୀଙ୍କ ଦୋଷାରୋପ ମାନସିକ ଅସ୍ଥିରତା ସୃଷ୍ଟି କରିବ। ଅବଶ୍ୟ ଉଚ୍ଚାରୋହୀ ମଙ୍ଗଳଙ୍କ ପ୍ରଭାବରୁ ପାରିବାରିକ କ୍ଷେତ୍ର ଏବଂ ଜମିଜମା କାରବାର ବୃଦ୍ଧି ପାଇବ। ଶତ୍ରୁଠାରୁ ମଧ୍ୟ କାମ ହାସଲ କରିନେବେ। ବନ୍ଧୁଙ୍କ ସହାୟତାରେ ବିବାଦୀୟ ପରିସ୍ଥିତିକୁ ସଜାଡ଼ିନେବେ।

**କନ୍ୟା** ରାଶି ପ୍ରତି ଶନିଙ୍କ ଦୃଷ୍ଟି ଶାରୀରିକ ଓ ମାନସିକ ଅସ୍ଥିରତା ସାଙ୍ଗକୁ ନିରୁତ୍ସାହିତ କରିବ। ବନ୍ଧୁଙ୍କ ସହାୟତାରେ ଆର୍ଥିକ ସମସ୍ୟା ସୁଧାରିନେବେ। କର୍ମକ୍ଷେତ୍ର ସ୍ୱାଭାବିକ ରହିବ। ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ସହ ଅସୁବିଧା ଥିବା ଅନୁଭବ କରିବେ। ସେବା ଓ ସହଯୋଗ ମନୋଭାବରୁ ପ୍ରଶଂସିତ ହୋଇପାରନ୍ତି।

**ତୁଳା** ସପ୍ତମାଧିପତି ଧର୍ମଭାବକୁ ଦେଖୁଥିବାରୁ ବୈଷୟିକ ସୁଖସମ୍ପଦ ଓ ପ୍ରୀତିପ୍ରଦ ଜୀବନଯାତ୍ରା ପ୍ରଦାନ କରିବ। ସହକର୍ମୀଙ୍କ ଦ୍ୱନ୍ଦ୍ୱଯୁକ୍ତ କଥାକୁ ଆପଣ ଠିକ୍ ଭାବେ ବୁଝି ପାରିବେନାହିଁ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ କୌଣସି ସୁଯୋଗ ହରାଇ ମୁଣ୍ଡରେ ହାତ ଦେଇ ଅନୁତାପ କରିପାରନ୍ତି।

**ବିଛା** ରାଶିକୁ ବୃହସ୍ପତି ଦେଖୁଥିବାରୁ ଗଠନମୂଳକ ଚିନ୍ତାଧାରା ସାମାଜିକ ସମ୍ମାନ ପାଇବାରେ ସାହାଯ୍ୟ କରିବ। ଶନିଙ୍କ କୁପ୍ରଭାବରେ ନିଜ ପରିସରର ବ୍ୟକ୍ତିବିଶେଷ କୁତ୍ସାରଟନା କରିପାରନ୍ତି। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇପାରେ। ଆଜିର ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତିଙ୍କ ସାହାଯ୍ୟ ସ୍ମରଣୀୟ ରହିବ।

**ଧନୁ** ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ଅନ୍ୟମାନଙ୍କ ମତକୁ ଉପେକ୍ଷାକରିବା ଠିକ୍ ନ ହୋଇପାରେ। ଉପରିସ୍ଥଙ୍କ ସହ ସୁସମ୍ପର୍କ ଥିବାରୁ ଖଳ ଲୋକଙ୍କ ପ୍ରାୟୋଜିତ ଅପମାନଜନକ ସ୍ଥିତିରୁ ଖୁସି ହେବେ। ଗୁରୁକ୍ଷେତ୍ରସ୍ଥ ଆନୁଷ୍ଠାନିକ କାମରେ ପ୍ରଶଂସିତ କରାଇବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ଭିତରେ ରହିବାର ସୂଚନା ରହିଛି।

**ମକର** ସପ୍ତମାଧିପତିଙ୍କ ଶୁଭଦୃଷ୍ଟିରୁ ଅଟକି ରହିଥିବା ଅଭିଳାଷଟି ପୂରଣ ହେବାରୁ ଆନନ୍ଦ ଅନୁଭବ କରିବେ। ପାରିବାରିକ ସ୍ଥିତି କେତେକାଂଶରେ ଶାନ୍ତ ରହିବା ସାଙ୍ଗକୁ ବନ୍ଧୁମାନଙ୍କ ଆଦରଣୀୟ ହେବେ। ଜମିଜମା ବିବାଦ କ୍ରମଶଃ ଜଟିଳ ଆକାର ଧାରଣ କରିବା ସୂଚନା ରହିଛି। କର୍ମକ୍ଷେତ୍ରରେ ନିଜର ସୀମା ଭିତରେ ଜଗି ରଖି ଚଳିବା ଭଲହେବ।

**କୁମ୍ଭ** ସାମାନ୍ୟ ଥଣ୍ଡା ଲାଗି ରହିବା ହେତୁ ସ୍ୱାସ୍ଥ୍ୟ ବିଗିଡ଼ିବା ଆଶଙ୍କା ରହିଛି। ପାରିବାରିକ କ୍ଷେତ୍ରରେ ମୂଲ୍ୟହୀନ କଥାକୁ ଗୁରୁତ୍ୱଦେଇ ଶୋକାକୁଳ ରହିପାରନ୍ତି। କେତୁଙ୍କ କୁପ୍ରଭାବରୁ ବ୍ୟବସାୟିକ ସ୍ଥିତିର ଦୁରବସ୍ଥା ଦୁଶ୍ଚିନ୍ତାର କାରଣ ହୋଇପାରେ। ସନ୍ତାନଙ୍କ କୃତି ଓ କୃତିତ୍ୱ ଯୋଗୁ ଗୌରବାନ୍ୱିତ ହୋଇପାରନ୍ତି।

**ମୀନ** ଗୁରୁଙ୍କ ଶୁଭଦୃଷ୍ଟିରୁ କର୍ମକ୍ଷେତ୍ରରେ ପ୍ରତିଷ୍ଠାର୍ଜନ କରିପାରନ୍ତି। ସାହିତ୍ୟ, ଗବେଷଣା, ଆଲୋଚନା, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ସଭାସମିତିରେ କୌଣସି ପକ୍ଷକୁ ସମର୍ଥନକରି ବନ୍ଧୁମାନଙ୍କ ଦ୍ୱାରା ସମାଲୋଚିତ ହୋଇପାରନ୍ତି।

ଆଜି ଡିସେମ୍ବର ୯ ତାରିଖ, ବିଶ୍ୱ ରୋଗୀ ନିରାପତ୍ତା ଦିବସ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ, ପୌଷ କୃଷ୍ଣ ୫ମୀଯୁକ୍ତ ଷଷ୍ଠୀ ମଙ୍ଗଳବାର। ରାଶିନକ୍ଷତ୍ର–ଅଶ୍ଳେଷା/କର୍କଟ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୧୩ ମି. ଗତେ, ଘ.୦୬।୫୭ ମଧ୍ୟେ, ଘ.୦୮।୫୬ ଗତେ, ଘ.୧୧।୧୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୨୧ ମି. ଗତେ, ଘ.୦୩।୪୨ ମି. ମଧ୍ୟେ ରାହୁକାଳ।

# ଘରକୁ ଡାକି ମହିଳାଙ୍କୁ ବଳାତ୍କାର

**■ ସ୍ୱାମୀ ବଳାତ୍କାର କରୁଥିବାବେଳେ ସ୍ତ୍ରୀ କଲେ ଭିଡିଓ**

**■ ଚାପରେ ଅଭିଯୁକ୍ତଙ୍କୁ ଧରୁନି ପୋଲିସ**

**ପଡ଼ୋଶୀ ମହିଳାଙ୍କୁ ଚାଉଳ ଚୂନା କରିଦେବାକୁ କହି ଘରକୁ ଡାକିଲେ। ପରେ ସ୍ତ୍ରୀଙ୍କ ସହଯୋଗରେ ଉକ୍ତ ମହିଳାଙ୍କୁ ଘର ଭିତରେ ବଳାତ୍କାର କଲେ। ଏପରି କି ଅଭିଯୁକ୍ତ ବଳାତ୍କାର କରୁଥିବା ସମୟରେ ତାଙ୍କ ସ୍ତ୍ରୀ ଏହାର ଭିଡିଓ ଉତ୍ତୋଳନ କରିଥିଲେ। ଯେତେବେଳେ ଡାକିଲେ ଆସିବୁ, ନଚେତ୍ ଭିଡିଓ ଭାଇରାଲ୍ କରିଦେବାର ଧମକ୍ ଦେଲେ। ଏଭଳି ଏକ ଅଭାବନୀୟ ଘଟଣା ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ କଷାଫଳ ଗ୍ରାମରେ ଘଟିଛି। ଘଟଣାଟି ଗତ ୨୮ ତାରିଖରେ ଘଟିଥିବାବେଳେ ଏହାକୁ ଚପାଇ ଦେବାପାଇଁ ପୀଡ଼ିତା ମହିଳାଙ୍କ ଉପରେ ଚାପ ପକାଯାଇଥିଲା। ଏପରି କି ସମ୍ପୃକ୍ତା ମହିଳା ଗତ ୩ତାରିଖରେ ଏତଲା ଦେଇଥିଲେ ସୁଦ୍ଧା ପୋଲିସ ମାମଲା ରୁଜୁ କରି ନ ଥିଲା। ପରେ ବିଜେଡିର କେତେଜଣ ନେତା ପୋଲିସ ଡିଆଇଜିଙ୍କୁ ଭେଟି ଘଟଣା ସମ୍ପର୍କରେ କହିବା ପରେ ପୋଲିସ ଗତ ୬ତାରିଖରେ ବଳାତ୍କାର ମାମଲା ରୁଜୁ କରିଥିଲା। ହେଲେ ଅଭିଯୁକ୍ତ ଗଣେଶ ରଣାଙ୍କୁ ଗିରଫ କରୁନାହିଁ। ରାଜନୈତିକ ଚାପରେ ପୋଲିସ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଥିବା କୁହାଯାଉଥିବାବେଳେ ପୀଡ଼ିତା ଜଣେ ପୂର୍ବତନ ବିଧାୟକଙ୍କ ପୁତୁରା ବୋହୂ ବୋଲି ଜଣାପଡ଼ିଛି।**

ବାଲେଶ୍ୱର,୮।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସିଂଲା ଥାନା ସାର୍ଥା ଫାଣ୍ଡି ଅନ୍ତର୍ଗତ କଷାଫଳ ଗ୍ରାମର ଗଣେଶ ଗତ ୨୮ ତାରିଖରେ ସେହି ଗ୍ରାମର ଜଣେ ମହିଳାଙ୍କୁ ଚୂନା (ଚାଉଳ ଗୁଣ୍ଡ) କୁଟିବା ପାଇଁ ଘରକୁ ଡାକିଥିଲେ। ଗଣେଶଙ୍କ ସ୍ତ୍ରୀ ମଧ୍ୟ ଘରେ ଥିଲେ। ଏହି ସମୟରେ ସ୍ୱାମୀଙ୍କ ପାଖରେ ଉକ୍ତ ମହିଳାଙ୍କୁ ଶୋଇବା ପାଇଁ ଗଣେଶଙ୍କ ସ୍ତ୍ରୀ କହିଥିଲେ। ମହିଳା ଜଣକ ରାଜି ନ ହୋଇ ପଳାଇ ଆସୁଥିବାବେଳେ ସମ୍ପୃକ୍ତ ଦମ୍ପତି ଜୋରଜବରଦସ୍ତ ତାଙ୍କୁ ଅଟକାଇଥିଲେ। ମହିଳାଙ୍କୁ ଗଣେଶ ବଳାତ୍କାର କରୁଥିବା ସମୟରେ ସ୍ତ୍ରୀ ମୋବାଇଲରେ ଭିଡିଓ ଉତ୍ତୋଳନ କରିଥିଲେ। ପୁଣି ଥରେ ତାଙ୍କ ସହ ସମ୍ପର୍କ ରଖିବାକୁ କହିଥିଲେ। ନହେଲେ ଭିଡିଓ ଭାଇରାଲ୍ କରିଦେବେ ବୋଲି ଧମକ ଦେଇଥିଲେ। ଏନେଇ ମହିଳା ଜଣକ ସେହିଦିନ ସାର୍ଥା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୋଲିସ ମାମଲା ରୁଜୁ ନ କରି ମହିଳାଙ୍କୁ ଫେରାଇ ଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗତ ୬ ତାରିଖରେ ବିଜେଡିର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସୁକାନ୍ତ ନାୟକ ଓ ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ପୂର୍ବାଞ୍ଚଳ ଡିଆଇଜି ମିଶ୍ରଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ପୋଲିସ ମାମଲା ରୁଜୁ ନ କରି ଚୁପ୍ ବସିଥିବା ଅଭିଯୋଗ କରିଥିଲେ। ଡିଆଇଜିଙ୍କ ନିର୍ଦ୍ଦେଶ କ୍ରମେ ଗତ ୬ ତାରିଖରେ ସିଂଲା ଥାନାରେ ଏକ ମାମଲା (ନଂ. ୨୮୬/୨୫) ରୁଜୁ ହୋଇଥିଲା। ଅପରପକ୍ଷରେ ଗଣେଶଙ୍କ ସ୍ତ୍ରୀ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଥିଲେ। ମହିଳା ଜଣକ ତାଙ୍କ ସ୍ୱାମୀ ଗଣେଶଙ୍କ ସହ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ଏବଂ ମହିଳାଙ୍କ ସ୍ୱାମୀ, ଦିଅର ମିଶି ମାରପିଟ୍ କରିବା ସହ ଘରେ ପଶି ଭଙ୍ଗାରୁଜା କରିବା ଏବଂ ସୁନା ମଙ୍ଗଳସୂତ୍ର ଓ ୨୦ହଜାର ଟଙ୍କା ନେଇଥିବା ଏତଲାରେ ଦର୍ଶାଇଥିଲେ। ଏନେଇ ଏକ ମାମଲା (ନଂ. ୨୮୭/୨୫) ରୁଜୁ ହୋଇଛି। ଅଭିଯୁକ୍ତ ଗଣେଶ ଫେରାର ଥିବାବେଳେ ଉଭୟପକ୍ଷର ଅନ୍ୟ ସମସ୍ତଙ୍କୁ ଥାନା ପକ୍ଷରୁ ନୋଟିସ୍ ଦିଆଯାଇଥିବା ପୋଲିସ କହିଛି। ଅପରପକ୍ଷରେ ଗଣେଶଙ୍କୁ ପୋଲିସ ରାଜନୈତିକ ଚାପରେ ଗିରଫ କରୁ ନ ଥିବା ଆଲୋଚନା ହେଉଛି।

# ୫ ଅଭିଯୁକ୍ତଙ୍କ ଚାର୍ଜଫ୍ରେମ୍, ୧୯ରେ ବିଚାର

**ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା**

ବ୍ରହ୍ମପୁର,୮।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଥିବା ବେଳେ ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ-୨) ଆୟୁଷ୍ମାନ ମହନ୍ତଙ୍କ କୋର୍ଟରେ ଏହାର ବିଚାର ଚାଲିଛି। ସୋମବାର ଚାର୍ଜଫ୍ରେମ୍ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ୫ ଅଭିଯୁକ୍ତ ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇଙ୍କୁ ପୋଲିସ କଡ଼ା ସୁରକ୍ଷାରେ ଆଣି କୋର୍ଟରେ ହାଜର କରିଥିଲା। ସେମାନଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଯେଉଁସବୁ ଦଫା ଲଗାଇଛି ସେ ନେଇ ଜଜ୍ କହିଥିଲେ। ସେ ସବୁ ଚାର୍ଜଫ୍ରେମ୍ ହୋଇଛି ବୋଲି ଜଜ୍ ସେମାନଙ୍କୁ କହିଥିଲେ। ଆସନ୍ତା ୧୯ ତାରିଖରେ ପ୍ରଥମ ସାକ୍ଷୀ କୋର୍ଟରେ ହାଜର ହୋଇ ବୟାନ ରଖିବା ନିମନ୍ତେ କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ତଥା କ୍ରାଇମବ୍ରାଞ୍ଚ ଡିଏସ୍‌ପି ସରିତା ମହାପାତ୍ର ସୂଚନା ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି କାଳୀ ଚରଣ ମିଶ୍ର ଏହି ମାମଲା ପରିଚାଳନା କରୁଛନ୍ତି।

ସୂଚନାଯୋଗ୍ୟ, ଗତ ଜୁନ୍ ୧୫ ସନ୍ଧ୍ୟାରେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଙ୍କୁ ଗୋପାଳପୁର ବେଳାଭୂମିରେ ତାଙ୍କ ପୁରୁଷବନ୍ଧୁଙ୍କ ଆଗରେ ଗଣବଳାତ୍କାର କରାଯାଇଥିଲା। ଏନେଇ ଅଭିଯୋଗ ପରେ ଗୋପାଳପୁର ଥାନା ପୋଲିସ ନଂ.୧୮୬/୨୫ରେ ମାମଲା ରୁଜୁ କରିଥିଲା। ଜୁନ ୧୬ରେ ୬ ଜଣ ସାବାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ୪ ନାବାଳକଙ୍କୁ ଧରି ଜୁଭେନାଇଲ ଜଷ୍ଟିସ୍ ବୋର୍ଡ (ଜେଜେବି)ରେ ହାଜର କରିଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ଜୁନ୍ ୧୭ରେ ଉକ୍ତ ମାମଲାର ତଦନ୍ତ ଭାର ନେଇଥିଲା। ୪୪ ଦିନରେ କ୍ରାଇମବ୍ରାଞ୍ଚ ବ୍ରହ୍ମପୁର ଜେଏମଏଫସି (ଗ୍ରାମାଞ୍ଚଳ) ରିତିକା ଜେନା କୋର୍ଟରେ ୫୭୪ ପୃଷ୍ଠାର ଚାର୍ଜସିଟ ଦାଖଲ କରିଥିଲେ। ସେଥିରେ ୫ଜଣ ସାବାଳକ ଯଥା ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇ ଓ ୪ ନାବାଳକଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ଅନ୍ୟତମ ଅଭିଯୁକ୍ତ ଓମ୍ ପ୍ରଧାନଙ୍କୁ ଚାର୍ଜସିଟରୁ କ୍ରାଇମବ୍ରାଞ୍ଚ ବାଦ୍ ଦେଇଥିଲା। ଓମ୍‌ଙ୍କୁ ମାମଲାରୁ ଡିସଚାର୍ଜ କରିବାକୁ ତାଙ୍କ ଓକିଲ ତଳ କୋର୍ଟ ଓ ପରେ ଜିଲା ଜଜକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଏଠାରେ ତାହା ଖାରଜ ପରେ ହାଇକୋର୍ଟରେ ବିଚାରାଧୀନ ରହିଛି।

# ୬୮ ଲକ୍ଷର ବ୍ରାଉନସୁଗାର ଜବତ, ମା' ପୁଅ ଗିରଫ

କାମାକ୍ଷାନଗର, ୮।୧୨
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଅବକାରୀ ବିଭାଗ ପକ୍ଷରୁ ରବିବାର ସନ୍ଧ୍ୟାରେ ମୁଣ୍ଡିଦେଉଳି ଅଞ୍ଚଳରେ ଚଢ଼ାଉ କରାଯାଇ ୬୮୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୬୮ ଲକ୍ଷ ଟଙ୍କା ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏହି ଘଟଣାରେ ସଂପୃକ୍ତ ମା' ଓ ପୁଅଙ୍କୁ ଗିରଫ କରାଯାଇଛି। ଅନ୍ୟ ଜଣେ ପୁଅ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

ପ୍ରକାଶ ଯେ, କାମାକ୍ଷାନଗର ଥାନା କାଦୁଆ ପଞ୍ଚାୟତ ଗାଲୁକାଟେଣୀ ଗ୍ରାମର ମମତା ସାହୁ (୪୩) ଓ ତାଙ୍କ ପୁଅ ଆଶୁତୋଷ ମୁଣ୍ଡିଦେଉଳି ଅଞ୍ଚଳରେ ଏକ ଭଡ଼ା ଘର ନେଇ ବ୍ରାଉନସୁଗାର କାରବାର କରୁଥିଲେ। ଅବକାରୀ ବିଭାଗ ଓ ପୋଲିସକୁ ଚକ୍‌ମା ଦେଇ ଦୀର୍ଘଦିନ ଧରି ସେମାନେ ଏହି କାରବାର ଚଳାଇ ଆସୁଥିଲେ। ରବିବାର ସନ୍ଧ୍ୟାରେ ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇ ଡିଏସ୍‌ପି ସାଗ୍ନେନ କୁମାର ଭୋଳଙ୍କ ନେତୃତ୍ୱରେ କାମାକ୍ଷାନଗର ଅବକାରୀ ଥାନା ଅଧିକାରୀ ସୌରଭ ମିଶ୍ର, ଏସ୍‌ଆଇ ପୁରୁଷୋତ୍ତମ ମିଶ୍ର, ସୁନିତା କେରକେଟାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଚଢ଼ାଉ କରିଥିଲେ। ସେମାନଙ୍କଠାରୁ ୬୮୦ ଗ୍ରାମର ବ୍ରାଉନସୁଗାର ଜବତ କରିବା ସହିତ ମା' ଓ ପୁଅଙ୍କୁ ଗିରଫ କରିଥିଲେ। ତେବେ ଏହି ବ୍ରାଉନସୁଗାର କେଉଁଠୁ ଆସୁଥିଲା ଓ କେଉଁଠାକୁ ଚାଲାଣ ହେଉଥିଲା ଏବଂ ଏହି କାରବାରରେ ରାଜ୍ୟ ବାହାର ବେପାରୀମାନଙ୍କ ସମ୍ପର୍କ ରହିଛି କି ନାହିଁ ସେ ନେଇ ଅବକାରୀ ବିଭାଗ ତଦନ୍ତ ଚଳାଇଛି।

# ବ୍ୟାଟ୍‌ରେ ଗଞ୍ଜେଇ ଚାଲାଣ, ୨ ବଙ୍ଗୀୟ ଯୁବକ ଗିରଫ

ବ୍ରହ୍ମପୁର, ୮।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜେଇ ଚାଲାଣକାରୀମାନେ ବିଭିନ୍ନ ଉପାୟରେ ସେମାନଙ୍କ କାରବାର ଚଳାଇଛନ୍ତି। ସୋମବାର ୨ ଯୁବକ କ୍ରିକେଟ ବ୍ୟାଟ ଭିତରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଧରାପଡିଛନ୍ତି।

ଖୋର୍ଦ୍ଧା ଡିଭିଜନ ରେଳ ସୁରକ୍ଷା ବଳ (ଆର୍‌ପିଏଫ)ର ସ୍ପେଶାଲ ଟାସ୍କ ଫୋର୍ସ ଗୋଇନ୍ଦା ସୂଚନା ଆଧାରରେ ବ୍ରହ୍ମପୁର ରେଳ ଷ୍ଟେଶନ ଫୁଟ ଓଭର ବ୍ରିଜରେ ଛିଡା ହୋଇଥିବା ୨ ଯୁବକଙ୍କୁ କାବୁ କରିଥିଲା। ସେମାନେ ଧରିଥିବା ଅଖା ବସ୍ତାଗୁଡିକ ଯାଞ୍ଚ କରିବାରୁ ସେଥିରେ ୧୦ଟି କ୍ରିକେଟ ବ୍ୟାଟ, ୧୩ଟି ଏୟାର ବ୍ୟାଗ ଥିବା ଜଣାପଡିଥିଲା। ବ୍ୟାଟଗୁଡିକ କାଟିବା ବେଳେ ତାହା ଭିତରୁ ଗଞ୍ଜେଇ ମିଳିଥିଲା। ସେହିପରି ବ୍ୟାଗଗୁଡିକରେ ମଧ୍ୟ ଗଞ୍ଜେଇ ରହିଥିଲା। ସେଠାରୁ ମୋଟ ୧୭କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ପରେ ଉକ୍ତ ଟିମ୍ ଜିଆରପିରେ ଗଞ୍ଜେଇ ସହ ୨ ଅଭିଯୁକ୍ତଙ୍କୁ ଜିମା ଦେଇଥିଲା। ଅଭିଯୁକ୍ତ ଯୁବକ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦର ଅଲ୍ଲୀ ହୁସେନ(୨୨) ଓ ରୋନି ଶେଖ(୨୦)। ପୋଲିସକୁ ଦେଖି ରୋନି ରେଳବାଇ ଫୁଟ ଓଭରବ୍ରିଜ ଉପରୁ ଡେଇଁ ଆହତ ହୋଇଥିବର ସୂଚନା ମିଳିଛି। ସେମାନେ କନ୍ଧମାଳରୁ ଗଞ୍ଜେଇ ଆଣି କେରଳ ଚାଲାଣ କରୁଥିଲେ। ବିବେକ ଏକ୍ସପ୍ରେସ ଟ୍ରେନରେ ବ୍ରହ୍ମପୁରରୁ ଏର୍ନାକୁଲମ ଯିବା ପାଇଁ ସେକଣ୍ଡ କ୍ଲାସ ଏସିରେ ଟିକେଟ କରିଥିଲେ। ମାମଲା ନଂ. ୧୫୩/୨୫ରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ନକଲି ସୁନାଶଙ୍ଖ ସହ ୬ ଗିରଫ

**ଡକାୟତି ଉଦ୍ୟମ ପଣ୍ଡ କଲା ପୋଲିସ**

ପାପଡ଼ାହାଣ୍ଡି, ୮।୧୨(ସ୍ୱପ୍ନଜିତ ପଟ୍ଟନାୟକ)

ଜଙ୍ଗଲ ନିକଟରେ ଚାଲିଥିଲା ଡକାୟତି ଉଦ୍ୟମ, ଖବରପାଇ ମାଡ଼ି ବସିଲା ପୋଲିସ। ଘଟଣାସ୍ଥଳରୁ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତମାନଙ୍କଠାରୁ ଏକ ନକଲି ସୁନାଶଙ୍ଖ ସହ ଗୋଟିଏ କାର୍, ଅନେକ ମାରଣାସ୍ତ୍ର, ୯ ମୋବାଇଲ ଓ ନଗଦ ୧୪ହଜାର ୫୦୦ ଟଙ୍କା ମିଳିଥିବା ଏଏସ୍‌ପି ଆଦିତ୍ୟ ସେନ ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ରାମ ଚାଲାଣ, ଗୋପାଳ ମାଝୀ, ଅସ୍ତୁ ମାଝୀ, କ୍ରିଷ୍ଣା ପନକା, ତ୍ରିପତି ବିନ୍ଧାଣି, ଉମେଶ ରାଜ ଭାରତୀ। ଫେରାର ଅଭିଯୁକ୍ତ ହେଲେ ବଳରାମ ହରିଜନ।

ପୋଲିସ ସୂଚନାନୁଯାୟୀ, ଶନିବାର ରାତିରେ ମୈଦେଲପୁର ଥାନା ଅଧିକାରୀ ବିପିନ କୁମାର କୁଲଦୀପଙ୍କ ଟିମ୍ ମୈଦେଲପୁରସ୍ଥିତ ନୀଳାଦ୍ରିଗୁଡ଼ା ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ କେତେଜଣ ଯୁବକ ମୈଦେଲପୁର ଜଙ୍ଗଲରେ କାର୍ ରଖି କଥା ହେଉଥିବା ଦେଖି ପୋଲିସକୁ ସନ୍ଦେହ ହେବାରୁ ତାଙ୍କ ନିକଟରେ ପହଞ୍ଚି ପଚରାଉଚରା କରିଥିଲା। ଏହି ସମୟରେ ବଳରାମ ଘଟଣାସ୍ଥଳରୁ ଦୌଡ଼ିପଳାଇଥିଲେ। ଅନ୍ୟମାନଙ୍କୁ ପୋଲିସ କାବୁକରି ଯାଞ୍ଚ କରିବାବେଳେ ନକଲି ସୁନାଶଙ୍ଖ ସହ ମାରଣାସ୍ତ୍ର, ମୋବାଇଲ, ଟଙ୍କା ଆଦି ମିଳିଥିଲା। ପୋଲିସ ସେମାନଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଖବରଦାତା ସମ୍ମିଳନୀରେ ପାପଡ଼ାହାଣ୍ଡି ଏସ୍‌ଡିପିଓ ସତ୍ୟଜିତ କାଣ୍ଡେଲକେଲ, ଆଇଆଇସି ବିପିନ କୁମାର କୁଲଦୀପ, ଏଏସ୍‌ଆଇ କମଳ ଲୋଚନ ନାୟକ ଓ ଲୋକେଶ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ପୋଲିସ ଘଟଣା ଓ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

## Business

# ନଭେମ୍ବରରେ ଯାନ ବିକ୍ରି ବୃଦ୍ଧି

**୨ ଚକିଆ ବିକ୍ରି ୩% ହ୍ରାସ**

ଭୁବନେଶ୍ୱର,୮।୧୨

୨୦୨୫ ନଭେମ୍ବରରେ ଭାରତର ଅଟୋମୋବାଇଲ ରିଟେଲ ବିକ୍ରୟ ପାର୍ବଣ ଋତୁ ପରେ ମଧ୍ୟ ଭଲ ପ୍ରଦର୍ଶନ କରିଛି। ଯାନ ରେଜିଷ୍ଟ୍ରେଶନ ୨% ବୃଦ୍ଧି ପାଇ ୩୩ ଲକ୍ଷ ୟୁନିଟ୍‌ରେ ପହଞ୍ଚିଛି, ଯେଉଁଥିରେ ପାସେଞ୍ଜର୍ ଯାନ, ବାଣିଜ୍ୟିକ ଯାନ, ତିନି ଚକିଆ ଏବଂ ଟ୍ରାକ୍ଟର ସେଗ୍‌ମେଣ୍ଟରେ ଦୃଢ଼ ଚାହିଦା ଦେଖାଯାଇଛି। ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ(ଫାଡା) ତଥ୍ୟ ଅନୁସାରେ, ୨୦୨୪ ନଭେମ୍ବରରେ ୩୨,୩୧,୫୨୬ ୟୁନିଟ୍ ବିକ୍ରୟ ହୋଇଥିବାବେଳେ ଚଳିତବର୍ଷ ଏହା ୩୩,୦୦,୮୩୨ ୟୁନିଟକୁ ବୃଦ୍ଧି ପାଇଛି। ଫାଡା ଅଧ୍ୟକ୍ଷ ସି.ଏସ.ବିଗ୍ନେଶ୍ୱର କହିଛନ୍ତି, ଜିଏସ୍‌ଟି ହାରରେ ସଂଶୋଧନ ଏବଂ ଅରିଜିନାଲ ଇକ୍ୱିପମେଣ୍ଟ ମାନ୍ୟୁଫ୍ୟାକ୍ଚରର(ଓଇଏମ୍)-ଡିଲର ଅଫରଗୁଡ଼ିକ ଗ୍ରାହକମାନଙ୍କୁ ଗାଡ଼ି କିଣିବାକୁ ଉତ୍ସାହିତ କରିଛି। ପାସେଞ୍ଜର୍ ଯାନ ସେଗମେଣ୍ଟରେ ୨୦% ବୃଦ୍ଧି ହୋଇଛି। ଗତବର୍ଷ ୩,୨୯,୨୫୩ ୟୁନିଟ୍ ବିକ୍ରି ହୋଇଥିବାବେଳେ ଏବର୍ଷ ୩,୯୪,୧୫୨ ୟୁନିଟ୍ ରେଜିଷ୍ଟ୍ରେଶନ ହୋଇଛି। ମାତ୍ର ୨ ଚକିଆ ବିକ୍ରୟ ୩% ହ୍ରାସ ପାଇଛି ଅର୍ଥାତ୍ ୨୫,୪୬,୧୮୪ ୟୁନିଟ୍ ବିକ୍ରି ହୋଇଛି। ବାଣିଜ୍ୟିକ ଯାନ ରେଜିଷ୍ଟ୍ରେଶନ ୨୦% ବୃଦ୍ଧି ପାଇ ୯୪,୯୩୫ ୟୁନିଟ ହୋଇଛି। ୩ ଚକିଆ ରିଟେଲ ୨୪% ବୃଦ୍ଧି ପାଇ ୧,୩୩,୯୫୧ ୟୁନିଟ୍ ଏବଂ ଟ୍ରାକ୍ଟର୍ ୫୭% ବୃଦ୍ଧି ପାଇ ୧,୨୬,୦୩୩ ୟୁନିଟ୍ ହୋଇଛି। ଗ୍ରାମ୍ୟ ଅର୍ଥନୀତିରେ ସୁଧାର ଯୋଗୁ ଆଗାମୀ ମାସର ଆଉଟଲୁକ ସକାରାତ୍ମକ ରହିଛି। ଆଗାମୀ ତିନି ମାସରେ ଜିଏସ୍‌ଟି ୨.୦ର ଟ୍ୟାକ୍ସ ରେସନାଲାଇଜେଶନ, ଦୃଢ଼ ଏନ୍‌କ୍ୱାରି ପାଇପଲାଇନ ଏବଂ ଗ୍ରାମ୍ୟ ଅର୍ଥନୀତିର ସୁଧାର ଯୋଗୁ ଅଟୋ ରିଟେଲ ସେକ୍ଟରରେ ତୀବ୍ରତା ବଜାୟ ରହିବ। ଏଥିରେ ୭୪% ଡିଲର ବୃଦ୍ଧିର ଆଶା କରୁଛନ୍ତି। ଜାନୁଆରୀରେ ଯାନଗୁଡ଼ିକର ମୂଲ୍ୟ ବୃଦ୍ଧିର ଆଶଙ୍କା ଅଛି । ମାତ୍ର ୨୦୨୬ର ନୂଆ ମଡେଲ ଲଞ୍ଚ, ବିବାହ ଋତୁ ଏବଂ ଗ୍ରାମ୍ୟ ବଜାରରେ ଫସଲ ବିକ୍ରୟରୁ ଲିକ୍ୱିଡିଟି ଯୋଗୁ କନଭରସନରେ ଆହୁରି ତୀବ୍ରତା ଆସିବାର ଆଶା କରାଯାଉଛି।

# ରେଳଷ୍ଟେଶନରେ ବନ୍ଦ ହେବ ଅନଧିକୃତ ବ୍ୟବସାୟ

ଭୁବନେଶ୍ୱର,୮।୧୨(ଅନୁରାଧା ମହାରଣା)



ଖୋର୍ଦ୍ଧା ରୋଡ ରେଳମଣ୍ଡଳ ପରିସୀମା ମଧ୍ୟରେ ବିଭିନ୍ନ ଷ୍ଟେଶନ ଏବଂ ଟ୍ରେନ୍‌ରେ ଖାଦ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରୁଥିବା ଅନଧିକୃତ ବିକ୍ରେତାଙ୍କ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଖୋର୍ଦ୍ଧା ରୋଡ ରେଳମଣ୍ଡଳ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି । ଭାରତୀୟ ରେଳ ଆଇନର ବ୍ୟବସ୍ଥା ଅନୁଯାୟୀ କଡ଼ାକଡ଼ି ଭାବରେ ପାଳନ କରି ଯାତ୍ରୀ ସୁରକ୍ଷା, ପରିଷ୍କାର ପରିଚ୍ଛନ୍ନତା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ଏହି ଅଭିଯାନର ଲକ୍ଷ୍ୟ ରହିଛି। ଅନଧିକୃତ ବିକ୍ରେତାଙ୍କ କାର୍ଯ୍ୟ ଚିହ୍ନଟ କରିବା ପାଇଁ ବାଣିଜ୍ୟିକ କର୍ମଚାରୀଙ୍କୁ ସ୍ୱତନ୍ତ୍ର ଭାବରେ ନିୟୋଜିତ କରାଯାଇଛି। ସେମାନଙ୍କ ସହିତ ରେଳ ସୁରକ୍ଷା ବଳ (ଆରପିଏଫ୍) ଏବଂ ସରକାରୀ ରେଳ ପୋଲିସ (ଜିଆରପି) କର୍ମଚାରୀମାନେ ମଧ୍ୟ ଏହି କାର୍ଯ୍ୟାନୁଷ୍ଠାନ ଅଭିଯାନରେ ଅଂଶଗ୍ରହଣ କରୁଛନ୍ତି । ଅନଧିକୃତ ବିକ୍ରେତା ପରିଚ୍ଛନ୍ନତା ପ୍ରତି ବାଧା ସୃଷ୍ଟି କରିବା ସହ ବିକ୍ରି କରୁଥିବା ଦ୍ରବ୍ୟର ଅଧିକ ମୂଲ୍ୟ ଓ ଗୁଣବତ୍ତା ଏବଂ ସମ୍ଭାବ୍ୟ ସୁରକ୍ଷା ସମସ୍ୟା ସମେତ ଅନେକ ଚିନ୍ତା ସୃଷ୍ଟି କରିଥାନ୍ତି । ରେଳ ଆଇନ ଅନୁଯାୟୀ, ଅପରାଧୀମାନେ ଦଣ୍ଡ ଏବଂ ଜରିମାନା ସହ ଦଣ୍ଡିତ ହୋଇପାରିବେ । ଏହି ଅଭିଯାନକୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ୍ ନିଜେ ତଦାରଖ କରୁଛନ୍ତି ।

# ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ଇରେଡ଼ାର ଗୁରୁତ୍ୱ



ଭୁବନେଶ୍ୱର,୮।୧୨

ପୁରୀରେ ଅନୁଷ୍ଠିତ ଗ୍ଲୋବାଲ ଏନର୍ଜି ଲିଡର୍ସ ସମ୍ମିଳନୀ ୨୦୨୫ରେ ଭାରତୀୟ ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି ଲିମିଟେଡ (ଇରେଡା)ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଦାସ ଯୋଗଦେଇଥିଲେ। 'ଗ୍ରିନ୍ ଆଣ୍ଡ କ୍ଲିନ୍: ବାଲାନ୍ସିଂ ଇକୋଲଜି ଆଣ୍ଡ ଇକୋନମି' ଶୀର୍ଷକ ପ୍ୟାନେରେ ପ୍ରଦୀପ କହିଥିଲେ, ସବୁଜ ଶକ୍ତି କ୍ଷେତ୍ରକୁ ଫାଇନାନ୍ସ ପ୍ରଦାନ କରୁଥିବା ଇରେଡା ଦେଶରେ ୨.୭ ଲକ୍ଷ କୋଟି ଟଙ୍କା ମଞ୍ଜୁର ଓ ୧.୭ ଲକ୍ଷ କୋଟି ଟଙ୍କାକୁ ଆବଣ୍ଟନ କରିଛି। ଇସ୍ପାତ ଓ ଆଲୁମିନିୟମର ଏକ ପ୍ରମୁଖ ଉତ୍ପାଦନକାରୀ ଭାବେ ଧାତବ ରିସାଇକ୍ଲିଂ ଓ ଗ୍ରୀନ ହାଇଡ୍ରୋଜେନ ସମନ୍ୱୟ ସହ ସର୍କୁଲାର ବିନିର୍ମାଣ ହାସଲ କରିବାକୁ ଓଡ଼ିଶା ପ୍ରସ୍ତୁତ ଅଛି। ରପ୍ତାନି ପାଇଁ ପ୍ରିମିୟମ ସବୁଜ ଇସ୍ପାତ ଉତ୍ପାଦନକୁ ସକ୍ଷମ କରିବ ଓ ରାଜ୍ୟର ଜିଡିପିକୁ ବଢ଼ାଇବ। ଘୋଷଣା କରାଯାଇଥିବା ୭ ଏମଟିପିଏରୁ ଅଧିକ ଗ୍ରୀନ ଆମୋନିଆ କ୍ଷମତା ଓ ଅନେକ ଶିଳ୍ପ କ୍ଲଷ୍ଟର ସହ ସାରା ଓଡ଼ିଶାରେ ଗ୍ରୀନ ହାଇଡ୍ରୋଜେନକୁ ନେଇ ରହିଥିବା ବ୍ୟାପକ ସମ୍ଭାବନା ଉପରେ ସେ କହିଥିଲେ। ଓଡ଼ିଶାରେ ଏଜେନ୍ସି ପକ୍ଷରୁ ୨୪୦୦ କୋଟି ଟଙ୍କାରୁ ଅଧିକ ଆବଣ୍ଟନ କରାଯାଇଥିବା ବେଳେ ଜଳ, ସୌର, ଇଥାନଲ ଓ ବିନିର୍ମାଣ କ୍ଷେତ୍ରରେ ଏହାର ଲୋନ୍ ବୁକ୍ ୧୮୦୦ କୋଟି ଟଙ୍କା ରହିଛି। ମିଳିତ ହାଇଡ୍ରୋଜେନ ଭିତ୍ତିଭୂମି, ପ୍ଲଗ ଆଣ୍ଡ ପ୍ଲେ ଆର୍‌ଇ ପାର୍କ, ଆବଣ୍ଟିତ ସୋଲାର ପାଇଁ ଫାଇନାନ୍ସ ଓ ବିଦେଶୀ ମୁଦ୍ରା ଋଣକୁ ଏହାର ଗିଫ୍ଟ ସିଟି ସହାୟକ ସଂସ୍ଥା ଜରିଆରେ ପ୍ରଦାନ କରିବାକୁ ଇରେଡା ପ୍ରସ୍ତୁତ ରହିଛି।

# ସ୍ୱଦେଶ ଫ୍ଲାଗଶିପ ଷ୍ଟୋରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ନୀତା ଅମ୍ବାନୀଙ୍କ ସହ ଓଡ଼ିଶାରୁ ଗୁଞ୍ଜନଙ୍କ ଯୋଗଦାନ**

ଭୁବନେଶ୍ୱର,୮।୧୨

ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ଓ ଅଧ୍ୟକ୍ଷା ନୀତା ଅମ୍ବାନୀ ମୁମ୍ବାଇର ଇରୋସରେ ସ୍ୱଦେଶ ଫ୍ଲାଗଶିପ ଷ୍ଟୋରରେ ଭାରତୀୟ କଳାକାର ଏବଂ କାରିଗରମାନଙ୍କୁ ସମ୍ମାନିତ କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ନୀତା ଅମ୍ବାନୀ ବହୁ ପିଢ଼ି ଧରି କଳା ସହିତ ଜଡ଼ିତ ହୋଇ ରହିଥିବା ସଫଳ ଓ ଶ୍ରେଷ୍ଠ ଜାତୀୟ ପୁରସ୍କାର-ବିଜେତା କାରିଗରମାନଙ୍କ ସହିତ ଯୋଗ ଦେଇଥିଲେ। ଏହି ଶ୍ରେଷ୍ଠ କାରିଗରମାନଙ୍କ ମଧ୍ୟରେ ଓଡ଼ିଶା ଇକତ୍ ବସ୍ତ୍ର ଶିଳ୍ପୀ ଓ ୨୦୨୪ରେ ଜାତୀୟ ପୁରସ୍କାର ବିଜୟିନୀ ଗୁଞ୍ଜନ ଜୈନ, ଟାଙ୍ଗାଇଲ ଏବଂ ଜାମଦାନୀ ବୁଣା ପାଇଁ ପ୍ରସିଦ୍ଧ ୨୦୨୧ରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ବୀରେନ ବସକ, ୨୦୧୯ରେ ଶିଳ୍ପୀ ଗୁରୁ ପୁରସ୍କାର ଏବଂ ୨୦୧୧ରେ ଜାତୀୟ ପୁରସ୍କାରରେ ସମ୍ମାନିତ ତାଞ୍ଜୋର ଚିତ୍ରଶିଳ୍ପୀ ଭି. ପନ୍ନିରସେଲଭମ, ସପ୍ତମ ପିଢ଼ିର ମିନିଏଚର ଚିତ୍ରଶିଳ୍ପୀ ଏବଂ ୨୦୧୪ରେ ଜାତୀୟ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶମ୍ଭି ବନ୍ନୁ ଶର୍ମା, ପ୍ରସିଦ୍ଧ ପୈଠାନୀ ବସ୍ତ୍ର ଡିଜାଇନର ଓ ହସ୍ତତନ୍ତ ପୁନରୁଦ୍ଧାରକାରୀ ଘନଶ୍ୟାମ ସରୋଡ ପ୍ରମୁଖ ଉପସ୍ଥିତ ଥିଲେ।

# ଏଆଇ ମିଶନକୁ ଆମାଜନର ସମର୍ଥନ

ଭୁବନେଶ୍ୱର,୮।୧୨

ଭାରତ ସରକାରଙ୍କ ଏଆଇ ମିଶନକୁ ସମର୍ଥନ କରି ଆମାଜନ ପକ୍ଷରୁ ୨୦୩୦ ସୁଦ୍ଧା ସବୁ ଭାରତୀୟଙ୍କ ପାଖରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। କମ୍ପାନୀ ସ୍ଥାନୀୟ କ୍ଲାଉଡ୍ ଓ ଏଆଇ ଭିତ୍ତିଭୂମିରେ ୧୨.୭ ବିଲିୟନ ଡଲାର ନିବେଶ କରି ୧୫ ନିୟୁତରୁ ଅଧିକ କ୍ଷୁଦ୍ର ବ୍ୟବସାୟ ପାଖରେ ଏଆଇର ଲାଭ ପହଞ୍ଚିପାରିବ। ୨୦୩୦ ସୁଦ୍ଧା ୪ ନିୟୁତ ସରକାରୀ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଖରେ ଏଆଇ ସାକ୍ଷରତା ଓ କ୍ୟାରିୟର ସଚେତନତା ପହଞ୍ଚାଇବାକୁ ଯୋଜନା ରହିଛି। ଆମାଜନ ଇଣ୍ଡିଆର କଣ୍ଟ୍ରି ମ୍ୟାନେଜର ସମୀର କୁମାର କହିଛନ୍ତି, ଛୋଟ ବ୍ୟବସାୟୀ ଏଆଇକୁ ବ୍ୟବହାର କରି ପ୍ରଫେସନାଲ ଉତ୍ପାଦ ଲିଷ୍ଟିଂ କରିବେ, ସରକାରୀ ସ୍କୁଲର ଛାତ୍ର ନୂଆ କ୍ୟାରିୟର ବାଛିପାରିବେ ଓ ଗ୍ରାହକମାନେ ନିଜ ଭାଷାରେ ସପିଂ କରିପାରିବେ। ସ୍ଥାନୀୟ ଭାରତ ଏଆଇ ମିଶନର ସିଇଓ ଅଭିଷେକ ସିଂହ କହିଛନ୍ତି, ଶ୍ରେଣୀ ଗୃହରେ ଏଆଇକୁ ସମନ୍ୱିତ କରିବା କେବଳ ଏକ ଦକ୍ଷତା ଅଭିଯାନ ନୁହେଁ, ଏହା ରାଷ୍ଟ୍ର ଗଠନର ଉଦ୍ୟମ।


## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

ମଧ୍ୟମା ସଂସ୍କୃତ ପରୀକ୍ଷା, ୨୦୨୬ (ରେଗୁଲାର ଓ ଏକ୍ସ-ରେଗୁଲାର) ଦଶମ ଶ୍ରେଣୀର କାର୍ଯ୍ୟସୂଚୀ
ବିଜ୍ଞପ୍ତି ନଂ.2800/ (Exam.Conf.-II)/ ତା.3.12.2025 ରିଖ

No.N-229:ଏତଦ୍ୱାରା ରାଜ୍ୟର ସମସ୍ତ ସଂସ୍କୃତ ବିଦ୍ୟାଳୟ/ଟୋଲ୍‌ର ପ୍ରଧାନଶିକ୍ଷକ/ ପ୍ରଧାନଶିକ୍ଷୟିତ୍ରୀ, ପରୀକ୍ଷାର୍ଥୀ, ଅଭିଭାବକ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୨୦୨୬ ମସିହା ମଧ୍ୟମା ସଂସ୍କୃତ (ରେଗୁଲାର ଓ ଏକ୍ସ-ରେଗୁଲାର) ପରୀକ୍ଷା ତା.୧୯.୦୨.୨୦୨୬ ରିଖଠାରୁ ଆରମ୍ଭ ହୋଇ ତା. ୦୨.୦୩.୨୦୨୬ ରିଖ ପର୍ଯ୍ୟନ୍ତ ନିମ୍ନୋକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ।

| | |
|---|---|
| **19/02/2026 (Thursday)** **(09.00 am to 11.30 am)** **PAPER-IV (MOR/MHN)** ମାତୃଭାଷା (ଓଡ଼ିଆ/ହିନ୍ଦୀ) MATRUBHASA (ODIA/HINDI) | **20/02/2026 (Friday)** **(09.00 am to 11.30 am)** **PAPER-I (VOD)** ସଂସ୍କୃତ ବ୍ୟାକରଣ ଓ ଦର୍ଶନ (SANSKRUTA VYAKARANA 'O' DARSHAN) |
| **21/02/2026 (Saturday)** **(09.00 am to 11.00 am)** **PAPER-VIII (ENG)** ଇଂରାଜୀ ENGLISH | **23/02/2026 (Monday)** **(09.00 am to 11.30 am)** **PAPER-II (SHA)** ସଂସ୍କୃତ ସାହିତ୍ୟମ୍ (SANSKRUTA SAHITYAM) |
| **24/02/2026 (Tuesday)** **(09.00 am to 11.30 am)** **PAPER-III (KKJ/AVJ)** ପ୍ରୟୋଗାତ୍ମକ ସଂସ୍କୃତ (PRAYOGATMAKA SANSKRUTA) (କର୍ମକାଣ୍ଡ ଓ ଜ୍ୟୋତିଷ କିମ୍ବା ଆୟୁର୍ବେଦ ଓ ଯୋଗ) | **25/02/2026 (Wednesday)** **(09.00 am to 11.00 am)** **PAPER-VI (GSC)** ବିଜ୍ଞାନ (SCIENCE) |
| **27/02/2026 (Friday)** **(09.00 am to 11.00 am)** **PAPER-VII (SSC)** ସାମାଜିକ ବିଜ୍ଞାନ (SOCIAL SCIENCE) | **02/03/2026 (Monday)** **(09.00 am to 11.15 am)** **PAPER-V (MTH)** ଗଣିତ (MATHEMATICS) |

✓ **VOD, SHA, KKJ/AVJ** ଏବଂ **MOR/MHN** ବିଷୟଗୁଡ଼ିକରେ ୫୦ ମାର୍କର **Subjective** ପ୍ରଶ୍ନ ଏବଂ ୫୦ ମାର୍କର **Objective (MCQ)** ପ୍ରଶ୍ନ ଆସିବ ।

✓ **MTH, GSC, SSC** ଏବଂ **ENG** ବିଷୟଗୁଡ଼ିକରେ ୩୫ ମାର୍କର **Subjective** ପ୍ରଶ୍ନ ଏବଂ ୪୦ ମାର୍କର **Objective (MCQ)** ପ୍ରଶ୍ନ ଆସିବ ।
**Objective (MCQ)** ପ୍ରଶ୍ନର ଉତ୍ତର **OMR Answer Sheet**ରେ ଏବଂ **Subjective** ପ୍ରଶ୍ନର ଉତ୍ତର ପ୍ରଶ୍ନ ସଂଲଗ୍ନ ଉତ୍ତର ଖାତାରେ ଦେବାକୁ ହେବ ।

**OIPR-27004/11/0121/2526** ସ୍ୱା./-ସମ୍ପାଦକ

ଇନ୍ଦ୍ରିୟମାନଙ୍କର କ୍ରିୟାକଳାପ ବା ପ୍ରାଣର ଆବେଗ କିମ୍ବା କାମନା ବାସନାଗୁଡ଼ିକୁ ଯଦି ଆମେ ପରିହାର ବା ଦମନ କରୁ – ତେବେ ଆମେ ସେଗୁଡ଼ିକୁ ନିରାମୟ କରିପାରିବା ନାହିଁ। ତା'ପରିବର୍ତ୍ତେ ଆମେ ଯଦି ସେଗୁଡ଼ିକୁ ବୁଦ୍ଧି ଓ ବିବେକ ଦ୍ୱାରା ଅନୁଶାସିତ ବା ପରିଶୀଳିତ କରୁ ବା ମାର୍ଜିତ କରୁ– ତା'ହେଲେ ସେମାନଙ୍କ ଉପଦ୍ରବରୁ ଆମେ ରକ୍ଷା ପାଇବା। **–ଶ୍ରୀମା**



# ନେହେରୁ ନୁହେଁ, ଭବିଷ୍ୟତକୁ ଦେଖ

'ବନ୍ଦେ ମାତରମ୍' ଭାରତର ଜାତୀୟ ଗୀତ ଭାବେ ଜଣାଶୁଣା। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ଏହା ରଚିତ ହୋଇଥିଲା। ୧୮୭୫ ନଭେମ୍ବର ୭ରେ ପ୍ରଥମେ 'ବଙ୍ଗଦର୍ଶନ' ସାହିତ୍ୟ ପତ୍ରିକାରେ ଏହା ପ୍ରକାଶ ପାଇଥିଲା। ୨୦୨୫ ନଭେମ୍ବର ୭ରେ ଏହାର ୧୫୦ ବର୍ଷ ପୂର୍ତ୍ତି ହେବା ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଦେଶବ୍ୟାପୀ ବର୍ଷସାରା ଏହା ପାଳନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ସ୍ୱାଧୀନତା ସଂଗ୍ରାମକୁ ଏହି ଗୀତ ଶକ୍ତି ଦେଇଥିବାରୁ ସଂସଦରେ ଏହା ଉପରେ ୮ ଡିସେମ୍ବରରେ ବିତର୍କ ଆରମ୍ଭ ହୋଇଛି। ହେଲେ ପ୍ରାରମ୍ଭିକ ପର୍ଯ୍ୟାୟରୁ ଏହାକୁ ନେଇ ରାଜନୀତି ଜୋରଧର ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ସ୍ୱାଧୀନତା ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ସାମ୍ପ୍ରଦାୟିକ ସଦ୍‌ଭାବନାଶୀଳତାକୁ ମାନିନେଇଥିଲେ। ସେ ପୁଣି କହିଛନ୍ତି, ନେହେରୁ ଭାବୁଥିଲେ ଯେ, ବନ୍ଦେ ମାତରମ୍ ମୁସଲମାନଙ୍କୁ କ୍ରୋଧିତ କରିବ। ମହମ୍ମଦ ଅଲ୍ଲୀ ଜିନ୍ନା ବନ୍ଦେ ମାତରମ୍‌କୁ ବିରୋଧ କରୁଥିବାରୁ ନେହେରୁ ତାଙ୍କ ସହ ଏକମତ ହୋଇଥିଲେ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ବନ୍ଦେ ମାତରମ୍‌ର ମୂଳ 'ଆନନ୍ଦମଠ' ହୋଇଥିବାରୁ ମୁସଲମାନ ସମ୍ପ୍ରଦାୟକୁ ଏହା ଅପମାନିତ କରିବ ବୋଲି ଜିନ୍ନା ଆଶଙ୍କା ବ୍ୟକ୍ତ କରିବାରୁ ନେହେରୁ ତାଙ୍କ ସହ ସାଲିସ କରିଥାଇଥିଲେ ବୋଲି ମୋଦି କହିବା ପରେ ସଂସଦରେ ରାଜନୈତିକ ବାକ୍‌ବିତଣ୍ଡା ହୋଇଛି।

ଅନ୍ୟପଟେ ଆଜି ଏକବିଂଶ ଶତାବ୍ଦୀର ୨୫ ବର୍ଷ ପୂରିବାକୁ ଯାଉଛି। କେତେଦିନ ପର୍ଯ୍ୟନ୍ତ ଇତିହାସକୁ ଗାଳିଦେଇ କେବଳ ପଛକୁ ଦେଖିବା ତାହା ସାଧାରଣ ନାଗରିକଙ୍କୁ ମଧ୍ୟ ବ୍ୟସ୍ତ କଲାଣି। ନିଃସନ୍ଦେହରେ କୁହାଯାଇପାରେ ଯେ, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଅନେକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ଆଜିର ପ୍ରତ୍ୟେକ ଯୁବପିଢ଼ିଙ୍କୁ ତାଙ୍କର ନିଜର ମାତାପିତାଙ୍କୁ ଅମାନ୍ୟ କରିବା ସହିତ ସେମାନଙ୍କର ତ୍ରୁଟିକୁ ଧରି ପାରିବାରିକ ଅଶାନ୍ତି ସୃଷ୍ଟି କରୁଛନ୍ତି। ଏହା ହେଉଛି ମଣିଷ ଜାତିର ଏକ କ୍ଷୁଦ୍ର ଚରିତ୍ରର ପରିଚୟ। ଆଗୁଆ ଧାଡ଼ିର ନେତା, ଲେଖକ, ବୈଜ୍ଞାନିକ, କଳାକାର ଏବଂ ସାଧାରଣ ନାଗରିକ ଭାବେ ସେମାନେ ପରିଚିତ ହୁଅନ୍ତି, ଯେଉଁମାନେ ବିଗତ ଦିନଗୁଡ଼ିକର ଅନ୍ଧକାର, ଦୋଷତ୍ରୁଟିକୁ ପଛରେ ପକାଇ ନିଜ କାର୍ଯ୍ୟରେ ଭବିଷ୍ୟତକୁ ଗଢ଼ନ୍ତି। ଆଇନଷ୍ଟାଇନଙ୍କ ପୂର୍ବରୁ ତାଙ୍କ 'ଥିଓରି ଅଫ୍ ରିଲେଟିଭିଟି' ସମ୍ପର୍କରେ ଅନେକ ବୈଜ୍ଞାନିକ ଗବେଷଣା କରିଥିଲେ ମଧ୍ୟ କେହି ସ୍ପଷ୍ଟ ଆକାର ଦେଇ ତାହାର ଉଦ୍ଭାବନ କରିପାରି ନ ଥିଲେ। ତେବେ ଆଇନଷ୍ଟାଇନ ସେଥିଲେ ପୂର୍ବ ପଦାର୍ଥବିଜ୍ଞାନୀଙ୍କୁ ହୀନ ଭାବେ ଦର୍ଶାଇ ନ ଥିଲେ। ସେହିଭଳି ଭାରତୀୟ ବୈଜ୍ଞାନିକ ସି.ଭି. ରମଣ ଯେତେବେଳେ 'ରମଣ ଇଫେକ୍ଟ' ଅବିଷ୍କାର କଲେ ସେହି କ୍ଷେତ୍ରରେ ପୂର୍ବରୁ କାର୍ଯ୍ୟ କରୁଥିବା ବୈଜ୍ଞାନିକମାନଙ୍କୁ କୌଣସି ଜାଗାରେ ସମାଲୋଚନା କରିଥିବାର ପ୍ରମାଣ ନାହିଁ। ଭାରତରେ ଚଳଚ୍ଚିତ୍ର ଜଗତରେ ଏମ୍.ଜି. ରାମଚନ୍ଦ୍ରନ, ଦେବ ଆନନ୍ଦ, ଦିଲୀପ କୁମାର କିମ୍ବା ରାଜ କପୁର ତାଙ୍କର ନିଜସ୍ୱ ଶୈଳୀରେ ପରିଚିତ ହେବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ପୂର୍ବରୁ ସେମାନଙ୍କ ପୂର୍ବସୂରୀ ପୃଥ୍ୱୀରାଜ କପୁର କିମ୍ବା ଅନ୍ୟ କୌଣସି ପୁରୁଣା କଳାକାରଙ୍କ ବିରୋଧରେ ପଦୁଟିଏ ମଧ୍ୟ ଉଲ୍ଲେଖ କରିଥିବାର ପ୍ରମାଣ ମିଳେ ନାହିଁ। ଏହାପଛରେ ଗୋଟିଏ ମୁଖ୍ୟ କାରଣ ରହିଛି। ଉଦାହରଣ ସ୍ୱରୂପ, ନେହେରୁଙ୍କ ସମୟରେ ସ୍ୱାଧୀନତା ପାଇଥିବା ଭାରତରେ ଛୁଞ୍ଚିରୁ ଛୁଞ୍ଚିଟିଏ ତିଆରି ହେଉ ନ ଥିଲା। ୭୦ ବର୍ଷରୁ ଊର୍ଦ୍ଧ୍ୱ ସ୍ୱାଧୀନତା ପ୍ରାପ୍ତି ପରେ ମୋଦିଙ୍କ ଭାରତ ଏହି ଦେଶର ନାଗରିକଙ୍କ ଶ୍ରମ ଓ ରକ୍ତରେ ଗଢ଼ିଉଠିଛି। ଆମ ଧାରଣାରେ କୌଣସି ଦେଶକୁ ରାଜନୈତିକ ନେତୃତ୍ୱ ସୃଷ୍ଟି କରନ୍ତି ନାହିଁ। ଦେଶ ଗଠନର ପରିଶ୍ରମ ଚାଷୀ, ମଜଦୁରିଆ, କାରଖାନା ଶ୍ରମିକ, ସୈନିକ, ବ୍ୟବସାୟୀ ଓ ଶିଳ୍ପପତିଙ୍କ ଭଳି ସାଧାରଣ ନାଗରିକ ତିଆରି କରନ୍ତି। ରାଜନେତାମାନଙ୍କ ମୁଖ୍ୟ କର୍ତ୍ତବ୍ୟ ହେଉଛି ଉଚ୍ଚକୋଟୀର ନୀତି ସୃଷ୍ଟି କରିବା ସହିତ ନିଜେ ନିଜ ଜୀବନକୁ ଅନୁକରଣ କଲାଭଳି ମଣିଷ ଭାବେ ସାବ୍ୟସ୍ତ କରିବା ଦରକାର। ଇତିହାସରୁ ଶିକ୍ଷା ନେବା ଉଚିତ। କିନ୍ତୁ ସବୁବେଳେ ଇତିହାସକୁ ସମାଲୋଚନା କରିବା ପରିବର୍ତ୍ତେ ଭବିଷ୍ୟତର ଦେଶ ଓ ଦେଶବାସୀଙ୍କ ଚରିତ୍ର ସୁଧାରିବା ହେବା କଥା ମୂଳ ଆହ୍ୱାନ।

ସଂସଦରେ ବନ୍ଦେ ମାତରମ୍‌ର ମାହାତ୍ମ୍ୟ ଉପରେ ଆଲୋଚନା କରାଯିବାର ସମୟ ସ୍ଥିର ହୋଇଥିବା ବେଳେ ତାହାକୁ ରାଜନୀତିକରଣ କରାଯିବା ଆଜିର ସ୍ଥିତିରେ ଏକ ପୁଣ୍ୟ ପରମ୍ପରା ସୃଷ୍ଟି ହୋଇଛି ବୋଲି କୁହାଯାଇପାରେ। ନେହେରୁଙ୍କୁ ଭାଜପା ରାଷ୍ଟ୍ରନୀତିଜ୍ଞ ଭାବେ ମାନିବାକୁ ନାରାଜ। ଅବଶ୍ୟ ଏହା ଏକ ରାଜନୈତିକ ଦଳର ଆଦର୍ଶଗତ ଚିନ୍ତାଧାରା ହୋଇପାରେ। କିନ୍ତୁ ମୃତ୍ୟୁର ୬ ଦଶନ୍ଧି ପରେ ତାଙ୍କୁ ଏବର ରାଜନୈତିକ ଗୋଳିଆପାଣି ଭିତରକୁ ଟାଣିବା ଅନୁଚିତ ଲାଗୁଛି। ଉଦାହରଣ ଦେଇ କୁହାଯାଇପାରେ ଏମ୍ସ, ଆଇଆଇଟି, ଆଇଆଇଏମ୍, ଓଡ଼ିଶାର ରାଉରକେଲା ଷ୍ଟିଲ ପ୍ଲାଣ୍ଟ କିମ୍ବା ହୀରାକୁଦ ନଦୀବନ୍ଧ ଭଳି ସ୍ଥାପନାକୁ ଅନେକେ ତ୍ରୁଟିପୂର୍ଣ୍ଣ ଦେଖିଥାଇ ପାରନ୍ତି। କିନ୍ତୁ ଆଜି ସେଭଳି କେଉଁ ନୂଆ କାର୍ଯ୍ୟ ହେଉଛି ତାହା ଅର୍ଦ୍ଧଶତାବ୍ଦୀ ପରେ ସେ ସମୟର ଯୁବପିଢ଼ି ଚିନ୍ତା କରିବେ। ନେହେରୁଙ୍କ ସବୁ ନିଷ୍ପତ୍ତି ନିର୍ଭୁଲ ହୋଇ ନ ଥାଇପାରେ। କିନ୍ତୁ ସେ ଜିନ୍ନ ମତକୁ ସମ୍ମାନ ଦେଉଥିଲେ ବୋଲି ପଢ଼ିବାକୁ ମିଳେ। ହେଲେ ଏବର ସରକାର ସେହି ପରମ୍ପରାକୁ ବଜାୟ ରଖିବା ପରିବର୍ତ୍ତେ ବିରୋଧୀଙ୍କ ସ୍ୱରକୁ ସର୍ବଦା ଚାପିଦେବାକୁ ଚେଷ୍ଟା କରୁଛି।

ଆଜିର ଡିଜିଟାଲ ଯୁଗରେ ପ୍ରତି ମୁହୂର୍ତ୍ତର କଥା ଓ କାର୍ଯ୍ୟ ଲିପିବଦ୍ଧ ବା ସାଇତା ହୋଇ ରହିଯାଉଛି। ନେହେରୁଙ୍କ ସମୟରେ କ'ଣ ଘଟିଥିଲା ତାହା ଇତିହାସ ବହିରୁ ପଢ଼ିବାକୁ ମିଳୁଛି। ସେଥିରେ ସତ୍ୟତା ଓ ତଥ୍ୟରେ ହୁଏତ କେତେକ ସ୍ଥାନରେ ଫରକ ଆସିପାରେ। ହେଲେ ଏବେ ନେତାମାନେ ଯାହା କହୁଛନ୍ତି ଓ କରୁଛନ୍ତି, ତାହା ସମ୍ପୂର୍ଣ୍ଣ ଭାବେ ଭବିଷ୍ୟତ ପିଢ଼ି ପାଇଁ ଦଲିଲ ଭାବେ ପ୍ରତୀୟମାନ ହେବ। ଏବେ ସାଇତା ଯାଇପାରୁଥିବା ଛବି ଓ ସ୍ୱରର ପ୍ରମାଣକୁ ଭବିଷ୍ୟତରେ କେହି ଅସ୍ୱୀକାର କରିପାରିବେ ନାହିଁ। ଏଭଳି ପ୍ରକ୍ଷାପଟରେ କୁହାଯାଇପାରେ ଯେ, ଅତୀତର ନେତାଙ୍କ କଥା ଓ କାର୍ଯ୍ୟକୁ ନେଇ ଆଜିର ନେତୃତ୍ୱ ଯେଉଁଭଳି ଢଙ୍ଗରେ ସେମାନଙ୍କୁ ନିନ୍ଦା କରୁଛନ୍ତି, ଏବେ ସେମାନେ କରୁଥିବା କର୍ମମାନ ଓ ଉଚ୍ଚାଟ କରୁଥିବା ସ୍ୱର ମଧ୍ୟ ସମୟକ୍ରମେ ପରଖାଯିବ। ବର୍ତ୍ତମାନ ଅନେକ ଭାରତବାସୀ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସମ୍ମାନ ଓ ଶ୍ରଦ୍ଧା କରୁଛନ୍ତି। ଆଗାମୀ ଦିନଗୁଡ଼ିକରେ ପରବର୍ତ୍ତୀ ପିଢ଼ି ଯଦି ଆଜିର କାର୍ଯ୍ୟ ଓ ମତକୁ ନକାରାତ୍ମକ ଦୃଷ୍ଟିରେ ଦେଖନ୍ତି, ତେବେ ସେତେବେଳେ ଜୀବିତ ଭାରତୀୟଙ୍କୁ ବାଧିପାରେ। ସେଥିପାଇଁ ନିଜ କର୍ତ୍ତବ୍ୟକୁ ଉଚିତ ଭାବେ କରିବା ହେଉଛି ଉଚ୍ଚକୋଟୀ ନେତୃତ୍ୱର ପରିଚାୟକ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | 1 | | 6 | | 3 |
| | | | | 9 | 2 | | | 1 |
| | 4 | | 5 | | | | | |
| 4 | 2 | | | | | | 3 | |
| | | | | | | 9 | | |
| | | | | | | 7 | | 2 |
| | 9 | 3 | 6 | | 8 | | | |
| | 8 | | 9 | 7 | | | | |
| | | | | | | 3 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 5 | 7 | 2 | 4 | 3 | 9 | 1 |
| 7 | 9 | 4 | 3 | 1 | 5 | 6 | 8 | 2 |
| 3 | 2 | 1 | 6 | 8 | 9 | 4 | 5 | 7 |
| 1 | 4 | 3 | 9 | 6 | 2 | 5 | 7 | 8 |
| 2 | 6 | 8 | 5 | 3 | 7 | 9 | 1 | 4 |
| 9 | 5 | 7 | 1 | 4 | 8 | 2 | 3 | 6 |
| 8 | 7 | 9 | 2 | 5 | 6 | 1 | 4 | 3 |
| 5 | 3 | 2 | 4 | 7 | 1 | 8 | 6 | 9 |
| 4 | 1 | 6 | 8 | 9 | 3 | 7 | 2 | 5 |

ଗତକାଲିର ଉତ୍ତର

# ଶିଶୁ ଅନୁକୂଳ ପାଠାଗାର



ଲୋକନାଥ ପଣ୍ଡା

ଜାତୀୟ ଶିକ୍ଷାନୀତି ୨୦୨୦ରେ ଏବଂ ଜାତୀୟ ପାଠ୍ୟ ଖସଡ଼ା ୨୦୨୨ରେ ପ୍ରାକ୍-ପ୍ରାଥମିକ ଶିକ୍ଷାରେ ଇମରଜେଣ୍ଟ ଲିଟେରାସି ବା ଅଙ୍କୁରିତ ସାକ୍ଷରତା, ଇମରଜେଣ୍ଟ ରିଡିଂ ବା ଅଙ୍କୁରିତ ପଠନ ବା ପ୍ରାକ୍-ପଠନ, ପ୍ରାକ୍-ଲିଖନ ଆଦି ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଜାତୀୟ ଶିକ୍ଷାନୀତିରେ ଶିଶୁଟି ୩+ ବେଳକୁ ପୁସ୍ତକ କିପରି ଖୋଲିବ, ପୁସ୍ତକ କିପରି ଓଲଟାଇବ, ବାଆଁରୁ ଡାହାଣକୁ ପଠନ ଆଦି ସମ୍ପର୍କରେ ଶିଶୁଟି ୩+ ବେଳକୁ ଜାଣିବ ଏବଂ ପୁସ୍ତକ ଦେଖି ପ୍ରି-ଟେଣ୍ଡ ରିଡିଂ ବା ଅନୁଭୂତି ଆଧାରିତ ପଠନ କରିବ, ପ୍ରାକ୍ ଲିଖନ କରିବ ସେ ସମ୍ପର୍କରେ ବର୍ଣ୍ଣନା ରହିଛି । ଏ ସବୁ ମୂଳରେ ରହିଛି ଶିଶୁବାଟିକାରେ କିମ୍ବା ଶିଶୁଙ୍କ ଅଙ୍ଗନୱାଡି ହେଉ କିମ୍ବା ପ୍ରାଥମିକ ବିଦ୍ୟାଳୟରେ କେତେଦୂର ପୁସ୍ତକ ହାତପାଆନ୍ତାରେ ମିଳୁଛି ଏବଂ ଶିକ୍ଷକ ବା ଅଙ୍ଗନୱାଡି ଦିଦି କେତେଦୂର ଶିଶୁଙ୍କୁ ପୁସ୍ତକ ସହ ପରିଚିତ କରାଉଛନ୍ତି!

ବିଦ୍ୟାଳୟର ପାଠାଗାର କିମ୍ବା ଗାଁ ପାଠାଗାର ହେଉ, ଯଦି ଏହା ସକ୍ରିୟ ଥାଏ ତେବେ ନିଶ୍ଚିତ ଭାବରେ ପିଲାଟି ଦିନରୁ ବହି ପ୍ରତି ଆକୃଷ୍ଟ କରିବା ତଥା ବହି ମାଧ୍ୟମରେ ଭାଷାର ବିକାଶ ହୋଇଥାଏ।ପୁସ୍ତକଗୁଡ଼ିକ ଯଦି ସୁନ୍ଦର ପରିପାଟୀ ହୋଇଥାଏ, ତେବେ ତାହା ପିଲାମାନଙ୍କୁ ଆକର୍ଷିତ କରିଥାଏ।ନିକଟରେ ମୁଁ ବିଷମକଟକ ବ୍ଲକ୍‌ର କିଛି ପ୍ରାଥମିକ ବିଦ୍ୟାଳୟ ବୁଲି ଦେଖୁଥିଲି, ଯେଉଁଠି ଶିଶୁଙ୍କ ପାଇଁ ପୁସ୍ତକ ଥିଲା, ପୁସ୍ତକଗୁଡ଼ିକ ମୁଖ୍ୟତଃ ଚିତ୍ରମୟ ଏବଂ କେତୋଟି ପୁସ୍ତକରେ କିଛି କିଛି ଲେଖା ଥିଲା । ଅବସର ସମୟରେ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀର ଶିଶୁମାନେ ପୁସ୍ତକରୁ ଚିତ୍ର ଦେଖୁଥିଲେ ଏବଂ ଚିତ୍ର ଦେଖି ନିଜେ ଚିତ୍ରକୁ ଆଧାରକରି ବାକ୍ୟ କିଏ ଶବ୍ଦ କିଏ କହୁଥିଲେ। ବେଳେ ବେଳେ ପୁସ୍ତକକୁ ଆଧାରକରି ଚିତ୍ର ମଧ୍ୟ କରୁଥିଲେ।

ବିଷମକଟକ ବ୍ଲକ୍‌ର କିଛିକିଛି ପ୍ରାଥମିକ ବିଦ୍ୟାଳୟକୁ ଦେଖୁଥିଲି।ସରକାରଙ୍କ ତରଫରୁ ବିଦ୍ୟାଳୟଗୁଡ଼ିକରେ କବିତା ପୋଷ୍ଟର ଆଦି ଦିଆଯାଇଛି, ଯାହାକି ଶିଶୁଙ୍କୁ ପାଠ୍ୟପୁସ୍ତକ ସହ ଚିତ୍ର ସାଙ୍ଗକୁ କାହାଣୀ ପୁସ୍ତକ ବ୍ୟବହାର ସମ୍ପର୍କରେ ଆଗ୍ରହ ସୃଷ୍ଟି ହୋଇପାରିବ।ବିଦ୍ୟାଳୟଗୁଡ଼ିକରେ ବିଭିନ୍ନ କର୍ଣ୍ଣର ତିଆରି ହୋଇଛି। ସେଥିମଧ୍ୟରେ ଲାଇବ୍ରେରି କର୍ନର ରହିଛି। ବିଦ୍ୟାଳୟରେ ପୁସ୍ତକଗୁଡ଼ିକ ଏକ ଝୋଟ ବ୍ୟାଗ୍‌ରେ ରଖାଯାଇଥିଲା, ଶିଶୁମାନେ ଯେତେବେଳେ ଚାହିଁବେ ବା ଶିକ୍ଷାଦାନ ଚାଲି ନ ଥିବା ବେଳେ ପୁସ୍ତକ ନେଇ ପଢ଼ିପାରିବେ ବା ବ୍ୟବହାର କରିପାରିବେ। ସେଠାକାର ପିଲାଙ୍କ ସହ କଥାବାର୍ତ୍ତା ହେଉଥିଲି, ଶିଶୁମାନେ ପୁସ୍ତକ ନେଇ ପଢୁଛନ୍ତି ବୋଲି କହୁଥିଲେ, ପୁସ୍ତକଗୁଡ଼ିକର ନାମ ମଧ୍ୟ କହିପାରୁଥିଲେ।ବିଦ୍ୟାଳୟ ତରଫରୁ ପାଠାଗାରରୁ ପ୍ରତି ମାସରେ ଅଧିକ ପୁସ୍ତକ ପଢୁଥିବା ଶିଶୁଙ୍କୁ ପ୍ରାର୍ଥନା ସଭାରେ ସମ୍ମାନିତ କରାଯିବା ବିଷୟ ମଧ୍ୟ ସୂଚନା ଦେଉଥିଲେ।ବିଦ୍ୟାଳୟର ଶିଶୁମାନଙ୍କର ଶିକ୍ଷଣ ସ୍ତର ମଧ୍ୟ ଅଧିକ ଥିଲା। ବଡ଼କଥା ହେଲା ଶିଶୁମାନେ ବେଶ୍ ସକ୍ରିୟ ଓ ଖୁସି ପରିବେଶରେ ଥିଲେ।ବିଦ୍ୟାଳୟର ଶିକ୍ଷକମାନଙ୍କ ନିଷ୍ଠାପର ଉଦ୍ୟମକୁ ପ୍ରଶଂସାକରି ରହିପାରୁ ନ



ଥିଲି। କଥା ହେଉଛି ବିଦ୍ୟାଳୟକୁ ଯୋଗାଉଥିବା ପୁସ୍ତକଗୁଡ଼ିକ ଶିଶୁଙ୍କୁ ଅନୁକୂଳ ହେବା ଭଳି ଓ ପିଲାଙ୍କୁ ଆକର୍ଷଣ ହେବା ଭଳି ଥିଲା। ସିନି-ଟାଟା ଟ୍ରଷ୍ଟ ତରଫରୁ ବିଷମକଟକ ବ୍ଲକ୍‌ର ହାଟ ମୁନିଗୁଡ଼ା, ବଡ଼ଧାଣ୍ଡରା, ଚାଟିକଣା, ଜୋଡ଼, କାଙ୍କୁବାଡ଼ି ଆଦି ପ୍ରାଥମିକ ବିଦ୍ୟାଳୟରେ ଲାଇବ୍ରେରିର ପଠନ ନିମନ୍ତେ ଏକ ଶିଶୁ କୈନ୍ଦ୍ରିକ ପାଠାଗାରର ବ୍ୟବସ୍ଥା ହୋଇଛି ଏବଂ ଶିଶୁମାନେ ଏହାକୁ ଉପଯୋଗ କରୁଛନ୍ତି। ପ୍ରତି ମାସରେ ଯିଏ ପାଠାଗାରରୁ ପୁସ୍ତକ ନେଇ ଅଧିକ ବହି ପଢ଼ିଛି, ତାକୁ ସମ୍ମାନିତ କରିବା ଆଦି ବିଷୟରେ ଆଲୋଚନା ପ୍ରସଙ୍ଗରେ ଜାଣିବାକୁ ପାଉଥିଲି। କିଛି ବିଦ୍ୟାଳୟରେ ଦେଖୁଥିଲି, ଶିଶୁମାନେ ମଧ୍ୟ ଲାଇବ୍ରେରି ପୁସ୍ତକ ପରିଚାଳନା କରୁଛନ୍ତି, କିଏ ବହି ନେଉଛନ୍ତି, କିଏ କେଉଁ ବହି ରଖିଛନ୍ତି, ତାହାର ଏକ ତାଲିକା ରଖୁଛନ୍ତି। ବହି ସମ୍ପର୍କରେ ଆଲୋଚନା ମଧ୍ୟ କରୁଛନ୍ତି।

ପାଠାଗାର ହେଉଛି ଶିଶୁଙ୍କ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବାରେ ପ୍ରକୃଷ୍ଟ ମାଧ୍ୟମ। ବିଦ୍ୟାଳୟଗୁଡ଼ିକରେ ଯଦି ଅଙ୍ଗନୱାଡି ସମୟରୁ ଶିଶୁଙ୍କୁ ବହି ପ୍ରତି ଆଗ୍ରହ ସୃଷ୍ଟି ହେବା ଭଳି କିଛି ଗତିବିଧି କରାଯାଏ, ଶିଶୁର ହାତପାଆନ୍ତାରେ ବହି ରହେ, ତେବେ ନିଶ୍ଚିତ ଭାବରେ ଶିଶୁମାନଙ୍କର ଶିକ୍ଷା ପ୍ରତି ଆଗ୍ରହ ବଢ଼ିଥାଏ ଓ ପରବର୍ତ୍ତୀ ସମୟରେ ମାଆବାପାଙ୍କୁ ଅବା ଶିକ୍ଷକଙ୍କୁ ଶିଶୁଟିର ପାଠପଢ଼ା ପ୍ରତି ବିଶେଷ ଚିନ୍ତା କରିବାକୁ ପଡ଼ି ନ ଥାଏ। ଅନେକ ସମୟରେ ଅଭିଭାବକଙ୍କ ଧାରଣା ଥାଏ ଯେ, ଲାଇବ୍ରେରି ପୁସ୍ତକ କିମ୍ବା ପାଠ୍ୟପୁସ୍ତକ ଛଡ଼ା ଅନ୍ୟ ପୁସ୍ତକ ବାଟବଣା କରିଦେଇଥାଏ। ଏହିଭଳି ଭ୍ରାନ୍ତ ଧାରଣାରୁ ଅଭିଭାବକ ବାହାରକୁ ଆସିବା ଦରକାର। ଏପରିକି ଅନେକ ସମୟରେ ଶିକ୍ଷକ ମଧ୍ୟ ଲାଇବ୍ରେରି ପୁସ୍ତକ ପ୍ରତି ବିଶେଷ ଗୁରୁତ୍ୱ ଦେଇ ନ ଥାନ୍ତି।

ବିଦ୍ୟାଳୟକୁ ସରକାରଙ୍କ ତରଫରୁ ହେଉ କିମ୍ବା ବିଭିନ୍ନ ଅନୁଷ୍ଠାନ ତରଫରୁ ଶିଶୁ ଉପଯୋଗୀ ପୁସ୍ତକ ନିରନ୍ତର ଭାବରେ ଯୋଗାଇ ଦିଆଯାଉଛି। ବିଦ୍ୟାଳୟର ପାଠାଗାରକୁ ଶିଶୁ ଉପଯୋଗୀ କରିବା ସମସ୍ତଙ୍କର ଦାୟିତ୍ୱ। କେବଳ ଶିକ୍ଷକ ନୁହନ୍ତି, ଗୋଷ୍ଠୀ ଅଭିଭାବକ ମଧ୍ୟ ବିଦ୍ୟାଳୟରେ ହେଉ ଘରେ ଛୋଟ ଛୋଟ ପାଠାଗାରଟିଏ ବିକାଶ କରିବା ଦରକାର। ଯଦି ଘରେ କିମ୍ବା ଗାଁରେ ପାଠାଗାରଟିଏ ଥାଏ, ତେବେ ଶିଶୁମାନଙ୍କର ପାଠପଢ଼ାରେ କେବଳ ନୁହେଁ, ଗ୍ରାମବାସୀଙ୍କ ଉପରେ ମଧ୍ୟ ଏହାର ପଭାବ ପଡ଼ିବ। ଗ୍ରାମବାସୀଙ୍କର ପଠନ ଦିଗ ପ୍ରତି ଆଗ୍ରହ ବଢ଼ିବ।ଅନେକ ସମୟରେ ଦେଖାଯାଏ, ଚା' ଦୋକାନୀ, ଜଳଖିଆ ଦୋକାନୀ, ପାନଦୋକାନୀ, ସେଲୁନ ଆଦିରେ ଖବରକାଗଜଟିଏ ରଖାଯାଇଥାଏ। ଏହାର ପ୍ରଭାବ ମଧ୍ୟ ସେମାନଙ୍କର ବ୍ୟବସାୟରେ ଅନେକ ମାତ୍ରାରେ ପଡ଼ିଥାଏ। ପଠନ ପ୍ରତି ଲୋକଙ୍କର ଆଗ୍ରହ ଏଥିରୁ ଅନୁମାନ କରିହୁଏ।

ଗାଁ ଗହଳିରେ ହେଉ, ସହରରେ ହେଉ ପୂର୍ବରୁ ପାଠାଗାରଟିଏ ଥିଲା। ପାଠାଗାରରେ ପୁସ୍ତକ ରହୁଥିବା ସହ ଅନେକ ପତ୍ରିକା (ବିଭିନ୍ନ ଭାଷାଭାଷୀ) ସହିତ ଖବରକାଗଜ ଆସୁଥିଲା।ବାପା, ମାଆ ଖବରକାଗଜ ପଠନକୁ ଆଧାରକରି ପିଲାଏ ମଧ୍ୟ ଖବରକାଗଜ ପଠନର ଅଭ୍ୟାସରେ ପଡ଼ିଯାଉଥିଲେ। ଅନେକ ବ୍ୟକ୍ତିବିଶେଷ ନିଜର ବ୍ୟକ୍ତିଗତ ପାଠାଗାର କରିଥିଲେ, ତାହାର ପ୍ରଭାବ ମଧ୍ୟ ନିଜ ଉପରେ ଏବଂ ଅନ୍ୟ ଉପରେ ପଡୁଥିଲା । ପୂର୍ବରୁ ସରକାରଙ୍କର ଜନ ସାକ୍ଷରତା ଓ ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ଚାଲୁଥିଲା।ପଞ୍ଚାୟତ ସ୍ତରରେ ଲାଇବ୍ରେରି ଘର, ଗୋଷ୍ଠୀ ଘରରେ ଲାଇବ୍ରେରି ପୁସ୍ତକ ରଖିବା ପାଇଁ ଉତ୍ସାହିତ କରାଯାଉଥିଲା। ଗାଁରେ ଗୋଷ୍ଠୀ ଲାଇବ୍ରେରିଟିଏ ଥିଲା। କିନ୍ତୁ ବର୍ତ୍ତମାନ ତାହା ବନ୍ଦ ହୋଇଗଲାଣି କହିଲେ ଚଳେ!

ନିକଟରେ ଜଣେ ଅବସରପ୍ରାପ୍ତ ଇଞ୍ଜିନିୟର ଫୋନ୍ ମାଧ୍ୟମରେ ପ୍ରାୟ ଅଧାଘଣ୍ଟାରୁ ଅଧିକ ପାଠାଗାର ସମ୍ବନ୍ଧରେ ଆଲୋଚନା କରିଥିଲେ। ସେ ତାଙ୍କର ଅନୁଭୂତିରୁ କହିଲେ, ସେ ଆଜି ଯାହା ହୋଇଛନ୍ତି କେବଳ ପିଲାଟି ଦିନରୁ ପାଠାଗାରର ସୁଯୋଗ ପାଇଥିବାରୁ ଏବଂ ପିଲାଟି ଦିନରୁ ପାଠାଗାରର ବ୍ୟବହାର କରିଥିବାରୁ। ସେ ନିଜର ଅନୁଭୂତିରୁ କହିଥିଲେ, ନିଜର ଲାଇବ୍ରେରିଟିଏ କରିଛନ୍ତି। ଲାଇବ୍ରେରି ଯୋଗୁ ତାଙ୍କର ଜୀବନରେ ଅନେକ ପରିବର୍ତ୍ତନ ଆସିଛି।ବ୍ୟକ୍ତି ଜଣକ ୮୬ ବୟସରେ ବେଶ୍ କର୍ମଚଞ୍ଚଳ ଅଛନ୍ତି। ବେଦ, ଉପନିଷଦ ତଥା ଅନେକ ପୁସ୍ତକ ସମ୍ପର୍କରେ ଅନର୍ଗଳ କହିପାରୁଛନ୍ତି ଏବଂ ବର୍ତ୍ତମାନ ଅନେକ ଅନୁଷ୍ଠାନର କର୍ମକର୍ତ୍ତା ମଧ୍ୟ ଅଛନ୍ତି।

ବିଦ୍ୟାଳୟକୁ କେବଳ ପୁସ୍ତକ ଦେଇଦେଲେ କିମ୍ବା କିଣିଦେଲେ ହେବନାହିଁ, ଏଥିପାଇଁ ଯଦି ଶିଶୁ ଅନୁକୂଳ ପାଠାଗାରଟିଏ ବିକାଶହେବ, ଶିଶୁ ମନଲାଖି ପୁସ୍ତକ ରହିବ,ଶିଶୁମାନେ ଯଦି ପ୍ରାଥମିକସ୍ତରରେ ପୁସ୍ତକକୁ ନେଇ ଅନେକ ସୁଯୋଗ ପାଇବେ, ତେବେ ନିଶ୍ଚିତଭାବରେ ଶିକ୍ଷଣସ୍ତର, ସେମାନଙ୍କର କଳ୍ପନାର ବିକାଶ, ସୃଜନଶକ୍ତିର ବିକାଶ ଘଟିବ।ପୁସ୍ତକକୁ ନେଇ ବିଭିନ୍ନ ଗତିବିଧି ମଧ୍ୟ ହେବ। ଆମେ ଯଦି ଶିଶୁ ଉପଯୋଗୀ ଏବଂ ସେମାନଙ୍କର ଆଗ୍ରହ ହେବାଭଳି ସଚିତ୍ର ପୁସ୍ତକ ଯୋଗାଇଦେବା, ପୁସ୍ତକ ସମ୍ପର୍କରେ ନିୟମିତ ଅନ୍ତରରେ ଶିଶୁଙ୍କ ସହ ଆଲୋଚନାକରିବା, ପୁସ୍ତକକୁ ନେଇ ଶିଶୁଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟିକରିବା, ତେବେ ନିଶ୍ଚିତଭାବରେ ଶିଶୁର ଶିକ୍ଷଣସ୍ତର ବଢ଼ିବା ସହ ଶିଶୁଟି ମଧ୍ୟ ବିଦ୍ୟାଳୟକୁ ଭଲପାଇବ। ବିଦ୍ୟାଳୟରେ ଯେପରି ଭଲ ବଗିଚାଟିଏ ଥିଲେ ଶିଶୁଙ୍କୁ ଆକର୍ଷିତ କରିଥାଏ, ସେହିଭଳି ଶିଶୁଙ୍କ ଅନୁକୂଳ ପାଠାଗାର ମଧ୍ୟ ଶିଶୁଙ୍କୁ ପାଠପଢ଼ିବା ପାଇଁ ଉତ୍ସାହିତକରିବାରେ ସହାୟକ ହେବ।

**ରାଣୀଗୁଡ଼ା, ରାୟଗଡ଼ା**
**ମୋ:୯୪୩୮୦୮୧୪୩୦**

# ଜୀବନ୍ତ ଗ୍ରହର ଜୀବନ ରହସ୍ୟ




ଡ. କମଳାକାନ୍ତ ଜେନା

ପୃଥିବୀକୁ ମିଶେଇ ଆଠଟା ଗ୍ରହ, ପ୍ଲୁଟୋକୁ ମିଶେଇ ୫ଟା ବାମନଗ୍ରହ, ଚନ୍ଦ୍ରକୁ ମିଶେଇ ଶହ ଶହ ଉପଗ୍ରହ, ଗ୍ରହାଣୁପୁଞ୍ଜ, ଅଗଣିତ ଛୋଟବଡ଼ ପିଣ୍ଡ ଏବଂ ବିଶାଳକାୟ ସୂର୍ଯ୍ୟକୁ ନେଇ ଆମର ସୌରଜଗତ ତିଆରି ହୋଇଛି। ସମସ୍ତେ ସୂର୍ଯ୍ୟ ଚାରିପଟେ ବୁଲନ୍ତି। ସମସ୍ତଙ୍କ ଭିତରେ ଆମ ପୃଥିବୀ କଥା ନିଆରା। କାରଣ ଏତେ ଗ୍ରହ-ଉପଗ୍ରହ ରହିଥିଲେ ବି କେବଳ ପୃଥିବୀ ଗ୍ରହରେ ଜୀବଜନ୍ତୁ ଅଛନ୍ତି। ତେଣୁ ପୃଥିବୀକୁ ଆମ ସୌରଜଗତର 'ଜୀବଗ୍ରହ' ବୋଲି କୁହାଯାଉଛି। ଆମ ସୂର୍ଯ୍ୟ ଗୋଟିଏ ନକ୍ଷତ୍ର, ଯାହାର ସୌରଜଗତ ଅଛି। ଆମେ ରାତିରେ ହଜାର ହଜାର ତାରା ଦେଖୁ। କେଇଟା ତାରାକୁ ଛାଡ଼ିଦେଲେ ବାକି ତାରା ବି ନକ୍ଷତ୍ର। ସେମାନେ ଆମ ସୌରଜଗତ ବାହାରେ ଅଛନ୍ତି। ଆମ ସୂର୍ଯ୍ୟ ପରି ଅନେକ ନକ୍ଷତ୍ରର ସୌରଜଗତ ଅଛି ଓ ଗ୍ରହ-ଉପଗ୍ରହ ଅଛନ୍ତି। ସେମାନେ ନିଜର ନକ୍ଷତ୍ର ଚାରିପଟେ ବୁଲୁଛନ୍ତି। ସେଗୁଡ଼ିକୁ 'ବାହ୍ୟଗ୍ରହ' କହୁ। ଅନେକ ବାହ୍ୟଗ୍ରହକୁ ଚିହ୍ନଟ କରାଯାଇଛି, କିନ୍ତୁ ସେଠାରେ ଜୀବଜନ୍ତୁ ଥିବାର ପ୍ରମାଣ ମିଳିନାହିଁ।

ପୃଥିବୀରେ ଜୀବନ୍ତ ପ୍ରାଣୀ ରହିପାରିବାର ଅନେକ କାରଣ ଆମକୁ ଜଣା। ବଡ଼ କାରଣ ହେଉଛି ଜଳର ଉପସ୍ଥିତି। ପୃଥିବୀ ବାହାରେ କୌଣସି 'ବାହ୍ୟଗ୍ରହ'ରେ ମଧ୍ୟ ପାଣି ଥିଲେ ସେଠାରେ ଜୀବଜନ୍ତୁ ଥିବାର ସମ୍ଭାବନାକୁ ଏଡ଼େଇ ପାରିବା ନାହିଁ। ଆଜିକୁ ୪୫୦ କୋଟି ବର୍ଷ ତଳେ ପୃଥିବୀ ସୃଷ୍ଟି ହେଲା। ସେତେବେଳେ ପୃଥିବୀ ପୃଷ୍ଠରେ କୌଣସି ଜୀବ ନଥିଲେ। ପୃଥିବୀରେ ସମୁଦ୍ର ସୃଷ୍ଟି ହେଲା। ପ୍ରାୟ ୧୦୦ କୋଟି ବର୍ଷ ବିତିଲା ପରେ ସମୁଦ୍ର ଭିତରେ ହିଁ ପ୍ରଥମ ଜୀବ ସୃଷ୍ଟି ହୋଇଥିଲା। ତେଣୁ ଜୀବନ ସହିତ ଜଳର ନିବିଡ଼ ସମ୍ପର୍କ ରହିଛି।

ପାଣିକୁ ତିନିଟା ରୂପରେ ଦେଖୁ। ଆମେ ପିଉଥିବା ପାଣି ତରଳ ଅବସ୍ଥାରେ ଥାଏ। ତରଳ ପାଣିକୁ ଫ୍ରିଜ୍ ଭିତରେ ରଖିଲେ ତାହା ବରଫରେ ପରିଣତ ହୁଏ, ଯାହାକି ପାଣିର କଠିନ ଅବସ୍ଥା। ପାଣିକୁ ଗରମ କଲେ ବାଷ୍ପ ବାହାରେ, ଯାହାକି ପାଣିର ଗ୍ୟାସୀୟ ଅବସ୍ଥା। ତେଣୁ ପାଣି ତିନିଟା ରୂପରେ ରହିପାରେ। ଯେଉଁ ଗ୍ରହରେ ପାଣି ତିନିଟା ଅବସ୍ଥାରେ ରହିପାରିବ, ସେଠାରେ ଜୀବନ ସମ୍ଭବ। ପୃଥିବୀ ଏହାର ଉଦାହରଣ। ଆହୁରି ୭ଟି ଗ୍ରହ ଓ ଅନେକ ଛୋଟବଡ଼ ପିଣ୍ଡ ସୂର୍ଯ୍ୟ ଚାରିପଟେ ବିଭିନ୍ନ ଦୂରତାରେ ବୁଲୁଛନ୍ତି। ଯେଉଁ ପିଣ୍ଡଗୁଡ଼ିକ ସୂର୍ଯ୍ୟର ଅତି ନିକଟରେ ରହି ବୁଲୁଛନ୍ତି, ସେଗୁଡ଼ିକ ଅତି ଉତ୍ତପ୍ତ ଅବସ୍ଥାରେ ଅଛନ୍ତି। ସେଠାରେ ନିଆଁ ବର୍ଷିଲା ପରି ଖରା ହୁଏ। ବୁଧ ଓ ଶୁକ୍ର ସେମିତିକା ଦୁଇଟା ଗ୍ରହ।



ସେଠାରେ ଜୀବଜନ୍ତୁ ବଞ୍ଚିପାରିବେ ନାହିଁ। ପିଣ୍ଡଗୁଡ଼ିକ ସୂର୍ଯ୍ୟଠାରୁ ଅତି ଦୂରରେ ରହିଲେ ସେଠାରେ ଜୀବଜନ୍ତୁ ତିଷ୍ଠିପାରିବେ ନାହିଁ। ଆମ ବଞ୍ଚିବା ପାଇଁ ପୃଥିବୀ ଠିକ୍ ଜାଗାରେ ରହିଛି। ସୂର୍ଯ୍ୟଠାରୁ ଯେଉଁ ଦୂରତାରେ ପୃଥିବୀ ରହିଛି, ସେହି ଅଞ୍ଚଳକୁ ଗୋଲଡିଲକ୍‌ସ ଅଞ୍ଚଳ ବୋଲି କୁହାଯାଏ। ଏହି ଦୂରତାରେ ବେଶି ଗରମ ନାହିଁ କିମ୍ବା ବେଶି ଥଣ୍ଡା ନାହିଁ। ଏହି ଅଞ୍ଚଳରେ ପାଣି କଠିନ-ତରଳ-ଗ୍ୟାସୀୟ ତିନିଟା ଅବସ୍ଥାରେ ରହିପାରିବ। ତେଣୁ ଜୀବଜନ୍ତୁ ବଞ୍ଚିପାରିବେ।

ଯଦି ଆମ ସୌରଜଗତ ବାହାରେ କୌଣସି ଜୀବନ୍ତ ଗ୍ରହ ଥିବେ, ସେଗୁଡ଼ିକ ନିଜର ନକ୍ଷତ୍ରଠାରୁ ଗୋଲଡିଲକ୍‌ସ ଦୂରତାରେ ରହିଥିବେ। ତେଣୁ ବାହ୍ୟଗ୍ରହ ଖୋଜିବା ସମୟରେ ନିଜର ନକ୍ଷତ୍ରଠାରୁ ସେହି ଗ୍ରହଟି କେତେ ଦୂରରେ ଅଛି, ସେକଥା ପ୍ରଥମେ ଚିନ୍ତା କରୁ। କାରଣ ଗୋଲଡିଲକ୍‌ସ ଅଞ୍ଚଳରେ ରହିଲେ ସେଠାରେ ଜୀବନର ସମ୍ଭାବନା ରହିବ। ବ୍ରହ୍ମାଣ୍ଡରେ ଅନେକ ଛାୟାପଥ ଅଛନ୍ତି। କେବଳ ଆମ ଛାୟାପଥ ଆକାଶଗଙ୍ଗାରେ ପ୍ରାୟ ୧୬,୦୦୦ କୋଟି ବାହ୍ୟଗ୍ରହ ଥିବାର ଅନୁମାନ କରାଯାଉଛି। ୨୦୨୦ ଗବେଷଣା ଅନୁସାରେ ସେଥିମଧ୍ୟରୁ ୬,୦୦୦ କୋଟି ବାହ୍ୟଗ୍ରହ ଅଛନ୍ତି, ଯାହାର ଆକାର ପୃଥିବୀ ଭଳି। କିନ୍ତୁ ଦୁଃଖର କଥା, ନକ୍ଷତ୍ରର ଗୋଲଡିଲକ୍‌ସ ଅଞ୍ଚଳରେ ଅନେକ ଗ୍ରହ ମିଳିଥିଲେ ବି କୌଣସି ଗ୍ରହରେ ଜୀବଜଗତ ଥିବାର ଠୋସ୍ ପ୍ରମାଣ ଆମକୁ ମିଳିନାହିଁ। କିନ୍ତୁ ସେହି ଗ୍ରହଗୁଡ଼ିକରେ ଜୀବଜଗତ ନାହିଁ ବୋଲି ଆମେ ଦୃଢ଼ ଭାବରେ କହିପାରିବା ନାହିଁ।

ଗୋଲଡିଲକ୍‌ସ ଅଞ୍ଚଳରେ ଗ୍ରହଟିଏ ରହିଲେ ହଠାତ୍ ଜୀବନ ଆରମ୍ଭ ହୁଏ ନାହିଁ। ସେଥିପାଇଁ ସମୟ ଦରକାର। ଯେମିତି ଗୋଲଡିଲକ୍‌ସ ଅଞ୍ଚଳରେ ଅବସ୍ଥାନ କରୁଥିବା ପୃଥିବୀ ସୃଷ୍ଟି ହେବା ସମୟରେ ଜୀବଜନ୍ତୁ ନଥିଲେ କି ମଣିଷ ନ ଥିଲା। ସେତେବେଳେ ତାହା ଉତ୍ତପ୍ତ ବାଷ୍ପର ବିରାଟ ପିଣ୍ଡଟିଏ ଥିଲା। ଧୀରେ ଧୀରେ ଥଣ୍ଡା ହେଲା। ଏହାର ପୃଷ୍ଠତଳ ଟାଣ ହେଲା। ପୃଥିବୀପୃଷ୍ଠରେ ସମୁଦ୍ର ସୃଷ୍ଟି ହେଲା। ବିନା ଜୀବରେ ବିତିଗଲା ୧୦୦ କୋଟି ବର୍ଷ। ତା'ପରେ ଜଳ ଭିତରେ ଏକକୋଷୀ ଜୀବନର ଆରମ୍ଭ ହେଲା। ଏକକୋଷୀରୁ ବହୁକୋଷୀ ଜୀବନ ସମ୍ଭବ ହେଲା। ନାନା ଜାତିର ପ୍ରାଣୀ ସୃଷ୍ଟି ହେଲେ। ଯାହା ପ୍ରମାଣ ମିଳିଛି, ପୃଥିବୀ ପୃଷ୍ଠରେ ମଣିଷର ଆବିର୍ଭାବ ହେଲା ଏଇ ମାତ୍ର ୫୫ ଲକ୍ଷ ବର୍ଷ ତଳେ। ଅର୍ଥାତ୍ ପୃଥିବୀର ବୟସ ୧ ଦିନ ହେଲେ ମଣିଷର ଜନ୍ମ ମାତ୍ର ୨ ମିନିଟ ତଳେ ହୋଇଛି। ତେଣୁ ଆମେ ସେମିତିକା ବାହ୍ୟଗ୍ରହକୁ ଖୋଜିଚାଲିଛୁ, ଯିଏକି ଗୋଲଡିଲକ୍‌ସ ଅଞ୍ଚଳରେ ଅତି କମ୍‌ରେ ୧୦୦ କୋଟି ବର୍ଷ ରହିଥିବ। କେବେ ସେମିତିକା ଗ୍ରହର ସନ୍ଧାନ ମିଳିବ, ସେହି ଖବର ଶୁଣିବା ପାଇଁ ଆମେ ଅପେକ୍ଷା କରି ରହିବୁ। ସେଠାରେ ଥିବା ଜୀବମାନଙ୍କୁ ଦେଖିବା ପାଇଁ ଅନେଇ ବସିଛୁ।

**ପ୍ରାଧ୍ୟାପକ (ଫିଜିକ୍ସ),**
**ଭଦ୍ରକ ଅଟୋନମସ୍ କଲେଜ, ଭଦ୍ରକ**
**ମୋ: ୯୪୩୯୫୦୧୬୫୧**

## ଏଇ ଭାରତରେ

ଉତ୍ତରପ୍ରଦେଶର ଧୀରଜ ବର୍ମା ଟିଭି ଶୋ' ଦେଖି ଷ୍ଟ୍ରବେରି ଚାଷ ଆରମ୍ଭକରି ଜଣେ ସଫଳ ଚାଷୀ ହୋଇପାରିଛନ୍ତି। ସେ ବିନା ମାଟି ଅର୍ଥାତ୍ କେବଳ ପାଣି (ହାଇଡ୍ରୋପୋନିକ୍ସ ପଦ୍ଧତି)ରେ ଚାଷକରି ପ୍ରଥମ ପର୍ଯ୍ୟାୟରେ ୫ ଟନ୍ ଷ୍ଟ୍ରବେରି ଉତ୍ପାଦନ କରିବା ସହ ଲକ୍ଷାଧିକ ଟଙ୍କା ଲାଭ ପାଇଛନ୍ତି। ଧୀରଜ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲକରିବା ପରେ ୧୩ ବର୍ଷ ଧରି ୧୦ ଏକର ପୈତୃକ ଜମିରେ ବିଭିନ୍ନ ପ୍ରକାର ଶସ୍ୟ ଓ ପନିପରିବା ଚାଷ କରୁଥିଲେ। କିନ୍ତୁ ତାହା ଲାଭଜନକ ନ ହେବାରୁ ଟିଭିରେ ଇସ୍ରାଏଲରେ ହେଉଥିବା ଷ୍ଟ୍ରବେରି ଚାଷ ପଦ୍ଧତିକୁ ଦେଖି ତାହା କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ମଧ୍ୟପ୍ରଦେଶରୁ ଏହି ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇ ତାଙ୍କ ଗାଁ ବାରାବାଙ୍କିର ମୀନାପୁରରେ ୩,୫୦୦ ବର୍ଗଫୁଟ ଜାଗାରେ ହାଇଡ୍ରୋପୋନିକ୍ସ ଚାଷ ପାଇଁ ଆବଶ୍ୟକ ଉପକରଣ ଲଗାଇଛନ୍ତି। ସମୁଦାୟ ପଦ୍ଧତି ଶେଷକରିବା ଲାଗି ଦେଢ଼ବର୍ଷରେ ସେ ୧୨ ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି। ସେ ଏଥିରେ ୯,୦୦୦ ଷ୍ଟ୍ରବେରି ଚାରାଗଛ ଲଗାଇଛନ୍ତି। ଏଥିର ଗତ ୨ ମାସରେ ସେ ୫ ଟନ୍ ଷ୍ଟ୍ରବେରି ଉତ୍ପାଦନକରି ୩ ଲକ୍ଷ ଟଙ୍କା ଲାଭ ପାଇଛନ୍ତି। ଆସନ୍ତା ବର୍ଷ ଏହି ଚାଷରୁ ୧୦ ଲକ୍ଷ ଟଙ୍କା ଲାଭ କରିବେ ବୋଲି ଆଶାବାଦୀ ଅଛନ୍ତି ଧୀରଜ।

## ୫୦ ବର୍ଷ ତଳର ଧରିତ୍ରୀ

### ୯ ଡିସେମ୍ବର ୧୯୭୬

- ଜାତିସଂଘର ସଚିବ ପ୍ରଧାନ ପଦରେ ୫୮ ବର୍ଷ ବୟସ୍କ ଡଃ ୱାଲଡ୍ ହେଇନ୍ ୨ୟ ଥର ପାଇଁ ପୁନଃ ନିର୍ବାଚିତ।
- ମେକ୍ସିକୋର ପରମାଣୁ ପଦାର୍ଥ ବିଜ୍ଞାନୀ ଡଃ ଲୁଇସ୍ ଏଷ୍ଟ୍ରାଡାଙ୍କୁ ଆନ୍ତର୍ଜାତିକ କଳିଙ୍ଗ ପୁରସ୍କାର ଅର୍ପଣ।

## ଚିରନ୍ତନୀ

କେତେ ପରଶର ପରାସ ଲାଗି ଏ ପ୍ରାଣ
ପାଷାଣରୁ ବଳି ହୋଇଛି ତ ବଡ଼ ଟାଣ
ରୂପର ଝଲକେ ନିଭିଛି ଆଖିରୁ ଜ୍ୟୋତି
ଶିଶୁ ଖେଳ ପରା ଲାଗେ ପ୍ରୀତି ଅଭିମାନ ।
–(ରୂପର ମୋହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପାନୀୟ ଜଳର ବ୍ୟବସ୍ଥା କରୁନାହାନ୍ତି

ମହାଶୟ,

ଓଡ଼ିଶାର ସବୁ ସହରରେ ଥିବା ହୋଟେଲ ଏବଂ ଲଜ୍‌ଗୁଡ଼ିକରେ ୨୪ ଘଣ୍ଟା ରହିବା ପାଇଁ ରୁମ୍ ପିଛା ଟଙ୍କା ନେଉଛନ୍ତି। ନିଜର କାମ ପାଇଁ ଲୋକମାନେ ବାହାରୁ ଆସି ରହୁଛନ୍ତି। ହେଲେ ପରିତାପର ବିଷୟ, ଅଧିକାଂଶ ହୋଟେଲ କିମ୍ବା ଲଜ୍‌ରେ ସାମାନ୍ୟତମ ପାନୀୟ ଜଳର ବ୍ୟବସ୍ଥା ରଖୁନାହାନ୍ତି। ପାନୀୟ ଜଳର ମାନ ମଧ୍ୟ ରହୁନାହିଁ। ପଚାରିଲେ ଉତ୍ତର ମିଳେ ଫିଲ୍‌ଟରର ବ୍ୟବସ୍ଥା ନାହିଁ। ବାଧ୍ୟହୋଇ ହୋଟେଲ ଫ୍ରିଜ୍‌ରେ ଥିବା ପାଣି ବୋତଲ ୨୦ଟଙ୍କା ଦେଇ କିଣିବାକୁ ପଡୁଛି। ଏ ବାଟରେ ମଧ୍ୟ ହୋଟେଲ ଓ ଲଜ୍ ମାଲିକମାନେ ଲୋକମାନଙ୍କୁ ଶୋଷଣ କରୁଛନ୍ତି। ଏ ଦିଗରେ ସରକାର ଦୃଷ୍ଟିଦେଇ ସମସ୍ୟା ସମାଧାନ କରିବା ଦିଗରେ ପଦକ୍ଷେପ ନେବା ଦରକାର।

**–କନ୍ହେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

## ରାଶନ କାର୍ଡ କଟା ବନ୍ଦ କରିବାକୁ ଦାବି

କଳିଙ୍ଗନଗର,(ଶୁଭାଶିଷ ରାଉତ): ଦାନଗଦି ବ୍ଲକ୍ ଅଞ୍ଚଳର ଅନେକ ବୃଦ୍ଧ, ବିଧବା, ଦିନମଜୁରିଆ, ଦରିଦ୍ର ଓ ଅସହାୟ ପରିବାରଙ୍କ ରାଶନ କାର୍ଡ କାଟିବା ପାଇଁ ତାଲିକା ଆସିଛି। ଫଳରେ ଏହାକୁ ନେଇ ଅଞ୍ଚଳରେ ଜନଅସନ୍ତୋଷ ପ୍ରକାଶ ପାଉଛି। ତେଣୁ ଉପଯୁକ୍ତ ତଦନ୍ତ କରି କାର୍ଡଗୁଡ଼ିକ ରଖିବା ପାଇଁ ଦାନଗଦି ବ୍ଲକ୍ ଯୁବ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏନେଇ ସୋମବାର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୭ ଦିନ ମଧ୍ୟରେ ଏହାକୁ ପାଳନ କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇ ଅନଶନ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଦବିଯାଉଛି ୧୬ ନମ୍ବର ଜାତୀୟ ରାଜପଥ

- ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ
- ମରାମତି ପାଇଁ ସଚିବଙ୍କ ହସ୍ତକ୍ଷେପ

ଯାଜପୁର,୮।୧୨(ହର୍ଷବର୍ଦ୍ଧନ ବେହେରା)

ଜାତୀୟ ରାଜପଥ(ଏନ୍ଏଚ୍)ର ତ୍ରୁଟିପୂର୍ଣ୍ଣ ଓ ନିମ୍ନମାନର ନିର୍ମାଣ ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଦେଶରେ ଦୁର୍ଘଟଣାଜନିତ ମୃତ୍ୟୁରେ ଓଡିଶା ସର୍ବାଧିକ ସ୍ଥାନ ଗ୍ରହଣ କରିଛି। ଏହିକ୍ରମରେ ଯାଜପୁର ଜିଲା ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲିଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନ ଦବି ଯାଇ ଡଙ୍ଗା ଭଳି ଖାଲ ସୃଷ୍ଟି ଯୋଗୁ ଦୁର୍ଘଟଣା ବୃଦ୍ଧି ହେଉଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଭିତ୍ତିକରି ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷ ଓ ନିର୍ମାଣ ବିଭାଗ ସଚିବଙ୍କୁ ପତ୍ର ମାଧ୍ୟମରେ ସୂଚିତ କରାଯାଇଛି। ହେଲେ ଏଯାଏ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷ ଉଭୟ ପାର୍ଶ୍ୱ ରାସ୍ତାର ଲମ୍ବା ଖାଲ ମରାମତି ଦିଗରେ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହାବାଦ୍ ଏନ୍ଏଚ୍ ମରାମତି ପାଇଁ ଆସୁଥିବା ବିପୁଳ କୋଟି ଟଙ୍କାର ଉଚିତ ବିନିଯୋଗ ହେଉ ନଥିବା ଅଭିଯୋଗ ହେଉଛି।


ଦବିଯାଇଥିବା ଜାତୀୟ ରାଜପଥ ।

ତ୍ରୁଟିପୂର୍ଣ୍ଣ ଜାତୀୟ ରାଜପଥ ନିର୍ମାଣ ଓ ଖାଲଖମାରେ ଭର୍ତ୍ତି ରାସ୍ତା ଲୋକଙ୍କ ଜୀବନ ନେଉଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଅନୁଷ୍ଠିତ ବୈଠକରେ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷଙ୍କୁ ପଦକ୍ଷେପ ନେବାକୁ ଅନୁରୋଧ କରାଯାଉଛି। ଏହାବାଦ ଚଣ୍ଡିଖୋଲ-ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ବର୍ଷ ଧରି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ଏହି ରାସ୍ତାରେ ଦୁର୍ଘଟଣାଜନିତ ମୃତ୍ୟୁହାର କ୍ରମଶଃ ବଢ଼ି ଚାଲିଛି ବୋଲି କୁହାଯାଉଛି। ଏହି ରାସ୍ତାକଡରେ ବ୍ରାହ୍ମଣୀ ନଦୀ ପ୍ରବାହିତ ହେଉଥିବାବେଳେ ବହୁ କଳାପଥର ଖାଦାନ, କ୍ରଶର ଓ ଟାଟା ଷ୍ଟିଲ୍ର ମୁଖ୍ୟ ଫାଟକ ରହିଛି। ପ୍ରତିଦିନ ଶତାଧିକ କଳାପଥର, ଚିପ୍ସ, ବାଲି ବୋଝେଇ ଯାନ ଏହି ରାସ୍ତାରେ ଚଳାଚଳ ହେଉଛି। କିନ୍ତୁ ରାସ୍ତାରେ ବଡ଼ ବଡ଼ ଗାତ ସୃଷ୍ଟି ଯୋଗୁ ଟ୍ରକ, ହାଇୱା, ଟ୍ରାକ୍ଟର ଚକ ତଳେ ଚାପି ହୋଇ ଲୋକଙ୍କ ଜୀବନ ଯାଉଥିବା ନଜିର ରହିଛି। ତେଣୁ ତୁରନ୍ତ ୫୩ ନମ୍ବର ଜାତୀୟ ରାଜପଥ ନିର୍ମାଣ ଶେଷ କରିବାକୁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବାରମ୍ବାର ଅନୁରୋଧ କରାଯାଉଥିଲେ ହେଁ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି।

ଅନ୍ୟପକ୍ଷେ ଟ୍ରାଫିକ ନିୟମ ପାଳନ କରାଯାଉ ନ ଥିଲେ ହେଁ କେତେକସ୍ଥଳେ ଅନ୍ଲାଇନ୍ ଜରିମାନା ଧାର୍ଯ୍ୟ ହେଉଥିବା ଅନେକ ଅଭିଯୋଗ ହୋଇଛି। ଦେବୀ ପ୍ରସାଦ ସାମଲ ଏଭଳି ଏକ ଅଭିଯୋଗ କରି ଏନ୍ଏଚ୍ କୁଆଖିଆ ନିକଟରେ ଏକ ବଡ଼ ଗର୍ତ୍ତରେ ପଡ଼ି ତାଙ୍କ ବାଇକ ଭାଙ୍ଗିଯିବା ସହ ସେ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ ବୋଲି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଏହାସହ ଏନ୍ଏଚ୍ରେ ସୃଷ୍ଟି ହୋଇଥିବା ଗର୍ତ୍ତ ଓ ଖାଲଖମା ତୁରନ୍ତ ମରାମତି କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।

ଏନ୍ଏଚ୍ଏଆଇ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ଠିକାଦାରଙ୍କ ସାଲିସ ଯୋଗୁ ରାଜ୍ୟରେ ଯାଇଥିବା ବିଭିନ୍ନ ରାଜପଥ ନିର୍ମାଣରେ ଅନିୟମିତତା ହେଉଥିବା ଦେଖାଯାଉଛି। ଫଳରେ ଏହାର ଦୀର୍ଘ ସ୍ଥାୟିତ୍ୱ ନେଇ ସବୁବେଳେ ଆଶଙ୍କା ସୃଷ୍ଟି ହେଉଛି। ଯାଜପୁର ଜିଲା ଦେଇ ଯାଇଥିବା ୧୬, ୨୦ ଓ ୫୩ ନମ୍ବର ଜାତୀୟ ରାଜପଥର ଅବସ୍ଥାକୁ ଦେଖିଲେ ଏହା ସ୍ପଷ୍ଟ ବାରି ହୋଇ ପଡୁଛି। ୧୬ ନମ୍ବର ଜାତୀୟ ରାଜପଥ ନିର୍ମାଣର ବର୍ଷକ ମଧ୍ୟରେ ଲମ୍ବା ଗର୍ତ୍ତ ସୃଷ୍ଟି ହେବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ଏନ୍ଏଚ୍ଏଆଇ ଚଣ୍ଡିଖୋଲ ଡିଭିଜନର ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମାଙ୍କୁ ପଚାରିବାରୁ ସେ କହିଛନ୍ତି, ତୁରନ୍ତ ସମସ୍ୟାର ନିରୀକ୍ଷଣ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ୧୬ରୁ ଖରସ୍ରୋତା ପୁସ୍ତକ ମେଳା

ବିଞ୍ଝାରପୁର,୮।୧୨ (ରାମକୃଷ୍ଣ ଦାସ):

ଖରସ୍ରୋତା ପୁସ୍ତକ ମେଳା କମିଟି ପକ୍ଷରୁ ଆସନ୍ତା ୧୬ରୁ ୨୧ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ଫତେପୁର ପଞ୍ଚାୟତ ଅନ୍ତର୍ଗତ ମଳିଆ ଯଜ୍ଞପଡ଼ିଆଠାରେ ପୁସ୍ତକ ମେଳା ଅନୁଷ୍ଠିତ ହେବ। ଏନେଇ କମିଟିର ସ୍ଥାୟୀ ସଭାପତି ତଥା ପ୍ରତିଷ୍ଠାତା ପଦ୍ମାକର ଗୁରୁଙ୍କ ଅଧ୍ୟକ୍ଷତାରେ ମେଳା ପଡ଼ିଆରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେଳାରେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ଏମ୍ପି ରବୀନ୍ଦ୍ର ନାରାୟଣ ବେହେରା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରଞ୍ଜିତା କୁମାରୀ ଦାସଙ୍କ ସମେତ ପ୍ରଶାସକ, କବି, ଗ୍ରନ୍ଥକାର, ଲେଖକ, ଶିକ୍ଷାବିତ୍, ଗବେଷକ, ସାହିତ୍ୟିକ ଯୋଗଦେବାକୁ ସମ୍ମତି ପ୍ରଦାନ କରିଥିବା ସୂଚନା ଦିଆଯାଇଛି। ମେଳାରେ ଦୈନିକ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଭା ଚୟନ ପ୍ରତିଯୋଗିତା ସହ ନାଟକ ପରିବେଷଣ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି ବୋଲି ସଭାପତି ଗୁରୁ ସୂଚନା ଦେଇଛନ୍ତି। ଏହି ବୈଠକରେ ଉପଦେଷ୍ଟା ନାରାୟଣ ଚନ୍ଦ୍ର ଦାସ, ସୁବାସ ଚନ୍ଦ୍ର ପ୍ରଧାନ, ଅମ୍ବିକା ପ୍ରସାଦ ସାମଲ, ସନ୍ତୋଷ ବେଉରିଆ, ନିରଞ୍ଜନ ପାତ୍ର, କୃଷ୍ଣଚନ୍ଦ୍ର ଥାଟୋଇ, ସୁବାସ ଚନ୍ଦ୍ର ସାହାଣୀ, ସନ୍ତୋଷ ରାଉତ, ପ୍ରଦୀପ ଜେନା, ଶରତ ଚନ୍ଦ୍ର ନାୟକ, ରତ୍ନାକର ସାହୁ, ଭାରତ ଭୂଷଣ ମଲ୍ଲିକ, ବିବେକାନନ୍ଦ ଧଳ, ବ୍ରହ୍ମାନନ୍ଦ ମଲିକ, ସୁବାସ ଚନ୍ଦ୍ର ସାହୁ, ନାରାୟଣ ପଣ୍ଡା, ଶିଶିର ଦାସ, ମନୋଜ ସାହୁ, ମହେନ୍ଦ୍ର ବାରିକ, ମୁକୁନ୍ଦ ମଲ୍ଲିକ, ପ୍ରମୋଦ ସେଠୀ ଓ ମନୋଜ ପଣ୍ଡା ପ୍ରମୁଖ ଯୋଗଦେଇ ମେଳାକୁ ସମ୍ପୂର୍ଣ୍ଣ ଶୃଙ୍ଖଳିତ ଓ ସଫଳ କରିବା ଲାଗି ନିରନ୍ତର ପ୍ରୟାସ କରିବାକୁ ମତପ୍ରକାଶ କରିଥିଲେ। ମନୋରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

## କୁମାର କିଙ୍କର ଥିଲେ ଆଦର୍ଶବାଦୀ ମଣିଷ


ସ୍ମୃତି ସଭାରେ ଲିଡ୍ର୍ସ କ୍ଲବର କର୍ମକର୍ତ୍ତା ଓ ଅନ୍ୟମାନେ ।

ଯାଜପୁର ଟାଉନ,୮।୧୨ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ସହରର ଲିଡ୍ର୍ସ କ୍ଲବ ତରଫରୁ ସୋମବାର କୁମାର କିଙ୍କର ନାୟକଙ୍କ ଏକ ଶ୍ରଦ୍ଧାଞ୍ଜଳି ସଭା ଯାଜପୁର ଜଗନ୍ନାଥ ମନ୍ଦିର ପରିସରରେ ସଭାପତି ନାରାୟଣ ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କୁମାର କିଙ୍କର ଜଣେ ମେଳାପୀ, ଲୋକପ୍ରିୟ, ଆଦର୍ଶବାଦୀ ମଣିଷଥିଲେ। ସେ ଲିଡ୍ର୍ସ କ୍ଲବର ପ୍ରମୁଖ ସଦସ୍ୟ ଭାବରେ ୮ନଂ. ଜର୍ସିରେ ଫୁଟ୍‌ବଲ ଖେଳନ୍ତି। ସେ ବହୁ ଲୋକଙ୍କୁ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ ସହଯୋଗ କରୁଥିଲେ। ଯାଜପୁର ରୋଡ୍ କ୍ରେଡିଟ୍ କୋପରେଟିଭ୍ ବ୍ୟାଙ୍କର ସଭାପତି ଥିଲେ। ତାଙ୍କ ଘରେ ଦିବ୍ୟଜୀବନ ସଂଘ, ଯାଜପୁର ସହରର ପ୍ରଥମ ଶାଖା ସ୍ଥାପିତ ହୋଇ କାର୍ଯ୍ୟ କରୁଥିଲା ବୋଲି ସଭାରେ ଯୋଗ ଦେଇଥିବା ଅତିଥି ପ୍ରକାଶ କରିଥିଲେ। ତାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ସ୍ମରଣିକା ପ୍ରକାଶ ସହ ଗୋଟିଏ ସ୍ମରଣିକା କମିଟି ଗଠନ ପାଇଁ ପୂର୍ବତନ ଏମ୍ପମି ଅଞ୍ଜଳ ଦାସ ପ୍ରସ୍ତାବ ଦେଇଥିଲେ। ସଭାରେ ଦିଗାମ୍ବର କର, କଂଗ୍ରେସ ନେତା ସନ୍ତୋଷ ନନ୍ଦ, ସୁଦୀପ କର, ଶିଶିର ନାୟକ, ପ୍ରାଧ୍ୟାପକ ଦାମୋଦର ବେହେରା, ହୃଷୀକେଶ ପତି, ଦୁର୍ଯ୍ୟୋଧନ ବେହେରା, ବିଜେଡିର ବଳଭଦ୍ର ଦାସ, ନିକୁଞ୍ଜ ସାମଲ, ପ୍ରଦୀପ ଜେନା, ଲୋକନାଥ ମିଶ୍ର, ଚନ୍ଦ୍ରଶେଖର ପତି, ବିଭୂତି ଭୂଷଣ ମହାପାତ୍ର, ଗୋବିନ୍ଦ ସାମଲ, ପ୍ରଭାତ ଦାସ, ତପନ ମହାରଣ୍ୟ, ଦେବେନ୍ଦ୍ର ମହାରଣ୍ୟ, ରବୀନ୍ଦ୍ର ମହାରଣା, କଲ୍ୟାଣୀ ନାୟକ, ବିଜୟ ମହାରଣା, ସମରଜିତ୍ ମହାନ୍ତି, ଅଧିକାରୀ ନବକିଶୋର ଦାସ, ଗୋବିନ୍ଦ ବେହେରା, ବିଦ୍ୟାଧର ବାରିକ, ରବୀନ୍ଦ୍ର ରାଉତ, ଦେବାଶିଷ ରାୟ, ରତନ ଦତ୍ତ, ଜଗତ୍ ନାୟକ, ପ୍ରକାଶ ମହାନ୍ତି, ଉପେନ୍ଦ୍ର ମିଶ୍ର, ବୀଣାପାଣୀ ନାୟକ, ଅଶୋକ ଦାଶ, ନନ୍ଦକିଶୋର ନାୟକ, କୀର୍ତ୍ତନ ବଲ୍ଲଭ ରାୟ, କୈଳାସ ମିଶ୍ର, ବିଜୟ ମହାପାତ୍ର, ବାବୁଲି ସାହୁ, ଶ୍ରୀଜୟ ମହାପାତ୍ର ଓ ଜନାର୍ଦ୍ଦନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କ୍ଲବ ସମ୍ପାଦକ ଦିଲୀପ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ନାରୀ ସୁରକ୍ଷା ସଚେତନତା ଶୋଭାଯାତ୍ରା

ଯାଜପୁର ଟାଉନ,୮।୧୨ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ନାରୀଙ୍କୁ ସୁରକ୍ଷା ପ୍ରଦାନ ଦାବିରେ ଯାଜପୁର ଇନର ହୁଇଲ କ୍ଲବ୍ ପକ୍ଷରୁ ଯାଜପୁରସହରରେ ସୋମବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯାଜପୁର ମାନସାପୋଲଠାରେ ଥିବା ଆଇଡିଏଫସି ବ୍ୟାଙ୍କ ନିକଟରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏଥିରେ ବିରଜା ନର୍ସିଂ ସ୍କୁଲ ଓ କ୍ରିସ୍ କଲେଜର ଛାତ୍ରୀମାନେ ସାମିଲ ହୋଇବିଭିନ୍ନ ସ୍ଲୋଗାନ ଦେଇଥିଲେ। ଇନରହୁଇଲର ସଭାପତି ସତ୍ୟଭାମା ପତି, ସମ୍ପାଦକ ଲିଲିରାଣୀ କର, ସଦସ୍ୟା ସୁରୁଚୀ ପାଣି, ଅନ୍ନପୂର୍ଣ୍ଣା ଶତପଥୀ, ତୁଷାରକାନ୍ତୀ ନାୟକ, ବିଜୟଲକ୍ଷ୍ମୀ ମହାନ୍ତି, ମାନସିରାଣୀ ଓଝା, ପଙ୍କଜିନୀ ପଣ୍ଡା, ପ୍ରେମଲତା ପଣ୍ଡା ଓ ବିଜୟଲକ୍ଷ୍ମୀ ସ୍ୱାଇଁଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।



ଯାଜପୁର ଇନର ହୁଇଲ କ୍ଲବ୍ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

## ଆହତ ଷଣ୍ଢର ଚିକିତ୍ସା

କାଳିଆପାଣି,୮।୧୨(ଅସିତ ମହାନ୍ତ):

ସୁକିନ୍ଦା ବ୍ଲକ ଅନ୍ତର୍ଗତ ଗାଁସୋଳ ପଞ୍ଚାୟତ ଭିମଟାଙ୍ଗର ଗାଁ ନିକଟରେ ଏକ ଷଣ୍ଢ ଆହତ ହୋଇ ପଡ଼ିଥିବାବେଳେ ସ୍ଥାନୀୟ ଯୁବକମାନେ ପ୍ରାଣୀଧନ ଚିକିତ୍ସକଙ୍କ ସହଯୋଗରେ ତା'ର ଚିକିତ୍ସା କରିଛନ୍ତି। ଭିମଟାଙ୍ଗର ନିକଟ ଜଙ୍ଗଲ କଡ଼ରେ ଷଣ୍ଢଟି ପଡ଼ି ରହିଥିଲା। ଖବର ପାଇ ସାମାଜିକକର୍ମୀ ମନୋଜ ମହାନ୍ତ ପହଞ୍ଚି କାଳିଆପାଣି ଏଲ୍ଆଇଙ୍କୁ ଯୋଗାଯୋଗ କରିଥିଲେ। ହେଲେ ଏଲଆଇ ଆସିବାକୁ ମନା କରିଦେଇଥିଲେ। ଏହାପରେ ମନୋଜ ସୁକିନ୍ଦା ଭିଏସଙ୍କୁ ଯୋଗାଯୋଗ କରିଥିଲେ। ଭିଏସିଙ୍କ ନିର୍ଦ୍ଦେଶରେ ବ୍ଲକ ଭେଟନାରି ଅଫିସର ସମୀର ବେହେରା ଓ ଏଲଆଇ ପ୍ରଶାନ୍ତ ସ୍ୱାଇଁ ପହଞ୍ଚି ଷଣ୍ଢର ଚିକିତ୍ସା କରିଥିଲେ। ଷଣ୍ଢ ଅବସ୍ଥା ଗୁରୁତର ରହିଛି। ତା'ର ଅଧିକ ଚିକିତ୍ସା ଆବଶ୍ୟକ ରହିଛି। ମାତ୍ର କାଳିଆପାଣିରେ ଅବସ୍ଥାପିତ ଏଲଆଇ ଅନୁପସ୍ଥିତ ରହିଥିବାରୁ ଚିକିତ୍ସା କରାଯାଇ ପାରୁନାହିଁ। ଏ ସମ୍ପର୍କରେ ସାମାଜିକ କର୍ମୀ ମନୋଜ ମହାନ୍ତ, କୁନାଲ ମହାନ୍ତ ଓ ଅସିତ ମହାନ୍ତ ପ୍ରମୁଖ ଜିଲାପାଳଙ୍କୁ ଜଣାଇବେ ବୋଲି ପ୍ରକାଶ କରିଛନ୍ତି।

## ଚଣ୍ଡିଖୋଲ ପ୍ରେସ୍‌କ୍ଲବର କର୍ମକର୍ତ୍ତା ନିର୍ବାଚନ



ଚଣ୍ଡିଖୋଲ,୮।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):

ଚଣ୍ଡିଖୋଲ ଡାକବଙ୍ଗଳା ପରିସରରେ ସୋମବାର ଚଣ୍ଡିଖୋଲ ପ୍ରେସକ୍ଲବର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖବରଦାତା ମହେଶ୍ୱର ବଳ ଅଧ୍ୟକ୍ଷତା କରି କହିଥିଲେ, ଏହି ପ୍ରେସକ୍ଲବ୍ ଯାଜପୁର ଜିଲାର ସର୍ବପୁରାତନ। ୧୯୮୫ରୁ ଏହା ଗଠିତ ହୋଇଥିଲା। ନିରବୀ ଯାଇଥିବା ଏହି କ୍ଲବକୁ ପୁନଃଗଠିତ ପୂର୍ବକ ଉଜ୍ଜୀବିତ କରିରଖିବା ପାଇଁ କର୍ମକର୍ତ୍ତା ପ୍ରୟାସ କରିଥିବାରୁ ସେ ସାଧୁବାଦ ଜଣାଇଥିଲେ। ପରେ କ୍ଲବର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିଭାବେ ଭକ୍ତଚରଣ ସାହୁ, ଉପସଭାପତିଭାବେ ପ୍ରଦୀପ୍ତ ପୃଷ୍ଟି, ସମ୍ପାଦକ ପ୍ରମୋଦ ଜେନା, ସହସମ୍ପାଦକ ପବିତ୍ର ସାମଲ ଓ କୋଷାଧ୍ୟକ୍ଷ ଭାବେ ଉତ୍କଳ ପ୍ରସନ୍ନ ପ୍ରଧାନଙ୍କୁ ନିର୍ବାଚିତ କରାଯାଇଥିଲା। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଦିଗମ୍ବର ମହାପାତ୍ର, ବିମଳ ବେହେରା, ତ୍ରିଲୋକ୍ୟ ନାୟକ, ତାପସ ମିଶ୍ର ଓ ମନୋଜ ମହାନ୍ତି ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଉପଦେଷ୍ଟା ମଣ୍ଡଳୀକୁ ନିମଳ ଚନ୍ଦ୍ର ସାମଲ, ମହେଶ୍ୱର ବଳ ଓ ପ୍ରିୟନାଥ ମହାପାତ୍ରଙ୍କୁ ଚୟନ କରାଯାଇଥିଲା। ବୈଠକରେ ପ୍ରଦ୍ୟୁମ୍ନ ଓଝା, ତାପୀର ଉଦ୍ଦିନ, ମନୋଜ ପଣ୍ଡା, ଅମିତ ମହାନ୍ତି, ଅଜୟ କୁମାର ଜେନା ଓ ଶ୍ରୀକାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ବୈଠକରେ ନୂତନ କର୍ମକର୍ତ୍ତାଙ୍କ ପାଇଁ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ତାପସ ମିଶ୍ର ଧନ୍ୟବାଦ ଦେଇଥିଲେ।

**QUOTATION CALL NOTICE**

Sealed Quotations are invited from registered firms having valid GSTN for supply of various items related to the IT infrastructure as per the specification given by the Govt. of Odisha (Govt. of Odisha Higher Education No.202469785168/Dt.5.3.25 Non-Govt. aided colleges having students strength less than 750). The sealed Quotations should reach the office of the undersigned within 10 days from the date of publication of the notice. The undersigned reserves the right to cancel any quotation without assigning any reason thereof.

Sd./- Principal
Anchalika Degree Mahavidyalaya,
Pragyanvihar, Siminai, Dhenkanal-759025

## ବ୍ୟାସନଗର ପବ୍ଲିକ ସ୍କୁଲ ଚାମ୍ପିୟନ


ଜିଲା ଶିକ୍ଷା ଅଧିକାରୀ ଓ ଥାନା ଅଧିକାରୀ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

ଧର୍ମଶାଳା,୮।୧୨(ବଟକୃଷ୍ଣ ପରିଡ଼ା):

### ଆନ୍ତଃବିଦ୍ୟାଳୟ ଭଲିବଲ୍ ପ୍ରତିଯୋଗିତା

ଧର୍ମଶାଳା ବ୍ଲକ ହରିଦାସପୁରସ୍ଥିତ ଗୁରୁକୁଳ ପବ୍ଲିକ ସ୍କୁଲଠାରେ ସହୋଦୟ ଆନ୍ତଃବିଦ୍ୟାଳୟ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାସନଗର ପବ୍ଲିକ ସ୍କୁଲ ୨-୦ ସେଟ୍‌ରେ ଗୁରୁକୁଳ ପବ୍ଲିକ୍ ସ୍କୁଲ୍‌କୁ ହରାଇ ଚାମ୍ପିୟନ୍ ହୋଇଛି। ପ୍ରତିଯୋଗିତାରେ ସମୁଦାୟ ୭ ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ବ୍ୟାସନଗର ପବ୍ଲିକ ସ୍କୁଲ ଓ ଗୁରୁକୁଳ ପବ୍ଲିକ ସ୍କୁଲ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଧର୍ମଶାଳା ଥାନା ଅଧିକାରୀ ରମାକାନ୍ତ ନାୟକ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଅଭୟ କୁମାର ଜେନା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀର କୁମାର କର ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଶୁଶାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ୟାସନଗର ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ଦେବସ୍ମିତା ସାହୁ ଯୋଗଦେଇ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳଶିକ୍ଷକ ପଲଟୁ କୁମାର ପାଲ୍ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ପ୍ରଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

**OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)**
P.O.NUAGAM (ASKA)-761111, GANJAM DISTRICT, ODISHA
Phones:06822-273464, email:askasugar@yahoo.co.in, website:askasugar.com
Letter No.(Engg.) 1991, Dt.06.12.2025

Sealed Tenders are invited from competent farm/agency for undertaking **"AMC of Global make electronic weigh bridges 40 MT (01 No.), 10 MT (02 Nos.) & Eurotech make electronic weigh bridge 80 MT (01 No.)"** for the crushing season 2025-2026 at the Aska Co-operative Sugar Industries Ltd., Nuagam, Aska. Interested tenderers can get details & obtain tender form by download from our **website: www.askasugar.com.** Filled tender forms can be sent by Speed Post/ Registered Post only, which should reach the office latest by dated. 18.12.2025 by 05.00 P.M.

**Sd./- Managing Director**

**सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड**
**CENTRAL MINE PLANNING & DESIGN INSTITUTE LTD.**
सीएमपीडीआई मिनी रत्न cmpdi Mini Ratna
(कोल इण्डिया लिमिटेड की एक अनुषंगी ईकाई)/(A Subsidiary of Coal India Limited)
गोन्दवाना प्लेस, काँक रोड राँची - 834008, झारखंण्ड, भारत

**सूचना/NOTICE**

"सामग्री, कार्यो एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इण्डिया लिमिटेड की वेबसाइट **www.coalindia.in**/सम्बंधित अनुषंगी कम्पनी (सीएमपीडीआई, **www.cmpdi.co.in**), सीआईएल ई-प्रोक्योरमेंट पोर्टल **https://coalindiatenders.nic.in** एवं सेन्ट्रल पब्लिक प्रोक्योरमेंट पोर्टल **https://eprocure.gov.in** पर उपलब्ध है । इसके अलावा, जीईएम पोर्टल **https://gem.gov.in** के माध्यम से भी खरीद की जाती है ।"/ "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in.**"

**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, LOHARDAGA**

**e-Procurement Notice**
Tender Reference No. WRD /MID/LOHARDAGA/F2-26/2025-26
Date – 06/12/2025

| | | |
|---|---|---|
| 1. | Name of Work | Construction of Series Checkdam on Paras Nala at vill – Heswe , Block – Senha, Distt.- Lohardaga. |
| 2. | Estimated Cost (Rs. In Lakh) | Rs. 122.811 Lakh |
| 3. | Time of Completion | 11 Months |
| 4. | Date of Publication of e-Tender on website | 24/12/2025 at 05:00 PM |
| 5. | Last date/Time for Submission of e-Tender BID's | 01/01/2026 up to 05:00 PM |
| 6. | Last date for online Submission of Tender Fee and EMD | e-Procurement Portal (jharkhandtenders.gov.in) 01/01/2026 up to 05:00 PM |
| 7. | Date of opening Tender | 03/01/2026 at 02:00 PM |
| 8 | Name & address of office inviting tender | Executive Engineer, Minor Irrigation Division, Lohardaga. |
| 9. | (a) Contact No. of e-Procurement officer (b) E-Mail of e-Procurement officer | 9801286765 Midloh632@gmail.com |
| 10. | Helpline Number of e-Procurement cell | 7488537740 |

**Note: - (1) Only e-Tender will be accepted**
**(2) Published Estimated Cost may be Increase or Decrease.**
**Further details can be seen on website** http://jharkhandtenders.gov.in

Executive Engineer
Minor Irrigation Division, Lohardaga.
PR 367989 (Lohardaga) 25-26 (D)

**GOVERNMENT OF JHARKHAND**
**OFFICE OF THE EXECUTIVE ENGINEER**
**R.C.D. , ROAD DIVISION, SAHIBGANJ**

**e- Procurement Notice**
**(2nd Call)**
**(SHORT TENDER)**
e-Tender Reference no.- **RCD/SAHIBGANJ/1047/2025-26**
**Dated : 06.12.2025**

| | | |
|---|---|---|
| 1 | Name of Work | **IRQP/Strengthening work of Shobhanpur Bhatta to Rajgaon via Kishan Prasad from K.M. 0.00 to 19.625 under Road Division, Sahibganj for the Year 2025-26** |
| 2 (a) | Estimated Cost (Rs) | **Rs. 12,57,13,074.00** (Rupees Twelve Crore Fifty Seven Lakh Thirteen Thousand Seventy Four) Only. |
| (b) | Bid Security (Rs) | **12,58,000.00** (Rupees Twelve Lakh and Fifty Eight Thousand) Only. |
| 3 | Time of Completion | 06 (Six) Months |
| 4 | Last date / Time for receipt of bids | 23.12.2025 upto 12.00 Noon |
| 5 | Date of Publication of Tender on website | 10.12.2025 from 10.30 A.M. |
| 6 | Name & address of office Inviting tender | Executive Engineer, R.C.D. Road Division, Sahibganj |
| 7 | Contact no. of Procurement officer | 8271102250 |
| 8 | Helpline number of e- Procurement cell | 0651 - 2401010 |

Further details can be seen on website *http://jharkhandtenders.gov.in*

EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, SAHIBGANJ
PR 367995 (Road) 25-26 (D)

# ୩ ଦିନ ହେଲା ବିଦ୍ୟାଳୟକୁ ଆସୁନାହାନ୍ତି ଛାତ୍ରୀଛାତ୍ର

■ ଶିକ୍ଷକ ଅଭାବ: ଛାତ୍ରୀଛାତ୍ର ହନୁମାନ ଜୀଉ ପ୍ରାଥମିକ ବିଦ୍ୟାଳୟ ପ୍ରତିବାଦ କରିବା

■ ଅଚଳାବସ୍ଥା ଦୂରୀକରଣ ପାଇଁ ଧ୍ୟାନ ଦେଉ ନାହିଁ ବିଭାଗ



ଡେରାବିଶ, ୮।୧୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ନହଙ୍ଗ ପଞ୍ଚାୟତର ପଲ୍ଲୀ ରଘୁନାଥପୁର ଗ୍ରାମସ୍ଥିତ ହନୁମାନ ଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭାବି ଶିକ୍ଷକ ସମସ୍ୟା ପାଇଁ କିଛିଦିନ ହେବ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହୋଇ ଆସୁଥିଲା। ଏହା ବିରୋଧରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଶୁକ୍ରବାର ପ୍ରତିବାଦ ଜଣାଇ ବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ଧାରଣାରେ ବସିଥିଲେ। ଏହି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଖବରପାଇ ଡେରାବିଶ ବ୍ଲକ ଭାରପ୍ରାପ୍ତ ଶିକ୍ଷାଧିକାରୀ ନାରାୟଣ ମନ୍ତ୍ରୀ ନେତୃତ୍ୱରେ ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚ ଛାତ୍ରୀଛାତ୍ର, ଅଭିଭାବକ ଓ ପରିଚାଳନ କମିଟି କର୍ମକର୍ତ୍ତାଙ୍କ ସହ ବିଦ୍ୟାଳୟର ବିପର୍ଯ୍ୟସ୍ତ ହୋଇ ପଡିଥିବା ଶିକ୍ଷା ବ୍ୟବସ୍ଥାର ସୁଧାର ସମ୍ପର୍କରେ ଆଲୋଚନା କରି ଆସନ୍ତା ମାସକ ମଧ୍ୟରେ ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ନେଇ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦେଇ ଫେରି ଆସିଥିଲେ। ହେଲେ ବିଗତ ଦିନରେ ବିଭାଗୀୟ କର୍ତ୍ତୃପକ୍ଷମାନେ ବହୁବାର ଶିକ୍ଷକ ପଦବୀ ପୂରଣ ସହ ବିଦ୍ୟାଳୟ ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଇ ଆସୁଥିଲେ ସୁଦ୍ଧା ଏଯାଏ ପୂରଣ କରିବାରେ ବିଫଳ ରହିଥିବାରୁ ବିଦ୍ୟାଳୟ ପରିଚାଳନା କମିଟି ଓ ଛାତ୍ରୀଛାତ୍ର ଅଭିଭାବକମାନେ ଏହି ଦେଖାଣିଆ ପ୍ରତିଶ୍ରୁତିରେ ସନ୍ତୁଷ୍ଟ ହୋଇ ପାରି ନ ଥିଲେ। ଫଳରେ ୩ ଦିନ ହେବ ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ବିଦ୍ୟାଳୟ ପାଠ ପଢ଼ିବାକୁ ପଠାଉ ନ ଥିବା ଜଣାଯାଇଛି। ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା ଅନିରୁଦ୍ଧ ବେହେରାଙ୍କୁ ପଚାରିବାରେ ଅଭାବି ଶିକ୍ଷକ ସମସ୍ୟା ପାଇଁ ଦୀର୍ଘ ହେଲା ପିଲାମାନଙ୍କ ଠିକ୍ ଢଙ୍ଗରେ ପାଠପଢ଼ା ଠିକ ଢଙ୍ଗରେ ହୋଇ ପାରୁନାହିଁ। ସେମାନଙ୍କ ଶିକ୍ଷା ଭବିଷ୍ୟତ ଅନ୍ଧକାର ଆଡକୁ ଗତି କରିଛି। ବିଭାଗୀୟ ଅଧିକାରୀମାନେ ସବୁ ଜାଣି ସୁଦ୍ଧା ଏଯାଏ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛନ୍ତି। ତେଣୁ ପିଲାମାନେ ସ୍କୁଲରେ ଦୁଷ୍ଟାମି କରିବା ଅପେକ୍ଷା ଘରେ ବସି ରହିବା ଭଲ ବୋଲି କହିଛନ୍ତି। ଯେପର୍ଯ୍ୟନ୍ତ ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ନ କରାଯାଉଛି ସେଯାଏ ଆମ୍ଭେମାନେ ପିଲାମାନଙ୍କୁ ପାଠପଢ଼ା ନିମନ୍ତେ ବିଦ୍ୟାଳୟକୁ ପଠାଇବୁ ନାହିଁ ବୋଲି ଅଭିଭାବକମାନେ ନିଷ୍ପତ୍ତି ନେଇଛନ୍ତି। ତେବେ ସୋମବାର ମଧ୍ୟ ବିଦ୍ୟାଳୟର ଏହି ଅଚଳାବସ୍ଥା ଲାଗିରହିଥିବାରୁ ଶିକ୍ଷକମାନେ ଘରକୁ ଘର ବୁଲି ବହୁ କଷ୍ଟରେ ହାତଗଣତି କିଛି ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ଆଣିବାରେ ସକ୍ଷମ ହୋଇଥିବା ଜଣାଯାଇଛି। ସୂଚନାଯୋଗ୍ୟ ଏହି ବିଦ୍ୟାଳୟରେ ଶିଶୁବାଟିକାଠାରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନରତ ଥିବା ବେଳେ ଆବଶ୍ୟକ ଶିକ୍ଷକ ବଦଳରେ ମାତ୍ର ୪ଜଣ ଶିକ୍ଷକ ରହିଛନ୍ତି। ଏ ସମ୍ପର୍କରେ ବିଆରସିସି ଦେବଦତ୍ତ ଶତପଥୀଙ୍କୁ ପଚାରିବାରୁ ଏହି ଅଚଳାବସ୍ଥା ଦୂର ପାଇଁ ଶୁକ୍ରବାର ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକଙ୍କ ସହ ଆଲୋଚନା କରାଯାଇଥିଲା। ଅପରପକ୍ଷରେ ପରିଚାଳନା କମିଟିର କର୍ମକର୍ତ୍ତାଙ୍କୁ ସୋମବାର ଆଲୋଚନା ପାଇଁ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଡକାଯାଇଥିଲେ ସୁଦ୍ଧା କେହି ଆସି ନ ଥିବାରୁ ଆଲୋଚନା ସମ୍ଭବ ହେଲା ନାହିଁ।

# ୪୪ ବ୍ୟକ୍ତିଗତ, ୧୦ ଗୋଷ୍ଠୀଗତ ଅଭିଯୋଗ



ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ବାଲିକୁଦା, ୮।୧୨ (ତାପସ ସ୍ୱାଇଁ)

**ବ୍ଲକ କାର୍ଯ୍ୟାଳୟରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର**

■ ୫୪ ଅଭିଯୋଗ ପଞ୍ଜୀକୃତ

■ ଗୋଟିଏ ଅଭିଯୋଗର ତତ୍କାଳ ଫଇସଲା

ଜଗତସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବାଲିକୁଦା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ମୋଟ ୫୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୪୪ ଓ ଗୋଷ୍ଠୀଗତ/ଗ୍ରାମ୍ୟ ସମସ୍ୟା ଉପରେ ୧୦ଟି ଅଭିଯୋଗ ହୋଇଥିଲା। ଶିବିରରେ ରାଶନ କାର୍ଡ ସମ୍ବନ୍ଧୀୟ ୩, ଆବାସ ସମସ୍ୟା ୧୧, ଜମିଜମା ୧୦, ପୋଲିସ ସହାୟତା ପାଇବା ପାଇଁ ୧, ପେନ୍‌ସନ ପାଇବା ପାଇଁ ୧ ଏବଂ ଅନ୍ୟାନ୍ୟ ୧୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେନାଙ୍କ ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାଲିକୁଦା, ସାଗର କୁମାର ନନ୍ଦ, ବାଲିକୁଦା ତହସିଲଦାର ବିକାଶ ରଞ୍ଜନ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ୧୧ ସିଏଚ୍‌ସିରେ ମିଳିବ ଭୌତିକ ଚିକିତ୍ସା ସୁବିଧା

ଜଗତ୍‌ସିଂହପୁର, ୮।୧୨
(ପ୍ରମୋଦ କୁମାର ନାୟକ)

**ବିଧାନସଭାରେ ବାଲିକୁଦା-ଏରସମା ବିଧାୟକଙ୍କ ପ୍ରଶ୍ନର ଉତ୍ତର**

ସମ୍ପ୍ରତି ଭୌତିକ ଚିକିତ୍ସା (ଫିଜିଓଥେରାପି)ର ଆବଶ୍ୟକତା ବଢ଼ିଯାଇଛି। ଲୋକେ ଆଶାଜନକଭାବେ ଏହି ସୁବିଧା ପାଇପାରୁ ନ ଥିବାରୁ ଅସୁବିଧାରେ ପଡୁଛନ୍ତି। ଏହି ଅଭାବକୁ ନେଇ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ବିଧାନସଭାରେ ପ୍ରଶ୍ନ କରିଥିଲେ। ସେ ରାଜ୍ୟରେ ଥିବା ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ରେ ଭୌତିକ ଚିକିତ୍ସା କେନ୍ଦ୍ର ଖୋଲିବା ପାଇଁ ସରକାରଙ୍କ ପ୍ରସ୍ତାବ ରହିଛି କି ନାହିଁ ଜାଣିବାକୁ ଚାହିଁଥିଲେ। ସେ କହିଥିଲେ, ଯଦି ସେଭଳି ପ୍ରସ୍ତାବ ଥାଏ, ତେବେ ଜଗତ୍‌ସିଂହପୁର ଜିଲାରେ ଏହା କେବେ ସୁଦ୍ଧା ପ୍ରତିଷ୍ଠା ଓ କାର୍ଯ୍ୟକାରୀ ହେବ ତା'ର ଉତ୍ତର ଦିଆଯାଉ। ଏହା ଉପରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍) ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେଶନ୍ ପ୍ଲାନ (ପିଆଇପି) ୨୦୨୪-୨୬ ଅନୁଯାୟୀ ଓଡ଼ିଶାର ସମସ୍ତ ସିଏଚ୍‌ସିରେ ଏକୀକୃତ ଇଣ୍ଟିଗ୍ରେଟେଡ୍ ଭୌତିକ ଚିକିତ୍ସା ୟୁନିଟ୍ (ଆଇପିୟୁଏସ୍) ସ୍ଥାପନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ତଦନୁଯାୟୀ ଜଗତ୍‌ସିଂହପୁର ଜିଲାରେ ୧୧ଟି ସିଏଚ୍‌ସିରେ ଆଇପିୟୁ ସ୍ଥାପନ ପାଇଁ ବ୍ୟବସ୍ଥା ହେଉଥିବାବେଳେ ସେଗୁଡ଼ିକ କାର୍ଯ୍ୟକ୍ଷମ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା ମନ୍ତ୍ରୀ ଉତ୍ତରରେ ଦର୍ଶାଇଛନ୍ତି।

# ଉତ୍ତମ ବୈଜ୍ଞାନିକ ପ୍ରଣାଳୀରେ ରଙ୍ଗିନ ମାଛଚାଷକୁ ଗୁରୁତ୍ୱ

ତିର୍ତ୍ତୋଲ, ୮।୧୨ (ଗୌରାଙ୍ଗ ଚରଣ ସ୍ୱାଇଁ)

**କୃଷିବିଜ୍ଞାନ କେନ୍ଦ୍ରରେ ରଙ୍ଗିନ ମାଛଚାଷ ସଚେତନତା ଶିବିର**




ରଙ୍ଗିନ ମାଛ ଚାଷ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଉଛି।

ତିର୍ତ୍ତୋଲ ବ୍ଲକ ନିମକଣାସ୍ଥିତ ଜଗତ୍‌ସିଂହପୁର ଜିଲା କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ଏନ୍‌ଏଫ୍‌ଡି ହାଇଦ୍ରାବାଦର ଆର୍ଥିକ ସହାୟତାରେ ରଙ୍ଗିନ ମାଛ ଚାଷ ବିଷୟରେ ଏକ ଦିନିଆ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମରେ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ଗ୍ରାମରୁ ୩୦ରୁ ଊର୍ଦ୍ଧ୍ୱ ଚାଷୀ ଭାଗ ନେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକଙ୍କ ଉପସ୍ଥିତିରେ କେନ୍ଦ୍ରର ମୁଖ୍ୟ ଡ. ଜୀବନଜିତ ସେନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମତ୍ସ୍ୟ ବିଶେଷଜ୍ଞ ସରିତା ଦାସ ଭାଗନେଇଥିବା ଚାଷୀମାନଙ୍କୁ ଉତ୍ତମ ବୈଜ୍ଞାନିକ ପ୍ରଣାଳୀରେ ରଙ୍ଗିନ ମାଛଚାଷ ଏବଂ ଏହାର ସହଜ ପ୍ରଣାଳୀରେ ପ୍ରଜନନ ବିଷୟରେ ଅବଗତ କରାଇଥିଲେ। ଛୁଆ ଦେଉଥିବା ମାଛ ମଲି, ଗପୀ, ସୋଡଟେଲ, ପ୍ଲାଟି ଓ ଅଣ୍ଡା ଦେଉଥିବା ରଙ୍ଗିନ ମାଛ କୋଇକାର୍ପ, ଗୋଲ୍ଡ ଫିସ, ଚିଚିଲିଡ୍ସ, ଟେଟ୍ରା, ବାର୍ବ ଆଦି ଲାଭଜନକ ରଙ୍ଗିନ ମାଛ ପ୍ରଜାତି ଉପରେ ବିଶେଷ ଭାବରେ ତଥ୍ୟ ପ୍ରଦାନ ଦିଆଯାଇଥିଲା। ରଙ୍ଗିନ ମାଛର ରୋଗ ଯଥା କଟନ ଉଲ୍ ଡିଜିଜ, ବ୍ୟାକ୍ଟେରିଆଲ ଡିଜିଜ ଆଦି ଓ ଏହାର ନିରାକରଣ ପଦ୍ଧତି ଉପରେ ବିଶେଷ ଦୃଷ୍ଟିପାତ କରାଯାଇଥିଲା। ବିଭିନ୍ନ ଲାଭଜନକ ପ୍ରଜାତିର ରଙ୍ଗିନ ମାଛ ଏବଂ ଏହାର ଚାଷ ପ୍ରଣାଳୀ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରାଯାଇଥିଲା। ଅତିଥି ଭାବେ କୁଜଙ୍ଗ ଏଏଫ୍‌ଓ ସ୍ୱସ୍ତିକ ସତ୍ୟରଞ୍ଜନ, ଏସ୍‌ଏଫ୍‌ଟିଏ ବିଧାନ ଚନ୍ଦ୍ର ଦାସ, ତିର୍ତ୍ତୋଲ ଜେଏଫ୍‌ଟିଏ ପ୍ରିୟଙ୍କା ମହାନ୍ତି ଯୋଗଦେଇ ରଙ୍ଗିନ ମାଛର ଉତ୍ତମ ପରିଚାଳନା ଓ ଏହି ଚାଷରେ ଥିବା ସରକାରୀ ସୁବିଧା ସୁଯୋଗ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଜ୍ଞାନିକ ଦେବାଶିଷ ପଣ୍ଡା, ଡ. ପ୍ରଦୀପ୍ତ ମାଝୀ, ସସ୍ମିତା ପୁରୋହିତ, ବଳିଆ ମାଝୀ, ରୁଦ୍ରପ୍ରତାପ ସ୍ୱାଇଁ, ବିଜୟିନୀ ସାହୁ ସହଯୋଗ କରିଥିଲେ।

# ବିଦ୍ୟୁତ୍ ତାର ଚୋରି : ଜଣେ ଗିରଫ

ନାଉଗାଁ, ୮।୧୨ (ସୁଧା ବେହୁରା)

**ଅଭିଯୁକ୍ତ ନାବାଳକଙ୍କୁ ଡିଭିଜନାଲ କୋର୍ଟ ପଠାଗଲା**

ବିଦ୍ୟୁତ ତାର ଓ ସରଞ୍ଜାମ ଚୋରି ଅଭିଯୋଗରେ ନାଉଗାଁ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟ ଜଣେ ନାବାଳକଙ୍କୁ ଡିଭିଜନାଲ କୋର୍ଟକୁ ପଠାଇଛି। ଗିରଫ ଅଭିଯୁକ୍ତ ହେଲେ କୁଣ୍ଡେଶ୍ୱର ଗ୍ରାମର ବିଶ୍ୱକର୍ମା କାଣ୍ଡି (୩୯) ଓ ଅନ୍ୟ ଜଣେ ହେଲେ ନାବାଳକ। ଉଭୟଙ୍କ ନିକଟରୁ ୧୧ କେଭି କଣ୍ଡକ୍ଟର, ଟ୍ରାନ୍ସଫର୍ମର ପାର୍ଟ, ୬ ବଣ୍ଡଲ ଆଲୁମିନିୟମ ତାର, ୩ ଲୁହା କଟର, ୨ ଦଉଡି ସମେତ ୪୦୦୧ ଟଙ୍କା ଜବତ କରାଯାଇଛି। ଏନେଇ ଏସ୍‌ଡିପିଓ ଆଜିଙ୍କ୍ୟ ମାଣେ ଓ ଥାନାଧିକାରୀ ପ୍ରଦୀପ୍ତ କାନୁନ୍‌ଗୋ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି। ପ୍ରେସ୍ ବିଜ୍ଞପ୍ତି ଅନୁସାରେ ଏହି ଥାନା ଅନ୍ତର୍ଗତ ଅଲଣାହାଟ କ୍ୟାମ୍ପର କୁଣ୍ଡେଶ୍ୱର ଏଗ୍ରିକଲଚର ଫିଡରରୁ ପ୍ରାୟ ୧ କିମିରୁ ଊର୍ଦ୍ଧ୍ୱ ତାର ଚୋରି ହୋଇଥିବା ନେଇ ୬ ଡିସେମ୍ବର ୨୦୨୫ରେ ଟାଟା ପାଓାରର ସେକ୍ସନ ଅଫିସର ଶୁଭମ ମହାନ୍ତି ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଏସ୍‌ଆଇ ଜାକସନ ମାଝୀଙ୍କ ତତ୍ତ୍ୱାବଧାନରେ ୨ ଅଭିଯୁକ୍ତ ଧରାପଡ଼ି ଥିଲେ।

# ଗୀତା ଜ୍ଞାନଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

ପଟ୍ଟାମୁଣ୍ଡାଇ, ୮।୧୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବେଲତଳ ହରିହରାନନ୍ଦ ଧ୍ୟାନ ମନ୍ଦିର ଆନୁକୂଲ୍ୟରେ ପବିତ୍ର ଗୀତା ଜ୍ଞାନଯଜ୍ଞ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଗୀତା ଜ୍ଞାନଯଜ୍ଞ ଚଳିତରୁ ୧୮ ପର୍ଯ୍ୟନ୍ତ ୩ଦିନ ଧରି ବିଶ୍ୱର କଲ୍ୟାଣ ନିମନ୍ତେ ସ୍ଥାନୀୟ ଧ୍ୟାନ ମନ୍ଦିରଠାରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଏହି ବୈଠକରେ ସ୍ୱାମୀ ଧ୍ୟାନ ନିଷ୍ଠାନନ୍ଦ ଗିରି, ବାବା ଗୋପୀନାଥ କର, ବାବା ଦୁଷ୍ମନ୍ତସାହୁ, ବାବା ବ୍ରଜ କିଶୋର ପଣ୍ଡା, ବାବା ଅଭିମନ୍ୟୁ ପଡିହାରୀ, ବାବା ପବନୀ ରାଉତ ସଂଯୁକ୍ତା ବିଶ୍ୱାଳ, ନବେନ୍ଦୁ ବାଗଚି, ଗୌରାଙ୍ଗ ଚରଣ ମହାନ୍ତି , ବିଜୟ ରାୟ ସମେତ ବହୁ ଶିଷ୍ୟଗଣ ଉପସ୍ଥିତ ରହି ଏହି ଗୀତା ଜ୍ଞାନଯଜ୍ଞ ମହୋତ୍ସବ ଶୃଙ୍ଖଳାର ସହ ପାଳନପାଇଁ କାର୍ଯ୍ୟସୂଚି ପ୍ରସ୍ତୁତ କରାଯାଇଛି। ଏଥିରେ ସମସ୍ତ ଗୀତାପ୍ରେମୀ ସଜ୍ଜନମାନଙ୍କୁ ସାଦର ଆମନ୍ତ୍ରଣ କରାଯିବାର ବ୍ୟବସ୍ଥା କରାଯାଇଛି। ଏହି ଗୀତା ଜ୍ଞାନଯଜ୍ଞରେ ଗୀତାମାତାଙ୍କ ଅମୃତବାଣୀକୁ ଗ୍ରହଣ କରିବା ସହ ପରମହଂସଙ୍କ ଦର୍ଶନ ଓ ଆଶୀର୍ବଚନ ଲାଭ କରିବା ହେବେ। ଏ ସମସ୍ତ ସଦସ୍ୟାସଦସ୍ୟଙ୍କ ସାହାଯ୍ୟ ଓ ସହଯୋଗ କାମନା ରହିବା ଅବଶ୍ୟକ ବୋଲି କୁହାଯାଇଥିଲା। ଶେଷରେ ବାବା ଦୁଷ୍ମନ୍ତ ସାହୁ ଧନ୍ୟବାଦ ଦେଇଛନ୍ତି।

# ବେଆଇନ ବାଲି ଚାଲାଣ: ୫ ଚାଳକ ଗିରଫ



ଜବତ ଟ୍ରାକ୍ଟର ଓ ଗିରଫ ୫ ଅଭିଯୁକ୍ତ।

ଏରସମା, ୮।୧୨ ( ଦୀପ୍ତି ଖଣ୍ଡୁଆଳ )

ଏରସମା ଥାନା ଅନ୍ତର୍ଗତ କୁଞ୍ଜକୋଠି ପଞ୍ଚାୟତସ୍ଥିତ ଖୁରାଣ୍ଟ ଜଗତପଡା ନିକଟରୁ ବେଆଇନଭାବେ ବାଲି ଚାଲାଣ ଅଭିଯୋଗରେ ୪ ଟ୍ରାକ୍ଟର ଓ ଗୋଟିଏ ଜେସିବିର ୫ ଜଣ ଚାଳକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଟ୍ରାକ୍ଟର ଚାଳକ ମନୋଜ ଦାସ, ଅମୂଲ୍ୟ ସ୍ୱାଇଁ, କ୍ରୀଷ୍ଣା ଦାସ, ଅଜୟ ମଲ୍ଲିକ ଏବଂ ଜେସିବି ଚାଳକ ପ୍ରକାଶ ଓଝା। ଏନେଇ ଏରସମା ଥାନାରେ ମାମଲା (ନଂ.୪୨୮/୨୫) ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରେମଜିତ୍ ଦାସ କହିଛନ୍ତି।

# ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା



ଶିକ୍ଷା ବିଭାଗର ଅଧିକାରୀମାନଙ୍କ ସହ ଖେଳାଳିମାନେ।

ଜଗତ୍‌ସିଂହପୁର, ୮।୧୨ (ପ୍ରମୋଦ କୁମାର ନାୟକ)

■ ୭ ଖେଳପଡ଼ିଆରେ ଦମ୍ ଲଗାଇଦେଲେ କ୍ରୀଡ଼ାବିତ୍

■ ବାଳିକାରେ ୪, ବାଳକରେ ୧୦ ଜିଲା ଉତ୍ତୀର୍ଣ୍ଣ

ଜଗତ୍‌ସିଂହପୁରରେ ରାଜ୍ୟର ୩୧ କ୍ରୀଡ଼ା ଜିଲାର ୧୭ ବର୍ଷରୁ କମ୍ ବୟସର କ୍ରୀଡ଼ାବିତମାନଙ୍କୁ ନେଇ ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା ଡିସେମ୍ବର ୬ରୁ ଆରମ୍ଭ ହୋଇଛି। ପ୍ରତିଯୋଗିତାର ତୃତୀୟ ଦିନରେ ଜଗତ୍‌ସିଂହପୁର ସହର ଓ ଆଖପାଖର ୭ଟି ଖେଳ ପଡ଼ିଆରେ ବାଳିକାରେ ୪ ଓ ବାଳକ ବିଭାଗରେ ୧୦ ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବାଳିକା ବିଭାଗରେ ପୁନଙ୍ଗସ୍ଥିତ ପୋଲିସ ବାରାକ ପଡ଼ିଆରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭୁବନେଶ୍ୱରକୁ ସୁନ୍ଦରଗଡ଼ ଓ ବାଲେଶ୍ୱରକୁ ନବରଙ୍ଗପୁର ମୁହାଁମୁହିଁ ହୋଇଥିଲେ। ଏଥିରେ ଭୁବନେଶ୍ୱର ଓ ବାଲେଶ୍ୱର ବିଜୟୀ ହୋଇଛନ୍ତି। ଜୟଦୁର୍ଗା ୟୁଥ ଆଥ୍‌ଲେଟିକ କ୍ଲବ ଖେଳ ପଡିଆରେ ଅନୁଷ୍ଠିତ ପ୍ରତିଯୋଗିତାରେ ଝାରସୁଗୁଡ଼ା ସହ ପୁରୀ ଓ ଜଗତ୍‌ସିଂହପୁର ସହ କଟକ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଏଥିରେ ପୁରୀ ଓ କଟକ ବିଜୟଲାଭ କରିଥିଲେ। ସେହିପରି ବାଳକ ବିଭାଗରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରତିଯୋଗିତାରେ ଯାଜପୁରକୁ ସୋନପୁର ଓ ସୁନ୍ଦରଗଡକୁ ଗଜପତି ଜିଲା ସାମ୍ନା କରିଥିଲା। ଏଥିରେ ଯାଜପୁର ଓ ଗଜପତି ବିଜୟୀ ହୋଇଛନ୍ତି। ନନ୍ଦାବ୍ରତ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭୁବନେଶ୍ୱର ସହ ବଲାଙ୍ଗୀର ଓ ନବରଙ୍ଗପୁର ସହ ବୌଦ୍ଧ ମୁହାଁମୁହିଁ ହୋଇଥିଲା। ଏଥିରେ ବଲାଙ୍ଗୀର ଓ ନବରଙ୍ଗପୁର ବିଜୟୀ ହୋଇଛନ୍ତି। ସତୀ ଖେଳପଡିଆ ପରିସରରେ ଅନୁଷ୍ଠିତ ମ୍ୟାଚରେ ସମ୍ବଲପୁର ବନାମ ଦେଓଗଡ ଓ ମାଲକାନଗିରି ବନାମ ଜଗତ୍‌ସିଂହପୁର ମଧ୍ୟରେ ପ୍ରତଯୋଗିତା ହୋଇଥିଲା। ଏଥିରେ ସମ୍ବଲପୁର ଓ ମାଲକାନଗିରି ଜିଲା ବିଜୟଲାଭ କରିଥିଲେ। ତର୍ତ୍ତଙ୍ଗ ମିନିଷ୍ଟାଡିୟମ ପରିସରରେ ଅନୁଷ୍ଠିତ ମ୍ୟାଚରେ ମୟୂରଭଞ୍ଜକୁ କନ୍ଧମାଳ ଓ କଟକକୁ କେଉଁଝର ସାମ୍ନା କରିଥିଲା। ଏଥିରେ ମୟୂରଭଞ୍ଜ ଓ କେଉଁଝର ବିଜୟଲାଭ କରିଛନ୍ତି। ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ଖେଳ ପଡିଆରେ ଅନୁଷ୍ଠିତ ପ୍ରତିଯୋଗିତାରେ ବରଗଡ଼ ସହ ପୁରୀ, ଗଞ୍ଜାମ ସହ ଅନୁଗୋଳ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରୀ ଓ ଗଞ୍ଜାମ ଜିଲା ବିଜୟଲାଭ କରିଥିବା ଜଣାପଡ଼ିଛି। ଜିଲା ଶିକ୍ଷା ଅଧିକାରୀ କେଶବ ମେହେରଙ୍କ ମାର୍ଗଦର୍ଶନ ଓ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ଲିଗ୍ ମ୍ୟାଚ ଖେଳାଯାଇଥିଲା। ପ୍ରତିଦିନ ପରି ସୋମବାର ସନ୍ଧ୍ୟାରେ ମଧ୍ୟ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।


## QUOTATION CALL NOTICE

Sealed Quotations are invited from registered firms having valid GSTN for supply of various items related to the IT infrastructure as per the specification given by the Govt. of Odisha (Govt. of Odisha Higher Education No.202469785168/Dt.5.3.25 Non-Govt. aided colleges having students strength less than 750). The sealed Quotations should reach the office of the undersigned within 10 days from the date of publication of the notice. The undersigned reserves the right to cancel any quotation without assigning any reason thereof.

Sd./- Principal
Anchalika Degree Mahavidyalaya,
Pragyanvihar, Siminai, Dhenkanal-759025

## OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)

P.O.NUAGAM (ASKA)-761111, GANJAM DISTRICT, ODISHA
Phones:06822-273464, email:askasugar@yahoo.co.in, website:askasugar.com
Letter No.(Engg.) 1991, Dt.06.12.2025

Sealed Tenders are invited from competent farm/agency for undertaking **"AMC of Global make electronic weigh bridges 40 MT (01 No.), 10 MT (02 Nos.) & Eurotech make electronic weigh bridge 80 MT (01 No.)"** for the crushing season 2025-2026 at the Aska Co-operative Sugar Industries Ltd., Nuagam, Aska. Interested tenderers can get details & obtain tender form by download from our **website: www.askasugar.com.** Filled tender forms can be sent by Speed Post/ Registered Post only, which should reach the office latest by dated. 18.12.2025 by 05.00 P.M.

**Sd./- Managing Director**

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LTD.
(कोल इण्डिया लिमिटेड की एक अनुषंगी ईकाई)/(A Subsidiary of Coal India Limited)
गोन्दवाना प्लेस, काँक रोड राँची - 834008, झारखंण्ड, भारत

## सूचना/NOTICE

"सामग्री, कार्यो एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इण्डिया लिमिटेड की वेबसाइट **www.coalindia.in**/सम्बंधित अनुषंगी कम्पनी (सीएमपीडीआई, **www.cmpdi.co.in**), सीआईएल ई-प्रोक्योरमेंट पोर्टल **https://coalindiatenders.nic.in** एवं सेन्ट्रल पब्लिक प्रोक्योरमेंट पोर्टल **https://eprocure.gov.in** पर उपलब्ध है । इसके अलावा, जीईएम पोर्टल **https://gem.gov.in** के माध्यम से भी खरीद की जाती है ।"/ "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in.**"

## OFFICE OF THE EXECUTIVE ENGINEER
## MINOR IRRIGATION DIVISION, LOHARDAGA

**e-Procurement Notice**
Tender Reference No. WRD /MID/LOHARDAGA/F2-26/2025-26
Date – 06/12/2025

| | | |
|---|---|---|
| 1. | Name of Work | Construction of Series Checkdam on Paras Nala at vill – Heswe , Block – Senha, Distt.- Lohardaga. |
| 2. | Estimated Cost (Rs. In Lakh) | Rs. 122.811 Lakh |
| 3. | Time of Completion | 11 Months |
| 4. | Date of Publication of e-Tender on website | 24/12/2025 at 05:00 PM |
| 5. | Last date/Time for Submission of e-Tender BID's | 01/01/2026 up to 05:00 PM |
| 6. | Last date for online Submission of Tender Fee and EMD | e-Procurement Portal (jharkhandtenders.gov.in) 01/01/2026 up to 05:00 PM |
| 7. | Date of opening Tender | 03/01/2026 at 02:00 PM |
| 8 | Name & address of office inviting tender | Executive Engineer, Minor Irrigation Division, Lohardaga. |
| 9. | (a) Contact No. of e-Procurement officer (b) E-Mail of e-Procurement officer | 9801286765 Midloh632@gmail.com |
| 10. | Helpline Number of e-Procurement cell | 7488537740 |

**Note: - (1) Only e-Tender will be accepted**
**(2) Published Estimated Cost may be Increase or Decrease.**
**Further details can be seen on website** http://jharkhandtenders.gov.in

Executive Engineer
PR 367989 (Lohardaga) 25-26 (D) Minor Irrigation Division, Lohardaga.

## GOVERNMENT OF JHARKHAND
## OFFICE OF THE EXECUTIVE ENGINEER
## R.C.D. , ROAD DIVISION, SAHIBGANJ

**e- Procurement Notice**
(2nd Call)
(SHORT TENDER)
e-Tender Reference no.- **RCD/SAHIBGANJ/1047/2025-26**
**Dated : 06.12.2025**

| | | |
|---|---|---|
| 1 | Name of Work | **IRQP/Strengthening work of Shobhanpur Bhatta to Rajgaon via Kishan Prasad from K.M. 0.00 to 19.625 under Road Division, Sahibganj for the Year 2025-26** |
| 2 (a) | Estimated Cost (Rs) | **Rs. 12,57,13,074.00** (Rupees Twelve Crore Fifty Seven Lakh Thirteen Thousand Seventy Four) Only. |
| (b) | Bid Security (Rs) | **12,58,000.00** (Rupees Twelve Lakh and Fifty Eight Thousand) Only. |
| 3 | Time of Completion | 06 (Six) Months |
| 4 | Last date / Time for receipt of bids | 23.12.2025 upto 12.00 Noon |
| 5 | Date of Publication of Tender on website | 10.12.2025 from 10.30 A.M. |
| 6 | Name & address of office Inviting tender | Executive Engineer, R.C.D. Road Division, Sahibganj |
| 7 | Contact no. of Procurement officer | 8271102250 |
| 8 | Helpline number of e- Procurement cell | 0651 - 2401010 |

Further details can be seen on website *http://jharkhandtenders.gov.in*

EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, SAHIBGANJ

PR 367995 (Road) 25-26 (D)

# ୩ ଦିନ ହେଲା ବିଦ୍ୟାଳୟକୁ ଆସୁନାହାନ୍ତି ଛାତ୍ରୀଛାତ୍ର

ଡେରାବିଶ, ୮।୧୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ନହଙ୍ଗ ପଞ୍ଚାୟତର ପଲ୍ଲୀ ରଘୁନାଥପୁର ଗ୍ରାମସ୍ଥିତ ହନୁମାନ ଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭାବି ଶିକ୍ଷକ ସମସ୍ୟା ପାଇଁ କିଛିଦିନ ହେବ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହୋଇ ଆସୁଥିଲା। ଏହା ବିରୋଧରେ ଛାତ୍ରୀଛାତ୍ର ଓ ଅବିଭାବକମାନେ ଶୁକ୍ରବାର ପ୍ରତିବାଦ ଜଣାଇ ବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ଧାରଣାରେ ବସିଥିଲେ। ଏହି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଖବରପାଇ ଡେରାବିଶ ବ୍ଲକ ଭାରପ୍ରାପ୍ତ ଶିକ୍ଷାଧିକାରୀ ନାରାୟଣ ମନ୍ତ୍ରୀ ନେତୃତ୍ୱରେ ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ର, ଅଭିଭାବକ ଓ ପରିଚାଳନ କମିଟି କର୍ମକର୍ତ୍ତାଙ୍କ ସହ ବିଦ୍ୟାଳୟର ବିପର୍ଯ୍ୟସ୍ତ ହୋଇ ପଡିଥିବା ଶିକ୍ଷା ବ୍ୟବସ୍ଥାର ସୁଧାର ସମ୍ପର୍କରେ ଆଲୋଚନା କରି ଆସନ୍ତା ମାସକ ମଧ୍ୟରେ ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ନେଇ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦେଇ ଫେରି ଆସିଥିଲେ। ହେଲେ ବିଗତ ଦିନରେ ବିଭାଗୀୟ କର୍ତ୍ତୃପକ୍ଷମାନେ ବହୁବାର ଶିକ୍ଷକ ପଦବୀ ପୂରଣ ସହ ବିଦ୍ୟାଳୟ ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଇ ଆସୁଥିଲେ ସୁଦ୍ଧା ଏଯାଏ ପୂରଣ କରିବାରେ ବିଫଳ ରହିଥିବାରୁ ବିଦ୍ୟାଳୟ ପରିଚାଳନା କମିଟି ଓ ଛାତ୍ରୀଛାତ୍ର ଅବିଭାବକମାନେ ଏହି ଦେଖାଣିଆ ପ୍ରତିଶ୍ରୁତିରେ ସନ୍ତୁଷ୍ଟ ହୋଇ ପାରି ନ ଥିଲେ। ଫଳରେ ୩ ଦିନ ହେବ ଅବିଭାବକମାନେ ସେମାନଙ୍କ ପିଲାମାନଙ୍କୁ ବିଦ୍ୟାଳୟକୁ ପାଠ ପଢ଼ିବାକୁ ପଠାଉ ନ ଥିବା ଜଣାଯାଇଛି।

ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା ଅନିରୁଦ୍ଧ ବେହେରାଙ୍କୁ ପଚାରିବାରେ ଅଭାବି ଶିକ୍ଷକ ସମସ୍ୟା ପାଇଁ ଦୀର୍ଘ ହେଲା ପିଲାମାନଙ୍କ ଠିକ୍ ଢ଼ଙ୍ଗରେ ପାଠପଢା ଠିକ ଢଙ୍ଗରେ ହୋଇ ପାରୁନାହିଁ। ସେମାନଙ୍କ ଶିକ୍ଷା ଭବିଷ୍ୟତ ଅନ୍ଧକାର ଆଡକୁ ଗତି କରିଛି। ବିଭାଗୀୟ ଅଧିକାରୀମାନେ ସବୁ ଜାଣି ସୁଦ୍ଧା ଏଯାଏ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛନ୍ତି। ତେଣୁ ପିଲାମାନେ ସ୍କୁଲରେ ଦୁଷ୍ଟାମି କରିବା ଅପେକ୍ଷା ଘରେ ବସି ରହିବା ଭଲ ବୋଲି କହିଛନ୍ତି। ଯେପର୍ଯ୍ୟନ୍ତ ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ନ କରାଯାଇଛି ସେଯାଏ ଆମ୍ଭେମାନେ ପିଲାମାନଙ୍କୁ ପାଠପଢ଼ା ନିମନ୍ତେ ବିଦ୍ୟାଳୟକୁ ପଠାଇବୁ ନାହିଁ ବୋଲି ଅବିଭାବକମାନେ ନିଷ୍ପତ୍ତି ନେଇଛନ୍ତି। ତେବେ ସୋମବାର ମଧ୍ୟ ବିଦ୍ୟାଳୟରେ ଏହି ଅଚଳାବସ୍ଥା ଲାଗିରହିଥିବାରୁ ଶିକ୍ଷକମାନେ ଘରକୁ ଘର ବୁଲି ବହୁ କଷ୍ଟରେ ହାତଗଣତି କିଛି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଆଣିବାରେ ସକ୍ଷମ ହୋଇଥିବା ଜଣାଯାଇଛି। ସୂଚନାଯୋଗ୍ୟ ଏହି ବିଦ୍ୟାଳୟରେ ଶିଶୁବାଟିକାଠାରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନରତ ଥିବା ବେଳେ ଆବଶ୍ୟକ ଶିକ୍ଷକ ବଦଳରେ ମାତ୍ର ୪ଜଣ ଶିକ୍ଷକ ରହିଛନ୍ତି। ଏ ସମ୍ପର୍କରେ ବିଆରସିସି ଦେବଦତ୍ତ ଶତପଥୀଙ୍କୁ ପଚାରିବାରୁ ଏହି ଅଚଳାବସ୍ଥା ଦୂର ପାଇଁ ଶୁକ୍ରବାର ବିଦ୍ୟାଳୟ ପରିଚାଳନା କମିଟି ଓ ଅବିଭାବକଙ୍କ ସହ ଆଲୋଚନା କରାଯାଇଥିଲା। ଅପରପକ୍ଷରେ ପରିଚାଳନା କମିଟିର କର୍ମକର୍ତ୍ତାଙ୍କୁ ସୋମବାର ଆଲୋଚନା ପାଇଁ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଡକାଯାଇଥିଲେ ସୁଦ୍ଧା କେହି ଆସି ନ ଥିବାରୁ ଆଲୋଚନା ସମ୍ଭବ ହେଲା ନାହିଁ।

- ଶିକ୍ଷକ ଅଭାବ: ଛାତ୍ରୀଛାତ୍ର ହନୁମାନ ଜୀଉ ପ୍ରାଥମିକ ବିଦ୍ୟାଳୟ ପ୍ରତିବାଦ କରିବା
- ଅଚଳାବସ୍ଥା ଦୂରୀକରଣ ପାଇଁ ଧ୍ୟାନ ଦେଉ ନାହିଁ ବିଭାଗ




# ୪୪ ବ୍ୟକ୍ତିଗତ, ୧୦ ଗୋଷ୍ଠୀଗତ ଅଭିଯୋଗ



ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି। .

ବାଲିକୁଦା, ୮।୧୨ (ତାପସ ସ୍ୱାଇଁ)

## ବ୍ଲକ କାର୍ଯ୍ୟାଳୟରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

- ୫୪ ଅଭିଯୋଗ ପଞ୍ଜୀକୃତ
- ଗୋଟିଏ ଅଭିଯୋଗର ତତ୍କାଳ ଫଇସଲା

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବାଲିକୁଦା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ମୋଟ ୫୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୪୪ ଓ ଗୋଷ୍ଠୀଗତ/ଗ୍ରାମ୍ୟ ସମସ୍ୟା ଉପରେ ୧୦ଟି ଅଭିଯୋଗ ହୋଇଥିଲା। ଶିବିରରେ ରାଶନ କାର୍ଡ ସମ୍ବନ୍ଧୀୟ ୩, ଆବାସ ସମସ୍ୟା ୧୧, ଜମିଜମା ୧୦, ପୋଲିସ ସହାୟତା ପାଇବା ପାଇଁ ୧, ପେନ୍‌ସନ ପାଇବା ପାଇଁ ୧ ଏବଂ ଅନ୍ୟାନ୍ୟ ୧୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀଙ୍କ ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାଲିକୁଦା, ସାଗର କୁମାର ନନ୍ଦ, ବାଲିକୁଦା ତହସିଲଦାର ବିକାଶ ରଞ୍ଜନ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ୧୧ ସିଏଚ୍‌ସିରେ ମିଳିବ ଭୌତିକ ଚିକିତ୍ସା ସୁବିଧା

ଜଗତ୍‌ସିଂହପୁର, ୮।୧୨
(ପ୍ରମୋଦ କୁମାର ନାୟକ)

## ବିଧାନସଭାରେ ବାଲିକୁଦା-ଏରସମା ବିଧାୟକଙ୍କ ପ୍ରଶ୍ନର ଉତ୍ତର

ସମ୍ପ୍ରତି ଭୌତିକ ଚିକିତ୍ସା (ଫିଜିଓଥେରାପି)ର ଆବଶ୍ୟକତା ବଢ଼ିଯାଇଛି। ଲୋକେ ଆଶାଜନକଭାବେ ଏହି ସୁବିଧା ପାଇପାରୁ ନ ଥିବାରୁ ଅସୁବିଧାରେ ପଡୁଛନ୍ତି। ଏହି ଅଭାବକୁ ନେଇ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ବିଧାନସଭାରେ ପ୍ରଶ୍ନ କରିଥିଲେ। ସେ ରାଜ୍ୟରେ ଥିବା ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ରେ ଭୌତିକ ଚିକିତ୍ସା କେନ୍ଦ୍ର ଖୋଲିବା ପାଇଁ ସରକାରଙ୍କ ପ୍ରସ୍ତାବ ରହିଛି କି ନାହିଁ ଜାଣିବାକୁ ଚାହିଁଥିଲେ। ସେ କହିଥିଲେ, ଯଦି ସେଭଳି ପ୍ରସ୍ତାବ ଥାଏ, ତେବେ ଜଗତ୍‌ସିଂହପୁର ଜିଲାରେ ଏହା କେବେ ସୁଦ୍ଧା ପ୍ରତିଷ୍ଠା ଓ କାର୍ଯ୍ୟକାରୀ ହେବ ତା'ର ଉତ୍ତର ଦିଆଯାଉ। ଏହା ଉପରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍) ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେଶନ୍ ପ୍ଲାନ (ପିଆଇପି) ୨୦୨୪-୨୬ ଅନୁଯାୟୀ ଓଡ଼ିଶାର ସମସ୍ତ ସିଏଚ୍‌ସିରେ ଏକୀକୃତ ଇଣ୍ଟିଗ୍ରେଟେଡ୍ ଭୌତିକ ଚିକିତ୍ସା ୟୁନିଟ୍ (ଆଇପିୟୁଏସ୍) ସ୍ଥାପନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ତଦନୁଯାୟୀ ଜଗତ୍‌ସିଂହପୁର ଜିଲାରେ ୧୧ଟି ସିଏଚ୍‌ସିରେ ଆଇପିୟୁ ସ୍ଥାପନ ପାଇଁ ବ୍ୟବସ୍ଥା ହେଉଥିବାବେଳେ ସେଗୁଡ଼ିକ କାର୍ଯ୍ୟକ୍ଷମ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା ମନ୍ତ୍ରୀ ଉତ୍ତରରେ ଦର୍ଶାଇଛନ୍ତି।

# ଉତ୍ତମ ବୈଜ୍ଞାନିକ ପ୍ରଣାଳୀରେ ରଙ୍ଗିନ ମାଛଚାଷକୁ ଗୁରୁତ୍ୱ

ତିର୍ତ୍ତୋଲ, ୮।୧୨ (ଗୌରାଙ୍ଗ ଚରଣ ସ୍ୱାଇଁ)

## କୃଷିବିଜ୍ଞାନ କେନ୍ଦ୍ରରେ ରଙ୍ଗିନ ମାଛଚାଷ ସଚେତନତା ଶିବିର

ତିର୍ତ୍ତୋଲ ବ୍ଲକ ନିମକଣାସ୍ଥିତ ଜଗତ୍‌ସିଂହପୁର ଜିଲା କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ଏନ୍‌ଏଫ୍‌ଡି ହାଇଦ୍ରାବାଦର ଆର୍ଥିକ ସହାୟତାରେ ରଙ୍ଗିନ ମାଛ ଚାଷ ବିଷୟରେ ଏକ ଦିନିଆ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମରେ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ଗ୍ରାମରୁ ୩୦ରୁ ଊର୍ଦ୍ଧ୍ୱ ଚାଷୀ ଭାଗ ନେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକଙ୍କ ଉପସ୍ଥିତିରେ କେନ୍ଦ୍ରର ମୁଖ୍ୟ ଡ. ଜୀବନଜିତ ସେନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମତ୍ସ୍ୟ ବିଶେଷଜ୍ଞ ସରିତା ଦାସ ଭାଗନେଇଥିବା ଚାଷୀମାନଙ୍କୁ ଉତ୍ତମ ବୈଜ୍ଞାନିକ ପ୍ରଣାଳୀରେ ରଙ୍ଗିନ ମାଛଚାଷ ଏବଂ ଏହାର ସହଜ ପ୍ରଣାଳୀରେ ପ୍ରଜନନ ବିଷୟରେ ଅବଗତ କରାଇଥିଲେ। ଛୁଆ ଦେଉଥିବା ମାଛ ମଲି, ଗପୀ, ସୋଡଟେଲ, ପ୍ଲାଟି ଓ ଅଣ୍ଡା ଦେଉଥିବା ରଙ୍ଗିନ ମାଛ କୋଇକାର୍ପ, ଗୋଲ୍ଡ ଫିସ, ଟିଟିଲିଜ୍ଜ୍, ଟେଟ୍ରା, ବାର୍ବ ଆଦି ଲାଭଜନକ ରଙ୍ଗିନ ମାଛ ପ୍ରଜାତି ଉପରେ ବିଶେଷ ଭାବରେ ତଥ୍ୟ ପ୍ରଦାନ ଦିଆଯାଇଥିଲା। ରଙ୍ଗିନ ମାଛର ରୋଗ ଯଥା କଟନ ଉଲ୍ ଡିଜିଜ, ବ୍ୟାକ୍ଟେରିଆଲ ଡିଜିଜ ଆଦି ଓ ଏହାର ନିରାକରଣ ପଦ୍ଧତି ଉପରେ ବିଶେଷ ଦୃଷ୍ଟିପାତ କରାଯାଇଥିଲା। ବିଭିନ୍ନ ଲାଭଜନକ ପ୍ରଜାତିର ରଙ୍ଗିନ ମାଛ ଏବଂ ଏହାର ଚାଷ ପ୍ରଣାଳୀ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରାଯାଇଥିଲା। ଅତିଥି ଭାବେ କୁଜଙ୍ଗ ଏଏଫ୍‌ଓ ସ୍ୱସ୍ତିକ ସତ୍ୟରଞ୍ଜନ, ଏସ୍‌ଏଫ୍‌ଟିଏ ବିଧାନ ଚନ୍ଦ୍ର ଦାସ, ତିର୍ତ୍ତୋଲ ଜେଏଫ୍‌ଟିଏ ପ୍ରିୟଙ୍କା ମହାନ୍ତି ଯୋଗଦେଇ ରଙ୍ଗିନ ମାଛର ଉତ୍ତମ ପରିଚାଳନା ଓ ଏହି ଚାଷରେ ଥିବା ସରକାରୀ ସୁବିଧା ସୁଯୋଗ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଜ୍ଞାନିକ ଦେବାଶିଷ ପଣ୍ଡା, ଡ. ପ୍ରଦୀପ୍ତ ମାଝୀ, ସସ୍ମିତା ପୁରୋହିତ, ବଳିଆ ମାଝୀ, ରୁଦ୍ରପ୍ରତାପ ସ୍ୱାଇଁ, ବିଜୟିନୀ ସାହୁ ସହଯୋଗ କରିଥିଲେ।




ରଙ୍ଗିନ ମାଛ ଚାଷ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଉଛି।

# ବିଦ୍ୟୁତ୍ ତାର ଚୋରି : ଜଣେ ଗିରଫ

ନାଉଗାଁ, ୮।୧୨ (ସୁଧା ବେହୁରା)

## ଅଭିଯୁକ୍ତ ନାବାଳକଙ୍କୁ ଡିଭିଜନାଲ କୋର୍ଟ ପଠାଗଲା

ବିଦ୍ୟୁତ ତାର ଓ ସରଞ୍ଜାମ ଚୋରି ଅଭିଯୋଗରେ ନାଉଗାଁ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟ ଜଣେ ନାବାଳକଙ୍କୁ ଡିଭିଜନାଲ କୋର୍ଟକୁ ପଠାଇଛି। ଗିରଫ ଅଭିଯୁକ୍ତ ହଲେ କୁଣ୍ଡେଶ୍ୱର ଗ୍ରାମର ବିଶ୍ୱକର୍ମା କାଣ୍ଡି (୩୯) ଓ ଅନ୍ୟ ଜଣେ ହେଲେ ନାବାଳକ। ଉଭୟଙ୍କ ନିକଟରୁ ୧୧ କେଭି କଣ୍ଡକ୍ଟର, ଟ୍ରାନ୍ସଫର୍ମର ପାର୍ଟ, ୬ ବଣ୍ଡଲ ଆଲୁମିନିୟମ ତାର, ୩ ଲୁହା କଟର, ୨ ଦଉଡି ସମେତ ୪୦୦୧ ଟଙ୍କା ଜବତ କରାଯାଇଛି। ଏନେଇ ଏସ୍‌ଡିପିଓ ଆଜିଙ୍କ୍ୟ ମାଣେ ଓ ଥାନାଧିକାରୀ ପ୍ରଦୀପ୍ତ କାନୁନ୍‌ଗୋ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି। ପ୍ରେସ୍ ବିଜ୍ଞପ୍ତି ଅନୁସାରେ ଏହି ଥାନା ଅନ୍ତର୍ଗତ ଅଲଣାହାଟ କ୍ୟାମ୍ପର କୁଣ୍ଡେଶ୍ୱର ଏଗ୍ରିକଲଚର ଫିଡରରୁ ପ୍ରାୟ ୧ କିମିରୁ ଊର୍ଦ୍ଧ୍ୱ ତାର ଚୋରି ହୋଇଥିବା ନେଇ ୬ ଡିସେମ୍ବର ୨୦୨୫ରେ ଟାଟା ପାଓାରର ସେକ୍ସନ ଅଫିସର ଶୁଭମ ମହାନ୍ତି ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଏସ୍‌ଆଇ ଜାକସନ ମାଝୀଙ୍କ ତତ୍ତ୍ୱାବଧାନରେ ୨ ଅଭିଯୁକ୍ତ ଧରାପଡ଼ି ଥିଲେ।

# ଗୀତା ଜ୍ଞାନଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

ପଟ୍ଟାମୁଣ୍ଡାଇ, ୮।୧୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବେଲତଳ ହରିହରାନନ୍ଦ ଧ୍ୟାନ ମନ୍ଦିର ଆନୁକୂଲ୍ୟରେ ପବିତ୍ର ଗୀତା ଜ୍ଞାନଯଜ୍ଞ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଗୀତା ଜ୍ଞାନଯଜ୍ଞ ଚଳିତରୁ ୧୮ ପର୍ଯ୍ୟନ୍ତ ୩ଦିନ ଧରି ବିଶ୍ୱର କଲ୍ୟାଣ ନିମନ୍ତେ ସ୍ଥାନୀୟ ଧ୍ୟାନ ମନ୍ଦିରଠାରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଏହି ବୈଠକରେ ସ୍ୱାମୀ ଧ୍ୟାନ ନିଷ୍ଠାନନ୍ଦ ଗିରି, ବାବା ଗୋପୀନାଥ କର, ବାବା ଦୁଷ୍ମନ୍ତସାହୁ, ବାବା ବ୍ରଜ କିଶୋର ପଣ୍ଡା, ବାବା ଅଭିମନ୍ୟୁ ପଢିହାରୀ, ବାବା ପବନୀ ରାଉତ ସଂଯୁକ୍ତା ବିଶ୍ୱାଳ, ନବେନ୍ଦୁ ବାଗଚି, ଗୌରାଙ୍ଗ ଚରଣ ମହାନ୍ତି , ବିଜୟ ରାୟ ସମେତ ବହୁ ଶିଷ୍ୟଗଣ ଉପସ୍ଥିତ ରହି ଏହି ଗୀତା ଜ୍ଞାନଯଜ୍ଞ ମହୋତ୍ସବ ଶୃଙ୍ଖଳାର ସହ ପାଳନପାଇଁ କାର୍ଯ୍ୟସୂଚି ପ୍ରସ୍ତୁତ କରାଯାଇଛି। ଏଥିରେ ସମସ୍ତ ଗୀତାପ୍ରେମୀ ସଜ୍ଜନମାନଙ୍କୁ ସାଦର ଆମନ୍ତ୍ରଣ କରାଯିବାର ବ୍ୟବସ୍ଥା କରାଯାଇଛି। ଏହି ଗୀତା ଜ୍ଞାନଯଜ୍ଞରେ ଗୀତାମାତାଙ୍କ ଅମୃତବାଣୀକୁ ଗ୍ରହଣ କରିବା ସହ ପରମହଂସଙ୍କ ଦର୍ଶନ ଓ ଆଶୀର୍ବଚନ ଲାଭ କରିବା ହେବେ। ଏ ସମସ୍ତ ସଦସ୍ୟାସଦସ୍ୟଙ୍କ ସାହାଯ୍ୟ ଓ ସହଯୋଗ କାମନା ରହିବା ଅବଶ୍ୟକ ବୋଲି କୁହାଯାଇଥିଲା। ଶେଷରେ ବାବା ଦୁଷ୍ମନ୍ତ ସାହୁ ଧନ୍ୟବାଦ ଦେଇଛନ୍ତି।

# ବେଆଇନ ବାଲି ଚାଲାଣ: ୫ ଚାଳକ ଗିରଫ



ଜବତ ଟ୍ରାକ୍ଟର ଓ ଗିରଫ ୫ ଅଭିଯୁକ୍ତ।

ଏରସମା, ୮।୧୨ ( ଦୀପ୍ତି ଖଣ୍ଡୁଆଳ )

ଏରସମା ଥାନା ଅନ୍ତର୍ଗତ କୁଞ୍ଜକୋଠି ପଞ୍ଚାୟତସ୍ଥିତ ଖୁରାଣ୍ଟ ଜଗତପଡା ନିକଟରୁ ବେଆଇନଭାବେ ବାଲି ଚାଲାଣ ଅଭିଯୋଗରେ ୪ ଟ୍ରାକ୍ଟର ଓ ଗୋଟିଏ ଜେସିବିର ୫ ଜଣ ଚାଳକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଟ୍ରାକ୍ଟର ଚାଳକ ମନୋଜ ଦାସ, ଅମୂଲ୍ୟ ସ୍ୱାଇଁ, କ୍ରୀଷ୍ଣା ଦାସ, ଅଜୟ ମଲ୍ଲିକ ଏବଂ ଜେସିବି ଚାଳକ ପ୍ରକାଶ ଓଝା। ଏନେଇ ଏରସମା ଥାନାରେ ମାମଲା (ନଂ.୪୨୮/୨୫) ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରେମଜିତ୍ ଦାସ କହିଛନ୍ତି।

# ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା



ଶିକ୍ଷା ବିଭାଗର ଅଧିକାରୀମାନଙ୍କ ସହ ଖେଳାଳିମାନେ।

ଜଗତ୍‌ସିଂହପୁର, ୮।୧୨ (ପ୍ରମୋଦ କୁମାର ନାୟକ)

- ୭ ଖେଳପଡ଼ିଆରେ ଦମ୍ ଲଗାଇଦେଲେ କ୍ରୀଡ଼ାବିତ୍
- ବାଳିକାରେ ୪, ବାଳକରେ ୧୦ ଜିଲା ଉତ୍ତୀର୍ଣ୍ଣ

ଜଗତ୍‌ସିଂହପୁରରେ ରାଜ୍ୟର ୩୧ କ୍ରୀଡ଼ା ଜିଲାର ୧୭ ବର୍ଷରୁ କମ୍ ବୟସର କ୍ରୀଡ଼ାବିତମାନଙ୍କୁ ନେଇ ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା ଡିସେମ୍ବର ୬ରୁ ଆରମ୍ଭ ହୋଇଛି। ପ୍ରତିଯୋଗିତାର ତୃତୀୟ ଦିନରେ ଜଗତ୍‌ସିଂହପୁର ସହର ଓ ଆଖପାଖର ୭ଟି ଖେଳ ପଡ଼ିଆରେ ବାଳିକାରେ ୪ ଓ ବାଳକ ବିଭାଗରେ ୧୦ ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବାଳିକା ବିଭାଗରେ ପୁନଙ୍ଗସ୍ଥିତ ପୋଲିସ ବାରାକ ପଡ଼ିଆରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭୁବନେଶ୍ୱରକୁ ସୁନ୍ଦରଗଡ଼ ଓ ବାଲେଶ୍ୱରକୁ ନବରଙ୍ଗପୁର ମୁହାଁମୁହିଁ ହୋଇଥିଲେ। ଏଥିରେ ଭୁବନେଶ୍ୱର ଓ ବାଲେଶ୍ୱର ବିଜୟୀ ହୋଇଛନ୍ତି। ଜୟଦୁର୍ଗା ୟୁଥ ଆଥ୍‌ଲେଟିକ କ୍ଲବ ଖେଳ ପଡିଆରେ ଅନୁଷ୍ଠିତ ପ୍ରତିଯୋଗିତାରେ ଝାରସୁଗୁଡ଼ା ସହ ପୁରୀ ଓ ଜଗତ୍‌ସିଂହପୁର ସହ କଟକ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଏଥିରେ ପୁରୀ ଓ କଟକ ବିଜୟଲାଭ କରିଥିଲେ। ସେହିପରି ବାଳକ ବିଭାଗରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରତିଯୋଗିତାରେ ଯାଜପୁରକୁ ସୋନପୁର ଓ ସୁନ୍ଦରଗଡକୁ ଗଜପତି ଜିଲା ସାମ୍ନା କରିଥିଲା। ଏଥିରେ ଯାଜପୁର ଓ ଗଜପତି ବିଜୟୀ ହୋଇଛନ୍ତି। ନନ୍ଦାବ୍ରତ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭୁବନେଶ୍ୱର ସହ ବଲାଙ୍ଗୀର ଓ ନବରଙ୍ଗପୁର ସହ ବୌଦ୍ଧ ମୁହାଁମୁହିଁ ହୋଇଥିଲା। ଏଥିରେ ବଲାଙ୍ଗୀର ଓ ନବରଙ୍ଗପୁର ବିଜୟୀ ହୋଇଛନ୍ତି। ସତୀ ଖେଳପଡିଆ ପରିସରରେ ଅନୁଷ୍ଠିତ ମ୍ୟାଚରେ ସମ୍ବଲପୁର ବନାମ ଦେଓଗଡ ଓ ମାଲକାନଗିରି ବନାମ ଜଗତ୍‌ସିଂହପୁର ମଧ୍ୟରେ ପ୍ରତଯୋଗିତା ହୋଇଥିଲା। ଏଥିରେ ସମ୍ବଲପୁର ଓ ମାଲକାନଗିରି ଜିଲା ବିଜୟଲାଭ କରିଥିଲେ। ତର୍ତ୍ତଙ୍ଗ ମିନିଷ୍ଟାଡିୟମ ପରିସରରେ ଅନୁଷ୍ଠିତ ମ୍ୟାଚରେ ମୟୂରଭଞ୍ଜକୁ କନ୍ଧମାଳ ଓ କଟକକୁ କେଉଁଝର ସାମ୍ନା କରିଥିଲା। ଏଥିରେ ମୟୂରଭଞ୍ଜ ଓ କେଉଁଝର ବିଜୟଲାଭ କରିଛନ୍ତି। ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ଖେଳ ପଡିଆରେ ଅନୁଷ୍ଠିତ ପ୍ରତିଯୋଗିତାରେ ବରଗଡ଼ ସହ ପୁରୀ, ଗଞ୍ଜାମ ସହ ଅନୁଗୋଳ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରୀ ଓ ଗଞ୍ଜାମ ଜିଲା ବିଜୟଲାଭ କରିଥିବା ଜଣାପଡ଼ିଛି। ଜିଲା ଶିକ୍ଷା ଅଧିକାରୀ କେଶବ ମେହେରଙ୍କ ମାର୍ଗଦର୍ଶନ ଓ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ଲିଗ୍ ମ୍ୟାଚ ଖେଳାଯାଇଥିଲା। ପ୍ରତିଦିନ ପରି ସୋମବାର ସନ୍ଧ୍ୟାରେ ମଧ୍ୟ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

**QUOTATION CALL NOTICE**

Sealed Quotations are invited from registered firms having valid GSTN for supply of various items related to the IT infrastructure as per the specification given by the Govt. of Odisha (Govt. of Odisha Higher Education No.202469785168/Dt.5.3.25 Non-Govt. aided colleges having students strength less than 750). The sealed Quotations should reach the office of the undersigned within 10 days from the date of publication of the notice. The undersigned reserves the right to cancel any quotation without assigning any reason thereof.

Sd./- Principal
Anchalika Degree Mahavidyalaya,
Pragyanvihar, Siminai, Dhenkanal-759025

सीएमपीडीआई मिनी रत्न cmpdi Mini Ratna
सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LTD.
(कोल इण्डिया लिमिटेड की एक अनुषंगी ईकाई)/(A Subsidiary of Coal India Limited)
गोन्दवाना प्लेस, काँक रोड राँची - 834008, झारखंण्ड, भारत

**सूचना/NOTICE**

"सामग्री, कार्यो एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इण्डिया लिमिटेड की वेबसाइट **www.coalindia.in**/सम्बंधित अनुषंगी कम्पनी (सीएमपीडीआई, **www.cmpdi.co.in**), सीआईएल ई-प्रोक्योरमेंट पोर्टल **https://coalindiatenders.nic.in** एवं सेन्ट्रल पब्लिक प्रोक्योरमेंट पोर्टल **https://eprocure.gov.in** पर उपलब्ध है । इसके अलावा, जीईएम पोर्टल **https://gem.gov.in** के माध्यम से भी खरीद की जाती है ।"/ "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in.**"

**OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)**
P.O.NUAGAM (ASKA)-761111, GANJAM DISTRICT, ODISHA
Phones:06822-273464, email:askasugar@yahoo.co.in, website:askasugar.com
Letter No.(Engg.) 1991, Dt.06.12.2025

Sealed Tenders are invited from competent farm/agency for undertaking **"AMC of Global make electronic weigh bridges 40 MT (01 No.), 10 MT (02 Nos.) & Eurotech make electronic weigh bridge 80 MT (01 No.)"** for the crushing season 2025-2026 at the Aska Co-operative Sugar Industries Ltd., Nuagam, Aska. Interested tenderers can get details & obtain tender form by download from our **website: www.askasugar.com.** Filled tender forms can be sent by Speed Post/ Registered Post only, which should reach the office latest by dated. 18.12.2025 by 05.00 P.M.

**Sd./- Managing Director**

**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, LOHARDAGA**

**e-Procurement Notice**
Tender Reference No. WRD /MID/LOHARDAGA/F2-26/2025-26
Date – 06/12/2025

| | | |
|---|---|---|
| 1. | Name of Work | Construction of Series Checkdam on Paras Nala at vill – Heswe , Block – Senha, Distt.- Lohardaga. |
| 2. | Estimated Cost (Rs. In Lakh) | Rs. 122.811 Lakh |
| 3. | Time of Completion | 11 Months |
| 4. | Date of Publication of e-Tender on website | 24/12/2025 at 05:00 PM |
| 5. | Last date/Time for Submission of e-Tender BID's | 01/01/2026 up to 05:00 PM |
| 6. | Last date for online Submission of Tender Fee and EMD | e-Procurement Portal (jharkhandtenders.gov.in) 01/01/2026 up to 05:00 PM |
| 7. | Date of opening Tender | 03/01/2026 at 02:00 PM |
| 8 | Name & address of office inviting tender | Executive Engineer, Minor Irrigation Division, Lohardaga. |
| 9. | (a) Contact No. of e-Procurement officer (b) E-Mail of e-Procurement officer | 9801286765 Midloh632@gmail.com |
| 10. | Helpline Number of e-Procurement cell | 7488537740 |

**Note: - (1) Only e-Tender will be accepted**
**(2) Published Estimated Cost may be Increase or Decrease.**
**Further details can be seen on website** http://jharkhandtenders.gov.in
Executive Engineer
PR 367989 (Lohardaga) 25-26 (D) Minor Irrigation Division, Lohardaga.

**GOVERNMENT OF JHARKHAND**
**OFFICE OF THE EXECUTIVE ENGINEER**
**R.C.D. , ROAD DIVISION, SAHIBGANJ**

**e- Procurement Notice**
(2nd Call)
(SHORT TENDER)
e-Tender Reference no.- **RCD/SAHIBGANJ/1047/2025-26**
**Dated : 06.12.2025**

| | | |
|---|---|---|
| 1 | Name of Work | **IRQP/Strengthening work of Shobhanpur Bhatta to Rajgaon via Kishan Prasad from K.M. 0.00 to 19.625 under Road Division, Sahibganj for the Year 2025-26** |
| 2 (a) | Estimated Cost (Rs) | **Rs. 12,57,13,074.00** (Rupees Twelve Crore Fifty Seven Lakh Thirteen Thousand Seventy Four) Only. |
| (b) | Bid Security (Rs) | **12,58,000.00** (Rupees Twelve Lakh and Fifty Eight Thousand) Only. |
| 3 | Time of Completion | 06 (Six) Months |
| 4 | Last date / Time for receipt of bids | 23.12.2025 upto 12.00 Noon |
| 5 | Date of Publication of Tender on website | 10.12.2025 from 10.30 A.M. |
| 6 | Name & address of office Inviting tender | Executive Engineer, R.C.D. Road Division, Sahibganj |
| 7 | Contact no. of Procurement officer | 8271102250 |
| 8 | Helpline number of e- Procurement cell | 0651 - 2401010 |

Further details can be seen on website *http://jharkhandtenders.gov.in*
EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, SAHIBGANJ
PR 367995 (Road) 25-26 (D)

## ସଂକ୍ଷେପରେ

### ବାଇକ୍‌କୁ ଚୂର୍‌ମାର୍ କଲା ହାତୀ

ପାରଳାଖେମୁଣ୍ଡି,୮।୧୨(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ପରିଡ଼ା ପଞ୍ଚାୟତର ଜଣେ ବ୍ୟକ୍ତିଙ୍କ ବାଇକ୍ ସୋମବାର ହାତୀପଲ ଚୁରମାର କରି ଦେଇଛନ୍ତି। ବ୍ୟକ୍ତି ଜଣକ ଜାନୀଗୁଡ଼ାଠାରୁ ଆଦାନଗୁଡ଼ା ଯିବା ରାସ୍ତାରେ ପଡୁଥିବା ଡେପାଗୁଡ଼ା ଜଙ୍ଗଲ ରାସ୍ତାରେ ଯାଉଥିବା ବେଳେ ହାତୀପଲ ସହ ମୁହାଁମୁହିଁ ହୋଇଥିଲେ। ହାତୀପଲ ଦେଖି ସେ ଭୟରେ ବାଇକ୍ ଛାଡି ଦୌଡି ପଳାଇଥିଲେ। ପରେ ଏହି ୪ଟିକିଆ ହାତୀପଲରୁ ଏକ ଦନ୍ତାହାତୀ ବାହାରି ବାଇକ୍‌କୁ କଚାଡି ଭାଙ୍ଗିଥିଲା। ଏହାର ଏକ ଭିଡିଓ ଭାଇରାଲ ହୋଇଛି । ଏ ସମ୍ପର୍କରେ କାଶୀନଗର ବନବିଭାଗକୁ ଅବଗତ କରାଯିବା ପରେ କର୍ମଚାରୀମାନେ ହାତୀପଲ ଉପରେ ନଜର ରଖିଛନ୍ତି। ଏହି ହାତୀପଲ ଖବର ଲେଖା ହେବା ବେଳକୁ ସାଢେ ୮ଟା ବେଳକୁ ହରିପୁର ଜଙ୍ଗଲରେ ଥିବା ବନ ବିଭାଗ ସୂଚନା ଦେଇଛି। ସୂଚନାଯୋଗ୍ୟ, ହାତୀପଲ ପୂର୍ବରୁ ପରିଡ଼ା ପଞ୍ଚାୟତରେ ଅନେକ ଫସଲ ନଷ୍ଟ କରିବା ସହ ଘର ଭାଙ୍ଗିଛନ୍ତି।

### ଶ୍ରୀରାମଚରିତ ମାନସ ପାରାୟଣ ପ୍ରସ୍ତୁତି ବୈଠକ

ଦିଗପହଣ୍ଡି,୮।୧୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବଡ଼ ବ୍ରାହ୍ମଣସାହି ସ୍ଥିତ ଶ୍ରୀଗୋପାଳଜୀ ମଠ ପରିସରରେ ରବିବାର ଶ୍ରୀରାମଦୟା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଏନ୍‌ଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ଜାନୁୟାରୀ ୮ ରୁ ୧୬ ତାରିଖ ପର୍ଯ୍ୟନ୍ତ ୯ ଦିନ ବ୍ୟାପୀ ଦିଗପହଣ୍ଡି ବଜାର ସାହି ରାଜବାଟି ସିଂହଦ୍ୱାର ସମ୍ମୁଖ ଗାନ୍ଧି ଛକଠାରେ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପୁରୀ ସ୍ଥିତ ଶ୍ରୀରାମଦୟା ପରିଷଦର ମୁଖ୍ୟ ମହନ୍ତ ଶ୍ରୀଗଙ୍ଗାରାମ ଦାସ ମହାରାଜାଙ୍କ ସହ ଯୋଗାଯୋଗ କରି ସୁନାମଧନ୍ୟ ପ୍ରବକ୍ତା ମାନଙ୍କୁ ନିମନ୍ତ୍ରଣ କରିବାକୁ ନିଷ୍ପତ୍ତି ନିଆଯାଇଛି। କମିଟିର ସଭାପତି ଭାବେ ହରିକୃଷ୍ଣ ପଣ୍ଡା, କାର୍ଯ୍ୟକାରୀ ସଭାପତି ଭାବେ ଏନ୍‌ଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡା, ଉପସଭାପତି କାଳୁ ଚରଣ ପାଣିଗ୍ରାହୀ, ସମ୍ପାଦକ ରଘୁନାଥ ପାଣିଗ୍ରାହୀ ଏବଂ କୋଷାଧକ୍ଷ ଭାବେ ଶିକ୍ଷକ କାଳୁ ଚରଣ ପାଣିଗ୍ରାହୀଙ୍କୁ ସର୍ବସମ୍ମତ କ୍ରମେ ମନୋନୀତ କରାଯାଇଥିଲା। ବୈଠକରେ ଲକ୍ଷ୍ମୀ ନୃସିଂହ ମାର୍ଥା, ହେମନ୍ତ କୁମାର ପାତ୍ର, ନରସିଂହ ପଣ୍ଡା, ସୁବାସ ଚନ୍ଦ୍ର ପାଢ଼ୀ, ସୁରେନ୍ଦ୍ର ପଟ୍ଟନାୟକ, ଜୀବନ ନନ୍ଦ, ଆଇନଜୀବି ହେମନ୍ତ ପାଣିଗ୍ରାହୀ, ପରେଶ ଚନ୍ଦ୍ର ରଥ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

# ଚାଉଳ ଚୋରି ଘଟଣାର ତଦନ୍ତ ଆରମ୍ଭ

**ଉଦୟପୁର ପ୍ରାଥମିକ ବିଦ୍ୟାଳୟ**
**କାର୍ଯ୍ୟରେ ଯୋଗଦେଲେ ୨ ଶିକ୍ଷକ**

ନୟାଗଡ,୮।୧୨(ଲୋକନାଥ ମିଶ୍ର)

ନୟାଗଡ ବ୍ଲକ ଉଦୟପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଚାଉଳ ବିକ୍ରି ଘଟଣାର ତଦନ୍ତ ସୋମବାର ଆରମ୍ଭ ହୋଇଛି। ଖଣ୍ଡପଡା ଆରସି ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଲିପ୍‌ସା ନନ୍ଦ ଏହାର ତଦନ୍ତ କରୁଛନ୍ତି। ତଦନ୍ତକାରୀ ଅଧିକାରୀ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନି ଦାଶ ଓ ସହକାରୀ ଶିକ୍ଷକ ମନୋରଞ୍ଜନ ସାହୁ, ଅଟୋ ଡ୍ରାଇଭର, ସ୍କୁଲ ପରିଚାଳନା କମିଟି ସଭାପତି, ଗାଁଲୋକ ମାଧବ ବେହେରା ଓ କେତେକ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଛନ୍ତି। ବାଲିପାଟଣା(ଉଦୟପୁର) ଓ ଗବନଳ ଗାଁ ଲୋକ ନିଜର ମତାମତ ଦେଇ ନାହାନ୍ତି। ଗାଁ ସଭା ବସି ଆଲୋଚନା ପରେ ପକ୍ଷ ରଖିବେ କହିଛନ୍ତି। ତେବେ ଛାତ୍ରୀଛାତ୍ର କହିଛନ୍ତି, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକ ମଧ୍ୟାହ୍ନଭୋଜନରେ ଅଣ୍ଡା ଓ ରାଶି ଲଡୁ ଠିକ୍‌ରେ ଦେଉନଥିଲେ। ପାଣିଆ ଡାଲି ଦେଉଥିବାବେଳେ ସେଥିରେ ଅମୃତ ଭଣ୍ଡା ପଡୁଥିଲା। ଟିକିଏ କଥାରେ କଟୁ ଭାଷା ପ୍ରୟୋଗ କରୁଥିଲେ। ପଢ଼ାପଢ଼ି ଠିକ୍‌ରେ କରୁ ନ ଥିଲେ। କାହାକୁ ନ କହିବା ପାଇଁ ସବୁବେଳେ ତାଗିଦା କରୁଥିଲେ। ଅନ୍ୟପକ୍ଷେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନି ଦାଶ ଓ ସହକାରୀ ଶିକ୍ଷକ ମନୋଜ କୁମାର ସାହୁଙ୍କୁ ଗାଁଲୋକ ପକ୍ଷ ରଖିବାକୁ ସୁଯୋଗ ଦେଉ ନ ଥିଲେ। ତଦନ୍ତକାରୀ ଅଫିସରଙ୍କ ହସ୍ତକ୍ଷେପ ପରେ ପକ୍ଷ ରଖିବାକୁ ସୁଯୋଗ ଦେଇଥିଲେ। ଅପରପକ୍ଷେ ସହକାରୀ ଶିକ୍ଷକ ପ୍ରଦୀପ ସାହୁ ଓ ବୈଷ୍ଣବ ପରିଡାଙ୍କୁ ଅନୁରୂପ ଭାବେ ଉଦୟପୁର ସ୍କୁଲକୁ ବଦଳି କରାଯାଇଛି। ସେମାନେ ଶନିବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଠାରେ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନି ଦାଶ ଓ ସହକାରୀ ଶିକ୍ଷକ ମନୋଜ କୁମାର ସାହୁଙ୍କର ବଦଳି ହୋଇ ଯାଇଛି।

ପ୍ରକାଶଯେ, ମଧ୍ୟାହ୍ନଭୋଜନର ଚାଉଳ ଚୋରି ଘଟଣା ଜଣାପଡିବା ପରେ ଗତ ୧ ତାରିଖରେ ଉଦୟପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଉତ୍ତେଜନା ଦେଖା ଦେଇଥିଲା। ଗାଁଲୋକ ଫାଟକରେ ତାଲା ପକାଇବା ସହ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନି ଦାଶ ଓ ସହକାରୀ ଶିକ୍ଷକ ମନୋଜ କୁମାର ସାହୁଙ୍କ ନିଲମ୍ବନ ଦାବି କରିଥିଲେ। ଆନ୍ଦୋଳନ ସ୍ଥଳରେ ନୟାଗଡ ବିଇଓ ପହଞ୍ଚି ବୁଝାଶୁଝା କରିଥିଲେ। ଗତ ୩ ତାରିଖରେ ସ୍କୁଲରେ ଆଲୋଚନା ହୋଵର ଥିଲା। ତେବେ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନି ଓ ସହକାରୀ ଶିକ୍ଷକ ମନୋଜ ଛୁଟିରେ ରହିବାରୁ ସମାଧାନ ହେବାକୁ ଥିବା ମଧ୍ୟାହ୍ନଭୋଜନ ଚାଉଳ ଚୋରି ଘଟଣା ଉଗ୍ରରୂପ ନେଇଥିଲା।

୩ତାରିଖ ପୂର୍ବାହ୍ନ ୧୦ଟାରେ ସ୍କୁଲ ନଖୋଲିବାରୁ ପାଠପଢ଼ା ବନ୍ଦ ହୋଇଥିଲା। ଛାତ୍ରୀଛାତ୍ର ଜରିପାଲ ପକାଇ ଫାଟକ ବାହାରେ ବସିଥିଲେ। ଗାଁ ସଭା ଓ ସ୍କୁଲ ପରିଚାଳନା କମିଟି ବୈଠକ ମଧ ଫାଟକ ବାହାରେ ହୋଇଥିଲା। ସ୍କୁଲରେ ଶୈକ୍ଷିକ ବାତାବରଣ ଫେରାଇ ଆଣିବା ଓ ଘଟଣାରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଖବର ପାଇ ନୟାଗଡ ବ୍ଲକ ଶିକ୍ଷା ଅଧିକାରୀ ଉମାକାନ୍ତ ସେଠୀ ସ୍କୁଲରେ ପହଞ୍ଚି ଆନ୍ଦୋଳନରତ ଗାଁ ଲୋକଙ୍କୁ ବୁଝାଶୁଝା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ପରେ ପ୍ରଧାନଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକଙ୍କର ବଦଳି ହୋଇଥିଲା।

ଉଲ୍ଲେଖଯୋଗ୍ୟ, ଉଦୟପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ୮ ମ ଶ୍ରେଣୀ ପର୍ଯ୍ୟନ୍ତ ଅଛି। ଏଠାରେ ୮ଟି ଶ୍ରେଣୀ ପାଇଁ ପ୍ରଧାନଶିକ୍ଷକଙ୍କୁ ମିଶାଇ ୪ଜଣ ଶିକ୍ଷକ ଥିଲେ।

# ଗାୟତ୍ରୀ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ


କ୍ରୀଡ଼ା ଉତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ଓଡ଼ଗାଁ, ୮।୧୨(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପଣ୍ଡିଖାରୀ ପଞ୍ଚାୟତ ମଶାବାରୀ ଗାୟତ୍ରୀ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ବାର୍ଷିକ କ୍ରୀଡ଼ା ଉତ୍ସବ ୨୦୨୫ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ କୈବଲ୍ୟପୁର ରାମେଶ୍ୱର ଓ ମଶାବାରୀ ନୀଳକଣ୍ଠେଶ୍ୱର,ରଙ୍ଗଣୀପାଟଣା, ରାଧାକାନ୍ତ ଏବଂ ପଣ୍ଡିଖାରୀ ଶାସନ ନୀଳକଣ୍ଠେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ପୂର୍ବକ ଅଖଣ୍ଡ ଦୀପରୁ ମଶାଲ ଜାଳି ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମାକରି ବିଦ୍ୟାମନ୍ଦିରରେ ପହଞ୍ଚିଥିଲେ। ଅତିଥି ଭାବେ ପଣ୍ଡିଖାରୀ ସରପଞ୍ଚ ସୁଶ୍ରୀ ଶ୍ରାବଣୀ ବିଶ୍ୱାଳ, ସମିତି ସଭ୍ୟ ବୁଲୁ ଯେନା, ରଙ୍ଗଣୀପାଟଣା ସରପଞ୍ଚ ସସ୍ମିତା ପାତ୍ର ମଶାଲ ଗ୍ରହଣ କରିବା ପରେ କ୍ରୀଡ଼ା ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାମନ୍ଦିର ପ୍ରତିଷ୍ଠାତା ସମ୍ପାଦକ ଅଶୋକ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଛୋଟ ପିଲାମାନେ ବିଦ୍ୟାମନ୍ଦିର ଉଦ୍ୟାନର ସୁଗନ୍ଧିତ ଫୁଲର ବାସ୍ନା ସଞ୍ଚରିଲେ ନର ନାରାୟଣ ଏବଂ ଦେବଗଣଙ୍କୁ ଆକର୍ଷିତ କରିଥାଏ ବୋଲି କହିଥିଲେ। ଗାୟତ୍ରୀ ବିଦ୍ୟାମନ୍ଦିର ସେଭଳି ଏକ ଶିକ୍ଷାନୁଷ୍ଠାନ ଯାହାକି ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ଯୋଗୁ ଅନ୍ୟମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାମନ୍ଦିର ଅଧକ୍ଷ ବୀରେନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ ବେଳେ କେବଳ ଶିକ୍ଷା ନୁହେଁ କ୍ରୀଡ଼ା କ୍ଷେତ୍ରରେ ମଧ ବିଦ୍ୟାମନ୍ଦିରର ଅଗ୍ରଣୀ ଭୂମିକା ସମ୍ପର୍କରେ ଆଲୋଚନା ରଖିଥିଲେ। ବରିଷ୍ଠ ଶିକ୍ଷକ ଭେଙ୍କଟସ୍ୱାମୀଙ୍କ ନେତୃତ୍ୱରେ ଖେଳ ପଡ଼ିଆରେ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା। ଅମିତା ଦାଶ,ପ୍ରଭାତୀ ତ୍ରିପାଠୀ, ମଞ୍ଜୁଲତା ମିଶ୍ର,ପ୍ରଭାତୀ ଖଣ୍ଡା,ସନ୍ତୋଷିନୀ ସାହୁ, ଝରଣା ସେଠୀ, ନାରାୟଣ ଯେନା ଏବଂ ଦିବ୍ୟଲୋଚନ ପଣ୍ଡା ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ୩ ଦିନ ଧରି ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ବୁଧବାର ଉଦ୍‌ଯାପନ ହେବ।

## ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ କର୍ମଚାରୀଙ୍କ ଆତ୍ମହତ୍ୟା

ପାରଳାଖେମୁଣ୍ଡି,୮।୧୨
(ଗିରିଧାରୀ ପରିଚ୍ଛା)

ଗୋଷାଣି ବ୍ଲକ ଗାରାବନ୍ଧ ଗ୍ରାମ ସିନ୍ଦିରି ସାହିରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅଶୋକ କୁମାର ନନ୍ଦ (୩୫)। ଏଠାରେ ଏକ ଭଡାଘରେ ପରିବାର ସହ ରହୁଥିବା ଅଶୋକ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗର ଜଣେ କର୍ମଚାରୀ। ମହେନ୍ଦ୍ରଗିରିଠାରେ ବିଭାଗର ସର୍ବେକ୍ଷଣ କାର୍ଯ୍ୟରେ ଅଶୋକ ନିୟୋଜିତ ଥିଲେ। ରବିବାର ରାତିରେ ସେ ଘରର ଉପର ମହଲାରେ ଶୋଇଥିଲେ। ସୋମବାର ସକାଳୁ ଦୀର୍ଘ ସମୟ ଧରି ସେ ନ ଉଠିବାରୁ ସକାଳୁ ତାଙ୍କ ମା' ଉଠାଇବାକୁ ଯାଇ କବାଟ ବାଡେଇଥିଲେ। ଅଶୋକ କବାଟ ନ ଖୋଲିବାରୁ ଗାରାବନ୍ଧ ପୋଲିସକୁ ଅବଗତ କରାଯାଇଥିଲା। ପୋଲିସ ପହଞ୍ଚି କବାଟ ଭାଙ୍ଗି ଦେଖିବା ବେଳକୁ ଅଶୋକ ଝୁଲନ୍ତା ଅବସ୍ଥାରେ ଥିଲେ। ଏନେଇ ସ୍ତ୍ରୀ ରିତାଞ୍ଜଳୀ ଶତପଥୀ ଗାରାବନ୍ଧ ଥାନାରେ ଅଭିଯୋଗ କରିବା ପରେ ଅଶୋକଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ତାଙ୍କ ଆତ୍ମହତ୍ୟାର କାରଣ ଜଣାପଡିନି। ଏନେଇ ନଂ. ୯/୨୫ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ପ୍ରଶାନ୍ତ ନିସିକା କହିଛନ୍ତି ।

# ସ୍ୱାକ ସଙ୍ଗଠନ ତରଫରୁ ଜିଲାପାଳଙ୍କୁ ଦାବିପତ୍ର


ଜିଲାପାଳଙ୍କୁ ସଙ୍ଗଠନର କର୍ମକର୍ତ୍ତା ଦାବିପତ୍ର ପ୍ରଦାନ କରୁଛନ୍ତି ।

ଜି.ଉଦୟଗିରି,୮।୧୨(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ବ୍ଲକ୍ ଓ ଟିକାବାଲି ବ୍ଲକ୍ ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଗୁଡ଼ିକର ଶୋଚନୀୟ ଅବସ୍ଥା ଥିବା ନେଇ ଜିଲାପାଳଙ୍କୁ ସ୍ୱାକ ସଂଗଠନ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି। ଜି.ଉଦୟଗିରି ବ୍ଲକ୍ ରଟିଙ୍ଗିଆ ପଞ୍ଚାୟତ ଅନ୍ତର୍ଗତ ଶ୍ରୀରାମପଦା ଛକଠାରୁ ଭାୟା ରଟିଙ୍ଗିଆ ଦେଇ ଗ୍ରେସିଙ୍ଗିଆ ପର୍ଯ୍ୟନ୍ତ, ମାଲିକାପଡ଼ି ପଞ୍ଚାୟତର ବାଡ଼େନାକୁ ଛକଠାରୁ ଭାୟା ସୁଜେଲି ଗ୍ରାମଦେଇ ରାଇପଦା ପର୍ଯ୍ୟନ୍ତ, ରାଇକଲା ପଞ୍ଚାୟତର ଶ୍ରିକଲାଠାରୁ ଭାୟା ରାଇକଲା, ଖାରିଆପଡ଼ା ଦେଇ ଯାକାମାହା ଗ୍ରାମ ପର୍ଯ୍ୟନ୍ତ ଏବଂ ଜି.ଉଦୟଗିରି ନିକଟସ୍ଥ ସୁକାନାଣ୍ଡା ଛକଠାରୁ ଭାୟା ତେଲିଙ୍ଗିଆ, ଗଦଗୁଡ଼ା, ଗସାଗୁଡ଼ା, ବ୍ରେକା ଓ ପିକରଡ଼ି ଦେଇ ଟିକାବାଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବା ପାଇଁ ଦାବି କରାଯାଇଛି। ଜିଲାପାଳ ଉକ୍ତ ସଡ଼କ ସମସ୍ୟା ନେଇ ନିଜେ ତଦନ୍ତ କରି ସଡ଼କ ନିର୍ମାଣ କାମ କରେଇବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଜି.ଉଦୟଗିରି ଅଞ୍ଚଳରେ ବର୍ତ୍ତମାନ ୪ ଡିଗ୍ରୀ ସେଲସିୟସ ତଳେ ତାପମାତ୍ରା ରହୁଛି। କେନ୍ଦ୍ର ସରକାରଙ୍କ ବ୍ୟବସ୍ଥା ଅନୁସାରେ ୫ ଡିଗ୍ରୀରୁ କମ୍ ତାପମାତ୍ରା ରହୁଥିବା ଅଞ୍ଚଳକୁ ପ୍ରାକୃତିକ ବିପର୍ଯ୍ୟୟ ପୀଡ଼ିତ ଅଞ୍ଚଳ ଭାବେ ଘୋଷଣା କରି ସେଠାକାର ଅସହାୟ ଗରିବ ଲୋକଙ୍କୁ ଚିହ୍ନଟ କରି କମ୍ବଳ ବଣ୍ଟନ କରିବା ପାଇଁ ଅନୁରୋଧ କରାଯାଇଛି। ଏହା ସହିତ ଜି.ଉଦୟଗିରି ଅଞ୍ଚଳରେ ଜଣେ ମାନସିକ ଅସହାୟ ବୃଦ୍ଧା ମହିଳା ଅଳକା ପ୍ରଧାନ ସଂପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ରାଜ ରାସ୍ତାରେ ଗୁରୁଣ୍ଡି ଗୁରୁଣ୍ଡି ଚାଲୁଥିବା ଦୃଶ୍ୟକୁ ଦୃଷ୍ଟିରେ ରଖି ତାଙ୍କୁ ସ୍ଥାୟୀ ଥଇଥାନର ବ୍ୟବସ୍ଥା କରିବା ପାଇଁ ସ୍ୱାକ ସଂଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବି କରାଯାଇଛି। ଏହି ସାମୁହିକ ସମସ୍ୟା ଗୁଡ଼ିକୁ ପ୍ରଶାସନ ପକ୍ଷରୁ ତୁରନ୍ତ ସମାଧାନ କରିବା ପାଇଁ ସଂଗଠନର ସଭାପତି ଆମନ ଚନ୍ଦ୍ର ନାୟକ, ଉପସଭାନେତ୍ରୀ ସସ୍ମିତା ମଲ୍ଲିକ, ସମ୍ପାଦକ ହୃଷିକେଶ ପ୍ରଧାନ ଓ ସହ ସମ୍ପାଦକ ସଞ୍ଜୀବ ଦିଗାଲ ଦାବି କରିଛନ୍ତି।

## ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା

ଆସିକା,୮।୧୨
(ସୁରେନ୍ଦ୍ର ନାଥ ସାହୁ):

ଆସିକା ତହସିଲ ଅନ୍ତର୍ଗତ ବାବନପୁର ଗ୍ରାମର ପଞ୍ଚାନନ ରାଉତଙ୍କ ଗତ ଜୁଲାଇ ମାସରେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା । ଶନିବାର ଆସିକା ବିଧାୟକ ସରୋଜ କୁମାର ପାଢୀ, ତହସିଲଦାର ସଙ୍ଗୀତା ସେନ ମୃତକଙ୍କ ଘରେ ପହଞ୍ଚି ତାଙ୍କ ସ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଏହି ସରକାରୀ ସହାୟତା ଲାଗି ଆସିକା ବିଧାୟକ ଓ ତହସିଲଦାରଙ୍କ ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି । ସୂଚନା ଯୋଗ୍ୟ ବିଧାୟକ ପାଢୀ ଏହି ପରିବାରର ଆର୍ଥିକ ଅବସ୍ଥାରେ ସହାୟତା ପ୍ରଦାନ ଲାଗି ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## ବ୍ଲକ୍‌ସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା

ବାଲିଗୁଡ଼ା,୮।୧୨(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ନୂଆସାହି ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ମହେଶ୍ୱର ମାଝୀ ଏବଂ ସମ୍ମାନିତ ଅତିଥି ଭାବେ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଉଦଘାଟନ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବାଲିଗୁଡ଼ା ବ୍ଲକ୍‌ର ୩୮ଟି ବିଦ୍ୟାଳୟର ୧୦୧ ଜଣ ଛାତ୍ରୀଛାତ୍ର କୁଇଜ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତିତ୍ୱ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ବ୍ଲକ୍‌ର ବରିଷ୍ଠ ପ୍ରଧାନ ଶିକ୍ଷକ ଶିଶିର କାନ୍ତ ପଣ୍ଡା, ଶିଶିର କାନ୍ତ ଦାସ, ଶ୍ରୀଧର ସାହୁ ଏବଂ ସିଆରସିସି ଗାୟତ୍ରୀ ପାଳଙ୍କ ସମେତ ସମସ୍ତ ସିଆରସିସି, ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ବରିଷ୍ଠ ନାଗରିକଙ୍କ କ୍ରୀଡା
## ପାରଳାଖେମୁଣ୍ଡିର କିଶୋରଙ୍କୁ ବ୍ରୋଞ୍ଜ, ରୌପ୍ୟ ପଦକ

ପାରଳାଖେମୁଣ୍ଡି,୮।୧୨(ଗିରିଧାରୀ ପରିଚ୍ଛା): ହାଇଦ୍ରାବାଦ ଉସମାନିଆ ବିଶ୍ୱ ବିଦ୍ୟାଳୟ ଖେଳ ପଡିଆରେ ସପ୍ତମ ଅନ୍ତର୍ଜାତୀୟ ବରିଷ୍ଠ ନାଗିରିକଙ୍କ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶାର ୧୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଗଜପତି ଜିଲା ସଦର ପାରଳାଖେମୁଣ୍ଡିର ବରିଷ୍ଠ ନାଗରିକ ମଞ୍ଚର କିଶୋର ଚନ୍ଦ୍ର ରଥ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେ ୧୦୦ ମିଟର ଦୌଡରେ ତୃତୀୟ ସ୍ଥାନ ହାସଲ କରି ବ୍ରଞ୍ଜ ପଦକ ଏବଂ ଟ୍ରିପଲ ଜମ୍ପରେ ଦ୍ୱିତୀୟ ସ୍ଥାନ ହାସଲ କରି ରୌପ୍ୟ ପଦକ ହାସଲ କରିଛନ୍ତି।

# ଜବରଦଖଲରେ ଶ୍ମଶାନ ଗୃହ

## ବାରମ୍ବାର ଜଣାଇଲେ ବି ଶୁଣୁନି ଏନ୍‌ଏସି ପ୍ରଶାସନ

ପୁରୁଷୋତ୍ତମପୁର,୮।୧୨(ସବିତା ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁରରେ ମୃତଦେହ ଦାହ କରିବା ଲୋକଙ୍କ ଲାଗି ସମସ୍ୟା ପାଲଟିଛି। ଏସମ୍ପର୍କରେ ବାରମ୍ବାର ଜଣାଇଥିଲେ ମଧ ଏନଏସି ପ୍ରଶାସନ, ଅଧକ୍ଷ କିମ୍ବା ଜନପ୍ରତିନିଧିମାନେ କେହି ଗୁରୁତ୍ୱ ଦେଉ ନ ଥିବା ଦେଖିବାକୁ ମିଳୁଛି। ୧୪ ୱାର୍ଡ ବିଶିଷ୍ଟ ଏହି ଏନଏସିର ଆରମ୍ଭ ଓ ଶେଷରେ କନକା ଓ କୁମାରୀ ମୌଜାରେ ମୃତଦେହ ଦାହ ଲାଗି ଗୃହ ରହିଛି। ପୁରଷୋତ୍ତମପୁର ମୌଜାର ସହର ମଧ ଭାଗରେ ରହିଥିବା ୱାର୍ଡନଂ ୭,୮,୯,୧୦,୧୧ର ବାସିନ୍ଦା ମୃତଦେହ କାନ୍ଧେଇ ବହୁଦୂରରେ ଥିବା କନକା ଓ କୁମାରୀ ମୌଜା ଶ୍ମଶାନଘାଟକୁ ନେଉଛନ୍ତି। ଏଥିପାଇଁ ୱାର୍ଡବାସୀ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। କପିଳେଶ୍ୱର ମନ୍ଦିର ସମ୍ମୁଖ ତୋରାବଣ ପାର୍ଶ୍ୱ ରୁଷିକୁଲ୍ୟା ନଦୀପଠାରେ ଗତକିଛି ବର୍ଷ ତଳେ ନିର୍ମିତ ଶବଦାହ ଗୃହକୁ କେତେ ଜଣ ବ୍ୟକ୍ତି ବେଆଇଭାବେ କବଜା କରି ରଖି ତା' ନିକଟରେ ଗୃହ ନିର୍ମାଣ କରିଛନ୍ତି। ଫଳରେ ମୃତଦେହ ଦାହ ନେଇ ସମସ୍ୟା ଉପୁଜୁଛି। ମୃତଦେହ ଦାହ ଲାଗି ରୁଷିକୁଲ୍ୟା ନଦୀପଠା ଏକମାତ୍ର ସ୍ଥାନ ହୋଇଥିବାରୁ ବର୍ଷା ଦିନେ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ପଠାରେ ମୃତଦେହ ଦାହ କରିବା ଓ ଅନ୍ୟାନ୍ୟ କ୍ରିୟାକର୍ମ କରିବା କଷ୍ଟକର ହୋଇପଡୁଛି। ଏହାକୁ ଗୁରୁତ୍ୱ ଦେଇ ଏନଏସି ପ୍ରଶାସନ ଏଠାରେ ଗୃହ ନିର୍ମାଣ କରି ରହିଥିବା ବ୍ୟକ୍ତିଙ୍କୁ ହଟାଇ ମୃତଦେହ ଦାହ ପାଇଁ ସହରବାସୀଙ୍କ ପାଇଁ ଏହାକୁ ଜବରଦଖଲମୁକ୍ତ କରିବାକୁ ସାଧାରଣରେ ଦାବି ହେଉଛି।

# ମିଟର ନ ବଦଳାଇବାକୁ ନିର୍ଦ୍ଦେଶ ଦେଲା ପୌର ପରିଷଦ

ପାରଳାଖେମୁଣ୍ଡି,୮।୧୨(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଗତ କିଛି ଦିନ ହେଲା ଟିପିଏସ୍‌ଓଡିଏଲ୍ ମିଟର ବଦଳାଇ ସ୍ମାର୍ଟ ମିଟର ଲଗାଇବାକୁ ସହରବାସୀ ବିରୋଧ କରିଛନ୍ତି। ଏନେଇ ପାରଳ ପୌର ପରିଷଦର ଏକ ବୈଠକରେ ପ୍ରସ୍ତାବ ପାରିତ ହୋଇ ଗ୍ରାହକଙ୍କ ବିନା ସମ୍ମତିରେ ଟିପିଏସ୍‌ଓଡିଏଲ୍ ସେମାନଙ୍କ ମିଟର ନ ବଦଳାଇବାକୁ ନିର୍ଦ୍ଦେଶ ହୋଇଛି। କମ୍ପାନୀର କର୍ମଚାରୀ ପାରଳାଖେମୁଣ୍ଡି ସହରର ବିଭିନ୍ନ ସାହି, ଗଳିଗୁଡିକରେ ବିଦ୍ୟୁତ୍ ମିଟର ଭଲ ଥିଲେ ମଧ ଗ୍ରାହକମାନଙ୍କ ବିନା ସମ୍ମତ ସ୍ମାର୍ଟ ମିଟର ଲାଗାଉଥିଲେ। ଗ୍ରାହକଙ୍କୁ ଭୁଲ ତଥ୍ୟ ଦେଇ ମିଟର ଖରାପ ଅଛି କହି ସେମାନେ ସ୍ମାର୍ଟ ମିଟର ଲଗାଇବାକୁ ପଛାଉ ନ ଥିଲେ। ବଡ଼ଦାଣ୍ଡରେ ବିଭିନ୍ନ ଦୋକାନରେ ସ୍ମାର୍ଟ ମିଟର ବସାଇବାକୁ ନେଇ କେତେ ଜଣ ବ୍ୟବସାୟୀ ବିରୋଧ କରିବାରୁ ସେମାନଙ୍କ ସହ ଯୁକ୍ତିତର୍କ ହେବାର ନଜୀର ମଧ ରହିଛି। ଏହାକୁ ନେଇ ଅଭିଯୋଗ ପରେ ପାରଳା ପୌର ପରିଷଦର ଏକ ବୈଠକରେ ଆଲୋଚନା ହୋଇଥିଲା। ବିଭିନ୍ନ ୱାର୍ଡର କାଉନସିଲରମାନେ ମଧ ଏନେଇ ଅଭିଯୋଗ ଆଣିଥିଲେ। ପାରଳା ପୌରଧକ୍ଷା, ବିଧାୟକ, ଏମ୍‌ପି ପ୍ରତିନିଧି ଆଲୋଚନା କରି ପୌର ପରିଷଦ ଅଞ୍ଚଳରେ ମିଟର ନ ବଦଳାଇବାକୁ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦେବାକୁ ପ୍ରସ୍ତାବ ପାରିତ ହୋଇଥିଲା। ଫଳରେ ପୌର ନିର୍ବାହୀ ଯନ୍ତ୍ରୀ ତାଙ୍କ ପତ୍ରସଂଖ୍ୟା ୪୨୩୨/୬।୧୨।୨୫ରେ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦେଇ ଗ୍ରାହକଙ୍କ ବିନା ସମ୍ମତିରେ ମିଟର ବଦଳାଇ ସ୍ମାର୍ଟ ମିଟର ଲଗାଇବାକୁ ବାରଣ କରିଛନ୍ତି। ସୂଚନାଯୋଗ୍ୟ, ବିଭିନ୍ନ ସମୟରେ ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ସ୍ମାର୍ଟ ମିଟର ଲଗାଇବାକୁ ବିରୋଧ କରି ଏ ସମ୍ପର୍କରେ ଓଇଆରସିକୁ ଜଣାଇଛି। ମାତ୍ର ଏ ଦିଗରେ ଓଇଆରସି କୌଣସି ପଦକ୍ଷେପ ନେଇ ନ ଥିବା ମହାସଂଘ ଅଭିଯୋଗ କରିଛି।

**QUOTATION CALL NOTICE**

Sealed Quotations are invited from registered firms having valid GSTN for supply of various items related to the IT infrastructure as per the specification given by the Govt. of Odisha (Govt. of Odisha Higher Education No.202469785168/Dt.5.3.25 Non-Govt. aided colleges having students strength less than 750). The sealed Quotations should reach the office of the undersigned within 10 days from the date of publication of the notice. The undersigned reserves the right to cancel any quotation without assigning any reason thereof.

Sd./- Principal
Anchalika Degree Mahavidyalaya,
Pragyanvihar, Siminai, Dhenkanal-759025

**OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)**
P.O.NUAGAM (ASKA)-761111, GANJAM DISTRICT, ODISHA
Phones:06822-273464, email:askasugar@yahoo.co.in, website:askasugar.com
Letter No.(Engg.) 1991, Dt.06.12.2025

Sealed Tenders are invited from competent farm/agency for undertaking **"AMC of Global make electronic weigh bridges 40 MT (01 No.), 10 MT (02 Nos.) & Eurotech make electronic weigh bridge 80 MT (01 No.)"** for the crushing season 2025-2026 at the Aska Co-operative Sugar Industries Ltd., Nuagam, Aska. Interested tenderers can get details & obtain tender form by download from our **website: www.askasugar.com.** Filled tender forms can be sent by Speed Post/ Registered Post only, which should reach the office latest by dated. 18.12.2025 by 05.00 P.M.

**Sd./- Managing Director**

सीएमपीडीआई मिनी रत्न cmpdi Mini Ratna
सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LTD.
(कोल इण्डिया लिमिटेड की एक अनुषंगी ईकाई)/(A Subsidiary of Coal India Limited)
गोन्दवाना प्लेस, काँक रोड राँची - 834008, झारखंण्ड, भारत

**सूचना/NOTICE**

"सामग्री, कार्यो एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इण्डिया लिमिटेड की वेबसाइट **www.coalindia.in**/सम्बंधित अनुषंगी कम्पनी (सीएमपीडीआई, **www.cmpdi.co.in**), सीआईएल ई-प्रोक्योरमेंट पोर्टल **https://coalindiatenders.nic.in** एवं सेन्ट्रल पब्लिक प्रोक्योरमेंट पोर्टल **https://eprocure.gov.in** पर उपलब्ध है । इसके अलावा, जीईएम पोर्टल **https://gem.gov.in** के माध्यम से भी खरीद की जाती है ।"/ "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in.**"

**OFFICE OF THE EXECUTIVE ENGINEER
MINOR IRRIGATION DIVISION, LOHARDAGA**

**e-Procurement Notice**
Tender Reference No. WRD /MID/LOHARDAGA/F2-26/2025-26
Date – 06/12/2025

| | | |
|---|---|---|
| 1. | Name of Work | Construction of Series Checkdam on Paras Nala at vill – Heswe , Block – Senha, Distt.- Lohardaga. |
| 2. | Estimated Cost (Rs. In Lakh) | Rs. 122.811 Lakh |
| 3. | Time of Completion | 11 Months |
| 4. | Date of Publication of e-Tender on website | 24/12/2025 at 05:00 PM |
| 5. | Last date/Time for Submission of e-Tender BID's | 01/01/2026 up to 05:00 PM |
| 6. | Last date for online Submission of Tender Fee and EMD | e-Procurement Portal (jharkhandtenders.gov.in) 01/01/2026 up to 05:00 PM |
| 7. | Date of opening Tender | 03/01/2026 at 02:00 PM |
| 8 | Name & address of office inviting tender | Executive Engineer, Minor Irrigation Division, Lohardaga. |
| 9. | (a) Contact No. of e-Procurement officer (b) E-Mail of e-Procurement officer | 9801286765 Midloh632@gmail.com |
| 10. | Helpline Number of e-Procurement cell | 7488537740 |

**Note: - (1) Only e-Tender will be accepted
(2) Published Estimated Cost may be Increase or Decrease.
Further details can be seen on website** http://jharkhandtenders.gov.in

Executive Engineer
PR 367989 (Lohardaga) 25-26 (D) Minor Irrigation Division, Lohardaga.

**GOVERNMENT OF JHARKHAND
OFFICE OF THE EXECUTIVE ENGINEER
R.C.D. , ROAD DIVISION, SAHIBGANJ**

**e- Procurement Notice**
**(2nd Call)**
**(SHORT TENDER)**
e-Tender Reference no.- **RCD/SAHIBGANJ/1047/2025-26**
**Dated : 06.12.2025**

| | | |
|---|---|---|
| 1 | Name of Work | **IRQP/Strengthening work of Shobhanpur Bhatta to Rajgaon via Kishan Prasad from K.M. 0.00 to 19.625 under Road Division, Sahibganj for the Year 2025-26** |
| 2 (a) | Estimated Cost (Rs) | **Rs. 12,57,13,074.00** (Rupees Twelve Crore Fifty Seven Lakh Thirteen Thousand Seventy Four) Only. |
| (b) | Bid Security (Rs) | **12,58,000.00** (Rupees Twelve Lakh and Fifty Eight Thousand) Only. |
| 3 | Time of Completion | 06 (Six) Months |
| 4 | Last date / Time for receipt of bids | 23.12.2025 upto 12.00 Noon |
| 5 | Date of Publication of Tender on website | 10.12.2025 from 10.30 A.M. |
| 6 | Name & address of office Inviting tender | Executive Engineer, R.C.D. Road Division, Sahibganj |
| 7 | Contact no. of Procurement officer | 8271102250 |
| 8 | Helpline number of e- Procurement cell | 0651 - 2401010 |

Further details can be seen on website *http://jharkhandtenders.gov.in*

**EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, SAHIBGANJ**

PR 367995 (Road) 25-26 (D)

# ନରସିଂହ ଚୌଧୁରୀଙ୍କ ଅବଦାନକୁ ଅଣଦେଖା



ନରସିଂହ ଚୌଧୁରୀ।



ଫୋର୍ଡ କଂସଲ ଗାଡ଼ି।



ଗ୍ରାମଫୋନ୍।

ଯାଜପୁର ଟାଉନ,୮।୧୨
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁରର ଐତିହ୍ୟ ଓ କିମ୍ବଦନ୍ତୀ ବହନ କରୁଥିବା ନରସିଂହ ଚୌଧୁରୀ(ସ୍ୱୟଂଶାସିତ) ମହାବିଦ୍ୟାଳୟର ପ୍ରତିଷ୍ଠାତା ନରସିଂହ ଚୌଧୁରୀଙ୍କ ଅବଦାନକୁ ଜିଲା ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଇଛି। ଆନ୍ତରିକତା ଅଭାବରୁ ଆଜି ପର୍ଯ୍ୟନ୍ତ ଗୋଟିଏ ହେଲେ ବି ତାଙ୍କ ପ୍ରତିମୂର୍ତ୍ତି ନିର୍ମାଣ ହୋଇପାରିନାହିଁ। ଯାଜପୁର ଜିଲାର ଶିକ୍ଷା ଜଗତକୁ ଚୌଧୁରୀଙ୍କ ଅବଦାନ ଅନେକ ରହିଛି। ଚୌଧୁରୀ ୧୯୦୮ରେ ଆରମ୍ଭ କରିଥିଲେ ବିରଜା ସଂସ୍କୃତ ଟୋଲ ଏବଂ ୧୯୪୬ରେ ଆରମ୍ଭ କରିଥିଲେ ନରସିଂହ ଚୌଧୁରୀ ମହାବିଦ୍ୟାଳୟ, ଯାହା ଆଜି ସ୍ୱୟଂ ଶାସିତ ମହାବିଦ୍ୟାଳୟର ମାନ୍ୟତା ପାଇଛି। ସେହିପରି ୧୯୪୫ରେ ବ୍ୟାସନଗରରେ ଏକ ହାଇସ୍କୁଲ ପ୍ରତିଷ୍ଠା କରିଥିଲେ। ସେ କେବଳ ସ୍କୁଲ କିମ୍ବା କଲେଜ ପ୍ରତିଷ୍ଠା କରିନାହାନ୍ତି ସେହି ସବୁ ଅନୁଷ୍ଠାନକୁ ନିଜର ଏକର ଏକର ପୈତୃକ ସମ୍ପତ୍ତି ମଧ୍ୟ ଦାନ କରିଛନ୍ତି।

ସେହି ମହାପୁରୁଷଙ୍କ ସ୍ମୃତି ଉଜାଗର ପାଇଁ ଏବେ ଅଣ୍ଟା ଭିଡ଼ିଛନ୍ତି ନରସିଂହ ଚୌଧୁରୀ ମହାବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର। ମହାବିଦ୍ୟାଳୟ ପରିସରରେ ଏକ ପ୍ରତିମୂର୍ତ୍ତି

- ପ୍ରତିମୂର୍ତ୍ତି ପାଇଁ ଅଣ୍ଟା ଭିଡ଼ିଲା ପୁରାତନ ଛାତ୍ର ସଙ୍ଗଠନ
- ସ୍ମୃତି ରକ୍ଷା ପାଇଁ ନାହିଁ ଆନ୍ତରିକତା
- ଗ୍ରାମଫୋନ୍, ଫୋର୍ଡ କଂସଲ ଗାଡ଼ି ଏବେ ବି ସାଇତା ଅଛି

ନିର୍ମାଣ ପାଇଁ ସେମାନେ ଶିଳାନ୍ୟାସ କରିଛନ୍ତି।

ଚୌଧୁରୀ ଯାଜପୁରର କୋଦଣ୍ଡପୁରଠାରେ ଏକ ଜମିଦାର ପରିବାରରେ ଜନ୍ମ ହୋଇଥିଲେ। ତାଙ୍କ ଉଦ୍ୟମରେ ହୋଇଥିବା ସଂସ୍କୃତ ଟୋଲ୍‌ରେ ସମ୍ପାଦକଭାବେ କାର୍ଯ୍ୟ ତୁଲାଇଥିଲେ। ବ୍ୟାସନଗର ଏନ୍‌ସି ହାଇସ୍କୁଲ ଭଳି ଅନେକ ଶିକ୍ଷାନୁଷ୍ଠାନରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଏଥି ସହିତ ଯାଜପୁର ଟାଉନ୍ ହଲ୍ ନିର୍ମାଣ, ଟ୍ରେଜେରି ନିର୍ମାଣ ଭଳି ଅନେକ ଅନୁଷ୍ଠାନ ଗଢ଼ିଥିଲେ। କୋଲକାତାରେ ମଧ୍ୟ ଶିକ୍ଷାନୁଷ୍ଠାନ ଗଢିବା କ୍ଷେତ୍ରରେ ତାଙ୍କର ଅବଦାନ ଥିଲା। ଏତେ ସବୁ ଅବଦାନ ଥାଇ ମଧ୍ୟ ସେହି ମହାପୁରୁଷଙ୍କର କୌଣସି ପ୍ରତିମୂର୍ତ୍ତିନାହିଁ। ଏହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ଯେଉଁ ବ୍ୟକ୍ତି ବା ପରିବାରର ଅତୁଳନୀୟ ଅବଦାନ ପାଇଁ ଆଜି ଲକ୍ଷ ଲକ୍ଷ ଛାତ୍ରୀଛାତ୍ର ଦେଶ ବିଦେଶରେ ପଢୁଛନ୍ତି ଏବଂ ଦେଶର ଭବିଷ୍ୟତ ସାଜିଛନ୍ତି, ତାଙ୍କରି ସ୍ମୃତିରକ୍ଷା ପାଇଁ କିଛି ବି କରାଯାଇନାହିଁ। ଜିଲା ପ୍ରଶାସନ ନା ସରକାର କେହିବି ତାଙ୍କର ସ୍ମୃତିରକ୍ଷା ପାଇଁ ବ୍ୟବସ୍ଥା କରିନାହାନ୍ତି।

ତେଣୁ ତାଙ୍କ ଦ୍ୱାରା ବ୍ୟବହୃତ ସାମଗ୍ରୀକୁ ନେଇ ଏକ ମ୍ୟୁଜିୟମ୍ ପ୍ରତିଷ୍ଠା କରିବା ସହ ତାଙ୍କ ଜନ୍ମ ଦିନକୁ ଜିଲା ପ୍ରଶାସନ ପାଳନ କରିବାକୁ ସାଧାରଣରେ ଦାବି ହୋଇଛି। ଚୌଧୁରୀଙ୍କ ୧୯୫୨ ମସିହାର ଫର୍ଡ କଂସଲ ଗାଡି, ଗ୍ରାମଫୋନ୍ ସହ ବ୍ୟବହାର କରୁଥିବା ସମସ୍ତ ସାମଗ୍ରୀକୁ ସାଇତି ରଖିଛନ୍ତି ପରିବାର। କିନ୍ତୁ ମ୍ୟୁଜିୟମ୍ ନ ଥିବାରୁ ଏହି ସେଗୁଡ଼ିକ ଖତ ଖାଇବାରେ ଲାଗିଛି। ଯଦି ସରକାରଙ୍କ ପକ୍ଷରୁ ମ୍ୟୁଜିୟମ୍ କରାଯାଇ ଏହିସବୁ ସାମଗ୍ରୀ ସାଇତି ରଖାଯାଆନ୍ତା ତେବେ ଆଗାମୀ ପିଢ଼ି ଚୌଧୁରୀଙ୍କ ଅବଦାନ ସମ୍ପର୍କରେ ଜାଣି ପାରନ୍ତେ। ଓଡ଼ିଶା ସଂସ୍କୃତିରେ ପୂଜ୍ୟପୂଜାର ପରମ୍ପରାର ଝଲକ ଦେଖିବାକୁ ମିଳେ। କିନ୍ତୁ ନରସିଂହ ଚୌଧୁରୀଙ୍କ କ୍ଷେତ୍ରରେ ଏହା ଏକ ବ୍ୟତିକ୍ରମ। ବିଳମ୍ବ ହେଉ ପଛେ ଜିଲାବାସୀଙ୍କ ଉଦ୍ୟମରେ ତାଙ୍କ ସ୍ମୃତିରକ୍ଷା ପାଇଁ ହେଉଥିବା ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି। ଦେଖିବାକୁ ବାକି ରହିଲା ପ୍ରଶାସନ ପକ୍ଷରୁ କେବେ ପ୍ରତିମୂର୍ତ୍ତି ଓ ମ୍ୟୁଜିୟମ୍ ନିର୍ମାଣ କରାଯାଉଛି।

## ଏମାନେ କୁହନ୍ତି...



"ନରସିଂହ ଚୌଧୁରୀଙ୍କ ବିଷୟରେ ଅବଗତ ହୋଇ ବହୁତ ଖୁସି ଓ ଆନନ୍ଦିତ। ତାଙ୍କର ଅବଦାନ ଯାଜପୁରବାସୀଙ୍କ ପାଇଁ ଅବିସ୍ମରଣୀୟ। ସଂସ୍କୃତି ବିଭାଗ ସହ ଆଲୋଚନା କରି ତାଙ୍କ ସମ୍ମାନାର୍ଥେ ଆଗାମୀ ପିଢ଼ି ଜାଣିବା ପାଇଁ କାର୍ଯ୍ୟ କରିବି। ଏହାଛଡ଼ା ସେ ବ୍ୟବହାର କରୁଥିବା ସାମଗ୍ରୀକୁ ଯାଜପୁର ମ୍ୟୁଜିୟମରେରଖିବାପାଇଁସୁବନ୍ଦୋବସ୍ତକରିବି।

**– ଅମ୍ବର କୁମାର କର, ଜିଲାପାଳ, ଯାଜପୁର**



ଯାଜପୁର ମାଟିର ବରେଣ୍ୟ ପୁରୁଷ ନରସିଂହ ଚୌଧୁରୀ ଯାଜପୁରର ଶିକ୍ଷା, "ସଂସ୍କୃତି ଓ ମଠ ମନ୍ଦିର ଆଦିର ବିକାଶ ପାଇଁ ଆଜୀବନ ପ୍ରୟାସ କରିଥିଲେ। ତାଙ୍କ ଅବଦାନ ସମୟର କଷଟି ପଥରରେ ଘର୍ଷଣ ହୋଇ ଯେଉଁ ସ୍ୱର୍ଣ୍ଣିମ କୀର୍ତ୍ତି ସ୍ଥାପନ କରିଯାଇଛି ତାହା ଇତିହାସ ପୃଷ୍ଠାର ଏକ ଅଭୁଲା ଅଧ୍ୟାୟ ହୋଇରହିବ। ଆଜି ଯାଜପୁର ଯେଉଁ ବିକାଶ ପଥରେ ଅଗ୍ରସର ହେଉଛି ତାହାର ମୂଳଦୁଆ ସ୍ଥାପନ କରିଥିଲେ ଚୌଧୁରୀ ମହାଶୟ। ତେଣୁ ତାଙ୍କର ସ୍ମୃତିରକ୍ଷା ପାଇଁ ଜିଲା ପ୍ରଶାସନ କିମ୍ବା ଜନସାଧାରଣ ଯଥାର୍ଥ ପଦକ୍ଷେପ ନେଇନାହାନ୍ତି। ଆଶା କରୁଛି ଉତ୍ତରପିଢ଼ିଙ୍କ ପାଇଁ ଚୌଧୁରୀଙ୍କ ସ୍ମୃତିରକ୍ଷା କରିବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ ହେବ।

**–ପଣ୍ଡିତ ଭୂପତି ଭୂଷଣ ମିଶ୍ର, ବିଶିଷ୍ଟ ଶିକ୍ଷାବିତ୍ ଓ ସଂସ୍କୃତି ଗବେଷକ।**

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବାବୁ



@ ବିଦ୍ୟାଭୂଷଣ



@ ଲିଙ୍ଗରାଜ



@ ସ୍ୱପ୍ନେଶ୍ୱର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗହୀରମଥାରୁ ୨ ଟ୍ରଲର ଜବତ, ୧୭ ମତ୍ସ୍ୟଜୀବୀ ଗିରଫ



ଗିରଫ ହୋଇଥିବା ମତ୍ସ୍ୟଜୀବୀ।

ରାଜନଗର, ୮।୧୨( ଭାସ୍କର ରାଉତରାୟ)

ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବାବେଳେ ବନ ବିଭାଗର ପାଟ୍ରୋଲିଂ ଟିମ ୨ଟି ଟ୍ରଲର ଜବତ କରିବା ସହ ଏଥିରେ ଥିବା ୧୭ ଜଣ ମତ୍ସ୍ୟଜୀବୀଙ୍କୁ ସୋମବାର ଗିରଫ କରିଛି। ଗହୀରମଥା ଦାୟିତ୍ୱରେ ଥିବା ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ କୁମାର ମଲ୍ଲିକ, ସଞ୍ଜୀବ କୁମାର ଦାଶ ଓ ବନ ବିଭାଗର ପାଟ୍ରୋଲିଂ ଟିମ ଗହୀରମଥାର ବରୁଣେଇ ଓ ଏକକୁଳା ନିକଟରେ ରାଜଲକ୍ଷ୍ମୀ-୨ ଓ ଜିତ ନାମକ ୨ ଟିଟ୍ରଲରକୁ ଜବତ କରିଥିଲେ। ଜବତ ୨ଟି ଟ୍ରଲରରୁ ୪ କୁଇଣ୍ଟାଲ ୭୦ କେଜି ମାଛ, ୨ଟି ଜିପିଏସ, ୩ଟି ଭିଏଚଏଫ୍, ୨ଟି ଫିସ୍‌ଫାଇଣ୍ଡର, ଟ୍ରଲିଂ ନେଟ ୨୧ଟି ଜବତ କରାଯାଇଛି। ଟ୍ରଲରରେ ଥିବା ମତ୍ସ୍ୟଜୀବୀମାନେ ହେଲେ ସୁଶାନ୍ତ କୁମାର ସ୍ୱାଇଁ, ରମାକାନ୍ତ ମଳିକ, ରତନ ମୁଣ୍ଡା, ପାପୁନ ମିରିଲ, ଭାଗୀରଥି ବେହେରା, ଶରତ ମହାଳିକ, ଭଗବାନ ଭୁୟାଁ, ପ୍ରଫୁଲ୍ଲ ଦାସ, ମହେଶ୍ୱର ମଳିକ, ପ୍ରଫୁଲ୍ଲ ତରାଇ, ରାମଚନ୍ଦ୍ର ତରାଇ, ବୁଲୁ ମାଝୀ, ପିଣ୍ଟୁ ମଳିକ, କମଳା ମଳିକ, ଗୋବିନ୍ଦ ବଗର, ଧୀରେନ୍ଦ୍ର ମାଝୀ, ମଦନ ମୋହନ ବେହେରା ପ୍ରମୁଖ ୧୭ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନି ୧୯୭୨ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଆଳି ନୂଆ ବଜାର ଅଞ୍ଚଳରେ ଲାଗିବନି ନୂଆବର୍ଷ ତୋରଣ

## ପ୍ରଶାସନ ପକ୍ଷରୁ ଲାଗୁ ହେଲା ୧୬୩ ବିଏନ୍‌ଏସ୍‌ଏସ୍

ଆଳି, ୮।୧୨(ବନମାଳୀ ସେନାପତି) :

ନୂଆବର୍ଷ ୨୦୨୬କୁ ସ୍ୱାଗତ କରିବାକୁ ଆଳି ଥାନା ନୂଆ ବଜାର ଦୁର୍ଗା ମଣ୍ଡପଠାରେ ତୋରଣ ପାଇଁ ବାଉଁଶ ପୋତାଯିବାକୁ ନେଇ ୨ ରାଜନୈତିକ ଦଳ ମଧ୍ୟରେ ବିଶୃଙ୍ଖଳା ଘଟିଛି। ପରେ ପ୍ରଶାସନ ପକ୍ଷରୁ ତୋରଣ ବନ୍ଧା ବନ୍ଦ କରିବା ସହ ୧୬୩ ବିଏନ୍‌ଏସ୍‌ଏସ୍ ମାସେ ପାଇଁ ଲାଗୁ କରିଛନ୍ତି। ସୋମବାର ସକାଳେ ଆଳି ବଜାର ମଧ୍ୟରେ ଥିବା ଦୁର୍ଗାମଣ୍ଡପ ଛକ ନିକଟରେ ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ନିମନ୍ତେ ଏକ ରାଜନୈତିକ ଦଳ ପକ୍ଷରୁ ତୋରଣ ବନ୍ଧା ଯିବା ନିମନ୍ତେ ବାଉଁଶ ପୋତା ଯାଇଥିଲା। ଏ ନେଇ ଦୁଇ ରାଜନୈତିକ ଦଳ ମଧ୍ୟରେ ବିଶୃଙ୍ଖଳା ଦେଖା ଦେଇଥିଲା। ଖବରପାଇ ଘଟଣାସ୍ଥଳରେ ପୋଲିସ ଓ ତହସିଲଦାର ପହଞ୍ଚି ଏହାକୁ ବନ୍ଦ କରିଥିଲେ। ସନ୍ଧ୍ୟାରେ କେନ୍ଦ୍ରାପଡ଼ା ଉପ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଳି ଦେମାଳ ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ଦୁର୍ଗାମଣ୍ଡପ ଛକ ଓ ଆଳି ଆଠକଣିଆ ଛକଠାରୁ ଭୂଇଁପୁର ଛକ ପର୍ଯ୍ୟନ୍ତ ଅଞ୍ଚଳରେ ୧୬୩ ବିଏନ୍‌ଏସ୍‌ଏସ୍ ଧାରା ଜାରି କରିଛନ୍ତି। ଏହି ଅଞ୍ଚଳରେ ଶୁଭେଚ୍ଛା ତୋରଣ, ବ୍ୟାନର ବନ୍ଧା ଯିବା ଉପରେ ପ୍ରଶାସନ ପକ୍ଷରୁ କଟକଣା ଜାରି ହୋଇଛି।

ସୂଚନା ଯୋଗ୍ୟ, ପୂର୍ବବର୍ଷ ଏହି ସ୍ଥାନରେ ବ୍ୟାନର ବନ୍ଧାକୁ ନେଇ ଦୁଇ ରାଜନୈତିକ ଦଳ ମୁହାଁମୁହିଁ ହୋଇଥିଲେ। ଚଳିତବର୍ଷ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ନ ହେବାକୁ ଲକ୍ଷ୍ୟ ରକ୍ଷା କରିଏଭଳିପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ଆଳି ବଜାରରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକମାନଙ୍କୁ ସଚେତନ କରାଯାଇଥିବା ବେଳେ ଘଟଣାସ୍ଥଳରେ ପୋଲିସ ମୁତୟନ ରହିଛି।



ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ୧୬୩ ବିଏନ୍‌ଏସ୍‌ଏସ୍ ଲାଗୁ ନେଇ ପ୍ରଚାର କରାଯାଉଛି।

# ମହିଳାଙ୍କୁ ବଳାତ୍କାର ଅଭିଯୋଗ

**ରାଜକନିକା, ୮।୧୨(ସଞ୍ଜୟ କୁମାର ଦାଶ):** ରାଜକନିକା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଗାଁର କେଦାର ସ୍ୱାଇଁ ଧମକଦେଇ ବଳାତ୍କାର କରିଥିବା ନେଇ ପୀଡିତା ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ୩ ଦିନ ବିତିଥିଲେ ହେଁ ପୋଲିସ ମାମଲା ରୁଜୁ କରି ବସି ରହିଛି। ମହିଳା ବର୍ଷେ ହେବ ସେହି ଗାଁର ଯୁବକଙ୍କୁ ବିବାହ କରିଥିଲେ। ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ହୋଇଥିଲା। କେଦାର ଏହାର ସମାଧାନ କରିଥିଲେ। ପରେ ପୀଡିତା ଜଣକ ସ୍ୱାମୀଙ୍କ ସହ ବିଦେଶ ଯାଇଥିଲେ। ବିଦେଶ ଯିବା ସମୟରେ କେଦାର ଏକ ମୋବାଇଲ ମହିଳାଙ୍କୁ ଦେଇ ବାରମ୍ବାର ଫୋନ୍ କରି ସମ୍ପର୍କ ରଖିବାକୁ କହୁଥିଲେ। କିଛିଦିନ ପରେ ପୀଡିତା ଜଣକ ଗାଁକୁ ଆସିବାରେ କେଦାର ଧମକ ଚମକ ଦେଇ ଏକ ଲଜ୍‌କୁ ନେଇ ବଳାତ୍କାର କରିଥିଲେ। ପୁଣି ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲେ। ସମ୍ପର୍କ ନ ରଖିଲେ ସ୍ୱାମୀଙ୍କ ସବୁ ସତ କହି ଦେବେ ବୋଲି ଧମକ ଦେଇଥିଲେ ଏବଂ ସ୍ୱାମୀଙ୍କ କହି ଦେଇଥିଲେ। ଏ ନେଇ ପୀଡିତା ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ପୋଲିସ ଅଭିଯୋଗକୁ ଆଧାର କରି ନଂ. ୫୯୯/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ସଞ୍ଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

# ମହାନଦୀରୁ ମୃତଦେହ ଜବତ

ରଘୁନାଥପୁର, ୮।୧୨
(ରାଜେନ୍ଦ୍ର ନାରାୟଣ ସିଂହ):

ରଘୁନାଥପୁର ବ୍ଲକ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଛପଡ଼ା ପଞ୍ଚାୟତ ଜଇପୁର ନିକଟସ୍ଥ ମହାନଦୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିଛି। ସେ ହେଲେ ସ୍ଥାନୀୟ ଜଇପୁର ଗ୍ରାମର ଦୁର୍ଯ୍ୟୋଧନ ଦାସଙ୍କ ପୁଅ ଦିଲୀପ କୁମାର ଦାସ (୫୭)। ସବୁଦିନ ମଧ୍ୟାହ୍ନରେ ସେ ନଦୀକୁ ଗାଧୋଇବାକୁ ଗଲାବେଳେ ନଦୀ ଆରପାରିରେ ଥିବା ପଠାରୁ ଛେଳି ପାଇଁ ଲଟାପତ୍ର କାଟି ଆଣିଥାନ୍ତି। ସୋମବାର ମଧ୍ୟାହ୍ନରେ ଏକ କାଟେଣି ଧରି ସାଇକେଲରେ ଘରୁ ବାହାରି ଯାଇଥିଲେ। ଦିଲୀପଙ୍କ ଆସିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରି ନଦୀକୂଳରେ ତାଙ୍କର ସାଇକେଲ ଓ ଚପଲ ଥିବା ଦେଖିଥିଲେ। ପଠାକୁ ଯାଇ ଖୋଜାଖୋଜି କରି ଦିଲୀପଙ୍କୁ ନ ପାଇବାରୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ବଢ଼ିଥିଲା। କିଛି

### ପଠାକୁ ଲଟାପତ୍ର କାଟିବାକୁ ଯାଇ ଫେରିଲେନି

ବ୍ୟକ୍ତି ପାଣି ଭିତରେ ଖୋଜାଖୋଜି କରି ତାଙ୍କର ମୃତଦେହ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ପୋଲିସକୁ ଖବର ଦିଆଯାଇଥିଲା। ଏହାପରେ ପିସିଆର ଭ୍ୟାନ ପଠା ନିକଟରେ ପହଞ୍ଚି କିଛି ସମୟ ପରେ ସେଠାରୁ ଚାଲିଯାଇଥିଲା। ପରେ ତିର୍ତ୍ତୋଲ ଦମକଳ ବାହିନୀ ପହଞ୍ଚି ଦିଲୀପଙ୍କ ମୃତଦେହ ପାଣିରୁ ଠାବ କରି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ଦିଲୀପ ଜଣେ ଦଳିତ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାବେଳେ ଦିନ ମଜୁରିଆ ଭାବେ ନିଜ ପରିବାର ପୋଷଣ କରୁଥିଲେ। ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

# ପରକୀୟା ପ୍ରୀତି: ପୂର୍ବତନ ୱାର୍ଡସଭ୍ୟଙ୍କୁ ହତ୍ୟା

ରାଜନଗର , ୮।୧୨( ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅନ୍ତର୍ଗତ ଡିଆପାରି ଗାଁର ପୂର୍ବତନ ୱାର୍ଡସଭ୍ୟ ବଳରାମ ସେଠୀଙ୍କୁ ପରକୀୟା ପ୍ରୀତିରୁ ଅପହରଣ କରିବା ପରେ ହତ୍ୟା କରାଯାଇଛି। ବଳରାମ ନିଖୋଜ ହେବାର ୯ଦିନ ପରେ କାଙ୍କଦିଆ ଗାଁ ନିକଟ ହଂସୁଆ ନଦୀରୁ ସୋମବାର ତାଙ୍କ ମୃତଦେହ ମିଳିଛି। ପୋଲିସ ଏହି ଘଟଣାରେ ୨ ଜଣଙ୍କୁ ଉଠାଇ ଆଣିଛି। ଅପରାହ୍ନରେ ପୋଲିସ ଅଭିଯୁକ୍ତ ମହିଳାଙ୍କୁ ଘଟଣାସ୍ଥଳକୁ ନେଇ କ୍ରାଇମ ରିକ୍ରିଏଶନ କରିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଚଳାଇଛି। ସକାଳେ ବଳରାମଙ୍କ ଗାଁ ରାସ୍ତାରେ ଲାଗିଥିବା ପୋଷ୍ଟରକୁ ନେଇ ଚର୍ଚ୍ଚା ବଢ଼ିଛି। ଅପହରଣ ଓ ହତ୍ୟା ପଛରେ ପରକୀୟା ପ୍ରୀତି ବୋଲି ପୋଲିସ କହିଛି। ଜବତ ମୃତଦେହରେ ମାଂସ ନ ଥିବାବେଳେ କେବଳ କଙ୍କାଳ ରହିଛି।

ଡିଆପାରି ଗାଁର ପୂର୍ବତନ ୱାର୍ଡସଭ୍ୟ ବଳରାମ ସାନବଡ଼ ଗୋପାଳପୁର ବଜାରରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନ ନିକଟରେ ଚାଖଣା ଦୋକାନ କରିଥିଲେ। ନଭେମ୍ବର ୩୦ ସନ୍ଧ୍ୟାରେ ପୁଅଙ୍କୁ ଦୋକାନରେ ବସାଇ ଭୋଜି ଖାଇବାକୁ ଯାଉଛି କହି ବାଇକ୍ (ନଂ. ଓଡି ୨୯ ଏଲ ୧୦୫୨) ନେଇ କି ବଳାରାମ ଯାଇଥିଲେ। ଏହା ପରେ ସେ ଆଉ ଘରକୁ ଫେରି ନ ଥିଲେ। ପରେ ବଳରାମଙ୍କ ପୁଅ ଭୀଷ୍ମ ଗତ ୧ ତାରିଖରେ ରାଜନଗର ଥାନାରେ ବାପାଙ୍କ ନିଖୋଜ ନେଇ ଜଣାଇଥିଲେ। ପୋଲିସକୁ ବଳରାମଙ୍କର କାହା ସହ ଶତ୍ରୁତା ଥିଲା ସେନେଇ ତାଙ୍କ ପୁଅ ଜଣାଇଥିଲେ। ପୋଲିସ ଏହି ଘଟଣାରେ ୪ ତାରିଖରେ କୋଇଲିପୁର ପଞ୍ଚାୟତ କାଙ୍କଦିଆ ଗାଁର ରଙ୍ଗମିସ୍ତ୍ରି ଭାଗ୍ୟଧର ଜେନା ଓ ସେହି ପଞ୍ଚାୟତର ୪ ଜଣଙ୍କୁ ଉଠାଇଆଣି ପଚରାଉଚରା କରି ଛାଡ଼ିଦେଇଥିଲା। ରବିବାର ଅପରାହ୍ନରେ ପୋଲିସ ଭାଗ୍ୟଧର ଓ ତାଙ୍କ ବିବାହିତ ଝିଅ ଯାମିନୀ ସ୍ୱାଇଁଙ୍କୁ ତାଙ୍କ ଘରେ ନ ପାଇ ବନ୍ଧୁଘରୁ ଉଠାଇ ଆଣିଥିଲା। ରାତିରେ ଭାଗ୍ୟଧର

- ଅପହରଣର ୯ ଦିନ ପରେ ମିଳିଲା ବଳରାମଙ୍କ ମୃତଦେହ
- ଘଟଣାସ୍ଥଳରେ ଅଭିଯୁକ୍ତଙ୍କୁ ନେଇ କ୍ରାଇମ ରିକ୍ରିଏଶନ



ଓ ଯାମିନୀ ବଳରାମଙ୍କୁ କାହିଁକି ମାରିଲେ, କେଉଁଠି ଫିଙ୍ଗିଛନ୍ତି ସେ ନେଇ କହିଥିଲେ। ସୋମବାର ସକାଳେ ବଳରାମଙ୍କ ପରିବାର ଲୋକେ ଖୋଜାଖୋଜି କରି କାଙ୍କଦିଆ ଗାଁ ପଛରେ ଜଙ୍ଗଲ ନିକଟ କେନାଲ ମଧ୍ୟରୁ ବଳରାମଙ୍କ ଜ୍ୟାକେଟ ପାଇ ପୋଲିସକୁ ଜଣାଇଥିଲେ। ପୋଲିସ ଅଗ୍ନିଶମ ବାହିନୀ ସହ ଘଟଣାସ୍ଥଳରେ ପହଞ୍ଚି କେନାଲ ମଧ୍ୟରୁ ବଳରାମଙ୍କମ ଜ୍ୟାକେଟ, ଚପଲ ଓ ବାଇକ୍ ଉଦ୍ଧାର କରିଥିଲା। କେନାଲ ସମ୍ମୁଖ ହଂସୁଆ ନଦୀ ପଠାରେ ଥିବା ଜଙ୍ଗଲ ମଧ୍ୟରୁ ବଳରାମଙ୍କ ମୃତଦେହ ଜବତ ହୋଇଥିଲା। ବଳରାମଙ୍କୁ ହତ୍ୟା କରାଯିବା ପରେ କେଉଁ ରାସ୍ତାରେ ତାଙ୍କ ମୃତଦେହ ନଦୀକୁ ନିଆଯାଇ ଫିଙ୍ଗା ଯାଇଥିଲା ସେ ନେଇ ଅଭିଯୁକ୍ତ ଭାଗ୍ୟଧର ଓ ଯାମିନୀଙ୍କ କ୍ରାଇମ ରିକ୍ରିଏଶନ କରାଯାଇଛି। ପୋଲିସ ଏହି ଘଟଣାରେ ସେମାନଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେମାନଙ୍କୁ ଧରିବାକୁ ପୋଲିସ ଚଢ଼ାଉ ଜାରି ରଖିଛି। ମା', ପୁଅ, ଝିଅ ମିଳିତ ଭାବେ ଖଣତିରେ ପିଟି ବଳରାମଙ୍କୁ ନଭେମ୍ବର ୩୦ ରାତିରେ ହତ୍ୟା କରିଥିଲେ। ପରକୀୟା ପ୍ରୀତି ପାଇଁ ଏହି ଘଟଣା ଘଟିଛି ବୋଲି ଆଇଆଇସି ନରେଶ କୁମାର ସାହୁ କହିଛନ୍ତି। ଏ ନେଇ ଥାନାରେ ନଂ. ୪୨୮/୨୫ରେ ମାମଲା ରୁଜୁ ହୋଇଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଯିବ ବୋଲି ଆଇଆଇସି ସାହୁ ସୂଚନା ଦେଇଛନ୍ତି।

### ଗାଁ ରାସ୍ତାରେ ୫ ଲକ୍ଷ ଦିଅ, ନ ହେଲେ କୁଟେଇ ଦେବୁ ପୋଷ୍ଟର

ସୋମବାର ମୃତ ବଳରାମଙ୍କ ଡିଆପାରି ଗାଁ ରାସ୍ତାରେ ଏକ ହାତଲେଖା ପୋଷ୍ଟର ଦେଖିବାକୁ ମିଳିଥିଲା। ପୋଷ୍ଟରରେ ଥାନାରେ ନ କହି ଚୁପଚାପ ୫ ଲକ୍ଷ ଆଣ ବଳରାମଙ୍କୁ ନେବ, ନଚେତ କୁଟେଇ ଦେବୁ ବୋଲି ପୋଷ୍ଟର ମରାଯାଇଛି। ପୋଷ୍ଟରରେ ମଣିଜଙ୍ଗାରୁ ନିଶା ଦେଇ କୋଠି ( ଜନତା) ରେ ବଳରାମ ଥିବା ପୋଷ୍ଟରରେ ଲେଖାଯାଇଛି। ପୋଲିସ ରବିବାର ରାତିରୁ ବଳରାମଙ୍କୁ ହତ୍ୟା କରାଯାଇଥିବା ନିଶ୍ଚିତ ହୋଇସାରିଥିବା ବେଳେ ସୋମବାର ମୃତଦେହ ଜବତ କରିଛି। ଏହି ସମୟରେ ରବିବାର ରାତିରେ କିଏ କାହିଁକି ମୁଣ୍ଡ ଜାମିନ ପୋଷ୍ଟର ମାରିଲା ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

# ନିମ୍‌ହନ୍‌ସ ପରି ଜାତୀୟ ପ୍ରତିଷ୍ଠାନ ପାଇଁ ନାହିଁ ଲବି

ନୟାଗଡ଼,୮।୧୨(ଲୋକନାଥ ମିଶ୍ର)

■ଭାରତରେ ୨ୟ ସ୍ଥାନରେ ରହିଥାନ୍ତା ଚାନ୍ଦପୁର ହସ୍ପିଟାଲ
■ଆନ୍ତରିକତା ଅଭାବରୁ ପ୍ରସ୍ତାବ ଶୀତଳଭଣ୍ଡାରରେ
■ମେଡ଼ିକାଲ କଲେଜ ପାଇଁ ଚାଲିଛି ଲଢ଼େଇ

ନୟାଗଡ଼ ଜିଲା ରଣପୁର ବ୍ଲକ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ଏମ୍‌ସ ଭଳି ସଂସ୍ଥା ଜାତୀୟ ମାନସିକ ସ୍ୱାସ୍ଥ୍ୟ ଏବଂ ନ୍ୟୁରୋସାଇନ୍ସ ପ୍ରତିଷ୍ଠାନ(ନିମ୍‌ହନ୍‌ସ)ସ୍ଥାପନ ପାଇଁ ଭାରତ ସରକାରଙ୍କର ପ୍ରସ୍ତାବ ରହିଥିଲା। ଭାରତରେ ଏପରି ସଂସ୍ଥା କେବଳ ବାଙ୍ଗାଲୋରରେ ଥିବାବେଳେ ଦେଶର ୪ ଜୋନ୍‌ରେ ପୁଣି ୪ଟି ନିମ୍‌ହନ୍‌ସ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଉଠିଥିଲା। ଦେଶର ୪ଟି ଜୋନ୍‌ରୁ ଚାନ୍ଦପୁର ସର୍ବାଗ୍ରେ ଥିବାବେଳେ କରୋନା ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବ ଯୋଗୁ ଏଭଳି ପ୍ରକଳ୍ପ କୋଣଠେସା ହୋଇ ରହିଯାଇଛି। ସମ୍ପୃକ୍ତ ପ୍ରସ୍ତାବ ଆଲୋଚନାକୁ ନ ଆଣି ଶୀତଳଭଣ୍ଡାରରେ ଫୋପାଡି ଦିଆଯାଇଛି। ତେବେ ନୟାଗଡ଼ ଜିଲାରେ ମେଡିକାଲ କଲେଜ ପାଇଁ ଚାଲିଛି ଲଢ଼େଇ। ଏଥିପାଇଁ କେତେକ ଲୋକ ଚାନ୍ଦପୁରକୁ ଆଉ କେତେକ ନୟାଗଡ଼ରେ ମେଡିକାଲ କଲେଜ କରିବା ଉଦ୍ୟମ ଜାରି ରଖିଛନ୍ତି। ସାମାଜିକ ଗଣମାଧ୍ୟମ ଦେଖୁ ଦେଖୁ ନୟାଗଡ଼ ଜିଲାରେ ମେଡ଼ିକାଲ କଲେଜ ପାଇଁ ଯେଉଁ ଲଢ଼େଇ ଚାଲିଛି ତାହା ଚିନ୍ତାର କାରଣ ହୋଇଛି। ଏଭଳି ଲଢ଼େଇ ଆଞ୍ଚଳିକବାଦକୁ ନେଇ ହେଉଥିବାରୁ ଜିଲାର ସାର୍ବଭୌମତ୍ୱ, ସଂହତି ଓ ଭାଇଚାରା ବିପଦକୁ ଆସିଗଲାଣି। ଏଥିରେ ପୂର୍ଣ୍ଣଚ୍ଛେଦ ପକାଇ ଜିଲାର ବିକାଶକୁ ଆୟୁଧ ନ କଲେ ଜିଲା ପୁଣି ପଛରେ ପଡ଼ିଯିବ ବୋଲି ଅନେକ ବୁଦ୍ଧିଜୀବୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି।

ରଣପୁରର ରବି ନାରାୟଣ ମହାପାତ୍ର ରାଜ୍ୟ ସଭା ସଦସ୍ୟ ଥିବା ସମୟରେ ଲୋକ ସଭା ଓ ରାଜ୍ୟ ସଭାରେ ନିମ୍‌ହନ୍‌ସ ପ୍ରକଳ୍ପ ପ୍ରତିଷ୍ଠା ନେଇ ବିଲ୍ ଆସିଥିଲା। ଦେଶର ୪ଟି ଜୋନ୍‌ରେ ୪ଟି ନିମ୍‌ହନ୍‌ସ ପ୍ରକଳ୍ପ ପ୍ରତିଷ୍ଠା ହେବା ପାଇଁ କେନ୍ଦ୍ର ସରକାରଙ୍କର ଲକ୍ଷ୍ୟ ଥିଲା। ରବି ନାରାୟଣ ମହାପାତ୍ର ଏନେଇ ଆଲୋଚନାରେ ଭାଗ ନେଇ ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ନିମ୍‌ହନ୍‌ସ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟମ କରିଥିଲେ। ବାରମ୍ବାର କେନ୍ଦ୍ରୀୟ ନେତୃତ୍ୱ ଓ ଅଧିକାରୀଙ୍କୁ ଭେଟିବା ପରେ ଚାନ୍ଦପୁରରେ ପ୍ରକଳ୍ପ ହେବାର ଆଶା ଦେଖାଯାଇଥିଲା। ସେତେବେଳେ ଓଡ଼ିଶା ସହ ଆସାମ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରୁଥିଲା। ପରେ ଓଡ଼ିଶାର ଚାନ୍ଦପୁରକୁ ଛାଡ଼ି କଟକରେ ନିମ୍‌ହନ୍‌ସ ପ୍ରତିଷ୍ଠା ପାଇଁ କଟକ ଦାବିଦାର ହୋଇଥିଲା। ହେଲେ ବିଶ୍ୱସ୍ତରୀୟ ଭିତ୍ତିଭୂମି କାରଣରୁ ଚାନ୍ଦପୁର ମନୋନୀତ ହୋଇଥିଲା। କାରଣ ଚାନ୍ଦପୁରରେ ୨୨୦ ଶଯ୍ୟା ବିଶିଷ୍ଟ ମେଡିକାଲ ଥିବାବେଳେ ୧୧୭ ଏକର ଜମି ରହିଥିଲା। ଏତେ ପରିମାଣର ଜମି ଅନ୍ୟ କୌଣସି ସ୍ଥାନରେ ନ ଥିବାରୁ ଚାନ୍ଦପୁର ସବୁଜ ସଙ୍କେତ ପାଇଥିଲା। ପାଖରେ ପୁଣି ଏନ୍‌ଏଚ ୧୬ ଯାଇଛି। ଜଣେ ଓଡ଼ିଆ ଅଫିସର ଏହାର ନେତୃତ୍ୱ ନେଇ ତତ୍କାଳୀନ ରାଜ୍ୟ ସଭା ସଦସ୍ୟ ରବି ନାରାୟଣ ମହାପାତ୍ରଙ୍କୁ ସହଯୋଗ କରିଥିଲେ। ରବି ନାରାୟଣ ବିଧାୟକ ହେବା ପରେ ବି ଲବି ଜାରି ରଖିଥିଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାର ମଧ୍ୟ ଚାନ୍ଦପୁରରେ ନିମ୍‌ହନ୍‌ସ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଅନୁମୋଦନ କରିଥିଲେ। ପରେ କୋଭିଡ୍ ଆସିଲା, ପରେ ନିମ୍‌ହନ୍‌ସ ପରି ପ୍ରକଳ୍ପ କୋଣଠେସା ହୋଇଗଲା।


ନିମ୍‌ହନ୍‌ସ ପ୍ରକଳ୍ପର ସ୍ଥିତି କ'ଣ, ଅଗ୍ରଗତି କେତେଦୂର ହେଲା, କେଉଁଠି ଅଟକିଛି ଫାଇଲ କାହାରି ଜାଣିବାର ଆନ୍ତରିକତା ନାହିଁ। ଏନେଇ ରଣପୁରର ପୂର୍ବତନ ବିଧାୟକ ତଥା ରାଜ୍ୟ ସଭା ସଦସ୍ୟ ରବି ନାରାୟଣ ମହାପାତ୍ର କୁହନ୍ତି, ଚାନ୍ଦପୁରରେ ନିମ୍‌ହନ୍‌ସ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ୨୦୧୨ରୁ ୨୦୧୯ ପର୍ଯ୍ୟନ୍ତ ମୁଁ ଚେଷ୍ଟା କରିଛି। ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଗୁଲାମ ନବୀ ଆଜାଦ୍ ଓ ରାଜ୍ୟ ସରକାରଙ୍କର ସହଯୋଗ ମିଳିଥିଲା। ଏନେଇ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଓ ସଚିବ ଚିଠି ମଧ୍ୟ କରିଛନ୍ତି। ଏହାର ଆନୁଷଙ୍ଗିକ କାଗଜାତ ମୋ ପାଖରେ ଅଛି। ପରବର୍ତ୍ତୀ ସମୟରେ ଚାନ୍ଦପୁର ହସ୍ପିଟାଲରେ ପ୍ରାୟ ୩୦ କୋଟି ଟଙ୍କା ବିନିଯୋଗ କରାଯାଇ ନିମ୍‌ହନ୍‌ସ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରାଯାଇଥିଲା। ସ୍ୱତନ୍ତ୍ର ସଚିବ ଓ ବେଙ୍ଗାଲୁରୁ ନିମ୍‌ହନ୍‌ସ ନିର୍ଦ୍ଦେଶକ ଚାନ୍ଦପୁର ଆସି ସ୍ଥାନ ଦେଖିଥିଲେ। କଟକର ୧୧ ଏକର ଜମି ଥିବାରୁ କଟକ ବାତିଲ ହୋଇଯାଇଥିଲା। ପ୍ରକଳ୍ପ ଆସାମ ପଳାଇ ଯାଇଥାନ୍ତା। ତାହା ମଧ୍ୟ ବନ୍ଦ ହୋଇ ଯାଇଥିଲା। ଏପରିକି ଚାନ୍ଦପୁରର ନର୍ସିଂ କଲେଜ ପ୍ରାଇଭେଟକୁ ଦେବା ଉଦ୍ୟମକୁ ମଧ୍ୟ ବନ୍ଦ କରାଯାଇଥିଲା। ପରେ ପରେ ମୁଁ ଟିକେଟ ପାଇ ନ ଥିଲି। ମୋର ଲବି କାମ କଲାନି। ହେଲେ ଏଥିପ୍ରତି ଆନ୍ତରିକତା ହେଉ ନ ଥିବାରୁ ଏସିଆ ମହାଦେଶର ସର୍ବ ବୃହତ ଯକ୍ଷ୍ମା ହସ୍ପିଟାଲ, ଯାହାକି ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟ ହୋଇ ପଡି ରହିଛି ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବାବୁ


@ ବିଦ୍ୟାଭୂଷଣ


@ ଲିଙ୍ଗରାଜ


@ ସ୍ୱପ୍ନେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏଲ୍‌ଆର୍‌ଆଇ ଯାତ୍ରା ଉଦ୍‌ଯାପିତ


ଅତିଥିଙ୍କ ସହ ପୁରସ୍କୃତ ହୋଇଥିବା ଚାଷୀ।

ଓଡ଼ଗାଁ, ୮।୧୨(ଆଦର୍ଶ କୁମାର ପଟ୍ଟନାୟକ)

■ବୈଜ୍ଞାନିକ ପ୍ରଣାଳୀରେ ସମନ୍ୱିତ ଚାଷ ଚାଷୀଙ୍କୁ ସୁଦୃଢ଼ କରିବ
■ଜଳ,ଜମି,ଜଙ୍ଗଲ,ଜନ୍ତୁଙ୍କ ସଂରକ୍ଷଣ ଜନଜୀବନ ପାଇଁ ଅପରିହାର୍ଯ୍ୟ

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ୍ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା କାର୍ଯ୍ୟାଳୟ ଆନୁକୂଲ୍ୟରେ ଏଲ୍‌ଆର୍‌ଆଇ (ଲ୍ୟାଣ୍ଡ ରିସୋର୍ସ ଇନ୍‌ଭେନ୍‌ଟୋରି) ଯାତ୍ରା ସୋମବାର ଉଦ୍‌ଯାପିତ ହୋଇଯାଇଛି। ପୂର୍ବାହ୍ନରେ ରାବରା ପଞ୍ଚାୟତ ଏବଂ ଅପରାହ୍ନରେ ଓଡ଼ଗାଁ ଏନ୍‌ଏସି ଅଞ୍ଚଳରେ ଚାଷଜମିର ଉତ୍ପାଦନ ବୃଦ୍ଧି ଓ ଜଳବାୟୁ ସହନଶୀଳ କୃଷି ପାଇଁ ବିଜ୍ଞାନ ସମ୍ମତ ଜଳ ବିଭାଜିକା କାର୍ଯ୍ୟକ୍ରମ ଏଲ୍‌ଆର୍‌ଆଇ ଯାତ୍ରା ଅନୁଷ୍ଠିତ ହୋଇଯାଇଥିଲା। ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ରାମସାଗର ପୁଷ୍କରିଣୀ କୂଳରେ ଥିବା ସରକାରୀ କଲ୍ୟାଣୀ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ବିଡିଓ ପ୍ରୀତିବାଳା ରଣା, କୃଷି ବୈଜ୍ଞାନିକ ଆଇଆଇଡବ୍ଲ୍ୟୁଏମ୍ ଭୁବନେଶ୍ୱରର ସୁଶାନ୍ତ କୁମାର ଯେନା, ବୈଜ୍ଞାନିକ ଏନ୍‌ବିଏସ୍‌ଏସ୍‌ଏଲ୍‌ୟୁପି କୋଲକାତା ଡ.ଶୀଳାଦିତ୍ୟ ବନ୍ଦୋପାଧ୍ୟାୟ, ନୟାଗଡ଼ କେଭିକେ ବୈଜ୍ଞାନିକ ଡ. ଗୀତାଞ୍ଜଳି ସୁବୁଦ୍ଧି, ନୟାଗଡ଼ ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ଉପେନ୍ଦ୍ର କୁମାର ପରିଡ଼ା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କାଳୀଚରଣ ବେହେରା, ଓଡ଼ଗାଁ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସ୍ମିତା ବେହେରା, ଓଡ଼ଗାଁ ବ୍ଲକ୍ କୃଷି ଅଧିକାରୀ ପ୍ରତିଭା ପ୍ରଧାନ, ଆର୍‌ଏଓ୍ୟୁଏଟି ଏଲ୍‌ଆର୍‌ଆଇ ରିୱାର୍ଡ ଶ୍ରୀଲା ଅଭିଷେକ,ଏସ୍‌ଆର୍‌ଏଫ୍ ଓ୍ୟୁଏଟି ଏଲ୍‌ଆର୍‌ଆଇ ରିୱାର୍ଡ ଚନ୍ଦ୍ରିକା ରାୟ ପ୍ରମୁଖ ଯୋଗଦେଇ ଜଳ,ଜମି,ଜଙ୍ଗଲ,ଜନ୍ତୁଙ୍କ ସଂରକ୍ଷଣ ଜନଜୀବନ ପାଇଁ ଅପରିହାର୍ଯ୍ୟ। ବୈଜ୍ଞାନିକ ପ୍ରଣାଳୀରେ ସମନ୍ୱିତ ଚାଷର ବିକାଶ ଦ୍ୱାରା ଚାଷୀମାନେ ଆତ୍ମନିର୍ଭରଶୀଳ ସହ କିପରି ଲାଭବାନ୍ ହୋଇପାରିବେ ଏବଂ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ସୁଦୃଢ଼ ହୋଇପାରିବ ସେ ନେଇ ବୈଜ୍ଞାନିକମାନେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଶସ୍ୟକ୍ଷେତ୍ରରେ କୌଶଳ କାର୍ଯ୍ୟକାରିତା ପ୍ରଦର୍ଶିତ ହେଲେ ଏହା ଅନ୍ୟ ଚାଷୀମାନଙ୍କୁ ଖୁବ୍ ଶୀଘ୍ର ପ୍ରଭାବିତ କରିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ସଫଳ ଚାଷୀମାନଙ୍କୁ ଏବଂ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପ୍ରଶଂସାପତ୍ର ସହ ପୁରସ୍କୃତ କରାଯାଇଥିଲା।

# ଗ୍ରାମ୍ୟବ୍ୟାଙ୍କରୁ ଡକାୟତି ଉଦ୍ୟମ: ସାଇରନ ବାଜିବା ପରେ ପଳାଇଲେ ଚୋର

ନୟାଗଡ଼, ୮।୧୨
(ଲୋକନାଥ ମିଶ୍ର/ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ଥାନା ମହୀପୁର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ରବିବାର ବିଳମ୍ବିତ ରାତିରେ ଡକାୟତି ହୋଇଥିବା ନେଇ ନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଲୁଟ ହୋଇଛି କି ନାହିଁ ବ୍ୟାଙ୍କ ପକ୍ଷରୁ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ସ୍ପଷ୍ଟ କରାଯାଇନାହିଁ। ଶିଡି କବାଟ ଭାଙ୍ଗି ଡକାୟତମାନେ ଭିତରେ ପଶିଥିଲେ। ସାଇରନ ବାଜିବା ପରେ ପଳାଇ ଯାଇଥିଲେ। ସୂଚନା ମୁତାବକ ମହୀପୁର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ଡକାୟତି ପାଇଁ ରବିବାର ରାତି ପ୍ରାୟ ୧ରୁ ୨ଟା ଭିତରେ ୩ ଜଣ ବ୍ୟାଙ୍କ ଶିଡି କବାଟ ଭାଙ୍ଗି ଭିତରେ ପଶିଥିଲେ। କିନ୍ତୁ ସାଇରନ ବାଜିବା ପରେ ଡକାୟତମାନେ ଦୌଡି ପଳାଇ ଯାଇଥିଲେ। ପୋଲିସ ପ୍ରାଥମିକ ତଦନ୍ତରୁ କିଛି ଚୋରି ହୋଇ ନ ଥିବା ଜଣାପଡ଼ିଛି। ଚୋରମାନେ ବ୍ୟାଙ୍କରେ ପଶିବା ସମୟରେ ମୁହଁରେ ମୁଖା ପିନ୍ଧି ଥିବାରୁ ସେମାନଙ୍କ ମୁହଁ ସିସି ଟିଭିରେ ଜଣାପଡୁ ନ ଥିବା ପୋଲିସ କହିଛି। ଅନ୍ୟପକ୍ଷେ ତଦନ୍ତ ପରେ ସବୁ ସ୍ପଷ୍ଟ ହୋଇଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ୧୯୭୩ ମାଟ୍ରିକ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ

ନୟାଗଡ଼, ୮।୧୨(ଲୋକନାଥ ମିଶ୍ର)

ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟର ୧୯୭୩ ମାଟ୍ରିକ ବ୍ୟାଚ ଛାତ୍ରଙ୍କର ଏକ ବନ୍ଧୁ ମିଳନ ବିଦ୍ୟାଳୟ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ଲଡୁବାବାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦୀପ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସମ୍ପୃକ୍ତ ବ୍ୟାଚରେ ୬୧ ଛାତ୍ର ଶିକ୍ଷାଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୩୦ଜଣଙ୍କର ମତ୍ତ୍ୟୁ ହୋଇ ସାରିଥିବାରୁ ସେମାନଙ୍କ ଉଦ୍ଦେଶ୍ୟରେ ଉପସ୍ଥିତ ୩୧ ପୁରାତନ ଛାତ୍ର ବୈଠକ କରି ନୀରବ ପ୍ରାର୍ଥନା କରିଥିଲେ। ଉପସ୍ଥିତ ଛାତ୍ରମାନଙ୍କ ମଧ୍ୟରୁ କେତେକ ଛାତ୍ର ବିଭିନ୍ନ ଉଚ୍ଚ ପଦପଦବୀରେ ରହି ଅବସର ନେଇଥିବାରୁ ସେମାନଙ୍କ ପେନସନ ଅର୍ଥରୁ କିଛି ମିଳିତ ଭାବେ ଦାନକରି ବିଦ୍ୟାଳୟର ଉନ୍ନତିକଳ୍ପେ ବିନିଯୋଗ କରିବାକୁ ସ୍ଥିର କରିଥିଲେ । ଏହି ଅବସରରେ ଏକ କମିଟି ଗଠନ କରାଯାଇ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା । ମଦନ ମୋହନ ନନ୍ଦ ସଭାପତି, ରାଜେନ୍ଦ୍ର କୁମାର ତ୍ରିପାଠୀ ସମ୍ପାଦକ, ପ୍ରମୋଦ କୁମାର ମହାପାତ୍ର ସହ ସମ୍ପାଦକ, ନିଶାମଣି ମିଶ୍ର, ଜଗନ୍ନାଥ ପ୍ରଧାନ ଓ ମାଧବ ଚନ୍ଦ୍ର ବରା ପ୍ରମୁଖ ପରିଚାଳନା କମିଟି ସଭ୍ୟ ଭାବେ ମନୋନୀତ ହୋଇଥିଲେ । ଏହି କମିଟି ମାଧ୍ୟମରେ ପୁରାତନ ଛାତ୍ରମାନେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା ପାଇଁ ସ୍ଥିର କରିଥିଲେ । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ରାଜେନ୍ଦ୍ର କୁମାର ତ୍ରିପାଠୀ, ମଦନ ନନ୍ଦ ଓ ମାଧବ ଜେନା ପରିଚାଳନା କରିଥିଲେ ।


ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରମାନେ ।

# ଶ୍ରବଣ ରାମଙ୍କ ସ୍ମୃତିଚାରଣ ସଭା

ନୟାଗଡ଼,୮।୧୨(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଇଟାମାଟିର ପୂର୍ବତନ ସରପଞ୍ଚ ସ୍ୱର୍ଗତ ଶ୍ରବଣ କୁମାର ରାମଙ୍କ ବିୟୋଗରେ ଇଟାମାଟି ବଣିକ ସଂଘ ସଭାପତି କିଶୋର ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଇଟାମାଟି ଦୋଳ ମଣ୍ଡପଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବ୍ୟକ୍ତିବିଶେଷ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଗତ ରାମ ପିଲାଟି ଦିନରୁ କିପରି ବିହାରରୁ ଇଟାମାଟି ମାରୱାଡ଼ି ସାହିର ପ୍ରତିଷ୍ଠିତ ବ୍ୟବସାୟୀ ସୁକା ରାମଙ୍କ ପୋଷ୍ୟପୁତ୍ର ଭାବେ ଆସି ଓଡ଼ିଆ ସଂସ୍କୃତି, ଶିକ୍ଷା, ସାହିତ୍ୟକୁ ନିଜର କରିପାରିଥିଲେ ବୋଲି ଯଦୁମଣି ବରିଷ୍ଠ ନାଗରିକ ମଞ୍ଚ ସଭାପତି ସାଓଁରମଲ ଅଗ୍ରୱାଲ କହିଥିଲେ। ଏଥିସହିତ ଇଟାମାଟିର ବିଶିଷ୍ଟ ପରିବା ବ୍ୟବସାୟୀ ସ୍ୱର୍ଗତ ବାସୁଦେବ ବେହେରାଙ୍କ ଉଦ୍ଦେଶ୍ୟରେ ମଧ୍ୟ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

ଶିକ୍ଷାବିତ୍ ଅଶୋକ କୁମାର ନାୟକ ସ୍ୱର୍ଗତ ରାମଙ୍କ ଅସାଧାରଣ ସ୍ମରଣ ଶକ୍ତି ଯୋଗୁ କିପରି ସେ ଦୁଇଥର 'କୌନ ବନେଗା କରୋଡପତି' ଅଡିଶନ ପାଇଁ ଯୋଗ ଦେଇଥିଲେ ତାହା ଉପସ୍ଥାପନ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଶରତ ଚନ୍ଦ୍ର ସାହୁ, ପ୍ରଦ୍ୟୁମ୍ନ କୁମାର ସାହୁ, ବିଶ୍ୱନାଥ ମହାପାତ୍ର, ଉମେଶ ଚନ୍ଦ୍ର ପଟ୍ଟନାୟକ, ଉମେଶ ଚନ୍ଦ୍ର ସାହୁ ଓ ସମାଜିକକର୍ମୀ ଭାଗୀରଥି ବାଈ ଯୋଗଦେଇ ଉଭୟ ସ୍ୱର୍ଗତ ରାମ ଏବଂ ବାସୁଦେବଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

# ଜାନିସାହିକୁ ହରାଇ ମର୍ଦ୍ଦରାଜପୁର ବିଜୟୀ

ଖଣ୍ଡପଡ଼ା,୮।୧୨
(ଅଜୟ କୁମାର ମହାରଣା)

**ମା' ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟ**

କଣ୍ଟିଲୋ ପଲଟନ ପଡ଼ିଆ ମିନିଷ୍ଟାଡ଼ିୟମରେ ମା' ବରୁଣେଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୯ ତମ ଟି -୨୦ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ୪ର୍ଥ ଲିଗ୍ ମ୍ୟାଚରେ ମର୍ଦ୍ଦରାଜପୁର କ୍ରିକେଟ କ୍ଲବ ୮ଉଇକେଟରେ ଜାନି ସାହିକୁ ହରାଇ ବିଜୟୀ ହୋଇଛି । ଜାନିସାହି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ୧୩.୩ ଓଭରରେ ସମସ୍ତ ଉଇକେଟ ହରାଇ ୮୦ରନ ସଂଗ୍ରହ କରିଥିଲା। ଏହାର ଜବାବରେ ମର୍ଦ୍ଦରାଜପୁର କ୍ରିକେଟ କ୍ଲବ ୯ ଓଭରରେ ୨ ଉଇକେଟ ହରାଇ ନିର୍ଦ୍ଧାରିତ ୮୧ ରନ ସଂଗ୍ରହକରି ବିଜୟୀ ହୋଇଛି। ବିଜୟୀ ଦଳର ରାମୁ ୨୦ ବଲରେ ୨୫ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ମ୍ୟାଚକୁ ଦୀପୁ ବେହେରା ଓ ସମୀର ଦଳେଇ ପରିଚାଳନା କରିଥିଲେ। ଶୁଭ୍ରାଂଶୁ ମହାରଣା ଭାଷ୍ୟକାର ଓ ସ୍ୱରାଜ ମହାରଣା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମଙ୍ଗଳବାର ୫ମ ଲିଗ୍‌ରେ ଖଣ୍ଡପଡ଼ା କ୍ରିକେଟ କ୍ଲବ ଏବଂ କଟକ ଜିଲା ଚମ୍ପେଶ୍ୱର୍ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ।

# ମା' ଧନଲକ୍ଷ୍ମୀଙ୍କ ଭସାଣି ଉତ୍ସବ

ଖଣ୍ଡପଡ଼ା, ୮।୧୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ୩ ମଣ୍ଡପରେ ପୂଜା ପାଉଥିବା ମା' ଧନଲକ୍ଷ୍ମୀଙ୍କ ଭସାଣି ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମଧୁବନ ମିନି ଷ୍ଟାଡିୟମ ସମ୍ମୁଖରେ ମା' ଙ୍କ ମୃଣ୍ମୟ ମୂର୍ତ୍ତିଗୁଡ଼ିକୁ ଏକତ୍ରିତ କରାଯିବା ପରେ ସନ୍ଧ୍ୟା ସମୟରେ ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ମୂର୍ତ୍ତିଗୁଡ଼ିକୁ ନିଆଯାଇ ଖଣ୍ଡପଡ଼ା ସହର ପରିକ୍ରମା କରାଯାଇଥିଲା। ପରେ ମୂର୍ତ୍ତିଗୁଡ଼ିକୁ ନିକଟସ୍ଥ ଜଳାଶୟରେ ବିସର୍ଜନ କରାଯାଇଥିବା ଜଣାଯାଇଛି। ପୂଜା କମିଟି ସଦସ୍ୟଙ୍କ ସହ ଶୁଭେଚ୍ଛୁ ଓ ଜନସାଧାରଣ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଖଣ୍ଡପଡ଼ା ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ବେଳେ ଶାନ୍ତିଶୃଙ୍ଖଳାର ସହ ଭସାଣି ଉତ୍ସବ ବିଳମ୍ବିତ ରାତିରେ ଶେଷ ହୋଇଥିଲା।



ଭସାଣି ଶୋଭାଯାତ୍ରା ।

# ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ନୂଆଗାଁ,୮।୧୨(ଧନେଶ୍ୱର ସାହୁ)

**୬୫ ଅଭିଯୋଗ ପଞ୍ଜୀକୃତ, ୨୧ର ତତ୍କାଳ ସମାଧାନ**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ସଭାଗୃହରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟକ୍ତିଗତ ଅଭିଯୋଗ ୫୮, ସାମୂହିକ ୬, ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ୧ ଅଭିଯୋଗ ହୋଇଥିଲା। ପଞ୍ଜୀକୃତ ୬୫ ରୁ ୨୧ ଟିର ତତ୍କାଳ ସମାଧାନ କରାଯାଇଥିଲା।

ନୂଆଗାଁ ବ୍ଲକରେ ହୋଇଥିବା ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିରେ ଅଧିକ ଆବାସ ଯୋଜନା, ରାଶନ କାର୍ଡ ସମ୍ପର୍କିତ ଅଭିଯୋଗ ଥିଲା। ମାଇଛେଳି ପଞ୍ଚାୟତ କାଣିଗିରି ଗ୍ରାମର ୫ ଭୂମିହୀନ ପରିବାରଙ୍କୁ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯାଇଛି। ତେବେ ସେମାନେ ଉକ୍ତ ସ୍ଥାନରେ ଘର କରି ରହୁଥିଲେ ମଧ୍ୟ ସେମାନଙ୍କ ପାଇଁ ରାସ୍ତା, ପାନୀୟ ଜଳ, ବିଦ୍ୟୁତ୍ ଆଦି ମୌଳିକ ସୁବିଧା ଯୋଗାଇ ଦିଆଯାଇ ନ ଥିବା ହିତାଧିକାରୀମାନେ ସମୂହ ଅଭିଯୋଗ କରିଥିଲେ। ସେହିପରି ବାହାଡାଖୋଲା ପ୍ରାଥମିକ କୃଷି ସମବାୟ ସମିତି ଲିଃ ସମ୍ପାଦକଙ୍କ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ବୋର୍ଡର ସଦସ୍ୟମାନେ ଦୀର୍ଘ ଦିନ ହେଲା ଆନ୍ଦୋଳନ କରିଥିଲେ ମଧ୍ୟ କିଛି ସୁଫଳ ମିଳିଲା ନାହିଁ। ଏପରିକି ସମ୍ପାଦକ ସୋସାଇଟ କାର୍ଯ୍ୟାଳୟକୁ ଆସୁ ନ ଥିବାରୁ ସୋସାଇଟର ନିୟମିତ ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହାର ସମାଧାନ ପାଇଁ ବୋର୍ଡ ପକ୍ଷରୁ ଜିଲାପାଳଙ୍କୁ ଅଭିଯୋଗ କରାଯାଇଥିଲା। କୋରଡା ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ବାବଦରେ ସ୍କୁଲ ପରିଚାଳନା କମିଟିର ସଦସ୍ୟମାନେ ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗ ମୁତାବକ ପାଠ ପଢ଼ାଇବା ପାଇଁ ଜଣେ ଶିକ୍ଷୟିତ୍ରୀ ଓ ଶିକ୍ଷକ ନିୟୋଜିତ ଥିଲେ ମଧ୍ୟ ସେମାନେ ପଢାଇ ପାରୁ ନାହାନ୍ତି। ତେଣୁ ଉକ୍ତ ସ୍କୁଲରୁ ବଦଳି ହୋଇଥିବା ଶିକ୍ଷୟିତ୍ରୀ ଲିପ୍ସିତା ନାୟକଙ୍କୁ ପୁନର୍ବାର ଫେରାଇ ଆଣିବା ପାଇଁ ଲିଖିତ ଭାବେ ଜଣାଇଛନ୍ତି। ତେବେ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଅନୁପାତରେ ଠିକ୍ ଶିକ୍ଷୟିତ୍ରୀ ଶିକ୍ଷକ ନିୟୋଜିତ ହୋଇଛନ୍ତି ଏବଂ ସେମାନେ ଠିକ୍ ଭାବେ କାର୍ଯ୍ୟ କରୁଛନ୍ତି। ତେଣୁ ସେଠାରେ ଆଉ କୌଣସି ଶିକ୍ଷକ ଦେବାର ଆବଶ୍ୟକ ନାହିଁ ବୋଲି ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ଦଶପଲା ବ୍ଲକ ଶିକ୍ଷାଧିକାରୀ ଭକ୍ତି ବିନୋଦ ସଲ କହିଛନ୍ତି। କାପ୍ତାପଲି ପଞ୍ଚାୟତରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଅନୁଦାନ ଦିଆଯାଇଥିଲେ ମଧ୍ୟ ଜାଗା ଚିହ୍ନଟ କରିବାରେ ତହସିଲ ବିଳମ୍ବ କରୁଥିବା ନେଇ ସରପଞ୍ଚ ସାରସଧର ସାହୁ ଓ କାପ୍ତାପଲିବାସୀ ଅଭିଯୋଗ କରିଥିଲେ।



ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

ଜନଶୁଣାଣିରେ ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଏସ୍‌ପିଏସ ସୁଶ୍ରୀ, ଉପ-ଜିଲାପାଳ କର୍ଣ୍ଣଦେବ ସମାଦାର, ସିଡିଇଓ ଲଗ୍ନଜିତ ରାଉତ, ନୂଆଗାଁ ବ୍ଲକ, ବିଡିଓ ଅମୃତ କୁମାର ରାଉଳ, ତହସିଲଦାର ହେମନ୍ତ କୁମାର ନାୟକଙ୍କ ସମେତ ଜିଲାସ୍ତରର ଅଧିକାରୀମାନେ ଯୋଗ ଦେଇଥିଲେ।

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ଏଏସ୍ଆଇ

ଯାଜପୁର ଟାଉନ,୮।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):


ଏଏସ୍ଆଇ ନନ୍ଦକିଶୋର ଦାସ।



ଜବତ ହୋଇଥିବା ଲାଞ୍ଚ ଟଙ୍କା।

ଯାଜପୁର ଟାଉନ ଥାନା ଏଏସ୍ଆଇ ନନ୍ଦକିଶୋର ଦାସ ଏକ ଜମିଜମା ବିବାଦ ସମାଧାନ କରିବାକୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ସୋମବାର ସନ୍ଧ୍ୟାରେ ଯାଜପୁର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ବିଭାଗ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ କାର୍ଯ୍ୟାଳୟକୁ ନେଇ ପଚରାଉଚରା ଚଳାଇଛି।

ଯାଜପୁର ବଡ଼ବଜାର ଅଞ୍ଚଳର ରସାନନ୍ଦ ସାହୁ ଓ ସାନଭାଇ ଦୋଳଗୋବିନ୍ଦ ସାହୁଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ୨୦୧୫ରେ ବିବାଦ ଦେଖାଦେଇଥିଲା। ଏହି ବିବାଦ ଉଚ୍ଚ ନ୍ୟାୟାଳୟକୁ ଯାଇଥିଲା। ଉଚ୍ଚ ନ୍ୟାୟାଳୟରେ ୧୦ ବର୍ଷ ଧରି ମାମଲା ଚାଲିଥିବାବେଳେ ସାନଭାଇ ଦୋଳଗୋବିନ୍ଦଙ୍କ ସପକ୍ଷରେ ରାୟ ପ୍ରକାଶ ପାଇଥିଲା। ଏନେଇ ଦୋଳ ଗୋବିନ୍ଦ ସୀମା ନିର୍ଦ୍ଧାରଣ ପାଇଁ ଉପଜିଲାପାଳଙ୍କ ନିକଟରେ ଆବେଦନ କରିଥିଲେ। ଅନ୍ୟପକ୍ଷରେ ବଡ଼ଭାଇ ରସାନନ୍ଦ ପୁଣି ଉଚ୍ଚ ନ୍ୟାୟାଳୟରେ ପୁନଃ ବିଚାର ନିମନ୍ତେ ଆବେଦନ କରିଥିଲେ। ଉଚ୍ଚ ନ୍ୟାୟାଳୟ ଯାଜପୁର ତହସିଲଦାରଙ୍କୁ ସୀମା ନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ସୀମା ନିର୍ଦ୍ଧାରଣ କରିବା ସମୟରେ ଉଭୟ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଫଳରେ ସୀମା ନିର୍ଦ୍ଧାରଣ ସ୍ଥଗିତ ରହିଥିଲା। ଏନେଇ ଯାଜପୁର ଟାଉନ ଥାନାରେ ନଂ.୫୨୩/୨୫ ଏକ ମାମଲା ରୁଜୁ କରାଯାଇଥିଲା। ତଦନ୍ତ ଦାୟିତ୍ୱ ଏଏସ୍ଆଇ ଦାସ ନେଇଥିଲେ। ସେ ଦୋଳଗୋବିନ୍ଦଙ୍କୁ ମାମଲାରେ ସାହାଯ୍ୟ କରିବା ପାଇଁ ୧୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଦୋଳଗୋବିନ୍ଦ ୧୦ ହଜାର ଟଙ୍କା ଦେବା ପାଇଁ ଅସମର୍ଥ ପ୍ରକାଶ କରି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ପ୍ରସ୍ତୁତ ଅନୁଯାୟୀ ସନ୍ଧ୍ୟାରେ ଦୋଳ ଗୋବିନ୍ଦ ୫ହଜାର ଟଙ୍କା ଲାଞ୍ଚ ଦେଉଥିବାବେଳେ ଭିଜିଲାନ୍ସ ବିଭାଗ ଏଏସ୍ଆଇ ଦାସଙ୍କୁ ଟଙ୍କା ସହ ମାଡ଼ି ବସିଥିଲା। ଏହି ଚଢ଼ଉରେ ଭିଜିଲାନ୍ସ ଡିଏସ୍‌ପି ସୁଶୀଲ ଏକ୍କା, ଡିଏସ୍‌ପି ସୁଲୋଚନା ନାୟକ, ଇନ୍ସପେକ୍ଟର ବିଜୟ ସେଠୀ, ଇନ୍ସପେକ୍ଟର ଜ୍ୟୋତିଶଙ୍କର ସାହୁ, ଇନ୍ସପେକ୍ଟର ସଂଘମିତ୍ରା ଦାସ, ଇନ୍ସପେକ୍ଟର ସରୋଜ ସେଠୀ, ଏଏସ୍ଆଇ ଶ୍ରୀକାନ୍ତ ନାୟକ, ଏଏସ୍ଆଇ ଶୁଭାଶିଷ ବେହେରା ଓ ବିଶ୍ୱଜିତ ଦାସ ପ୍ରମୁଖ ସାମିଲ ହୋଇଥିଲେ। ଏହି ଚଢ଼ାଉରେ କଟକ, କେନ୍ଦ୍ରାପଡ଼ା ଓ ଯାଜପୁରର ଭିଜିଲାନ୍ସ ଉପସ୍ଥିତ ଥିଲେ। ଏକା ସଙ୍ଗେ ତିନୋଟି ସ୍ଥାନରେ ଚଢ଼ାଉ ହୋଇଥିଲା। ଏନେଇ ଭିଜିଲାନ୍ସ ପକ୍ଷରୁ ନଂ.୩୪/୨୫ରେ ମାମଲା ରୁଜୁ ହୋଇଛି।

## ଦୁର୍ଘଟଣାରେ ଲିଙ୍ଗେଶ୍ୱର ଉନ୍ନୟନ କମିଟି ପୂର୍ବତନ ସଭାପତିଙ୍କ ମୃତ୍ୟୁ

ପାଣିକୋଇଲି,୮।୧୨ (ବିକାଶ ମଲ୍ଲିକ):



ଲିଙ୍ଗେଶ୍ୱର ଉନ୍ନୟନ କମିଟିର ପୂର୍ବତନ ସଭାପତି ଦାମୋଦର ଧଳ(୭୬)ଙ୍କ ସୋମବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଧଳ ପ୍ରାତଃଭ୍ରମଣରେ ଯାଉଥିଲେ। ଏହି ସମୟରେ ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର ଗ୍ରାମ ନିକଟରେ ବାଇକ୍ ଚାଳକ ଭଦ୍ରକ ଜିଲା ଭଣ୍ଡାରୀ ପୋଖରୀ ଥାନା ଅନ୍ତର୍ଗତ ନେରଡା ଗ୍ରାମର ବିକାଶ ବିନ୍ଧାଣି ଆସି ଧଳଙ୍କୁ ଧକ୍କା ଦେଇଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପୂର୍ବାହ୍ନ ୧୧ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ପାଣିକୋଇଲି ଥାନାରେ ଅଭିଯୋଗ ହେବାପରେ ଏସ୍ଆଇ ସୁମିତ କୁଜୁର ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ମରଶରୀର ଲିଙ୍ଗେଶ୍ୱରଠାରେ ପହଞ୍ଚିବା ପରେ ଶିଶୁମନ୍ଦିର ଓ ଉନ୍ନୟନ କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ମରଶରୀରକୁ ଲିଙ୍ଗେଶ୍ୱର ଶଶାନକୁ ନିଆଯାଇ ଶେଷକୃତ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ସଂଗ୍ରାମ କେଶରୀ ଧଳ ମୁଖାଗ୍ନି ଦେଇଥିଲେ। ପୂର୍ବତନ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଧଳ, ଅଶୋକ ଦାସ ଫାଉଣ୍ଡେଶନ ମହାସଚିବ ଭବପ୍ରସାଦ ଦାସ, ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ଧଳଙ୍କ ବିୟୋଗରେ ପୂର୍ବତନ କୋରେଇ ବିଧାୟକ ପ୍ରୀତି ରଞ୍ଜନ ଘଡ଼େଇ, ଅଶୋକ କୁମାର ବଳ, କୋରେଇ ବିଧାୟକ ଆକଶ ଦାସ ନାୟକ, କଂଗ୍ରେସ ନେତ୍ରୀ ବନ୍ଦିତା ପରିଡା, ବିଜେଡି ନେତ୍ରୀ ସବିତା ରାଉତ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

## ୨ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଧର୍ମଶାଳା,୮।୧୨ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ୧୬ନମ୍ବର ଜାତୀୟ ରାଜପଥର ରଥିଆ ଛକ ଓ ଜାରକା ବଜାର ନିକଟରେ ରବିବାର ସନ୍ଧ୍ୟାରେ ୨ଟି ଦୁର୍ଘଟଣା ଘଟିଛି। ଏଥିରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ଅନ୍ୟଜଣେ ଗୁରୁତର ହୋଇଛନ୍ତି। ରଥିଆ ଛକନିକଟରେ ଅଟକି ଥିବା ଏକ ଟ୍ରକ୍ ପଛରେ ବାଇକ୍ ଆରୋହୀ ପିଟି ହୋଇଯାଇଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ପରିଚୟ ମିଳି ପାରିନାହିଁ। ସେହିପରି ଜାରକା ବଜାର ନିକଟରେ ଉତ୍ତର ପ୍ରତାପ ପଞ୍ଚାୟତ ନିଳକଣ୍ଠପୁର ଗ୍ରାମର ବିଚିତ୍ର ମଳିକ(୨୩)ଙ୍କୁ ଏକ କାର୍ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି। ଏନେଇ ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ସିଆଇଟିୟୁର ଜିଲା ସମ୍ମିଳନୀ

ଯାଜପୁରରୋଡ୍,୮।୧୨ (ପବିତ୍ର ରଞ୍ଜନ ମହାନ୍ତି):


ସମ୍ମିଳନୀରେ ଯୋଗଦେଇଥିବା ସିଆଇଟିୟୁର କର୍ମକର୍ତ୍ତା।

ସିଆଇଟିୟୁର ଚତୁର୍ଥ ଯାଜପୁର ଜିଲା ସମ୍ମିଳନୀ ଅଭିମନ୍ୟୁ କଳାମଣ୍ଡପ ଯାଜପୁରରୋଡ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ସିଆଇଟିୟୁ ରାଜ୍ୟ ସମ୍ପାଦକ ଜଗତ ଜୀବନ ଦାସ ସମ୍ମିଳନୀକୁ ଉଦ୍‌ଘାଟନ କରି ନୂତନ ଶ୍ରମ କୋଡ୍ ବାତିଲ କରିବାକୁ ଦାବି କରିଥିଲେ। ଏଥିସହିତ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତି ବିରୋଧରେ ବ୍ୟାପକ ଜନଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ସିଆଇଟିୟୁ ଜିଲା ସଭାପତି ପ୍ରଫୁଲ୍ଲ ନାୟକ ୩ ବର୍ଷର ରାଜନୈତିକ ସାଙ୍ଗଠନିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଉକ୍ତ ରିପୋର୍ଟ ଉପରେ ୧୬ ଜଣ ସଦସ୍ୟ ଆଲୋଚନା କରିବାପରେ ତାହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ସମ୍ମିଳନୀକୁ ଶୁଭେଚ୍ଛା ଜଣାଇ ପୋଷ୍ଟାଲ କର୍ମଚାରୀ ଦେବବ୍ରତ ମହାନ୍ତି ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଆଗାମୀ ୩ ବର୍ଷ ପାଇଁ ୧୯ ଜଣିଆ କମିଟି ଗଢ଼ିବାକୁ ପ୍ରସ୍ତାବ ଦିଆଯାଇଥିଲା। ପ୍ରଫୁଲ୍ଲ ନାୟକ, ନିର୍ମଳ ରଥ, ସୁରେଶ ସାହୁ, ବିଜୟ ନାୟକ, ଦିଲୀପ ଦାସ, ରଞ୍ଜିତା ଦାସ, ପାନି କିସ୍କୁ, ମାଳତି ହାଁସଦା, ଲକ୍ଷ୍ମୀ ପୃଷ୍ଟି, ବେବିନା ଜେନା, ପ୍ରଦୀପ ମହାନ୍ତି, ଲିଟା ଲାଗୁରୀ, ସୁସ୍ମିତା ରାଉତ, ତ୍ରିଲୋଚନ ରାଉତ, ପୁଷ୍ପିତା ଦାସ, କୁନି ମିଶ୍ର, ପ୍ରମୁଖ ନୂତନ କମିଟିକୁ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ସମ୍ମିଳନୀର ଲାଲ ପତାକାକୁ ଅମୂଲ୍ୟ ସାମଲ ଉତ୍ତୋଳନ କରିଥିଲେ। ପରେ ଶହୀଦ ବେଦୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ନିର୍ମଳ ରଥ, ରଞ୍ଜିତା ଦାସ ଓ ପାନି କିସ୍କୁ ସମ୍ମିଳନୀକୁ ପରିଚାଳନା କରିଥିଲେ। ସନ୍ତୋଷ ବରାଳ, ସନ୍ତୋଷ ପୃଷ୍ଟି, କୁନି ପୂର୍ତ୍ତି, ରଶ୍ମି ରେଖା ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଖବରଦାତାଙ୍କ ବିୟୋଗରେ ଜେୟୁଜେର ଶୋକ

ଯାଜପୁର ଟାଉନ,୮।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ରେଢ଼ାଖୋଲର ଖବରଦାତା ତଥା ଓଡ଼ିଶା ସାମ୍ବାଦିକ ୟୁନିୟନର ସଦସ୍ୟ ରମାକାନ୍ତ ମହାନନ୍ଦଙ୍କ ବିୟୋଗରେ ଯାଜପୁର ଜିଲା ସାମ୍ବାଦିକ ୟୁନିୟନ(ଜେୟୁଜେ) ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅଭୟ ପତି, ରାଜ୍ୟ ଉପସଭାପତି ରାଜୀବ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିରଜା ପ୍ରସାଦ ପାଣି, ସଭାପତି ଅରୁଣ ରାଉତରାୟ, ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ସାହୁ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ପୂର୍ବତନ ସଭାପତି ଆଦିତ୍ୟ ମେକାପ, ସଦସ୍ୟ ଅଜୟ ରାଉଳ, ହେମେଶ ଜେନା, ଏକାଦଶୀ ସେଠୀ, ଆଲୋକ ପ୍ରଧାନ, ପ୍ରଶାନ୍ତ ଜେନା, ସୁବ୍ରତ ଜେନା, ରଞ୍ଜିତ ରାଉତ, ରାଜକୁମାର ମହାନ୍ତି, ବିଶ୍ୱଭୂଷଣ ଜେନା, ଦେବପ୍ରସାଦ ସାହୁ, କୌଶିକ ଦାସ ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଏନେଇ ଯାଜପୁର ସହରଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଉପରୋକ୍ତ କର୍ମକର୍ତ୍ତା ଯୋଗଦେଇ ରମାକାନ୍ତଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ।

## ସତ୍ୟସାଇ ଭଜନମଣ୍ଡଳୀର ବାର୍ଷିକୋତ୍ସବ ପ୍ରସ୍ତୁତି ବୈଠକ


ବୈଠକରେ ଯୋଗଦେଇଥିବା ସତ୍ୟସାଇ ଭଜନମଣ୍ଡଳୀର କର୍ମକର୍ତ୍ତା।

ବଡ଼ଚଣା,୮।୧୨ (ଦିଲୀପ କୁମାର ମହାନ୍ତି):

ଚଣ୍ଡିଖୋଲ ଶ୍ରୀସତ୍ୟସାଇ ଭଜନମଣ୍ଡଳୀର ବାର୍ଷିକୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ନିଶିମଳାସ୍ଥିତ ସାଇ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଜନମଣ୍ଡଳୀ ଆବାହକ ଦୁଷ୍ମନ୍ତ ଖିଲାର ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସତ୍ୟସାଇ ଟ୍ରଷ୍ଟ ସଭ୍ୟ ରଶ୍ମିରଞ୍ଜନ ରାୟ, ପୂର୍ବତନ ଆବାହକ ଶିବରାମ ସାହୁ, ପ୍ରଦୀପ୍ତ ଜେନା, ପ୍ରଭାତ ଜେନା, ବୀରକିଶୋର ଖଣ୍ଡାଇ, ଅଶାନ୍ତ ମଲ୍ଲିକ, ଭଗୀରଥ ହାଁସଦା, ପ୍ରକାଶ ମଲ୍ଲିକ, କାଞ୍ଚନ ହାଁସଦା ଓ ତାପସ ମଲ୍ଲିକ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଶ୍ରୀସତ୍ୟସାଇ ବାବାଙ୍କ ନିକଟରେ ପ୍ରାର୍ଥନା କରାଯିବା ପରେ ଆଲୋଚନା ଆରମ୍ଭ ହୋଇଥିଲା। ଆସନ୍ତା ୧୪ତାରିଖ ରବିବାର ଏହି ଦିବସ ପାଳନ କରାଯିବ। ପ୍ରାତଃ ସମୟରେ ଓଁକାର ଉଚ୍ଚାରଣ କରାଯାଇ ନଗରକୀର୍ତ୍ତନ କରାଯିବ ଓ ଗ୍ରାମ ପରିଭ୍ରମଣ କରାଯାଇ ମନ୍ଦିରରେ ବାବାଙ୍କ ଷୋଡ଼ଶ ଉପଚାର ପୂଜା କରାଯିବ। ପୂର୍ବାହ୍ନ ୧୦ଟାରେ ସାଇ ଆଶ୍ରିତଙ୍କୁ ନେଇ ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଜୀବନୀ, ସେବାକାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା।

## ଦଶରଥପୁର ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି

ଦଶରଥପୁର,୮।୧୨ (ସୁଶାନ୍ତ କୁମାର ବେହୁରିଆ):



ଜିଲାପାଳ ଓ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣାଣି କରୁଛନ୍ତି।

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅମ୍ବର କୁମାର କର ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏଥିସହିତ ଶିବିରକୁ ଆସିଥିବା ଅଭିଯୋଗଗୁଡ଼ିକୁ ବିଭାଗୀୟ ଅଧିକାରୀ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ।

ଶିବିରରେ ମୋଟ୍ ୧୬୪ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୩୩, ଗୋଷ୍ଠୀଗତ/ଗ୍ରାମ୍ୟ ସମସ୍ୟା ୧୦ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୧ ଅଭିଯୋଗ ଆସିଥିଲା। ୨୭ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଶିବିରରେ ଯାଜପୁର ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଳ, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ ମିଶ୍ର, ଦଶରଥପୁର ଅତିରିକ୍ତ ବିଡିଓ ତ୍ରିଲୋଚନ ସେଠୀ, ତହସିଲଦାର ଶୁଭ୍ରାଂଶୁ ସାହୁଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ।

OFFICE OF THE
REGULATED MARKET COMMITTEE, KENDRAPARA
At/P.O.- Jamadhar, Dist- Kendrapara - 754211
(Ph.No.220398(06727)/ email-rmckendrapara@gmail.com/
website- rmckendrapara.com)
No.H-
SHORT TENDER CALL NOTICE
Tender Call Notice:-No.325 Date:-29.11.2025

1. The Collector & District Magistrate- cum-Chairman of RMC, Kendrapara invites rate Quoted sealed tenders / Quotation from authenticated Suppliers / Manufactures having valid GST and PAN for purchase of following grading equipments to be required for paddy procurement purpose during KMS 2025-26.

| Sl. No. | Name of the items/grading equipments | Unit/Numbers required |
|---|---|---|
| 1 | Weighing Scale SANSUI & ESSEA | 50 |
| 2 | Analysis Kit | 25 |
| 3 | Moisture Meter | 33 |
| 4 | CCTV Camera | 50 |
| 5 | Seeds Mini Grader | 25 |
| 6 | One 09 Ltr. Capacity of water type Fire extingwisher @ ISI Mark | 140 |

2. The details technical specification of above required equipments as framed by the O.S.A.M. Board, Bhubaneswar is attached with this notice separately must be followed.
3. The rate of items, make/model of items which Qualify the specification of OSAM Board along with rate of others taxes & free warranty period etc. must be mentioned in the Quotation and should reached to the RMC Office, Kendrapara by 4.00 P.M of dt-15.12.2025 positively through registered post.
4. Undersigned reserved the right to cancell the above notice without assigning any reason thereof.
5. The details specification of the equipments as prescribed by R.M.C, Kendrapara may be downloaded from Kendrapara District website (www.kendrapara.odisha.gov.in) from dated 01.12.2025 10.00 A.M to dt.14.12.2025 up to 5.00 P.M.
6. The tender paper will be open on dt-17.12.2025 at 11.30 A.M in the office chamber of RMC, Kendrapara.
7. Manufacture/ Their authorized Dealer/ Reputed firm are eligible to quote in this tender. Authorized dealer should attach letter of authority from principal Manufacturer to quote in this tender.
8. The mentioned items must be delivered within 7 days from the issuance of purchase Order/ Contract.
9. Bidder should furnish copy of GST, PAN, latest GST return copy, ITR, Audited balance sheet of last two financial year, ISO certificate and Trade license copy.
10. Bidder should submit the GST, PAN ISO certificate and CE certificate of Manufacturer, if the bidder is Authorized Dealer.
11. Bidder must submit a notarized latest affidavit in non-judicial stamp paper of value Rs.100.00 after the date of publication of bid that their firm has not been blacklisted by any PSU / Central or State Govt. Department.
12. In case of any damage of supplied material during transportation, loading and unloading, that will be replaced by the bidder free of cost.
13. The Rate offered by the bidder will be inclusive of all taxes, cost of transportation till destination and installation and commissioning
14. Supplier shall arrange all items including consumables required during time of installation, commissioning and demonstration. However Purchaser shall provide electrical point and power supply at Regulated Market Committee , Kendrapara.
15. If the successful L1 bidder fails to supply the required items within prescribed time period, then L2 bidder may be invited to supply the same as per quoted price of L1 bidder with same terms and conditions, if agree.
16. Tender Processing Fees: Bidder should submit DD of any Nationalized Bank of Rs.5000.00 in favour of Regulated Market Committee, Kendrapara and payable at Kendrapara against tender processing fees / tender cost (Non-refundable) & the original DD along with the bid documents should reach the RMC, Kendrapara Office before the closing date of the bid through speed / registered post.
17. Earnest Money Deposit (EMD): Bidder should submit EMD of Rs. 50,000/- in shape of DD of any Nationalized Bank in favour of Regulated Market Committee, Kendrapara and payable at Kendrapara the original EMD along with the bid documents should reach the RMC, Kendrapara Office before the closing date through speed / registered post. The EMD deposited by the successful bidder will be retained as the security deposit. Retained Money shall be refunded after one year from the date of successful completion of delivery.

Sd./- Collector & D.M.-cum-
Chairman, RMC, Kendrapara
OIPR-01580/11/0001/2526

## ଖଣି ଅଞ୍ଚଳରୁ କପିଳାସ ଫେରିଲେ ହାତୀପଲ



କାଳିଆପାଣି,୮।୧୨ (ଅସିତ ମହାନ୍ତ):

୩ଦିନ ଧରି ସୁକିନ୍ଦା ଖଣି ଅଞ୍ଚଳରେ ଆତଙ୍କ ସୃଷ୍ଟି କରୁଥିବା ୩ ଟିକିଆ ହାତୀପଲ ରବିବାର ରାତିରେ ଢେଙ୍କାନାଳ ଜିଲାର କପିଳାସ ଜଙ୍ଗଲକୁ ଫେରିଯାଇଛନ୍ତି। ଗତ ଶୁକ୍ରବାର ଢେଙ୍କାନାଳ ଜିଲାର କାମାକ୍ଷାନଗର ଆଡୁ ୩ ଟିକିଆ ହାତୀପଲ ସୁକିନ୍ଦା ଖଣି ଅଞ୍ଚଳକୁ ଆସିଥିଲେ। ସେମାନେ କଂସ ପଞ୍ଚାୟତର କୋଳିପସି, ଗୁରୁଜଙ୍ଗ, ସରୁଆବିଲ ଗ୍ରାମ ନିକଟରେ ରହି ଧାନ ଫସଲ ନଷ୍ଟ କରୁଥିବାରୁ ଚାଷୀଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟିଥିଲେ। ବନବିଭାଗ ସେମାନଙ୍କ ଉପରେ ନଜର ରଖିଥିଲା। ରବିବାର ରାତିରେ ବନ ବିଭାଗର ଏକ ଟିମ୍ ହାତୀପଲଙ୍କୁ ପନାସିଆ ଜଙ୍ଗଲକୁ ଘଉଡ଼ାଇଦେଇଥିଲେ। ଫଳରେ ହାତୀପଲ ଯାଇ ଭୁବନ ବ୍ଲକର ଅନ୍ତପୁର ଗାଁରେ ବାହାରିଥିଲେ। ପରେ ଭୁବନ ଦେଇ କପିଳାସ ଜଙ୍ଗଲକୁ ଚାଲିଯାଇଥିଲେ ବୋଲି ଗାଁସୋଳ ଫରେଷ୍ଟର ରାମ ତିରିଆ ପ୍ରକାଶ କରିଛନ୍ତି।

# ଏକ୍ସପ୍ରେସ୍ ଟ୍ରେନ୍ ରହଣି ଦାବି

### ଜେନାପୁର ରେଳ ବିକାଶ କମିଟିର ଜନଜାଗରଣ ପ୍ରସ୍ତୁତି ବୈଠକ

ଜେନାପୁର,୮।୧୨ (ଅଶୋକ ଦାସ):



ବୈଠକରେ ଉପସ୍ଥିତ ଜେନାପୁର ରେଳବିକାଶ କମିଟିର କର୍ମକର୍ତ୍ତା।

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ରେଳ ବିକାଶ କମିଟି ପକ୍ଷରୁ ଏକ ଜନଜାଗରଣ ପ୍ରସ୍ତୁତି ବୈଠକ ରେଳ ଷ୍ଟେଶନ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଚନ୍ଦ୍ର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମସ୍ତ ସଭ୍ୟ ଉପସ୍ଥିତ ରହି ଷ୍ଟେଶନର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ରେଳ ବିକାଶ କମିଟି ପୁନଃଗଠନ ସମ୍ବନ୍ଧେ ଆଲୋଚନା ହୋଇଥିଲା। କମିଟି ସଭ୍ୟ ଦୁର୍ଯ୍ୟୋଧନ ଦୋରା, ଦିଲୀପ ବରାଳ, ବନମାଳୀ କରଣଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। କମିଟି ସଭାପତି ଚନ୍ଦ୍ରମଣି ଦାସଙ୍କ ନିରୋଗ କାମନା ନୀମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା।

ଦ୍ରୁତଗାମୀ ଟ୍ରେନ୍ ରହଣି ଓ ଷ୍ଟେଶନର ଉନ୍ନତୀକରଣ ଦାବିରେ ୨୦୧୪ରେ କମିଟି ସଭାପତି ଚନ୍ଦ୍ରମଣି ଦାସଙ୍କ ଆହ୍ୱାନକ୍ରମେ ଅଞ୍ଚଳବାସୀଙ୍କ ସମେତ ବହୁ ଜନସାଧାରଣ ୭ଦିନ ଧରି ରେଳ ଷ୍ଟେଶନ ସମ୍ମୁଖରେ ଗଣଧାରଣା ଦେଇଥିଲେ। ହେଲେ ଏ ପର୍ଯ୍ୟନ୍ତ ଷ୍ଟେଶନର କୋଣସି ଉନ୍ନତି ହୋଇ ପାରିନାହିଁ। ଦ୍ରୁତଗାମୀ ଟ୍ରେନ ରହିବା ବଦଳରେ କେନ୍ଦୁଝର ଫାଷ୍ଟ ପାସେଞ୍ଜର ଟ୍ରେନ ରହଣି ବ୍ୟବସ୍ଥା କରାଯାଇଛି। ଏହି ବ୍ୟବସ୍ଥା କରି କମିଟିକୁ ରେଲ୍‌ୱେ ଭଣ୍ଡାଇ ଦେଇଛି। ଦ୍ରୁତଗାମୀ ଟ୍ରେନ ରହଣି ବ୍ୟବସ୍ଥା ନ ଥିବାରୁ ଏଠାରୁ ବିଭିନ୍ନ ସ୍ଥାନକୁ ଯାତାୟାତ କରିବା ପାଇଁ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଜେନାପୁର ରେଳ ଷ୍ଟେଶନରେ ପୁରୀରୁ କୋଲକାତା ମଧ୍ୟରେ ଚଳାଚଳ କରୁଥିବା ଦ୍ରୁତଗାମୀ ଟ୍ରେନ ରହଣି ବ୍ୟବସ୍ଥା କରାଯିବାକୁ ପୁନଃ ଦାବି କରାଯାଇଛି। ବିଶେଷ କରି ଧଉଳି ଏକ୍ସପ୍ରେସ, ଇଷ୍ଟକୋଷ୍ଟ ଏକ୍ସପ୍ରେସ, ଜନଶତାବ୍ଦୀ ଏକ୍ସପ୍ରେସ, ଶ୍ରୀଜଗନ୍ନାଥ ଏକ୍ସପ୍ରେସ ରହଣି ବ୍ୟବସ୍ଥା କରିବାକୁ ବୈଠକରେ ଦାବି ଉପସ୍ଥାପନ କରାଯାଇଛି। ସେହିପରି ରେଳଷ୍ଟେଶନରେ ରିଜର୍ଭେଶନ ଟିକେଟ କାଉଣ୍ଟର, କ୍ୟାଣ୍ଟିନ, ଶୌଚାଳୟ ବ୍ୟବସ୍ଥା କରିବା ସହ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଦାବି କରାଯାଇଛି। ବୈଠକରେ କମିଟିର ବରିଷ୍ଠ ସଭ୍ୟ ଅଶୋକ ସାହୁ, ଶରତ ଚନ୍ଦ୍ର ମହାନ୍ତି, କ୍ଷେତ୍ରବାସୀ ରାଉତ, କାହ୍ନୁଚରଣ ସାହୁ, ଦୀପକ ଦାସ, ଦଶରଥ ତରାଇ, ପ୍ରେମଚାନ୍ଦ ମହାନ୍ତି, ଶିବପ୍ରସାଦ ପରିଡ଼ା, ରାମଚନ୍ଦ୍ର ମହାନ୍ତି, ସରୋଜ ପଟ୍ଟନାୟକ, ବିଚିତ୍ରା ନନ୍ଦ ସାହୁ, ନିର୍ମାଲ୍ୟ ପ୍ରଧାନଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଆସନ୍ତା ୨୦ ତାରିଖରେ ପରିବର୍ଦ୍ଧିତ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା।

# ଇଟାଭାଟି ଧୂଆଁରେ ପରିବେଶ ପ୍ରଦୂଷିତ

ପଟ୍ଟାମୁଣ୍ଡାଇ, ୮।୧୨ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ କିଛିଦିନ ହେବ ବେଆଇନ ଭାବେ ଗଢ଼ି ଉଠୁଥିବା ଇଟାଭାଟିଗୁଡ଼ିକ ଯୋଗୁ ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ପାଲଟିଛି। ଏଥିପ୍ରତି ପ୍ରଶାସନ ପକ୍ଷରୁ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ, ଯାହାର ପରିଣାମ ଭୋଗୁଛନ୍ତି ସାଧାରଣ ଲୋକ। ଇଟାଭାଟିରୁ ବାହାରୁଥିବା ବିଷାକ୍ତ ଧୂଆଁ ଓ ପାଉଁଶରେ ସ୍ଥାନୀୟ ଛୋଟ ପିଲା, ବୟସ୍କ ଲୋକ ଅଣନିଃଶ୍ୱାସୀ ହୋଇ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି। ପୋଡ଼ା ମାଟି ଅଙ୍ଗାର ଧୂଆଁ ପରିବେଶ ପ୍ରଦୂଷଣ ବୃଦ୍ଧି କରୁଥିବାରୁ ଇଟାଭାଟି ବନ୍ଦ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ଏ ନେଇ ଜାତୀୟ ସବୁଜ ପ୍ରାଧିକରଣର ନାଲି ଇଟାଭାଟି ସମ୍ପୂର୍ଣ୍ଣ ବନ୍ଦ ପାଇଁ ରାଜ୍ୟ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ନିର୍ଦ୍ଦେଶ ରହିଛି। କିନ୍ତୁ କେତେକଣ ଦୁର୍ନୀତିଗ୍ରସ୍ତ ଅସାଧୁ ସରକାରୀ କର୍ମଚାରୀଙ୍କ ପାଇଁ ନିୟମ କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ଇଟାଭାଟି ମାଲିକମାନେ ନିୟମକୁ ବେଖାତିରକରି ନିର୍ଭୟରେ ବ୍ୟବସାୟ ଚଳାଉଛନ୍ତି। ଆଉ ସ୍ଥାନୀୟ ଜନସାଧାରଣ ସେମାନଙ୍କୁ ଡରି ମୁହଁ ଖୋଲିପାରୁ ନ ଥିବାବେଳେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ବୁଦ୍ଧିଜୀବୀ ପ୍ରବୀର ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ସମେତ ଗ୍ରାମାଞ୍ଚଳରେ ମଧ୍ୟ ମାଳମାଳ ଇଟାଭାଟି ଗଢ଼ିଉଠିଲାଣି। ସନ୍ଧ୍ୟା ହେଲେ ବାୟୁମଣ୍ଡଳ ଶୁଷ୍କ ହେଉଛି। ଫଳରେ ଭାଟି ଧୂଆଁ ନିମ୍ନଗାମୀ ହୋଇ ଲୋକେ ଅଣନିଃଶ୍ୱାସୀ ହେଉଛନ୍ତି। ଉପରୋକ୍ତ ବିଷୟରେ ପ୍ରଶାସନ ନିକଟରେ ଜଣାଇଲେ ମଧ୍ୟ ନୀରବ ସମର୍ଥନ ଥିବା ଭଳି ବାରି ହେଉଛି, ଯାହା ସ୍ଥାନୀୟବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଆଇନଜୀବୀ ପ୍ରମୋଦ ସାହୁ କହିଛନ୍ତି, ଏହି ନାଲି ଇଟା ଯୋଗୁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଛି। ଯେପରି ଅନୁମତି ବିନା ଇଟା ପୋଡ଼ିବା, ଅନଭିଜ୍ଞ ଡ୍ରାଇଭର ଦ୍ୱାରା ଟ୍ରାକ୍ଟର ଚାଳନା, ରାସ୍ତା ନଷ୍ଟ ଓ ଦୁର୍ଘଟଣା ଘଟିବା ଘଟଣା ସାଧାରଣ ଲୋକଙ୍କ ଜୀବନକୁ ଅସୁବିଧାରେ ପକାଇ ଦେଉଛି। ଏହି ଭାଟିଗୁଡ଼ିକର ଧୂଆଁ ଓ ଧୂଳି ବାୟୁ ପ୍ରଦୂଷଣ ବଢ଼ାଇ ମୁଣ୍ଡ ବ୍ୟଥା, ଶ୍ୱାସକଷ୍ଟ ଓ ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ନଦୀପଠାରୁ ମାଟି ଖୋଳି ନେବା ଫଳରେ ବ୍ରାହ୍ମଣୀ ନଦୀର ଗତିପଥ ପରିବର୍ତ୍ତନ ହେବାର ଆଶଙ୍କା ପ୍ରକାଶ ପାଉଛି। ଯାହା ଭବିଷ୍ୟତରେ ବନ୍ୟା ଓ ଭୂମିକ୍ଷୟ ଭଳି ବିପଦ ସୃଷ୍ଟି କରିପାରେ। ସାମାଜିକ କର୍ମୀ ବିଜୟ ଦାସ କହିଛନ୍ତି, ମାଟି ଇଟାଭାଟି ବୃଦ୍ଧି ପାଉଥିବାରୁ ପ୍ରଦୂଷଣ ବଢୁଛି। ରାଜସ୍ୱହାନି ହେଉଛି। ରାଜସ୍ୱ ବିଭାଗ ସବୁ ଜାଣିଥିଲେ ମଧ୍ୟ ନୀରବ ରହିଛି। ଖଣି ବିଭାଗର ଦେଖା ଦର୍ଶନ ନାହିଁ। ସ୍ଥାନୀୟ ଲୋକ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଛନ୍ତି। ହେଲେ କୌଣସି ପଦକ୍ଷେପ ନିଆଯାଉନାହିଁ। ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବେଆଇନ ଇଟାଭାଟି ବନ୍ଦ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେବା ଆରମ୍ଭ କଲେଣି। ଏ ନେଇ କେନ୍ଦ୍ରାପଡ଼ା ଖଣି ଅଧିକାରୀ ସମିତ ସାହୁଙ୍କୁ ପଚାରିବାରେ ବେଆଇନ ଭାବେ ଗଢ଼ି ଉଠିଥିବା ମାଟି ଇଟାଭାଟି ଉପରେ ଚଢ଼ାଉ କରାଯିବ ବୋଲି ସେ କହିଛନ୍ତି।


ଗୋବରୀ ନଦୀପାଖ ମାଟିଆପାଳରେ ଇଟା ପୋଡ଼ାଯାଉଛି।

- ଛୋଟ ପିଲା, ବୟସ୍କ ଲୋକେ ଅଣନିଃଶ୍ୱାସୀ
- ବ୍ରାହ୍ମଣୀ ପଟୁ ମାଟି ଖୋଳି ପକାଯାଉଛି ଇଟା
- ନଦୀ ଗତିପଥ ପରିବର୍ତ୍ତନ କରିବା ଆଶଙ୍କା

# ସବୁଜ ଆମୋନିଆ ପ୍ଲାଣ୍ଟ ନିର୍ମାଣ ସ୍ଥାନ ଦେଖିଲା ଜିଲ୍ଲା ପ୍ରଶାସନ

ମହାକାଳପଡ଼ା, ୮।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

**ମହାନଦୀ ତ୍ରିକୋଣ ଭୂମି ଷଠିଏବାଟି, ଗୋଖାଖିଟି, ଆଖଡ଼ାଶାଳୀ ଗ୍ରାମ ପରିଦର୍ଶନ**

କେନ୍ଦ୍ରାପଡ଼ା ଜିଲ୍ଲାରେ ସ୍ୱାଧୀନତା ପରେ ଛୁଞ୍ଚ କାରଖାନାଟିଏ ନାହିଁ। ୨୪ବର୍ଷ ଶାସନ ବିଜେଡି ଅମଳରେ ଷ୍ଟିଲ ପ୍ଲାଣ୍ଟ ନିର୍ମାଣ ହେବା ପୂର୍ବରୁ ଫସର୍ ଫାଟିଲା। ରାଜ୍ୟରେ ଭାଜପା ସରକାର ଗଠନ ପରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ସୂର୍ଯ୍ୟ ଉଦୟ ହୋଇଛି ବୋଲି କୁହାଯାଉଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଶିଳ୍ପ ପ୍ରତିଷ୍ଠା ପାଇଁ ମହାକାଳପଡ଼ା ବ୍ଲକ ମହାନଦୀ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକ ବୁଲି ସ୍ଥାନ ଦେଖିଥିଲେ। ବିଶେଷ କରି ବ୍ଲକର ଷଠିଏବାଟି, ଗୋଖାଖିଟି, ଆଖଡ଼ାଶାଳୀ ଆଦି ଅଞ୍ଚଳ ବୁଲି ଜିଲ୍ଲା ପ୍ରଶାସନ ଅନୁଧ୍ୟାନ କରିଥିଲେ। ଏଠାରେ ଏକ ସବୁଜ ଆମୋନିଆ ପ୍ଲାଣ୍ଟ ନିର୍ମାଣ ହେବ ବୋଲି କୁହାଯାଉଛି। ଏହାର ଦାୟିତ୍ୱ ଏଲ୍‌ଆଣ୍ଡଟି କମ୍ପାନୀ ନେବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ରଘୁରାମ ଆର. ଆୟର, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ବିଜୟ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏ ସମ୍ପର୍କରେ ଜିଲ୍ଲାପାଳ ଆୟରଙ୍କୁ ପଚାରିବାରେ ସବୁଜ ଆମୋନିଆ ପ୍ଲାଣ୍ଟ ସ୍ଥାନ ପରିଦର୍ଶନ କରିଥିବା ସେ କହିଛନ୍ତି।

# ଚୋରାମଦ, କଫ୍ ସିରପ ଜବତ, ୬ ଗିରଫ



କେନ୍ଦ୍ରାପଡ଼ା, ୮।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ମାର୍ଶାଘାଇ ଓ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ବିଭିନ୍ନ ସ୍ଥାନରେ ସୋମବାର ଚଢ଼ାଉ କରାଯାଇ ୧୯.୭ ଲିଟର କଫ ସିରଫ ଓ ୩୫୭୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ୬ ଜଣ ଗିରଫ କରାଯାଇଛି। ଆଠବାଟିଆ ଗ୍ରାମର ଶିବ ପ୍ରସାଦ ନାୟକଙ୍କ ଠାରୁ ୧୦.୭ ଲିଟର କଫ ସିରପ, ବାଘଡିଆ ଗ୍ରାମର ସିଲୁ ପ୍ରସାଦ ନାୟକଙ୍କଠାରୁ ୯ ଲିଟର କଫ ସିରପ, ତୋଷିଆବେଲାରି ଗ୍ରାମର ରବୀନ୍ଦ୍ର ମାହାକୁଡଙ୍କଠାରୁ ୭୦ ଲିଟର ଦେଶୀ ରନ୍ଧା ମଦ ଓ ଅମ୍ବାବେଲାରୀ ଗ୍ରାମର ଜୀବୀନ୍ଦ ଝାନଙ୍କଠାରୁ ୩୫୦୦ ଲିଟର ଗୁଡ ପୋଚ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ରତ୍ନପ୍ରଭା ସ୍ୱାଇଁ, ସହକାରୀ ଉପ ନିରୀକ୍ଷକ ଜଗନ୍ନାଥ ବେସ୍ରା, ସୁନୀଲ କୁମାର ମିଶ୍ର, ପ୍ରଦୀପ କୁମାର ମଲିକଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

# ବିଜୟ ମହାକୁଡ଼ ଥିଲେ ଜଣେ ଦୃଢ଼ ସଙ୍ଗଠକ

ଆଳି, ୮।୧୨ (ବନମାଳୀ ସେନାପତି )

କୃଷ୍ଣାୟନ ସାହିତ୍ୟ ପତ୍ରିକାର ସମ୍ପାଦକ, ପରାଗ ସାହିତ୍ୟ ସଂସଦର ଉପଦେଷ୍ଟା ବିଶିଷ୍ଟ ସାମାଜିକ କର୍ମୀ ବିଜୟ ମହାକୁଡ଼ଙ୍କ ଏକାଦଶାହରେ ତାଙ୍କ ଗ୍ରାମ ମାନପୁରଠାରେ ଏକ ସ୍ମୃତି ଚାରଣ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ଶତାଧିକ ଲୋକ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଦୁର୍ଯ୍ୟୋଧନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ଯାଦବ ମହାସଭାର ସଭାପତି ପ୍ରଭାକର ପଲେଇ, ସମ୍ମାନିତ ଅତିଥି ଭାବେ ମହେଶ୍ୱର ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଜୟଙ୍କ କର୍ମମୟ ଜୀବନ ସମାଜର ସମସ୍ତ ଶ୍ରେଣୀର ଲୋକମାନଙ୍କ ପାଇଁ ଉଦିଷ୍ଟ ଥିଲା। ସେ ଅନେକ ଅନୁଷ୍ଠାନ ସହ ସମ୍ପର୍କ ରହି ସାହାଯ୍ୟ ସହଯୋଗ କରୁଥିଲେ। ଏକ ଦଶନ୍ଧିରୁ ଅଧିକ ସମୟ ଧରି ସେ ଏକ ସାହିତ୍ୟ ପତ୍ରିକା କୃଷ୍ଣାୟନର ସମ୍ପାଦନା କରି ଆସୁଥିଲେ। ଗୋପବନ୍ଧୁ ପୂଜ୍ୟପୂଜା ପରିଷଦ ମାଧ୍ୟମରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରି ଆସୁଥିଲେ। ସେ ପ୍ରକୃତରେ ଜଣେ ଦୃଢ଼ ସଙ୍ଗଠକ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଶୁରାମ ରାଉତରାୟ, ଶେଖର ଚନ୍ଦ୍ର ବାରିକ, ନକୁଳ ପରିଡା, ରବୀନ୍ଦ୍ର ବେହେରା, ମଧୁସୂଦନ ଦାସ, ଧରଣୀଧର ବେହେରା, ରାମ ଚନ୍ଦ୍ର ପାଣ୍ଡ, ପ୍ରଭାତ କୁମାର ଦାସ, କେଦାରନାଥ ବେହେରା, ଦିବେଶ ପଲେଇ, ଡା. ଅବକାଶ ଯାଦବ, ବନମାଳୀ ସେନାପତି, ଶ୍ରୀନିବାସ ପ୍ରଧାନ, ଦିନେଶ ମଲ୍ଲିକ ପ୍ରମୁଖ ମହାକୁଡ଼ଙ୍କର ସ୍ମୃତି ଚାରଣ କରିଥିଲେ।

# ଏମ୍‌ପି କ୍ରୀଡ଼ା ମହୋତ୍ସବ: କୃତୀ କ୍ରୀଡ଼ାବିତ୍ ସମ୍ମାନିତ


ରାମନଗର ହାଇସ୍କୁଲ ପଡ଼ିଆଠାରେ ଏମ୍‌ପି କ୍ରୀଡ଼ା ମହୋତ୍ସବରେ ଉପସ୍ଥିତ ଅତିଥି।

ମହାକାଳପଡ଼ା, ୮।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ୍ ରାମନଗରସ୍ଥିତ ରାମଚଣ୍ଡୀ ବିଜୟାନନ୍ଦ ହାଇସ୍କୁଲ ପଡ଼ିଆଠାରେ ଏମ୍‌ପି କ୍ରୀଡ଼ା ମହୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ରଘୁରାମ ଆର୍. ଆୟର ଯୋଗଦେଇ ଯୁବ କ୍ରୀଡ଼ା ପ୍ରତିଭାମାନଙ୍କ କଳା କୌଶଳ ପ୍ରଦର୍ଶନକୁ ଦେଖି ପ୍ରଶଂସା କରିଥିଲେ। ମୋଦିଜୀଙ୍କ ଆହ୍ୱାନରେ ଦେଶ ସାରା ଏମ୍‌ପି କ୍ରୀଡ଼ା ମହୋତ୍ସବ ବ୍ୟାପକ ଭାବେ ପାଳନ କରାଯାଉଛି। ଗାଁର ଯୁବ କ୍ରୀଡ଼ା ପ୍ରତିଭାମାନଙ୍କୁ ଚୟନକରିବା ମୁଖ୍ୟ ଲକ୍ଷ୍ୟ ରହିଛି ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡ଼ା ମହୋତ୍ସବ ବ୍ୟାପକ ଭାବେ ଆୟୋଜନ କରାଯାଉଛି। ଆତ୍ମନିର୍ଭରଶୀଳ ଭାରତ ସଂକଳ୍ପ ଦ୍ୱାରା ଅତିଥି ଓ କ୍ରୀଡ଼ାବିତ୍‌ମାନେ ସ୍ୱଦେଶୀ ଗ୍ରହଣ କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ଉପସ୍ଥିତ ଥିବା ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ବ୍ଲକ୍ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ଭାଜପା ଜିଲ୍ଲାସ୍ତରୀୟ ନେତୃମଣ୍ଡଳୀଙ୍କ ମଧ୍ୟରେ ସୁନାକର ବେହେରା, ସଲିମ୍ ଖାଁ, ସରୋଜକାନ୍ତ ସାହୁ, ପ୍ରଶାନ୍ତ କୁମାର ସେଠୀ, ମିଳନ ଦେବନାଥ, ତରୁଣକାନ୍ତ କାଞ୍ଜିଲାଲ, ପ୍ରସନ୍ନ କୁମାର ବେହେରା, ଚନ୍ଦ୍ରକାନ୍ତ ସ୍ୱାଇଁ, ବଙ୍କି ଦେବନାଥ, ତ୍ରିଲୋଚନ ରାଉତ, ମାନସ ମହାନ୍ତି, ସୌଭାଗ୍ୟ ବାହାଲିଆ ପ୍ରମୁଖ ଯୋଗଦେଇଥିଲେ।

# ଭଦ୍ରକକୁ ହରାଇ ଯାଜପୁର ବିଜୟୀ

ଡେରାବିଶ, ୮।୧୨ (ବେବର୍ତ୍ତା ଅଜୟ ଦାସ)

**ରାଜ୍ୟସ୍ତରୀୟ ଜୟଦୁର୍ଗା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ଡେରାବିଶ ବ୍ଲକ ଅନ୍ତର୍ଗତ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ଜୟଦୁର୍ଗା ଆଥଲେଟିକ ଆସୋସିଏଶନ୍ ଆନୁକୂଲ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମାର୍ଦ୍ଧ ଖେଳରେ ପ୍ରଥମେ ଭଦ୍ରକ ଦଳ ଯାଜପୁରକୁ ଗୋଟିଏ ଗୋଲ ଦେଇଥିବା ବେଳେ ୭ ମିନିଟ ବ୍ୟବଧାନରେ ଯାଜପୁର ଟିମ୍ ଭଦ୍ରକକୁ ଗୋଟିଏ ଗୋଲ ଦେଇ ସ୍ଥିତି ବରାବର କରିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ଖେଳରେ ଯାଜପୁର ଟିମ୍ ଭଦ୍ରକକୁ ଶେଷ ମୂହୁର୍ତ୍ତରେ ଗୋଟିଏ ଗୋଲ ଦେଇ ୨-୧ ରେ ମ୍ୟାଚ ଜିତି ନେଇଥିଲା। ସୁଶାନ୍ତ ବିଶ୍ୱାଳ, ଜିତେନ୍ଦ୍ର ବାରିକ ଓ ରିଆଜ କାଦ୍ରୀ ମ୍ୟାଚ ପରିଚାଳନା କରିଥିଲେ। ଆସୋସିଏଶନର ସଭାପତି ନୃସିଂହ ଚରଣ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅନୁଷ୍ଠାନର ସମ୍ପାଦକ ଶ୍ରୀଧର ସ୍ୱାଇଁ, ଉପସଭାପତି ଗୋଲକ ସ୍ୱାଇଁ ଓ କୋଷାଧ୍ୟକ୍ଷ ବାବୁଲି ସ୍ୱାଇଁ ଯାଜପୁରର ସୁମନ ଦାସଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ। ବିଶ୍ୱ ରଞ୍ଜନ ସାମଲ, ସୁଶାନ୍ତ କୁମାର ସାହୁ, ରାମଚନ୍ଦ୍ର ସେଠୀ, ଅଭୟ ମଲିକ ଓ କୈଳାସ ଲେଙ୍କା ଖେଳ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିମାନେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

# ଏମ୍‌ପି ଖେଳ ମହୋତ୍ସବରେ ୩ଶହ ଛାତ୍ରୀଛାତ୍ର

ମାର୍ଶାଘାଇ,୮।୧୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅଙ୍ଗୁଲାଇ ହାଇସ୍କୁଲ ଖେଳପଡ଼ିଆରେ ବ୍ଲକସ୍ତରୀୟ ଏମପି ଖେଳ ମହୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ୩ ଟି ଜୋନର ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ରିଲେ ରେସ, ଭଲିବଲ, କବାଡି, ଦୌଡ଼, ହାଇଜମ୍ପ, ଲଙ୍ଗ ଜମ୍ପ, ଡ଼ିସକାସ ଥ୍ରୋ ଖେଳା ଯାଇଥିଲା। ମାର୍ଶାଘାଇ ବ୍ଲକ ଏବିଇଓ ସୁଶାନ୍ତ କୁମାର ବେଉରା, କେନ୍ଦ୍ରାପଡ଼ା ଏମ୍‌ପିଙ୍କ ପ୍ରତିନିଧି ତଥା ଜିଲ୍ଲା ଭାଜପା ସଭାପତି ଶଶାଙ୍କ ଶେଖର ସେଠୀ, ଜିଲ୍ଲା କୋଷାଧ୍ୟକ୍ଷା ନାରୀନେତ୍ରୀ ପ୍ରତିମା ନାୟକ, କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ଆଇଟି ସେଲ ସଂଯୋଜିକା ରାଜଲକ୍ଷ୍ମୀ ଦାସ, ଜୀବନାନନ୍ଦ ସାହୁ, ଏମପି ଖେଳ ମହୋତ୍ସବ କାର୍ଯ୍ୟକ୍ରମର ମାର୍ଶାଘାଇ ବ୍ଲକ ସଂଯୋଜକ ପ୍ରଶାନ୍ତ କୁମାର ସାହୁ, ନିଗମ ପ୍ରସାଦ ରଥ, ପ୍ରସନ୍ନ କୁମାର ସାହୁ, ପ୍ରଭାତ କୁମାର ନାୟକ, ବିଘ୍ନେଶ୍ୱର ନାୟକ, ରଶ୍ମିରଞ୍ଜନ ରାଉତରାୟ, ହିରଣ୍ୟ ମହାପାତ୍ର, ଚିତ୍ତରଞ୍ଜନ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ସାମାଜିକ କର୍ମୀ ଗଗନ ବିହାରୀ ମନ୍ତ୍ରୀ ଓ ଭଗବାନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଅଙ୍ଗୁଲାଇ ପଞ୍ଚାୟତ ସଭାପତି ବାଇଧର ରାଉତ, ଗଙ୍ଗାଧର ମନ୍ତ୍ରୀ, ବିଜୟ ମନ୍ତ୍ରୀ, ପୂର୍ବତନ ଜିଲ୍ଲା ଓବିସି ମୋର୍ଚ୍ଚା ସମ୍ପାଦକ ସିଲୁ ପ୍ରସାଦ ମହାରଣା, ଗୋଲକ ସାମଲ, କୁହୁଡି ପଞ୍ଚାୟତ ସଭାପତି କାହ୍ନୁ ପରିଡ଼ା, ଗାୟଚାନ୍ଦ ପରିଡ଼ା, ସସ୍ମିତା ସାମଲ, ଅରବିନ୍ଦ ରାଉତ, ରଞ୍ଜିତ ସ୍ୱାଇଁ, ଉତ୍ତମ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ।



ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ଆର. ଏନ. ହାଇସ୍କୁଲରେ ବନ୍ଧୁ ମିଳନ, ଗୁରୁ ପୂଜନ

ରାଜକନିକା,୮।୧୨(ରବୀନ୍ଦ୍ର କୁମାର ଦାସ)

ଦୁନିଆର ସବୁଠାରୁ ମହନୀୟ ସମ୍ପର୍କ ବନ୍ଧୁତାକୁ କେବେ ହେଲେ ବିଚ୍ଛିନ୍ନ କରିବା ଉଚିତ ନୁହେଁ। ବିପଦ ସମୟରେ ପ୍ରକୃତ ସାଥିଟିଏ ହିଁ କେବଳ ପାଖରେ ଛିଡା ହୋଇ ସାହସ ଓ ଆଶା-ଆଶ୍ୱାସନା ଦେଇଥାଏ। ସେହିପରି ଶିକ୍ଷା ଗୁରୁମାନଙ୍କ ଅବଦାନ ଜୀବନରେ ଅବିସ୍ମରଣୀୟ ରହିବା ଉଚିତ ବୋଲି ରବିବାର ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ୧୯୭୬ ବ୍ୟାଚ ସହପାଠୀଙ୍କ ବନ୍ଧୁ ମିଳନ, ଗୁରୁ ପୂଜନ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସହପାଠୀମାନେ ଏକତ୍ରିତ ହୋଇ ଅତୀତର ସ୍ମୃତି ରୋମନ୍ଥନ ସହ ଭାବ ବିନିମୟ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ରମାନେ ସେ ସମୟର ଶିକ୍ଷକ ରାଧାକୃଷ୍ଣ ନାୟକ, ବିଶ୍ୱନାଥ ବଳ, ପଦ୍ମ ଚରଣ ବେହେରା, ଗୋପୀନାଥ ଦାଶ ଓ କର୍ମଚାରୀ ରବି ଜେନା ଆଦିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ମିଳିତ ଅଭିଯୋଗ ଶୁଣାଣି ଶିବିର: ୧୧୫ ଅଭିଯୋଗ

ମହାକାଳପଡ଼ା, ୮।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ସଭାଗୃହଠାରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୧୫ ବିଭିନ୍ନ ଅଭିଯୋଗର ପତ୍ର ଉପରେ ଜିଲ୍ଲାପାଳ ରଘୁରାମ ଆର୍. ଆୟର ତ୍ୱରିତ ପଦକ୍ଷେପ ଗ୍ରହଣ କରିଥିଲେ। ବିଶେଷକରି ବିଧବାଭତ୍ତା, ରାଶନ କାର୍ଡ, ପାନୀୟଜଳ, ଶିଶୁ ବିକାଶ, ନୂତନ ବିଦ୍ୟାଳୟ ଗୃହ ନିର୍ମାଣ, ଅଙ୍ଗନୱାଡି ଗୃହ ନିର୍ମାଣ, ଜଗରୀ ଜୋର ହାଟଠାରେ ଗୋଶାଳା ନିର୍ମାଣ, ଧାନମଣ୍ଡି ସମସ୍ୟା, ଆବାସ ଗୃହ ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ, ପଳାସପୁର ଗ୍ରାମର ଦଳିତ ଦୃଷ୍ଟିବାଧକ ଦମ୍ପତିଙ୍କ ନାମରେ ବ୍ୟାଙ୍କ ଲୋନ୍ ବେଆଇନ ଭାବେ ଦଲାଲ ଅର୍ଥ ଉଠାଇବା ଅଭିଯୋଗ, ଜଆଁରା ଗ୍ରାମରେ ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପ ଗୃହ ବେଆଇନ ଭାବରେ ଦଖଲକୁ ଉଚ୍ଛେଦ କରିବା, ରାମଚଣ୍ଡୀ ମନ୍ଦିର ଜମି ଜବରଦଖଲ ଉଚ୍ଛେଦ କରିବା ଉପରେ ତ୍ୱରିତ ଶୁଣାଣିକରି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ନିମାଳି ଗଡ଼ ରିଫାଇନେରି ପାରାଦୀପ ସିଲିଗୁଡ଼ି ଗ୍ୟାସ୍ ପାଇପ ଲାଇନ ପ୍ରକଳ୍ପ କ୍ଷତିଗ୍ରସ୍ତ କୃଷକ ଏକତା ମଞ୍ଚ ପକ୍ଷରୁ ଛେଡାକଣି ମୌଜା ଓ ଆଖପାଖ ଚାଷୀମାନେ ଅଭିଯୋଗ ପତ୍ର ପ୍ରଦାନ କରି ଆପତ୍ତି ଜଣାଇଥିଲେ। ଉପସ୍ଥିତ ଥିବା ଅଧିକାରୀମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼, ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ବିଡିଓ ତଥା ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଉପସ୍ଥିତ ଥିଲେ।


ଶିବିରରେ ଦୃଷ୍ଟିବାଧିତ ଦମ୍ପତିଙ୍କ ଅଜାଣତରେ ବ୍ୟାଙ୍କରୁ ଲୋନ୍ ଉଠାକୁ ନେଇ ଜିଲ୍ଲାପାଳଙ୍କୁ ଗୁହାରି କରୁଛନ୍ତି।


**OFFICE OF THE**
**REGULATED MARKET COMMITTEE, KENDRAPARA**
At/P.O.- Jamadhar, Dist- Kendrapara - 754211
(Ph.No.220398(06727)/ email-rmckendrapara@gmail.com/ website- rmckendrapara.com)
No.H-
**SHORT TENDER CALL NOTICE**
Tender Call Notice:-No.325 Date:-29.11.2025

1. The Collector & District Magistrate- cum-Chairman of RMC, Kendrapara invites rate Quoted sealed tenders / Quotation from authenticated Suppliers / Manufactures having valid GST and PAN for purchase of following grading equipments to be required for paddy procurement purpose during KMS 2025-26.

| Sl. No. | Name of the items/grading equipments | Unit/Numbers required |
|---|---|---|
| 1 | Weighing Scale SANSUI & ESSEA | 50 |
| 2 | Analysis Kit | 25 |
| 3 | Moisture Meter | 33 |
| 4 | CCTV Camera | 50 |
| 5 | Seeds Mini Grader | 25 |
| 6 | One 09 Ltr. Capacity of water type Fire extingwisher @ ISI Mark | 140 |

2. The details technical specification of above required equipments as framed by the O.S.A.M. Board, Bhubaneswar is attached with this notice separately must be followed.
3. The rate of items, make/model of items which Qualify the specification of OSAM Board along with rate of others taxes & free warranty period etc. must be mentioned in the Quotation and should reached to the RMC Office, Kendrapara by 4.00 P.M of dt-15.12.2025 positively through registered post.
4. Undersigned reserved the right to cancell the above notice without assigning any reason thereof.
5. The details specification of the equipments as prescribed by R.M.C, Kendrapara may be downloaded from Kendrapara District website (www.kendrapara.odisha.gov.in) from dated 01.12.2025 10.00 A.M to dt.14.12.2025 up to 5.00 P.M.
6. The tender paper will be open on dt-17.12.2025 at 11.30 A.M in the office chamber of RMC, Kendrapara.
7. Manufacture/ Their authorized Dealer/ Reputed firm are eligible to quote in this tender. Authorized dealer should attach letter of authority from principal Manufacturer to quote in this tender.
8. The mentioned items must be delivered within 7 days from the issuance of purchase Order/ Contract.
9. Bidder should furnish copy of GST, PAN, latest GST return copy, ITR, Audited balance sheet of last two financial year, ISO certificate and Trade license copy.
10. Bidder should submit the GST, PAN ISO certificate and CE certificate of Manufacturer, if the bidder is Authorized Dealer.
11. Bidder must submit a notarized latest affidavit in non-judicial stamp paper of value Rs.100.00 after the date of publication of bid that their firm has not been blacklisted by any PSU / Central or State Govt. Department.
12. In case of any damage of supplied material during transportation, loading and unloading, that will be replaced by the bidder free of cost.
13. The Rate offered by the bidder will be inclusive of all taxes, cost of transportation till destination and installation and commissioning
14. Supplier shall arrange all items including consumables required during time of installation, commissioning and demonstration. However Purchaser shall provide electrical point and power supply at Regulated Market Committee , Kendrapara.
15. If the successful L1 bidder fails to supply the required items within prescribed time period, then L2 bidder may be invited to supply the same as per quoted price of L1 bidder with same terms and conditions, if agree.
16. Tender Processing Fees: Bidder should submit DD of any Nationalized Bank of Rs.5000.00 in favour of Regulated Market Committee, Kendrapara and payable at Kendrapara against tender processing fees / tender cost (Non-refundable) & the original DD along with the bid documents should reach the RMC, Kendrapara Office before the closing date of the bid through speed / registered post.
17. Earnest Money Deposit (EMD): Bidder should submit EMD of Rs. 50,000/- in shape of DD of any Nationalized Bank in favour of Regulated Market Committee, Kendrapara and payable at Kendrapara the original EMD along with the bid documents should reach the RMC, Kendrapara Office before the closing date through speed / registered post. The EMD deposited by the successful bidder will be retained as the security deposit. Retained Money shall be refunded after one year from the date of successful completion of delivery.

OIPR-01580/11/0001/2526
**Sd./- Collector & D.M.-cum-Chairman, RMC, Kendrapara**

## ଜାତୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା କାଂସ୍ୟ ଜିତିଥିବା ସୋହନଙ୍କୁ ସ୍ୱାଗତ

ଛତ୍ରପୁର,୮।୧୨ (ଦିଲୀପ ସାମଲ): ଛତ୍ରପୁର ନିକଟ ଧ୍ରୁବେଶ୍ୱର ବିଦ୍ୟାପୀଠର ନବମ ଶ୍ରେଣୀ ଛାତ୍ର ଏସ୍. ସୋହନ ରେଡ୍ଡୀ ଅରୁଣାଞ୍ଚଳ ପ୍ରଦେଶରେ ହୋଇଥିବା ଜାତୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଛନ୍ତି। ୧୭ ବର୍ଷରୁ କମ୍ ବର୍ଗରେ ଟାଏକୋଣ୍ଡୋରେ ସେ ଏହି ପଦକ ପାଇଛନ୍ତି। ସେ ଗଞ୍ଜାମ ବଡ଼ମାଧପୁର ଟାଏକୋଣ୍ଡୋ ଏକାଡେମୀରେ ପ୍ରଶିକ୍ଷଣ ନେଉଥିଲେ। ଶନିବାର ସୋହନ ଗାଁକୁ ଫେରିବା ପରେ ତାଙ୍କୁ ଆଡ଼ମ୍ବରରେ ସ୍ୱାଗତ କରାଯାଇଛି। ଧ୍ରୁବେଶ୍ୱର ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ରାଜକିଶୋର ପାଣିଗ୍ରାହୀ, ଶାରୀରିକ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ଶତପଥୀ ତଥା ବଡ଼ମାଧପୁର, ଗଞ୍ଜାମ ଟାଏକୋଣ୍ଡୋ ଏକାଡେମୀର ପ୍ରଶିକ୍ଷକ ଇ. ଲଳିତ କୁମାର, ଜିଲା ଟାଏକୋଣ୍ଡୋ ସଂଘର ସମ୍ପାଦକ କେ ମନୋଜ ପ୍ରଧାନ, ଶ୍ୟାମାକାଳୀ ଯୁବକ ସଂଘ ଓ ଗ୍ରାମବାସୀ ଶୁଭେଚ୍ଛା ଜଣାଇଛନ୍ତି।

# ୬୫ ବର୍ଷର ବିଦ୍ୟାଳୟରେ ନାହିଁ ମୌଳିକ ସୁବିଧା

ଦାରିଙ୍ଗବାଡ଼ି,୮।୧୨(ଅରୁଣ ସାହୁ)



■ନାହିଁ ନାହିଁରେ ଚାଲିଛି ସୁଜାମାଙ୍କୁ ବିଦ୍ୟାଳୟ
■ଶୌଚ ପାଇଁ ପାହାଡ଼, ଜଙ୍ଗଲ ଭରସା

ଦାରିଙ୍ଗବାଡ଼ି ବ୍ଲକ ପର୍ଷାମାହା ପଞ୍ଚାୟତ ସୁଜାମାଙ୍କୁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାର ୬୫ ବର୍ଷ ବିତିଲାଣି। ମାତ୍ର ଛାତ୍ରୀଛାତ୍ରମାନେ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ଏହି ବିଦ୍ୟାଳୟରେ ବାଟିକାଠାରୁ ଦଶମ ପର୍ଯ୍ୟନ୍ତ ୨୩୦ ଛାତ୍ରୀଛାତ୍ର ପଢୁଛନ୍ତି। ସେମାନଙ୍କ ମଧ୍ୟରେ ତୃତୀୟରୁ ଦଶମ ପର୍ଯ୍ୟନ୍ତ ଅନୁସୂଚିତ ଜନଜାତି ଛାତ୍ରୀଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା ରହିଛି। ନବମ ଓ ଦଶମ ଶ୍ରେଣୀ ପାଇଁ ସ୍ୱତନ୍ତ୍ର କୋଠା ଓ ସ୍ମାର୍ଟ ବିଦ୍ୟାଳୟ ରହିଛି। କିନ୍ତୁ ବାଟିକାଠାରୁ ଅଷ୍ଟମ ପର୍ଯ୍ୟନ୍ତ ପଢୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ପାଚେରି କି ପାଇଖାନା ବ୍ୟବସ୍ଥା ନାହିଁ। ମୁଖ୍ୟ ଫାଟକ ନ ଥିବାରୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପଛପାଖରେ ରହିଥିବା ପାହାଡ଼, ଜଙ୍ଗଲକୁ ସୌଚ ପାଇଁ ଯାଉଥିବା ଛାତ୍ରୀ ଫିଲାମିନା ପ୍ରଧାନ, ରଙ୍କିତା ପ୍ରଧାନ କହିଛନ୍ତି। କେବଳ ଛାତ୍ରୀଛାତ୍ର ନୁହନ୍ତି, ଶିକ୍ଷାଦାନ କରୁଥିବା ୭ ଶିକ୍ଷୟିତ୍ରୀଶିକ୍ଷକ ମାନେ ମଧ୍ୟ ବିଦ୍ୟାଳୟଠାରୁ କିଛି ଦୂରକୁ ସୌଚ ପାଇଁ ଯାଉଥିବା ସହକାରୀ ଶିକ୍ଷକ ପ୍ରସନ୍ନ ନାୟକ, ଅନନ୍ତ ନାୟକ କହିଛନ୍ତି। ଏନେଇ ପ୍ରଧାନ ଶିକ୍ଷକ ମାନସ ଖମାରୀ କହିଛନ୍ତି, ବିଦ୍ୟାଳୟ ସମସ୍ୟା ନେଇ ସେ ମୌଖିକ ଭାବେ ବିଡିଓ ଓ ବିଇଓଙ୍କୁ ଅବଗତ କରିଥିଲେ। ଏବେ ଲିଖିତ ଜଣାଇବେ। ବିଡ଼ିଓ ପ୍ରତିରଞ୍ଜନ ରଥଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ସମ୍ପର୍କରେ ସେ ଅବଗତ ଅଛନ୍ତି। ଆସନ୍ତା ୩ ମାସ ମଧ୍ୟରେ ବିଦ୍ୟାଳୟରେ ସୌଚାଳୟ ନିର୍ମାଣ କରାଯିବ। ଏଥିସହ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ତାରବାଡ଼ କରାଯିବା ସହ ରହିଥିବା ମୁଖ୍ୟ ଫାଟକ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ହେବ ବୋଲି ବିଡିଓ ରଥ କହିଛନ୍ତି।

## ନୂତନ ଜିଲା ଜଜ୍‌ଙ୍କୁ ସମ୍ବର୍ଦ୍ଧନା



ଛତ୍ରପୁର,୮।୧୨(ଦିଲୀପ ସାମଲ): ଛତ୍ରପୁର ଓକିଲ ସଂଘ ପକ୍ଷରୁ ସୋମବାର ନୂତନ ଜିଲା ଜଜ୍ ଅଶାନ୍ତ କୁମାର ଦାଶଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଛତ୍ରପୁର ଓକିଲ ସଂଘ ସଭାପତି ପ୍ରଦୀପ କୁମାର ପାଢ଼ୀ ପ୍ରଥମେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲା ଜଜ ପ୍ରଦୀପ କୁମାର ସାମଲ, ସବ ଜଜ ପୂଜା ଦେ, ଏଡିଜେଏମ ପ୍ରୀତିଶ କୁମାର ରଥ, ଜେଏଫସି ସ୍ୱାଗତିକା ସ୍ୱାଇଁ, ଛତ୍ରପୁର ଓକିଲ ସଂଘ ଉପସଭାପତି ଚୈତନ୍ୟ ପ୍ରଧାନ, ଲାଇବ୍ରେରୀ ସେକ୍ରେଟାରୀ ବିଶ୍ୱ ଭୂଷଣ ପାଢ଼ୀ, ଆସିଷ୍ଟାଣ୍ଟ ସେକ୍ରେଟାରୀ ପି. କେଶବ ରେଡ୍ଡୀ, ଯୁଗ୍ମ ସମ୍ପାଦକ ଅନାମ ପ୍ରଧାନ ଓ କାର୍ଯ୍ୟ କାରି ସଦସ୍ୟ ଶିବ ପ୍ରସାଦ ସାହୁଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଏହି ଅବସରରେ ସଂଘ କାର୍ଯ୍ୟାଳୟରେ ଇ - ଲାଇବ୍ରେରୀ ସହିତ ଛତ୍ରପୁର ଠାରେ ନୂତନ ପୋକ୍‌ସୋ କୋର୍ଟ ପ୍ରତିଷ୍ଠା ନିମନ୍ତେ ସଂଘ ପକ୍ଷରୁ ସଭାପତି ପାଢ଼ୀ ନୂତନ ଜିଲା ଜଜଙ୍କୁ ଅନୁରୋଧ କରିଥିଲେ।

## ସିପିଆଇର ଶତବାର୍ଷିକୀ ଉତ୍ସବ ପ୍ରସ୍ତୁତି ବୈଠକ

ଛତ୍ରପୁର,୮।୧୨(ଦିଲୀପ ସାମଲ): ଆସନ୍ତା ୨୩ ତାରିଖରେ ଛତ୍ରପୁରଠାରେ ସିପିଆଇର ଶତବାର୍ଷିକ ଉତ୍ସବ ପାଳନ ହେବ। ଏଥିରେ ପାର୍ଟିର କେନ୍ଦ୍ରୀୟ ସମ୍ପାଦକ କେ. ରାମକ୍ରିଷ୍ଣା ଓ ରାମ କୃଷ୍ଣ ପଣ୍ଡାଙ୍କ ସମେତ ବହୁ ରାଜ୍ୟ ନେତୃବୃନ୍ଦ ଯୋଗଦେବେ। ଏନେଇ ସୋମବାର ଛତ୍ରପୁରସ୍ଥିତ ଲକ୍ଷ୍ମଣ ଭବନ ପରିସରରେ ଏକ ବୈଠକ ବରିଷ୍ଠ ନେତା ଏସ. କ୍ରିଷ୍ଣା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଆଶିଷ କାନୁନଗୋ ଯୋଗ ଦେଇ (ଚଣ୍ଡିଗଡ଼ କାର୍ଯ୍ୟକ୍ରମର ରିପୋର୍ଟ ପାଠ କରି ଶତ ବାର୍ଷିକ ଉତ୍ସବକୁ ସଫଳ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ପୂର୍ବତନ ବିଧାୟକ ତଥା ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଏନ. ନାରାୟଣ ରେଡ୍ଡୀ ଏବଂ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରକାଶ ପାତ୍ର ଯୋଗଦେଇ ଦଳକୁ କିପରି ମଜଭୁତ କରାଯିବ ତାହା ଉପରେ ଆଲୋକପାତ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ମାରଣ ନୀତିକୁ ସମାଲୋଚନା କରିଥିଲେ। ଅପରାହ୍ନରେ ଛତ୍ରପୁର ସହରରେ ଗଣ ପାଣ୍ଠି ଆଦାୟ କରାଯାଇଥିଲା। ନେତାମାନେ ଦୋକାନ ଦୋକାନ ବୁଲି ପାଣ୍ଠି ସଂଗ୍ରହ କରିଥିଲେ।

# ଅର୍ଜୁନପଲିରେ ହେବ ଉପସ୍ୱାସ୍ଥ୍ୟ କେନ୍ଦ୍ର

କବିସୂର୍ଯ୍ୟନଗର,୮।୧୨ (କୃପାସିନ୍ଧୁ ସ୍ୱାଇଁ) ଘର ପାଖରେ ସ୍ୱାସ୍ଥ୍ୟସେବା ପାଇବା ପାଇଁ ଅର୍ଜୁନପଲିଠାରେ ଏକ ଉପସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ହେବ। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ଅନୁଦାନ ୩୪ ଲକ୍ଷ ଟଙ୍କା ବ୍ୟୟରେ କବିସୂର୍ଯ୍ୟନଗର ବ୍ଲକ ବାଉଁଶିଆ ପଞ୍ଚାୟତର ଅର୍ଜୁନପଲିଠାରେ ଏହା ନିର୍ମାଣ କରାଯିବ। ଏଥିପାଇଁ ସୋମବାର କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ମେଡିକାଲ କୋଠାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ବିଧାୟକ ନାୟକ କହିଲେ, ସରକାର ସବୁବେଳେ ଲୋକଙ୍କ ସ୍ୱାସ୍ଥ୍ୟସେବା ନେଇ ସଚେତନ ଅଛନ୍ତି। କେହି ଯେପରି ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଗୁରୁତ୍ୱାରୋପ କରାଯାଉଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଉଁଶିଆ ସରପଞ୍ଚ ପ୍ରତିନିଧି ଗୌତମ ଦାସ, ମଣ୍ଡଳ ସଭାପତି ଅଶୋକ ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୀତାମ୍ବର ସେଠୀ,ବି. ଶଙ୍କର ପାତ୍ର, ପୀତାବସ ବିଶ୍ୱାଳ, ଗ୍ରାମ୍ୟ ନିର୍ମାଣ ଉପ ନିର୍ବାହୀ ଯନ୍ତ୍ରୀ ବାଦଲ ପାଢ଼ୀ, ଯନ୍ତ୍ରୀ ଗିରିଶ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ସମବାୟ କେନ୍ଦ୍ର ବ୍ୟାଙ୍କ, ଡାକଘରୁ ଲୁଟ ଉଦ୍ୟମ



ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ଓ ପୋଷ୍ଟ ଅଫିସ।

ଆସିକା,୮।୧୨(ସୁରେନ୍ଦ୍ର ନାଥ ସାହୁ): ଆସିକା ଥାନା ଅନ୍ତର୍ଗତ ନୂଆଗାଁ ଚିନିଶିଳ୍ପ ସଂଲଗ୍ନ ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ଓ ପାଖରେ ଥିବା ଡାକଘର ଶାଖାରୁ ରବିବାର ରାତିରେ ଲୁଟ ଉଦ୍ୟମ ହୋଇଛି। ଲୁଟେରା ବ୍ୟାଙ୍କର ସାମନାପଟ ଓ ପଛପଟ ତାଲା ଭାଙ୍ଗି ଭିତରେ ପଶି ଲକରକୁ ମଧ୍ୟ କାଟିବା ପାଇଁ ଉଦ୍ୟମ କରିଥିଲେ। ସେଥିରେ ବିଫଳ ହେବା ପରେ ଡାକ ଘର ଶାଖାକୁ ଯାଇଥିଲେ । ସେଠାରେ ମଧ୍ୟ ତାଲା କାଟି ଭିତରକୁ ଯାଇଥିଲେ ମଧ୍ୟ ଟଙ୍କା ପଇସା ନ ପାଇ କାଗଜପତ୍ର ଓ ପାର୍ସଲ ସବୁ ଫିଙ୍ଗାଫୋପଡା କରିଥିବା ଦେଖାଯାଇଛି। ଅଭିଯୁକ୍ତ ତାଲା କାଟିବା ଲାଗି ଗ୍ୟାସ କଟର ବ୍ୟବହାର କରିଥିବା ଜଣାପଡ଼ିଛି । ଘଟଣା ସମ୍ପର୍କରେ ବ୍ୟାଙ୍କ ଶାଖା ଓ ଡାକଘର ପକ୍ଷରୁ ବିଭାଗୀୟ ଅଧିକାରୀ ଓ ପୋଲିସର ଦୃଷ୍ଟି ଆକର୍ଷଣ କରାଯାଇଛି। ଆସିକା ଏସ୍‌ଡିପିଓ ସନ୍ତୋଷ ଜେନା, ଥାନା ଅଧିକାରୀ କୁଳମଣି ସେଠୀ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛନ୍ତି । ଛତ୍ରପୁରରୁ ସାଇଣ୍ଟିଫିକ ଟିମ୍ ଓ ପୋଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛି। ସନ୍ଧ୍ୟା ସୁଦ୍ଧା ଲୁଟେରାଙ୍କ ସମ୍ପର୍କରେ କୌଣସି ପତ୍ତା ମିଳିପାରି ନାହିଁ। ସୂଚନାଯୋଗ୍ୟ,ଗତ ୨୩ ତାରିଖ ରାତିରେ ସେହି ପୋଷ୍ଟ ଅଫିସ ଶାଖାରୁ ଲୁଟେରା କିଛି ନପାଇ ଫେରିଥିଲେ।

## ଗଜପତି ଉତ୍ସବ ପ୍ରସ୍ତୁତି ବୈଠକ ବାତିଲ

ପ୍ରତିବର୍ଷ ଡିସେମ୍ବର ଶେଷ ସପ୍ତାହରେ ହୁଏ ଉତ୍ସବ

ପାରଳାଖେମୁଣ୍ଡି,୮।୧୨(ଗିରିଧାରୀ ପରିଚ୍ଛା) ଚଳିତ ବର୍ଷ ଗଜପତି ଉତ୍ସବ ପାଳନ ପାଇଁ ଶନିବାର ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ କରାଯିବାକୁ ଧାର୍ଯ୍ୟ ହୋଇଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ବୈଠକକୁ ବାତିଲ କରାଯାଇଛି। ଫଳରେ ଚଳିତବର୍ଷ ଗଜପତି ଉତ୍ସବ ପାଳନ ହେବ କି ନାହିଁ ସେ ନେଇ ଆଶଙ୍କା ପ୍ରକାଶ ପାଇଛି। ପ୍ରତିବର୍ଷ ଡ଼ିସେମ୍ବର ଶେଷ ସପ୍ତାହକୁ ଉତ୍ସବ ପାଳନ କରାଯାଇଥାଏ। ଏଥିପାଇଁ ଗୋଟିଏ ମାସ ପୂର୍ବରୁ ପ୍ରସ୍ତୁତି ବୈଠକ ବସେ। ବୈଠକରେ ଆଲୋଚନା କରାଯାଇ ତାରିଖ ଘୋଷଣା ହୁଏ। ଅଧିକାରୀମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଏ। ତେବେ ଚଳିତବର୍ଷ ବହୁ ବିଳମ୍ବରେ ଏଥିପାଇଁ ପ୍ରସ୍ତୁତି ବୈଠକ ବସିବାକୁ ସ୍ଥିର ହୋଇଥିଲେ ମଧ୍ୟ ଏହାକୁ ବାତିଲ କରାଯାଇଛି। ଏ ଦିଗରେ ଖୁବ୍ ଶୀଘ୍ର ପଦକ୍ଷେପ ନେଇ ଗଜପତି ଉତ୍ସବ ପାଳନ କରିବାକୁ ପାରଳାବାସୀ ଦାବି କରିଛନ୍ତି।

## ଫାଟୁଆ ରୋଗ ନିୟନ୍ତ୍ରଣ ପାଇଁ ବିଭାଗର ପଦକ୍ଷେପ

# ୩୭ ହଜାର ଗାଈ, ବଳଦଙ୍କୁ ଟିକାକରଣ ଲକ୍ଷ୍ୟ

ଦାରିଙ୍ଗବାଡ଼ି, ୮।୧୨ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ପ୍ରଶାସନ ଗାଈ, ବଳଦଙ୍କୁ ହେଉଥିବା ଫାଟୁଆ ରୋଗ ପ୍ରତିଷେଧକ ପାଇଁ ଯୋଜନା ପ୍ରସ୍ତୁତ କରିଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ବ୍ଲକ ଅଞ୍ଚଳର ୨୫ଟି ପଞ୍ଚାୟତର ଗାଈ ଓ ବଳଦଙ୍କୁ ପ୍ରତିଷେଧକ ଟିକା ଦେବାକୁ ନିଷ୍ପତ୍ତି ନେଇଛି। ଏହି ଅନୁସାରେ ୩୭ ହଜାର ଗାଈ,ବଳଦଙ୍କୁ ଟିକାକରଣ କରାଯିବ। ଏନେଇ ବିଭାଗ ଫାଟୁଆ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଲୋକଙ୍କୁ ସଚେତନ କରିଛି। ପ୍ରାଣୀମିତ୍ର, ପ୍ରାଣୀଧନ ନିରୀକ୍ଷକ ଏବଂ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନିକ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରୁଛି। ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନିକ ଗାଈ, ବଳଦମାନଙ୍କୁ ଫାଟୁଆ ରୋଗରୁ ଦୂରେଇ ରଖିବାକୁ ନଭେମ୍ବର ୧୫ ତାରିଖରୁ ଟିକାକରଣ କରୁଛନ୍ତି। ଆସନ୍ତା ୩୧ ସୁଦ୍ଧା ଏହି କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ପୁଣି ୬ ମାସ ପରେ ଦ୍ୱିତୀୟ ଥର ପାଇଁ ଏହି ଟିକାକରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନିକ ଇନଚାର୍ଜ ଡାକ୍ତର ଜଗନ୍ନାଥ ଘଡେଇ କହିଛନ୍ତି। ସୂଚନାଯୋଗ୍ୟ, ଶନିବାରଠାରୁ ସୋମବାର ପର୍ଯ୍ୟନ୍ତ ଦାରିଙ୍ଗବାଡ଼ି ବ୍ଲକର କିରିକୁଟି, ସିମନବାଡ଼ି ଅଞ୍ଚଳରେ ସିମନବାଡ଼ି ପ୍ରାଣୀଧନ ନିରୀକ୍ଷକ ସ୍ୱୟଂପ୍ରଜ୍ଞା ଦଳେଇ, ପ୍ରାଣୀମିତ୍ର ମିତାଞ୍ଜଳି ନାୟକ ଟିକାକରଣ ସମ୍ପନ୍ନ କରିଛନ୍ତି।



ଭ୍ରାମ୍ୟମାଣ ଡାକ୍ତରୀ ଟିମ୍ ଗାଈବଳଦଙ୍କୁ ଟିକାରଣ କରୁଛନ୍ତି।

## ବ୍ଲକସ୍ତରୀୟ କୁଇଜ୍‌ରେ ଭାଗନେଲେ ୨୦୫ ଛାତ୍ରୀଛାତ୍ର

ଧରାକୋଟ,୮।୧୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ଧରାକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୁଲ୍ୟରେ ବ୍ଲକସ୍ତରୀୟ କୁଇଜ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକସ୍ତରର ସମସ୍ତ ବିଦ୍ୟାଳୟର ଉପକନିଷ୍ଠ, କନିଷ୍ଠ ଓ ବରିଷ୍ଠ ବର୍ଗର ତୃତୀୟ ଶ୍ରେଣୀରୁ ଯୁକ୍ତ ୨ ଶ୍ରେଣୀ ପର୍ଯ୍ୟନ୍ତ ୨୦୫ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ୩ଟି ବର୍ଗର ୧୦ ଛାତ୍ରୀଛାତ୍ର ଏଥିରେ କୃତକାର୍ଯ୍ୟ ହୋଇଥିବା ବେଳେ ଅନ୍ୟମାନଙ୍କୁ ସ୍ୱାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଇଓ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଡିଓ ସଂଗ୍ରାମ କେଶରୀ ଜେନା, ତହସିଲଦାର ଲମ୍ବୋଦର ମାରାଣ୍ଡି, ସମ୍ମାନିତ ଅତିଥି ଭାବରେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ଡାକ୍ତର ସଚ୍ଚିଦାନନ୍ଦ ବିଷୋୟୀ, ଏବିଇଓ ବିଭୂତି ଭୂଷଣ ପାତ୍ର, ଖବରଦାତା ହୃଦାନନ୍ଦ ଜେନା,ପୂର୍ବତନ ଏବିଇଓ ସିମାଞ୍ଚଳ ବେହେରା ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନର ବିକାଶ ପାଇଁ ଏହି କାର୍ଯ୍ୟକ୍ରମ ଗୁରୁତ୍ୱ ବହନ କରୁଥିବା ପ୍ରକାଶ କରିଥିଲେ। ବିଆରସିସି ସୌରୀ ଶଙ୍କର ବେହେରା ଏହାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସିଆରସିସି ଗୌରୀ ଶଙ୍କର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ହଳଦିଆ ତୈଳିକ ବୈଶ୍ୟ ସମାଜର ଆଲୋଚନା ସଭା

ଦିଗପହଣ୍ଡି,୮।୧୨(ଅଶେଷ ନାଥ ମିଶ୍ର) ଗଞ୍ଜାମ ଜିଲା ଚିକିଟି ଓ ଖେମୁଣ୍ଡି ହଳଦିଆ ତୈଳିକ ବୈଶ୍ୟ ସମାଜର ଏକ ଆଲୋଚନା ସଭା ସାନଖେମୁଣ୍ଡି ବ୍ଲକ ଜିଉରା ଗ୍ରାମ ନିକଟସ୍ଥ ମା’ ରତନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଶ୍ୟ ସମାଜର କେନ୍ଦ୍ରୀୟ ସଭାପତି ଦଣ୍ଡାସି ସାହୁ ମୁଖ୍ୟଅତିଥି, ତୈଳିକ ସମାଜର ଉପଦେଷ୍ଟା ଯୋଗୀ ସାହୁ, ମୁଖ୍ୟ ନିର୍ବାଚନ ଅଧିକାରୀ ଧର୍ମା ସାହୁ, ଉପସଭାପତି ପ୍ରଶାନ୍ତ ସାହୁ, ସଙ୍ଗଠନ ସମ୍ପାଦକ ନୀଳମଣି ସାହୁ, ସହ ସମ୍ପାଦକ ବିନୋଦ ସାହୁ, ସହ କୋଷାଧ୍ୟକ୍ଷ କ୍ରିଷ୍ଣା ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବୈଶ୍ୟ ସମାଜର ସାଙ୍ଗଠନିକ ଅଭିବୃଦ୍ଧି ସମ୍ପର୍କରେ ସଭାରେ ଆଲୋଚନା କରାଯାଇ ପ୍ରସ୍ତାବ ଗୃହୀତ ହୋଇଥିଲା। ୧୧ ସଭ୍ୟାସଭ୍ୟଙ୍କ ସମସ୍ୟା ସମ୍ପର୍କିତ ଅଭିଯୋଗ ବିଚାର ପାଇଁ ଗ୍ରହଣ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଗ୍ରାମରୁ ଆସିଥିବା ୧୫୦ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଅନ୍ୟାନ୍ୟ ଆଞ୍ଚଳିକ କମିଟି ସଭାପତି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଟାଙ୍ଗଣାପଲ୍ଲୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ଛତ୍ରପୁର,୮।୧୨(ଦିଲୀପ ସାମଲ): ଛତ୍ରପୁର ବ୍ଲକ ଟାଙ୍ଗଣାପଲ୍ଲୀ ଶ୍ରୀନୀଳକଣ୍ଠେଶ୍ୱର ବିଦ୍ୟାପୀଠର ବାର୍ଷିକ କ୍ରୀଡା ସୋମବାର ଉଦ୍‌ଘାଟିତ ହୋଇଛି। ପ୍ରଧାନଶିକ୍ଷକ ବିଷ୍ଣୁ ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲା କ୍ରୀଡା ପରିଦର୍ଶକ ଭାଗିରଥି ସ୍ୱାଇଁ ଯୋଗ ଦେଇ ଛାତ୍ରୀଛାତ୍ରମାନେ ଅଧ୍ୟୟନ ସହ ଖେଳ କୁଦରେ ଅଂଶ ଗ୍ରହଣ କରି ବିଦ୍ୟାଳୟର ସୁନାମ ବଢାଇବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ରୂପେ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ନିଜର ଛାତ୍ର ଜୀବନର ଓ ଶିକ୍ଷକ ସମୟର ସ୍ମୃତି ଚାରଣ କରି ବିଦ୍ୟାର୍ଥୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ତଥା ପୁରାତନ ଛାତ୍ର ବି. ସୁଦାମ ବିଦ୍ୟାଳୟର ସୁନାମ ଆଣିବା ପାଇଁ ପରାମର୍ଶ ଦେଇଥିଲୋ ଅନ୍ୟତମ ଅତିଥି ରୂପେ ସମିତି ସଭ୍ୟ ପ୍ରତିନିଧି ଅମରେଶ୍ୱର ସାହୁ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। କ୍ରୀଡା ଶିକ୍ଷୟିତ୍ରୀ ନନ୍ଦିନୀ ସେଠୀ ବିବରଣୀ ପାଠ କରିଥିଲେ। ପ୍ରଥମ ଦିବସରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



## ଶ୍ରେଷ୍ଠ ଗୃହରକ୍ଷୀ ଭାବେ ଅଜୟ, ଦୀପକ ସମ୍ମାନିତ

ରମ୍ଭା,୮।୧୨(ବନବାସୀ ସେଠୀ) ଗୃହରକ୍ଷୀ ପ୍ରତିଷ୍ଠା ଦିବସ ଅବସରରେ ଛତ୍ରପୁରଠାରେ ରମ୍ଭା ଥାନାର ୨ ଗୃହରକ୍ଷୀଙ୍କୁ ସମ୍ମାନିତ କରାଯାଇଛି। ଗଞ୍ଜାମ ଜିଲା ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୀମା ସ୍ୱାଇଁ ଗୃହରକ୍ଷୀ ଅଜୟ ପଲେଇ ଓ ଦୀପକ ଚନ୍ଦ୍ର ପଲେଇଙ୍କୁ ଶ୍ରେଷ୍ଠ ଗୃହରକ୍ଷୀ ସମ୍ମାନରେ ସମ୍ମାନିତ କରିଛନ୍ତି। ଗଞ୍ଜାମ ବ୍ଲକ ସୁବଳୟା ପଞ୍ଚାୟତର ଶତ୍ରୁଶୋଲ ଗ୍ରାମର ଅଜୟ ଓ ଦୀପକ ରମ୍ଭା ଥାନା ଅଞ୍ଚଳରେ ବଢୁଥିବା ଅବାଧ ନିଶା କାରବାର, ଟ୍ରାଫିକ ନିୟନ୍ତ୍ରଣ, ଅପରାଧ ତଦନ୍ତରେ ନିଜ କର୍ତ୍ତବ୍ୟ ନିଷ୍ଠାପର ଭାବେ କରି ଆସୁଛନ୍ତି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ବିଧାୟକ ପ୍ରତିନିଧି ମାନସ ନାହାକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସୁରଥ ପ୍ରଧାନ ଓ ଅନ୍ୟମାନେ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

ବୁଗୁଡା/ କବିସୂର୍ଯ୍ୟନଗର,୮।୧୨ (କାଳିଚରଣ ଦାଶ/ କୃପାସିନ୍ଧୁ ସ୍ୱାଇଁ)

ବୁଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ନାରୀ ଚେତନା ପାଇଁ ସପ୍ତ ଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିଶୁ ମନ୍ଦିର ମାତୃ କମିଟି ସଭାନେତ୍ରୀ ମଧୁସ୍ମିତା ତ୍ରିପାଠୀଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥ୍ୟ ଭାବେ ସିଡିପିଓ ବବିତା କୁମାରୀ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ କାଉନସିଲର ସ୍ୱପ୍ନାରାଣୀ ଦାଶ ଯୋଗଦେଇ ସମାଜରେ ନାରୀ ଭିତରେ ଥିବା ସପ୍ତଶକ୍ତିକୁ ଉଜ୍ଜୀବିତ କଲେ ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ ଏବଂ ଏଥିପାଇଁ ମା’ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ବର୍ଷିୟାନ ମହିଳା ସତ୍ୟଭାମା ଦାଶ ଏବଂ ମହାଦେଇ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟପକ୍ଷରେ ଶିଶୁ ମନ୍ଦିର ଛାତ୍ରୀମାନେ କନ୍ୟା ଅଲୋଡା ନୁହେଁ ସମ୍ପର୍କିତ ଏକ ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଗୁରୁମା ସୁମତି ମିଶ୍ର, ମମତା କୁମାରୀ ସାହୁ, ଝିଲ୍ଲୀ କୁମାରୀ ଦାଶ ଓ ପ୍ରତିମା ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ। କବିସୂର୍ଯ୍ୟନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ସୋମବାର ସପ୍ତ ଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସୁପରଭାଇଜର ତ୍ରିପୁରା ମୋହିନୀ ଦାସ ମୁଖ୍ୟ ଅତିଥି, କାର୍ଯ୍ୟକ୍ରମର ସଂଯୋଜିକା ନମିତା ରାଣୀ ପୋଲେଇ, ଚମ୍ପେଇତପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ଆଚାର୍ଯ୍ୟ ମୁଖ୍ୟବକ୍ତା, ପରିଚାଳନା ସମିତିର ସଦସ୍ୟା ରଜନୀ ରାଣୀ ଦଳାଇ, ଅଧ୍ୟାପିକା ସଙ୍ଗୀତା ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ସମାଜସେବୀ ଇ. ମାହେଶ୍ୱରୀ ଦୋରାଙ୍କୁ ବରିଷ୍ଠ ମା’ ସମ୍ମାନ ଦିଆଯାଇଥିଲା । କାର୍ଯ୍ୟକ୍ରମରେ କୁଇଜ ପ୍ରତିଯୋଗିତା, ପ୍ରେରଣା ଦାୟକ ମହିଳାଙ୍କ ବାର୍ତ୍ତା, ଅନୁଭୂତି କଥନ, ମା ମାନଙ୍କ ସଂକଳ୍ପ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୁରୁମା ବାସନ୍ତୀ ଆଚାର୍ଯ୍ୟ ପରିଚାଳନା କରଥିବା ବେଳେ ଗୁରୁମା ମମତା ସାହୁ ପରିଚୟ ପ୍ରଦାନ କରିଥିଲେ। ଗୁରୁମା ଅମ୍ରିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ବୁଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀମାନେ ନାଟକରେ ମହିୟସୀ ମହିଳାଙ୍କ ବେଶ ହୋଇଛନ୍ତି।


## OFFICE OF THE REGULATED MARKET COMMITTEE, KENDRAPARA

At/P.O.- Jamadhar, Dist- Kendrapara - 754211
(Ph.No.220398(06727)/ email-rmckendrapara@gmail.com/ website- rmckendrapara.com)

No.H-

**SHORT TENDER CALL NOTICE**

Tender Call Notice:-No.325 Date:-29.11.2025

1. The Collector & District Magistrate- cum-Chairman of RMC, Kendrapara invites rate Quoted sealed tenders / Quotation from authenticated Suppliers / Manufactures having valid GST and PAN for purchase of following grading equipments to be required for paddy procurement purpose during KMS 2025-26.

| Sl. No. | Name of the items/grading equipments | Unit/Numbers required |
|---|---|---|
| 1 | Weighing Scale SANSUI & ESSEA | 50 |
| 2 | Analysis Kit | 25 |
| 3 | Moisture Meter | 33 |
| 4 | CCTV Camera | 50 |
| 5 | Seeds Mini Grader | 25 |
| 6 | One 09 Ltr. Capacity of water type Fire extingwisher @ ISI Mark | 140 |

2. The details technical specification of above required equipments as framed by the O.S.A.M. Board, Bhubaneswar is attached with this notice separately must be followed.
3. The rate of items, make/model of items which Qualify the specification of OSAM Board along with rate of others taxes & free warranty period etc. must be mentioned in the Quotation and should reached to the RMC Office, Kendrapara by 4.00 P.M of dt-15.12.2025 positively through registered post.
4. Undersigned reserved the right to cancell the above notice without assigning any reason thereof.
5. The details specification of the equipments as prescribed by R.M.C, Kendrapara may be downloaded from Kendrapara District website (www.kendrapara.odisha.gov.in) from dated 01.12.2025 10.00 A.M to dt.14.12.2025 up to 5.00 P.M.
6. The tender paper will be open on dt-17.12.2025 at 11.30 A.M in the office chamber of RMC, Kendrapara.
7. Manufacture/ Their authorized Dealer/ Reputed firm are eligible to quote in this tender. Authorized dealer should attach letter of authority from principal Manufacturer to quote in this tender.
8. The mentioned items must be delivered within 7 days from the issuance of purchase Order/ Contract.
9. Bidder should furnish copy of GST, PAN, latest GST return copy, ITR, Audited balance sheet of last two financial year, ISO certificate and Trade license copy.
10. Bidder should submit the GST, PAN ISO certificate and CE certificate of Manufacturer, if the bidder is Authorized Dealer.
11. Bidder must submit a notarized latest affidavit in non-judicial stamp paper of value Rs.100.00 after the date of publication of bid that their firm has not been blacklisted by any PSU / Central or State Govt. Department.
12. In case of any damage of supplied material during transportation, loading and unloading, that will be replaced by the bidder free of cost.
13. The Rate offered by the bidder will be inclusive of all taxes, cost of transportation till destination and installation and commissioning
14. Supplier shall arrange all items including consumables required during time of installation, commissioning and demonstration. However Purchaser shall provide electrical point and power supply at Regulated Market Committee , Kendrapara.
15. If the successful L1 bidder fails to supply the required items within prescribed time period, then L2 bidder may be invited to supply the same as per quoted price of L1 bidder with same terms and conditions, if agree.
16. Tender Processing Fees: Bidder should submit DD of any Nationalized Bank of Rs.5000.00 in favour of Regulated Market Committee, Kendrapara and payable at Kendrapara against tender processing fees / tender cost (Non-refundable) & the original DD along with the bid documents should reach the RMC, Kendrapara Office before the closing date of the bid through speed / registered post.
17. Earnest Money Deposit (EMD): Bidder should submit EMD of Rs. 50,000/- in shape of DD of any Nationalized Bank in favour of Regulated Market Committee, Kendrapara and payable at Kendrapara the original EMD along with the bid documents should reach the RMC, Kendrapara Office before the closing date through speed / registered post. The EMD deposited by the successful bidder will be retained as the security deposit. Retained Money shall be refunded after one year from the date of successful completion of delivery.

OIPR-01580/11/0001/2526

Sd./- Collector & D.M.-cum-Chairman, RMC, Kendrapara

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ପ୍ରାଞ୍ଜଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୨ ଦେଶରୁ ଭାଗନେବେ ୫୭୮ ଖେଳାଳି

**ଭୁବନେଶ୍ୱର, ୮।୧୨ (ତପନ ସ୍ୱାଇଁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ। ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ୨୨ ଦେଶରୁ ୫୭୮ ଖେଳାଳି ଅଂଶଗ୍ରହଣ କରିବେ। ଓଡ଼ିଶାରୁ ମୋଟ ୧୩ ଖେଳାଳି ଏଥିରେ ଭାରତରୁ ପ୍ରତିନିଧିତ୍ୱ କରିବେ। ଭାରତ ବ୍ୟତୀତ ମାଲେସିଆ, ଇଣ୍ଡୋନେସିଆ, ଚାଇନିଜ୍ ତାଇପେ, ଶ୍ରୀଲଙ୍କା, ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ), ଜାପାନ, ହଂକଂ, ଇଜିପ୍ଟ, ଫିନ୍‌ଲାଣ୍ଡ, ସ୍ପେନ୍, ଇସ୍ରାଏଲ, ଆମେରିକା, ଅଷ୍ଟ୍ରେଲିଆ, ଇଂଲଣ୍ଡ, ବାଂଲାଦେଶ, ବୁଲଗେରିଆ, ଉଗାଣ୍ଡା, ଭେନେଜୁଏଲା, ସୌଦୀ ଆରବ, ରୁଷିଆ ଓ ୟୁକ୍ରେନରୁ ଖେଳାଳି ଭାଗନେବେ।

ଓଡ଼ିଶାରୁ ଭାଗ ନେବାକୁ ଯାଉଥିବା ଖେଳାଳିଙ୍କ ମଧ୍ୟରେ ଆୟୁଷ ଦାଶ ଓ ଆର୍ଯ୍ୟ ମାଝି ପୁରୁଷ ସିଙ୍ଗଲ୍ସ, ହର୍ଷିତା ରାଉତ ଓ ତନଭି ପତ୍ରି ମହିଳା ସିଙ୍ଗଲ୍ସ, ଅବିନାଶ ମହାନ୍ତି, ଆୟୁଷ ପଟ୍ଟନାୟକ, କେ. ମୁରଲୀ କ୍ରିଷ୍ଣା, ଅଭିଜିତ ମହାରଣା, ମହିଳା ଡବଲ୍ସରେ ଋତପର୍ଣ୍ଣା ପଣ୍ଡା, ଶ୍ୱେତପର୍ଣ୍ଣା ପଣ୍ଡା, ହର୍ଷିତା ରାଉତ, ପୂର୍ବା ପ୍ରତ୍ୟାଶା ପଣ୍ଡା ଓ ବିଶାଖା ଟପ୍ପୋ ଏବଂ ମିକ୍ସଡ ଡବଲ୍ସରେ ଆୟୁଷ ଦାଶ, ପୂର୍ବା ପ୍ରତ୍ୟାଶା ପଣ୍ଡା, ହର୍ଷିତା ରାଉତ ଓ ତନ୍ମୟ କୁମାର ରାଉତ ଅଂଶଗ୍ରହଣ କରିବେ। ବିଶ୍ୱର ଟପ୍ ର୍ୟାଙ୍କ୍‌ପ୍ରାପ୍ତ ଖେଳାଳିଙ୍କ ମଧ୍ୟରେ ପୁରୁଷ ସିଙ୍ଗଲ୍ସରେ ଭାରତର ଏଚ୍.ଏସ. ପ୍ରଣୟ (ବିଶ୍ୱ ର୍ୟାଙ୍କ୍-୩୪), ଥରୁନ ମାନ୍ନେପଲ୍ଲୀ (୪୧), ଫିନ୍‌ଲାଣ୍ଡର ଜୋଆକିମ ଓଲ୍ଡର୍ଫ (୪୩), ମହିଳା ଡବଲ୍ସରେ ବୁଲଗେରିଆର ଗାବ୍ରିଏଲା ଷ୍ଟୋଏଭା-ଷ୍ଟିଫାନି ଷ୍ଟୋଏଭା (୧୩), ମିକ୍ସଡ ଡବଲ୍ସରେ ରୋହନ କପୁର-ରୁଥଭିକା ଶିବାନୀ (୩୩), ମହିଳା ସିଙ୍ଗଲ୍ସରେ ଭାରତର ଉନ୍ନତି ହୁଡା (୨୮) ଏବଂ ମହିଳା ଡବଲ୍ସରେ ଭାରତର ତ୍ରିଶା ଜୋଲି-ଗାୟତ୍ରୀ ଗୋପିଚାନ୍ଦ (୧୪) ଅନ୍ୟତମ। ଥରୁନ ମାନ୍ନେପଲ୍ଲୀ ୨୦୨୪ ଓଡ଼ିଶା ମାଷ୍ଟର୍ସରେ ରନରଅପ୍ ହୋଇଥିଲେ। ସେହିପରି ବିଶ୍ୱର ନାମୀ ଅନ୍ତର୍ଜାତୀୟ ଖେଳାଳିଙ୍କ ମଧ୍ୟରେ ମହିଳା ଡବଲ୍ସରେ ବିଶ୍ୱର ଟପ୍-୨୦ରେ ଥିବା ବୁଲଗେରିଆର ଷ୍ଟୋଏଭା ସିଷ୍ଟର୍ସ, ଇଣ୍ଡୋନେସିଆର ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଆପ୍ରିୟାନି ରାହାୟୁ-ସିତି ଫଦିଆ, ପୂର୍ବତନ ବିଶ୍ୱ ଜୁନିୟର ନଂ୧ ଥାଇଲାଣ୍ଡର ଲାଲିନରାତ ଚାଇୱାନ, ପୁରୁଷ ଡବଲ୍ସରେ ପୂର୍ବତନ ବିଶ୍ୱର ନଂ୧ ଇଣ୍ଡୋନେସିଆର ମହମ୍ମଦ ରିଆନ ଆର୍ଡିଆଣ୍ଟୋ ପ୍ରମୁଖ ଆକ୍ସନରେ ଦେଖିବାକୁ ମିଳିବେ।

### ଆଜିଠୁ ଓଡ଼ିଶା ମାଷ୍ଟର୍ସ ସୁପର୧୦୦ ବ୍ୟାଡ୍‌ମିଣ୍ଟନ

# ମହିଳାଙ୍କୁ ୪ବର୍ଷ ଜେଲ

### ଫୁଟ୍‌ବଲ ଖେଳାଳିଙ୍କୁ ବ୍ଲାକ୍‌ମେଲ

**ସିଓଲ, ୮।୧୨ (ଏପି)**

ଫୁଟବଲ ଷ୍ଟାର ସନ୍ ହିଅଙ୍ଗ ମିନ୍‌ଙ୍କୁ ବ୍ଲାକ୍‌ମେଲ କରିଥିବା ଅଭିଯୋଗରେ ଦକ୍ଷିଣ କୋରିଆର ଏକ କୋର୍ଟ ଜଣେ ମହିଳାଙ୍କୁ ୪ବର୍ଷ ଜେଲ ଦଣ୍ଡ କରିଛି। ମହିଳା ଜଣଙ୍କୁ ଚିହ୍ନଟ କରାଯାଇଛି। ତାଙ୍କ ନାମ ୟାଙ୍ଗ୍ ବୋଲି ଜଣାପଡ଼ିଛି। ସେ ୟଙ୍ଗ ନାମକ ଜଣେ ପୁରୁଷ ବ୍ୟକ୍ତିଙ୍କ ସହ ମିଶି ଏକ ଷଡ଼ଯନ୍ତ୍ର କରିଥିଲେ। ୟାଙ୍ଗ ୨୦୨୪ରେ ସେ ସନ୍‌ଙ୍କ ନିକଟକୁ ଏକ ଶିଶୁର ଏକ ଅଲ୍‌ଟ୍ରା ସାଉଣ୍ଡ ଫଟୋ ପଠାଇ ଚୁପ୍ ରହିବା ଲାଗି ତାଙ୍କଠାରୁ ୩୦୦ ନିୟୁତ ଓନ୍ (୨୦୪,୦୦୦ ଡଲାର) ଟଙ୍କା ଦାବି କରିଥିଲେ। ସୋମବାର ସିଓଲ ସେଣ୍ଟ୍ରାଲ ଡିଷ୍ଟ୍ରିକ୍ଟ କୋର୍ଟ କହିଛନ୍ତି, ୟାଙ୍ଗ୍ ସନ୍‌ଙ୍କୁ ମିଛ କହିଛନ୍ତି। ତାଙ୍କ ପେଟରେ କାହାର ସନ୍ତାନ ଥିଲା ତାହାର ପ୍ରାମାଣିକ ତଥ୍ୟ ସେ ଦେଇପାରି ନ ଥିଲେ। କୋର୍ଟ କହିଛନ୍ତି ୟାଙ୍ଗ୍ ବ୍ଲାକ୍‌ମେଲ କରି ଅର୍ଥ ଆଦାୟ ଉଦ୍ୟମକୁ ଅସ୍ୱୀକାର କରିଛନ୍ତି। ସ୍ୱୀକାର କରିଥିବା ୟଙ୍ଗଙ୍କୁ ୨ ବର୍ଷ ଜେଲ ଦଣ୍ଡ ହୋଇଛି। ୩୩ ବର୍ଷୀୟ ସନ୍‌ଙ୍କୁ ଏସିଆର ଅନ୍ୟତମ ମହାନ୍ ଖେଳାଳି ବିବେଚନା କରାଯାଇଥାଏ। ପ୍ରିମିୟର ଲିଗ୍‌ରେ ଟୋଟେନହାମ୍ ହଟ୍ସପୁର ଦଳ ପାଇଁ ଏକ ଦଶନ୍ଧି ଧରି ଖେଳିବା ପରେ ଦକ୍ଷିଣ କୋରିଆର ଏହି ଫୁଟ୍‌ବଲ ଷ୍ଟାର ଗତ ଅଗଷ୍ଟରେ ଏଲ୍‌ଏଏଫ୍‌ସିରେ ଯୋଗ ଦେଇଛନ୍ତି। ଦକ୍ଷିଣ କୋରିଆ ନ୍ୟୁଜ ଏଜେନ୍ସି ୟନହାପ୍ ଗତ ମେ' ମାସରେ ଏକ ରିପୋର୍ଟରେ ଉଲ୍ଲେଖ କରିଥିଲା ଯେ, ଗତ ବର୍ଷ ଜୁନ୍‌ରେ ସନ୍‌ଙ୍କୁ ବ୍ଲାକମେଲ କରିଥିବା ଅଭିଯୋଗରେ ଜଣେ ୨୦ ବର୍ଷୀୟା ମହିଳା ଓ ଜଣେ ୪୦ ବର୍ଷୀୟ ପୁରୁଷ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଭୁବନେଶ୍ୱର ଫୁଟବଲ ଲିଗ୍ ଚାମ୍ପିୟନ କିଶୋର କ୍ଲବ ଦଳ।

# ଭାରତୀୟ ଦଳକୁ ଜରିମାନା

**ଦୁବାଇ, ୮।୧୨ (ପି.ଟି.)**

ରାୟପୁରଠାରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ସ୍ଲୋ ଓଭର-ରେଟ୍ ପାଇଁ ଭାରତକୁ ସୋମବାର ସେମାନଙ୍କ ମ୍ୟାଚ୍ ଫି'ର ୧୦ପ୍ରତିଶତ ଜରିମାନା କରିଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)। ଭାରତ ଏହି ମ୍ୟାଚରେ ପରାଜିତ ହେବାଦ୍ୱାରା ଦକ୍ଷିଣ ଆଫ୍ରିକା ସିରିଜ ୧-୧ ସ୍ତରକୁ ନେଇ ଆସିବାରେ ସମର୍ଥ ହୋଇଥିଲା। କେ.ଏଲ୍. ରାହୁଲଙ୍କ ଦଳ ଅନୁମତି ସମୟ ମଧ୍ୟରେ ଟାର୍ଗେଟଠାରୁ ୨ ଓଭର ପଛରେ ରହିଥିବାରୁ ଏଲିଟ୍ ପ୍ୟାନେଲ ମ୍ୟାଚ ରେଫରି ରିଚି ରିଚାର୍ଡସନ ଏହି ଦଣ୍ଡବିଧାନ କରିଛନ୍ତି। ରାହୁଲ ଦୋଷୀ ସାବ୍ୟସ୍ତ ହୋଇଥିଲେ ଏବଂ ପ୍ରସ୍ତାବିତ ଦଣ୍ଡକୁ ଗ୍ରହଣ କରିନେବାରୁ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା। ଅନ୍‌ଫିଲ୍ଡ ଅମ୍ପାୟର ରଡ୍ ଟକର ଓ ରୋହନ ପଣ୍ଡିତ, ତୃତୀୟ ଅମ୍ପାୟର ସାମ୍ ନଗ୍‌ଜାସ୍କି ଏବଂ ୪ର୍ଥ ଅମ୍ପାୟର ଓ ଜୟରମଣ ମଦନଗୋପାଳଙ୍କ ପକ୍ଷରୁ ଏହି ଅଭିଯୋଗ ଅଣାଯାଇଥିଲା।

# ଓଡ଼ିଶା ଏଚ୍‌ପିସି ଚାମ୍ପିୟନ



ଚାମ୍ପିୟନ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଦଳ।

### ଖେଲୋ ଇଣ୍ଡିଆ ମହିଳା ହକି ସିଟି ଲିଗ୍

**ଭୁବନେଶ୍ୱର, ୮।୧୨ (ତପନ ସ୍ୱାଇଁ)**

ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପକ୍ଷରୁ ସୋମବାର ଦେଶବ୍ୟାପୀ ଖେଲୋ ଇଣ୍ଡିଆ ମହିଳା ହକି ସିଟି ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଭୁବନେଶ୍ୱର ସିଟି ଲିଗ୍-୨୦୨୫ରେ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଚାମ୍ପିୟନ ହୋଇଛି। କିଟ୍ ଓ କିସ୍ ରନରଅପ୍ ଏବଂ କଟକ ତୃତୀୟ ସ୍ଥାନ ଅଧିକାର କରିଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବି.କେ. ସ୍ୱାଇଁ, ଉପ ସଚିବ ସୌମ୍ୟ ସାର୍ଥକ ମିଶ୍ର ଓ ଓଡ଼ିଶା ହକି ସାଧାରଣ ସମ୍ପାଦକ ସନାତନ ସାହୁ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ଭୁବନେଶ୍ୱର ଫୁଟବଲ ଲିଗ୍ ;କିଶୋର କ୍ଲବ ଚାମ୍ପିୟନ

**ଭୁବନେଶ୍ୱର, ୮।୧୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଗତିକୃଷ୍ଣ ସ୍ମାରକୀ ଭୁବନେଶ୍ୱର ଫୁଟବଲ ଲିଗ୍ ସୋମବାର ଉଦ୍‌ଯାପିତ ହୋଇଛି। ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ଫାଇନାଲରେ ଆର୍ଡୋର କ୍ଲବକୁ ୩-୦ ଗୋଲରେ ହରାଇ କିଶୋର କ୍ଲବ ଚାମ୍ପିୟନ ହୋଇଛି। ବିଜୟୀ ଦଳ ପକ୍ଷରୁ ଆଶିଷ ବେହେରା, ରାଜେଶ ନାୟକ ଓ ବାହୁଲ ସିଂ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଆଶିଷ ବେହେରାଙ୍କୁ ପ୍ଲେୟର ଅଫ୍ ଦି ଫାଇନାଲ ପୁରସ୍କାର ପ୍ରଦାନ କରିଥିଲେ ଗତିକୃଷ୍ଣଙ୍କ ପୁଅ ଶିବ ପ୍ରସାଦ ପଣ୍ଡା। ଗତିକୃଷ୍ଣଙ୍କ ଅନ୍ୟତମ ପୁଅ ବିଷ୍ଣୁ ପ୍ରସାଦ ପଣ୍ଡା, ଆସୋସିଏଶନର ଫୁଟବଲ ସମ୍ପାଦକ ଦିଲୀପ କୁମାର ଦାସ, ପୂର୍ବତନ କ୍ରୀଡ଼ା ଅଧିକାରୀ ଅଶୋକ ମହାନ୍ତି ପ୍ରମୁଖ ରେଫରିମାନଙ୍କୁ ପୁରସ୍କୃତ କରିଥିଲେ। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମିର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ କିଶୋର କ୍ଲବକୁ ଏବଂ ସମ୍ମାନିତ ଅତିଥି ବରିଷ୍ଠ ଭାଜପା ନେତା ଜଗନ୍ନାଥ ପ୍ରଧାନ ଆର୍ଡୋର କ୍ଲବକୁ ରନରଅପ୍ ଟ୍ରଫି ପ୍ରଦାନ କରିଥିଲେ। ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ ସଭା ପରିଚାଳନା କରିଥିବାବେଳେ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଧନ୍ୟବାଦ ଅର୍ପଣ କରିଥିଲେ।

# 'ସାଇ'ରେ ୧୧୯୧ ପଦବୀ ଖାଲି

**ନୂଆଦିଲ୍ଲୀ, ୮।୧୨ (ପି.ଟି.)**

ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ରେ ୧,୦୦୦ରୁ ଊର୍ଦ୍ଧ୍ୱ ପଦବୀ ଖାଲି ପଡ଼ିଛି। ଲୋକ ସଭାରେ କେରଳର ଆଟିଙ୍ଗଲ ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା କଂଗ୍ରେସ୍ ଏମ୍‌ପିଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ସୋମବାର ଏ ବିଷୟରେ ସୂଚନା ଦେଇଛନ୍ତି। ସାଇରେ ଉଭୟ ପାଣ୍ଠି ଓ କର୍ମଚାରୀଙ୍କ ଘୋର ଅଭାବ ଦେଖାଦେଇଥିବାରୁ ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟି ଉଦ୍‌ବେଗ ପ୍ରକାଶ କରିବା ପରେ ଏ ଦିଗରେ ସରକାର କି ପଦକ୍ଷେପ ନେଉଛନ୍ତି ବୋଲି ଏମ୍‌ପି ପ୍ରଶ୍ନ କରିଥିଲେ। ମାଣ୍ଡବ୍ୟ କହିଥିଲେ, ସରକାର ଏହି ପ୍ରସଙ୍ଗକୁ ନେଇ ପର୍ଯ୍ୟବେକ୍ଷଣ କରୁଛନ୍ତି। ସାଇରେ ମୋଟ ୧,୧୯୧ ପଦବୀ ଖାଲିପଡ଼ିଛି। କେତେକ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଇତିମଧ୍ୟରେ ଆରମ୍ଭ ହୋଇଯାଇଛି ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ରାଜ୍ୟ ସଭା ଏମ୍‌ପି ଦିଗ୍‌ବିଜୟ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ଷ୍ଟାଣ୍ଡିଂ କମିଟି ଅଗଷ୍ଟରେ କ୍ରୀଡ଼ା ଉପରେ ଏହାର ରିପୋର୍ଟ ପ୍ରଦାନ କରିଥିଲା। କମିଟି ଜାଣିବାକୁ ପାଇଥିଲା ଯେ ବର୍ତ୍ତମାନ ସାଇରେ ମଞ୍ଜୁରିପ୍ରାପ୍ତ ୪୫ ପ୍ରତିଶତ ପଦବୀ ଖାଲିପଡ଼ିଛି। ବର୍ତ୍ତମାନ ପରିସ୍ଥିତିରେ କାମଚଳାଇବା ପାଇଁ ଅସ୍ଥାୟୀ ଭାବେ ଚୁକ୍ତିଭିତ୍ତିରେ କେତେକ ନିଯୁକ୍ତି ଦିଆଯାଇଥିବା କଥା ମଧ୍ୟ କମିଟି ପ୍ରକାଶ କରିଛି। ଏହି କମିଟିରେ ସ୍ଥାନ ପାଇଥିବା ସଦସ୍ୟମାନଙ୍କ ମଧ୍ୟରେ କ୍ରିକେଟର ତଥା ଆମ୍ ଆଦ୍‌ମୀ ପାର୍ଟି ରାଜ୍ୟ ସଭା ସଦସ୍ୟ ହରଭଜନ ସିଂ ଏବଂ ଭାଜପାର ଦୁଇ ଏମ୍‌ପି ସମ୍ବିତ ପାତ୍ର ଓ ବାଂସୁରୀ ସ୍ୱରାଜ ହେଉଛନ୍ତି ଅନ୍ୟତମ।

# ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି: ୱେଲ୍ସକୁ ହରାଇଲା ଭାରତ

**ସାଣ୍ଟିଆଗୋ (ଚିଲି), ୮।୧୨ (ପି.ଟି.)**

ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ୍‌ର ୯ମ ସ୍ଥାନ ପାଇଁ ହୋଇଥିବା ଏକ କ୍ଲାସିଫିକେଶନ ମ୍ୟାଚ୍‌ରେ କ୍ୱାର୍ଟରଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିବା ଭାରତ ୩-୧ ଗୋଲ୍‌ରେ ୱେଲ୍ସକୁ ପରାସ୍ତ କରିଛି। ଦଳ ତରଫରୁ ହୀନା ବାନୋ (୧୪ତମ ମିନିଟ), ସୁନେଲିତା ଟପ୍ପୋ (୨୪ତମ) ଓ ଇଶିକା(୩୧ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିବା ବେଳେ ୱେଲ୍ସ ପାଇଁ ଏଲୋଇଜ୍ ମୋଟ୍ (୫୨ତମ) ଏକମାତ୍ର ଗୋଲ ଦେଇଥିଲେ। ପୁଲ୍ ପର୍ଯ୍ୟାୟରେ ଦୁଇ ବିଜୟ ଓ ଗୋଟିଏ ପରାଜୟ ବରଣ କରିଥିବା ଭାରତ ଶ୍ରେଷ୍ଠ ବାହାରେ ୯ମ ସ୍ଥାନ ଅଧିକାର କରିଛି।


# Classified Everyday

0674-2580101, 9692975378




**REAL ESTATE SALE**

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14

2BHK flat 960sqft. second floor, Near Hi-Tech Plaza- kuha, Bhubaneswar, For sale, Contact- 9861150062. D-2764

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-74735



All types of physiotherapy with massage, Contact number 9556924059/ 7656969134. D-2766

The massage felt totally professional! & comfortable at all times-7978109255. D-221

**AFFIDAVIT**

By virtue of an affidavit sworn before Executive Magistrate, Bhadrak, dated 03.12.2025, I, TIKI NAYAK, Address: At-Fakirpur, P.O.- Sahapur, P.S.- Pirahat, Bhadrak, Odisha, 756131 declare that I have changed the name of my daughter from Lila Nayak to Siprarani Nayak. Henceforth, she shall be known as Siprarani Nayak for all purposes.
Tiki Nayak
D-2780

By virtue of an Affidavit sworn before the Executive Magistrate, Bhubaneswar, dtd. 08.12.2025, I, SUSHREE SANGITA PATRA, W/o.- Satyajit Patra, permanent resident of At- Naharkanta, P.O.- Naharkanta, P.S.- Pahal, Dist.- Khordha, Odisha, PIN- 752101, declare that my name has been changed from SUSHREE SANGITA ROUTRAY to SUSHREE SANGITA PATRA. I shall be known as SUSHREE SANGITA PATRA for all future purposes.
Sushree Sangita Patra
D-2783

I, Debashree Debadarshini, daughter of Binod Chandra Pradhan, resident of B105, Centre Point, Sailashree Vihar, Phase 7, Chandrasekharpur, Bhubaneswar, Odisha, 751021 do hereby declare that in my official documents my husband's name has been wrongly mentioned as Chandrakant Sahoo, instead of his correct name Chandrakanta Sahoo. D-2781

By virtue of an affidavit sworn before the Executive Magistrate, Titilagarh, dated 17.11.2025, I, Kishor Chandra Dash, address: At- Sargiguda, P.O./P.S.- Titilagarh, Dist.- Bolangir, Odisha, PIN-767033 declare that I have changed my Son's name from Arya Kumar Dash to Arya Kumar Gyanendra Dash. Henceforth, he shall be known as Arya Kumar Gyanendra Dash for all propose.
Kishor Chandra Dash
D-2784

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Kotagarh, dtd. 6.12.2025, I, Shankar Baliarsingh, Village- Srirampur, Post- Srirampur, P.S.- Kotagarh, Dist.- Kandhamal declare that now I have changed my minor son's name from Alibha Kumar Baliarsingh to Abhijit Baliarsingh. Hence forth my minor son will be known as Abhijit Baliarsingh for all purposes. D-2782

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ କେଦାରନାଥ ସ୍ୱାଇଁ
କୁଲାଡ, ନାଲକୋ ନଗର, ଅନୁଗୋଳ
ଆବିର୍ଭାବ: ୦୧।୦୭।୧୯୪୪
ତିରୋଧାନ: ୨୮।୧୧।୨୦୨୫
ଆମକୁ ପର କରି ଆମଠାରୁ ଅନେକ ଦୂରକୁ ଚାଲିଗଲ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ଆମ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର- କିଶୋର ଚନ୍ଦ୍ର ସ୍ୱାଇଁ, ମାନସ ରଞ୍ଜନ ସ୍ୱାଇଁ, ଝିଅ- ନନ୍ଦିତା ସ୍ୱାଇଁ, ମମତା ସ୍ୱାଇଁ, ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ ତଥା ଗ୍ରାମବାସୀବୃନ୍ଦ।
D-2785

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଶରତ କୁମାର ଦାଶ (ଟୁକୁ)
ପୂଜାରୀପୁଟ, କୋରାପୁଟ
ଆବିର୍ଭାବ ୦୯.୦୮.୧୯୫୨
ତିରୋଧାନ ୨୮.୧୧.୨୦୨୫
(ମାର୍ଗଶୀର ଶୁକ୍ଳପକ୍ଷ ଅଷ୍ଟମୀ)
ବାବା ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ସ୍ୱାଭିମାନ ଆମମାନଙ୍କ ପାଇଁ ପାଥେୟ ହେଉ। ଆପଣଙ୍କ ଅବର୍ତ୍ତମାନରେ ପରିବାରରେ ସୃଷ୍ଟି ଶୂନ୍ୟସ୍ଥାନ ଚିରକାଳ ଅପୂରଣୀୟ ରହିବ। ଆପଣଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାବିନ୍ଦରେ ଭକ୍ତିପୂତ ପ୍ରାର୍ଥନା କରୁଛୁ। ଆମମାନଙ୍କ ପ୍ରତି ଆପଣଙ୍କର ଆଶୀର୍ବାଦ ସର୍ବଦା ରହିଥାଉ।
ଶୋକସନ୍ତପ୍ତ - ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ
D-2786


## LEGAL NOTICE

ଅର୍ଡର ୫ ରୁଲ୍ ୨୦(ଏ) ମତେ ନୋଟିସ୍
ପୁରୀ ମୁକାମ ସିଭିଲ୍ ଜଜ୍ (କନିଷ୍ଠ ବିଭାଗ) ପୁରୀ
ସି.ଏସ୍. ନ୧୬୧/୨୦୧୮ ନ୍ୱର

ବିଜୟ କୁମାର ତ୍ରିପାଠୀ , ବ୫୦ର୍ଷ, ପିତା- ସ୍ୱ ରାମ ଚନ୍ଦ୍ର ତ୍ରିପାଠୀ, ସାକିନ: ବନମାଳୀପୁର, ସାମିଲ ଜଗନ୍ନାଥବଲ୍ଲଭ, ପୋଷ୍ଟ- ବୀରହରେକୃଷ୍ଣପୁର, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ।

..........ବାଦୀ

ବନାମ

୧. ମନିନ୍ଦ୍ର ପାଥିଶର୍ମା, ବ୭୦ର୍ଷ, ପିତା- ସ୍ୱ ମଧୁସୂଦନ ପାଥିଶର୍ମା, ସାକିନ: ବନମାଳୀପୁର, ସାମିଲି ଜଗନ୍ନାଥବଲ୍ଲଭ, ପୋଷ୍ଟ- ବୀରହରେକୃଷ୍ଣପୁର, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ। (ମୃତ)

୨. ମାନସୀ ପାଥିଶର୍ମା, ବ୪୪ର୍ଷ, ସ୍ୱାମୀ- ପ୍ରଶାନ୍ତ କୁମାର ମହାପାତ୍ର, ପିତା- ମନିନ୍ଦ୍ର ପାଥିଶର୍ମା, ସାକିନ: ବନମାଳୀପୁର, ସାମିଲି ଜଗନ୍ନାଥବଲ୍ଲଭ, ପୋଷ୍ଟ- ବୀରହରେକୃଷ୍ଣପୁର, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ।

୩. ଜ୍ୟୋତିର୍ମୟୀ ପାଥିଶର୍ମା, ବ୩୮ର୍ଷ, ସ୍ୱାମୀ- ଦିଲ୍ଲିପ କୁମାର ରଥ, ପିତା- ମନିନ୍ଦ୍ର ପାଥିଶର୍ମା, ସାକିନ/ପୋଷ୍ଟ- ଚଉଦକୁଲାଟ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା, ଜିଲ୍ଲା- କେନ୍ଦ୍ରାପଡା।

୪. ମୀନାକ୍ଷୀ ପାଥିଶର୍ମା, ବ୩୬ର୍ଷ, ମାର୍ଫତ- ଚନ୍ଦ୍ରଶେଖର ପାଟ୍ଟଯୋଶୀ, ସାକିନ/ପୋଷ୍ଟ- କୁମ୍ଭାରପଡା, କୁଶା ସାହି, ଥାନା- କୁମ୍ଭାରପଡା, ଜିଲ୍ଲା- ପୁରୀ।

୫. ଚିନ୍ମୟୀ ପାଥିଶର୍ମା, ବ୩୦ର୍ଷ, ସ୍ୱାମୀ- ସମ୍ବିତ୍ କୁମାର ମହାପାତ୍ର, ପିତା- ମନିନ୍ଦ୍ର ପାଥିଶର୍ମା, ମାର୍ଫତ- ସୀତାକାନ୍ତ ମହାପାତ୍ର, ସାକିନ- ବୀରହରେକୃଷ୍ଣପୁର, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ।

...........ପ୍ରତିବାଦୀମାନେ।

ଏହିକି ଉପରୋକ୍ତ ମୋକଦ୍ଦମାରେ ତୁମ୍ଭେ ପ୍ରତିବାଦୀ ନ୨ ଓ ୩ନ୍ୱର ଥାଇ ତୁମ୍ଭକୁ ତୁମ୍ଭର ଉପରୋକ୍ତ ଠିକଣାରେ ବାରମ୍ବାର ସମନ ଜାରି କରାଗଲେ ମଧ୍ୟ ତୁମ୍ଭେ ଜାଣିଶୁଣି କୋର୍ଟଙ୍କ ଦ୍ୱାରା ପ୍ରେରିତ ସମନକୁ ଗ୍ରହଣ କରୁନାହଁ। ତେଣୁ ତୁମ୍ଭମାନଙ୍କୁ ଏତଦ୍ୱାରା ଜଣାଇଦିଆଯାଉଅଛି ଯେ ତା.୦୫.୦୧.୨୦୨୬ରିଖ ଦିବା ୧୦.୩୦ ମିନିଟ୍ ସମୟରେ ଉପରବର୍ଣ୍ଣିତ ମୋକଦ୍ଦମାରେ ତୁମ୍ଭେମାନେ ହାଜର ହୋଇ ତୁମ୍ଭର ପକ୍ଷ ରଖିବ। ନଚେତ୍ ମୋକଦ୍ଦମାଟି ଆଇନ ଅନୁଯାୟୀ ବିଚାର କରାଯିବ।

ସମ୍ପତ୍ତିର ବିବରଣୀ

ଜିଲ୍ଲା- ପୁରୀ, ମୌଜା- ଜଗନ୍ନାଥବଲ୍ଲଭ, ଖାତା ନ୧୬୮ନ୍ୱର, ପ୍ଲଟ ନ୧୦୪୩ନ୍ୱର(ଅଂଶ), ସରଜମିନରେ (ପୂର୍ବ-ପଶ୍ଚିମ)= ଫୁ୨୫ଟ×(ଉତ୍ତର-ଦକ୍ଷିଣ)= ଫୁ୬ଟ

ଖାତା ନ୩୦୨ନ୍ୱର, ପ୍ଲଟ ନ୧୦୪୨ନ୍ୱର(ଅଂଶ), ସରଜମିନରେ (ପୂର୍ବ-ପଶ୍ଚିମ)= ଫୁ୩୩ଟ × (ଉତ୍ତର-ଦକ୍ଷିଣ) ପ୍ରସ୍ଥ ଦକ୍ଷିଣ ତରଫ ଫୁ୬ଟ ଓ ଉତ୍ତର ତରଫ ପ୍ରସ୍ଥ ଫୁ୫ଟ।

ସ୍ୱା-ସିଭିଲ୍ ଜଜ୍, କନିଷ୍ଠ ବିଭାଗ, ପୁରୀ
D-2787

# ଦୁରାରୋଗ୍ୟ ନୁହେଁ ଏଣ୍ଡୋମେଟ୍ରିଓସିସ୍

ଏଣ୍ଡୋମେଟ୍ରିଓସିସ୍ ମହିଳାଙ୍କଠାରେ ଦେଖାଦେଉଥିବା ଏଭଳି ଏକ ସ୍ୱାସ୍ଥ୍ୟ ସମସ୍ୟା ଯାହାକି ପ୍ରାରମ୍ଭିକ ପର୍ଯ୍ୟାୟରେ ସହଜରେ ଚିହ୍ନଟ ହୋଇପାରି ନ ଥାଏ। ତେଣୁ ଅନେକେ ଏହାକୁ ସାଧାରଣ ଯନ୍ତ୍ରଣା ମନେକରି ଅବହେଳା କରିବସନ୍ତି, ଯାହାକି ପରବର୍ତ୍ତୀ ସମୟରେ ଜଟିଳ ସମସ୍ୟାର ରୂପ ବି ନେଇପାରେ। ହେଲେ ପରିସ୍ଥିତି ଅସହ୍ୟ ହେବା ଯାଏ ଅପେକ୍ଷା ନ କରି ଏହାର କୌଣସି ଲକ୍ଷଣ ଦେଖାଦେବାମାତ୍ରେ ଆରମ୍ଭରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା କରାଇନେଲେ ଜଣେ ମହିଳା ସୁସ୍ଥ ରହିପାରିବେ ସେଥିରେ ସନ୍ଦେହ ନାହିଁ...



ଏଣ୍ଡୋମେଟ୍ରିଓସିସ୍ ସମସ୍ୟା ଭାରତୀୟ ମହିଳାଙ୍କ କ୍ଷେତ୍ରରେ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏକ ସର୍ଭେ ରିପୋର୍ଟ ମୁତାବକ ଆମ ଦେଶରେ ପ୍ରାୟ ୨.୫ରୁ ୪.୩ କୋଟି ମହିଳା ଏହି ସମସ୍ୟା ଦେଇ ଗତି କରୁଛନ୍ତି। ତେବେ ଅତ୍ୟନ୍ତ ପରିତାପର ବିଷୟ, ସେମାନଙ୍କ ମଧ୍ୟରୁ ଅନେକେ ଯଥା ସମୟରେ ଚିକିତ୍ସା କରାଇ ନ ପାରିବାରୁ ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

**ଏଣ୍ଡୋମେଟ୍ରିଓସିସ୍ କ'ଣ:** ଗର୍ଭାଶୟର ଭିତର ପରସ୍ତ ବା ଏଣ୍ଡୋମେଟ୍ରିଅମ୍‌ର କିଛି ଟିସୁ ଯଦି ଗର୍ଭାଶୟର ବାହାରେ, ଫ୍ୟାଲୋପିଆନ୍ ଟ୍ୟୁବ୍, ଓଭାରି କିମ୍ବା ଖାଦ୍ୟନଳୀରେ ବଢ଼ିଯାଏ ତେବେ ଏହାକୁ ଏଣ୍ଡୋମେଟ୍ରିଓସିସ୍ କୁହାଯାଏ। ହର୍‌ମୋନାଲ ପରିବର୍ତ୍ତନ ବା ଅଧିକ ଇଷ୍ଟ୍ରୋଜେନ୍ ହର୍‌ମୋନ୍ କ୍ଷରଣ ଦ୍ୱାରା ଏହା ଧୀରେ ଧୀରେ ବୃଦ୍ଧିପାଇଥାଏ। ଏହାଦ୍ୱାରା ପାଖରେ ଥିବା ଅନ୍ୟ ଟିସୁଗୁଡ଼ିକରେ ଫୁଲିବା, ଜଳିବା, ଘା' ବା ସ୍କାର୍ ଟିସୁ ହେବା ସହ ଏଥିଯୋଗୁ ବିଭିନ୍ନ ଅର୍ଗାନ୍ ଯୋଡ଼ିହୋଇଯିବା ଭଳି ସମସ୍ୟା ଉପୁଜିଥାଏ। ତେବେ ଏହା କ୍ଷଣସ୍ଥାୟୀ ସମସ୍ୟା ନୁହେଁ ଯାହା ଆରମ୍ଭ ହେବା ମାତ୍ରେ ଜଣାପଡ଼ିଯାଏ ଏବଂ ତୁରନ୍ତ ଔଷଧ ସେବନ ଦ୍ୱାରା କମ୍ ହୋଇଯାଇଥାଏ। ଏହା ଏକ କ୍ରନିକ୍ ବା ଅଧିକ ଦିନ ଧରି ଲାଗି ରହୁଥିବା ସମସ୍ୟା ଯାହା ଜଣାପଡ଼ିବା ଲାଗି ପ୍ରାୟ ୬-୭ ବର୍ଷ ସମୟ ଲାଗିଥାଏ।

**ଲକ୍ଷଣ:** ଏଣ୍ଡୋମେଟ୍ରିଓସିସ୍ ସମସ୍ୟା ମୁଖ୍ୟତଃ କେତେକ ଲକ୍ଷଣରୁ ଜଣାପଡ଼ିଥାଏ। ଯାହା ମଧ୍ୟରୁ ମାସିକ ଋତୁସ୍ରାବ ବା ପିରିୟଡ୍ ସମୟରେ ଅତ୍ୟଧିକ ଯନ୍ତ୍ରଣା ଅନୁଭବ ହେବା, ପେଲ୍‌ଭିକ୍ ପେନ୍, ଅଧିକ ରକ୍ତସ୍ରାବ ହେବା ଆଦି ସବୁଠୁ ପ୍ରମୁଖ କାରଣ, ଯାହାକୁ ସାଧାରଣ ଯନ୍ତ୍ରଣା ଭାବି ଅବହେଳାକରି ବସନ୍ତି। ହେଲେ ବୟସ ବଢ଼ିବା ସହ ଧୀରେ ଧୀରେ ଅଧିକ କଷ୍ଟଦାୟକ ହୋଇଥାଏ। ଏହା ବ୍ୟତୀତ ଅନେକଙ୍କଠାରେ କନ୍‌ଷ୍ଟିପେଶନ ବା ମଳତ୍ୟାଗ ସମୟରେ କଷ୍ଟହେବା, ପରିସ୍ରା କରିବା ବେଳେ ଯନ୍ତ୍ରଣା ଅନୁଭବ କରିବା, ପେଟ ଫୁଲିବା ବା ବ୍ଲୋଟିଂ ହେବା ଭଳି ସମସ୍ୟା ଦେଖାଯାଏ। ବିବାହିତ ମହିଳାଙ୍କଠାରେ ସହବାସ ସମୟରେ ମଧ୍ୟ ଅତ୍ୟନ୍ତ ଯନ୍ତ୍ରଣା ଅନୁଭବ ହୋଇଥାଏ। ଏଥିପାଇଁ କେତେଜଣ ମହିଳାଙ୍କ ଠାରେ ଗର୍ଭଧାରଣ କରିବାରେ ବି ଜଟିଳତା ବା ଇନ୍‌ଫର୍ଟିଲିଟି ସମସ୍ୟା ଦେଖାଦେଇଥାଏ। ଯେଉଁ ଯୁବତୀ ବା ମହିଳାଙ୍କ ପରିବାରରେ ପୂର୍ବରୁ ମା' କିମ୍ବା ଭଉଣୀଙ୍କଠାରେ ଏହି ରୋଗ ପୂର୍ବରୁ ଥାଏ ତେବେ ସେମାନଙ୍କ କ୍ଷେତ୍ରରେ ଏହା ହେବା ଆଶଙ୍କା ଅଧିକ।





**ଚିକିତ୍ସା:**


- ଯଦିଓ ଏଣ୍ଡୋମେଟ୍ରିଓସିସ୍ ସମସ୍ୟା ସମ୍ପୂର୍ଣ୍ଣ ଭାବେ ଠିକ୍ ହୋଇ ନ ଥାଏ, ହେଲେ ଚିକିତ୍ସା, ସର୍ଜରି ଓ ଜୀବନଶୈଳୀରେ ପରିବର୍ତ୍ତନ ଦ୍ୱାରା ବହୁମାତ୍ରାରେ ସମସ୍ୟା କମ୍ କରାଯାଇପାରେ। ଏହାର ଚିକିତ୍ସା ଲାଗି ମୁଖ୍ୟତଃ ପେନ୍ କିଲର ବା ଓଭର ଦ କାଉଣ୍ଟର ମେଡିସିନ ଦିଆଯାଇ ରୋଗୀର କଷ୍ଟ କମ୍ କରାଯାଇଥାଏ।
- ବିଭିନ୍ନ ହର୍‌ମୋନ୍ ଥେରାପି, ଇଞ୍ଜେକ୍ସନ୍ ଆଦି ଦିଆଯାଇ ରୋଗୀର ଇଷ୍ଟ୍ରୋଜେନ୍ ହର୍‌ମୋନ ସ୍ତରକୁ ନିୟନ୍ତ୍ରଣରେ ରଖାଯାଇଥାଏ, ଫଳରେ ଏଣ୍ଡୋମେଟ୍ରିଓସିସ୍‌ର ଆକାର ବୃଦ୍ଧି ପାଇ ନ ଥାଏ ଏବଂ କଷ୍ଟ କମ୍ ହୋଇଥାଏ।

**କେବେ ଆବଶ୍ୟକ ସର୍ଜରି:** ଏହି ରୋଗରେ ସମସ୍ତଙ୍କ କ୍ଷେତ୍ରରେ ସର୍ଜରି ଆବଶ୍ୟକ ହୋଇ ନ ଥାଏ। ଆରମ୍ଭରୁ ରୋଗ ଚିହ୍ନଟ କରାଯାଇ ଚିକିତ୍ସା କରାଗଲେ ଆରୋଗ୍ୟ ହେବା ସମ୍ଭାବନା ଅଧିକ ଥାଏ। ହେଲେ ଯଦି ସମସ୍ୟା ଅଧିକ ଜଟିଳ ହୋଇଯାଇଥାଏ ଏବଂ ଔଷଧ ସେବନ କିମ୍ବା ଅନ୍ୟ ଚିକିତ୍ସା ଉପାୟରେ ରୋଗ ଠିକ୍ ହୋଇ ନ ପାରେ, ତେବେ ସେହି ମହିଳାଙ୍କ କ୍ଷେତ୍ରରେ ସର୍ଜରି ଆବଶ୍ୟକ ହୋଇଥାଏ। ଲାପାରୋସ୍କୋପି ସର୍ଜରି ଦ୍ୱାରା ଏଣ୍ଡୋମେଟ୍ରିଓସିସ୍ ଟିସୁକୁ କାଢ଼ି ଦିଆଯାଇଥାଏ।

**ଫର୍ଟିଲିଟି ଚିକିତ୍ସା:** ଏଣ୍ଡୋମେଟ୍ରିଓସିସ୍ ସମସ୍ୟାରେ ପୀଡ଼ିତ କେତେଜଣ ମହିଳାଙ୍କ ଠାରେ ପ୍ରଜନନ କ୍ଷମତା ବାଧାପ୍ରାପ୍ତ ହୋଇଥାଏ ଏବଂ ଗର୍ଭଧାରଣ କରିବାରେ ବି ଜଟିଳତା ଦେଖାଦେଇଥାଏ। ଏମିତିକି କେତେକଙ୍କ କ୍ଷେତ୍ରରେ ଏହା ଇନ୍‌ଫର୍ଟିଲିଟି ବା ବନ୍ଧ୍ୟାଦୋଷର କାରଣ ସାଜିଥାଏ। ଏହାର ଚିକିତ୍ସା ପାଇଁ ଆଇଭିଏଫ୍ (ଇନ୍‌ଭିଟ୍ରୋଫର୍ଟିଲାଇଜେଶନ) ଚିକିତ୍ସା ଅନେକଙ୍କ ପାଇଁ ଏକ ବରଦାନ ସଦୃଶ କାମ କରିଥାଏ।

ଏଣ୍ଡୋମେଟ୍ରିଓସିସ୍‌ର କୌଣସି ଲକ୍ଷଣ ଦେଖାଦେବା ମାତ୍ରେ ତୁରନ୍ତ ସ୍ତ୍ରୀରୋଗ ବିଶେଷଜ୍ଞ କିମ୍ବା ଏଣ୍ଡୋମେଟ୍ରିଓସିସ୍ ରୋଗ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ଅଲ୍‌ଟ୍ରାସାଉଣ୍ଡ କିମ୍ବା ଏମ୍‌ଆର୍‌ଆଇ ଦ୍ୱାରା ରୋଗ ଚିହ୍ନଟକରି ଚିକିତ୍ସା କରାଇନେବା ସହ ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଇବା ଏବଂ ଯୋଗ, ବ୍ୟାୟାମ କରିବା ଦ୍ୱାରା ଏହି ରୋଗରୁ ଉପଶମ ପାଇପାରିବେ ଓ ଏକ ଯନ୍ତ୍ରଣାମୁକ୍ତ ଜୀବନ ଜିଇପାରିବେ।

*-**ଡା. ଭାରତ ଭୂଷଣ**, ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ, ମଣିପାଲ ହସ୍ପିଟାଲ, ଭୁବନେଶ୍ୱର, ମୋ- ୮୨୮୦୧୧୭୮୮୯*



ଖାଦ୍ୟରୁଚି

## ଟର୍‌ମରିକ୍ ଟି



**ଆବଶ୍ୟକ ସାମଗ୍ରୀ:** ୩ କପ୍ ପାଣି, ଅଧା ଚାମଚ ଅଦା ଛେଚା, ୧.୧୫ ଇଞ୍ଚ କଞ୍ଚା ହଳଦୀ, ଚିମୁଟାଏ ଲେଖାଏ ଡାଲଚିନି ଏବଂ ଗୋଲମରିଚ ,୮-୧୦ଟି ଗୋଲାପ ପାଖୁଡ଼ା, ୨-୩ ବୁନ୍ଦା ଲେମ୍ବୁରସ, ମହୁ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚୁଲାରେ ଏକ ସସ୍‌ପ୍ୟାନ୍ ବସାଇ ୩ କପ୍ ପାଣି ଗରମ କରନ୍ତୁ। ପାଣି ଫୁଟିବା ଆରମ୍ଭ ହେଲେ ସେଥିରେ ଛେଚା ଅଦା ଏବଂ ହଳଦୀ ପକାଇ ୨ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ସେଥିରେ ଗୋଲାପ ପାଖୁଡ଼ା, ଡାଲଚିନି ଏବଂ ଗୋଲମରିଚ ଗୁଣ୍ଡ ପକାନ୍ତୁ। ଚୁଲା ବନ୍ଦକରି ଚା'କୁ କପ୍‌ରେ ଛାଣିଦିଅନ୍ତୁ। ସେଥିରେ ଲେମ୍ବୁରସ ଏବଂ ସ୍ୱାଦାନୁସାରେ ମହୁ ପକାଇ ପିଅନ୍ତୁ। ଏହା ନା କେବଳ ପାଟିକୁ ସ୍ୱାଦିଷ୍ଟ ଲାଗେ ବରଂ ଏହାକୁ ପିଇଲେ ଶରୀରର ଇମ୍ୟୁନିଟି ପାୱାର ମଧ୍ୟ ବଢ଼ିଥାଏ।

## ରାତ୍ରିଭୋଜନ ବିଳମ୍ବରେ କରୁଥିଲେ

**ବିଭିନ୍ନ କାର୍ଯ୍ୟବ୍ୟସ୍ତତା ସହ ପରିବାର ସଦସ୍ୟ ଓ ପିଲାଙ୍କ ଖାଇବା ପରେ ଅଧିକାଂଶ ମହିଳା ରାତ୍ରିଭୋଜନ ବିଳମ୍ବରେ କରିଥା'ନ୍ତି। ହେଲେ ନିଜ ଖାଦ୍ୟ ପ୍ରତି ଅବହେଳା କରିବସିବା ଯେ ଅପରପକ୍ଷେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ ସେ ଦିଗରେ ସେମାନେ ଯତ୍ନଶୀଳ ନ ଥାନ୍ତି। ଯଦି ଆପଣଙ୍କର ବି ରାତ୍ରିଭୋଜନ ବିଳମ୍ବରେ କରିବାର ଅଭ୍ୟାସ ରହିଛି ତେବେ କେତୋଟି କଥା ନିହାତି ଜାଣିରଖନ୍ତୁ...**



**ମେଦବହୁଳତା:** ଡେରିରେ ଖାଇବା ଦ୍ୱାରା ଖାଦ୍ୟ ହଜମ ନ ହୋଇ ପାରିବା କାରଣରୁ ଅନେକଙ୍କଠାରେ ମେଟାବଲିଜମ୍ ସ୍ତର ଅନିୟନ୍ତ୍ରିତ ହୋଇଥାଏ। ଶରୀରରେ ଅଧିକ କ୍ୟାଲୋରି ଜମାହେବା ଫଳରେ ମେଦବହୁଳତା ଦେଖାଦିଏ, ଯାହାକି ପରବର୍ତ୍ତୀ ସମୟରେ ଡାଇବେଟିସ୍, ବ୍ଲଡ୍‌ପ୍ରେସର ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ।

**ଦେଖାଦିଏ ପାଚନ ସମସ୍ୟା:** ରାତି ଖାଇବା ଡେରି ହେଲେ ହଜମକ୍ରିୟା ବାଧାପ୍ରାପ୍ତ ହୁଏ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନେକେ ବିଳମ୍ବରେ ଖାଉଥିବାରୁ ସଙ୍ଗେ ସଙ୍ଗେ ଶୋଇପଡ଼ନ୍ତି। ଫଳରେ ବଦହଜମି, ଏସିଡିଟି ହେବା ସହ ଛାତି ଜଳିବା, ଆମ୍ବିଳା ହାକୁଟି ହେବା ଭଳି ସମସ୍ୟା ଦେଖାଦିଏ। ତେଣୁ ପ୍ରତ୍ୟେକ ମହିଳା ରାତିରେ ବିଳମ୍ବ ନ କରି ପ୍ରତିଦିନ ଖାଇବାର ଏକ ଠିକ୍ ସମୟ ନିର୍ଦ୍ଧାରଣ କରିବା ଆବଶ୍ୟକ। ଏହାଦ୍ୱାରା ଖାଇବା ପରେ ଅଳ୍ପ ସମୟ ଚାଲବୁଲ କିମ୍ବା ଘରର କାମ କରିବା ପାଇଁ ସମୟ ମିଳିବ, ଯାହାକି ଖାଦ୍ୟ ଭଲ ଭାବେ ହଜମ ହେବାରେ ସାହାଯ୍ୟ କରିବ।

**ଦେଖାଦିଏ ନିଦ୍ରାହୀନତା:** ଅନେକ ମହିଳା ରାତିରେ ନିଦ ହେଉ ନ ଥିବା ନେଇ ଅଭିଯୋଗ କରିଥାଆନ୍ତି। ହେଲେ ଏକ ଗବେଷଣା ରିପୋର୍ଟ ମୁତାବକ ରାତ୍ରିଭୋଜନ ବିଳମ୍ବରେ କରିବା ଦ୍ୱାରା ବଦହଜମୀ, ଗ୍ୟାସ୍ ଭଳି ବିଭିନ୍ନ ସମସ୍ୟା ଉପୁଜିବା ସହ ରାତିରେ ନିଦ୍ରା ବାଧାପ୍ରାପ୍ତ ହୋଇଥାଏ। କେବଳ ଏତିକି ନୁହେଁ, ମସ୍ତିଷ୍କ ଠିକ୍ ଭାବେ ବିଶ୍ରାମ ନ ପାଇବାରୁ କେତେକଙ୍କଠାରେ ଅଜବ ସ୍ୱପ୍ନ ମଧ୍ୟ ଆସିଥାଏ।

**ପ୍ରଭାବିତ କରେ ମାନସିକ ସ୍ୱାସ୍ଥ୍ୟ:** ବିଳମ୍ବିତ ରାତିରେ ଖାଇବା ଦ୍ୱାରା ହଜମକ୍ରିୟା ବାଧାପ୍ରାପ୍ତ ହେବା ସହ ଠିକ୍ ଭାବେ ନିଦ ନ ହେବା କାରଣରୁ ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ବାରମ୍ବାର ଏପରି ହେବା ଦ୍ୱାରା ଚିଡ଼ିଚିଡ଼ା ଲାଗିବା, ଡିପ୍ରେଶନ ଭଳି ବିଭିନ୍ନ ମାନସିକ ସମସ୍ୟା ଦେଖାଦେଇଥାଏ। ତେଣୁ ଏସବୁ ସମସ୍ୟାଠୁ ଦୂରେଇରହିବା ଲାଗି ପ୍ରତିଦିନ ରାତିରେ ଶୀଘ୍ର ଖାଇବାକୁ ଚେଷ୍ଟା କରନ୍ତୁ।



ସୌନ୍ଦର୍ଯ୍ୟ

## ସ୍କିନ୍ ଗ୍ଲୋ ବଢ଼ାଏ କିୱି

**ତ୍ୱଚାରେ ଦାଗ, ଟ୍ୟାନିଂ,ସ୍କିନ୍‌ଟୋନ୍ ଡଲ୍ ଲାଗିବା ଭଳି ସମସ୍ୟା ଦେଖାଦେଲେ ମହିଳାମାନଙ୍କ ଚିନ୍ତା ବଢ଼ିଯାଏ। ଏହା ଦୂରକରିବା ଲାଗି ଭିଟାମିନ୍ ସି, ଇ ଓ ଆଣ୍ଟି ଅକ୍ସିଡାଣ୍ଟଯୁକ୍ତ କିୱି ବେଶ୍ ଉପକାରୀ। ଜାଣନ୍ତୁ କିପରି ଏହାକୁ ବ୍ୟବହାର କରି ନିଜ ସ୍କିନ୍‌କୁ ସ୍ପଟ୍‌ଲେସ୍ ଏବଂ ଗ୍ଲୋଇଂ କରିପାରିବେ...**



**ଦହି, କିୱି ପ୍ୟାକ୍:** କିୱିକୁ କାଟି ଏହାର ପଲ୍ପ ବାହାର କରନ୍ତୁ। ୨ଚାମଚ ଏହି ପଲ୍ପ ସହ ୨ଚାମଚ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ପ୍ରଥମେ ମୁହଁକୁ ମାଇଲ୍ଡ ଫେସ୍‌ୱାସ୍ ଲଗାଇ ଧୋଇଦିଅନ୍ତୁ। ଧୀରେ ଧୀରେ ମୁହଁ ପୋଛି ଦିଅନ୍ତୁ ଏବଂ ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୧୫-୨୦ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ନଖ ଉଷୁମ ପାଣିରେ ଧୀରେ ଧୀରେ ଧୋଇଦିଅନ୍ତୁ। ମନେରଖନ୍ତୁ ତ୍ୱଚାକୁ ଆଦୌ ରଗଡ଼ନ୍ତୁ ନାହିଁ। ପ୍ୟାକ୍ ଛଡ଼ାଇବା ପରେ ମଶ୍ଚରାଇଜର ଲଗାଇବାକୁ ଭୁଲନ୍ତୁ ନାହିଁ। ସପ୍ତାହରେ ଥରେ ଏହି ପ୍ୟାକ୍ ଲଗାଇଲେ ତ୍ୱଚାର ଚମକ ବଢୁଥିବା ନିଜେ ଜାଣିପାରିବେ।

**କିୱି, ଅଣ୍ଡା ପ୍ୟାକ୍:** ଏକ ବଡ଼ ଚାମଚ କିୱି ପଲ୍ପ ନିଅନ୍ତୁ। ସେଥିରେ ୧ ଚାମଚ ଅଣ୍ଡାର ଧଳା ଅଂଶ, ଅଧା ଚାମଚ ଅଲିଭ୍ ଅଏଲ୍ ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ମୁହଁକୁ ପାଣିରେ ଧୋଇ ଧୀରେ ଧୀରେ ପୋଛି ଦିଅନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୫-୧୦ ମିନିଟ୍ ରଖିବା ପରେ ପାଣିରେ ଧୋଇଦିଅନ୍ତୁ। ସପ୍ତାହରେ ଥରେ ଏହି ପ୍ୟାକ୍‌କୁ ମୁହଁରେ ଲଗାଇଲେ ଧୀରେ ଧୀରେ ସ୍କିନ୍‌ଟୋନ୍ ବଢ଼ିବା ସହ ଗ୍ଲୋ ମଧ୍ୟ ଆସିବ।

**ଆଲ୍‌ମଣ୍ଡ-କିୱି ପ୍ୟାକ୍:** ୪-୫ଟି ଆଲମଣ୍ଡକୁ ୫-୬ଘଣ୍ଟା ପର୍ଯ୍ୟନ୍ତ ଭିଜାଇ ଦିଅନ୍ତୁ। ଏହା ଭିଜିଗଲା ପରେ ଚୋପା ଛଡ଼ାଇ ବାଟିଦିଅନ୍ତୁ। ସେଥିରେ ୧ ଚାମଚ ବେସନ, ୧ ଚାମଚ କିୱି ପଲ୍ପ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୫-୧୦ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ସପ୍ତାହରେ ଥରେ ଏହି ପ୍ୟାକ୍ ଲଗାଇଲେ ଧୀରେ ଧୀରେ ତ୍ୱଚାରୁ ସମସ୍ତ ଦାଗ ଚାଲିଯିବ ଏବଂ ତ୍ୱଚା ଅଧିକ ସୁନ୍ଦର ଓ ଗ୍ଲୋଇଂ ଦେଖାଯିବ।



ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୯/୨୦୨୫ Bhubaneswar, Tuesday, December 9/ 2025

# ବାରବାଟୀ ପ୍ରସ୍ତୁତ

**ଭାରତ–ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ ପାଇଁ ବାରବାଟୀ ପ୍ରସ୍ତୁତ। ମଙ୍ଗଳବାର ଏଠାରେ ଅନୁଷ୍ଠିତ ହେବ ୫ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ଟି୨୦। ଆଉ ଏକ ଅନ୍ତର୍ଜାତୀୟ ମ୍ୟାଚର ସାକ୍ଷୀ ରହିବ ଏହି ଐତିହାସିକ ଷ୍ଟାଡିୟମ...**

## ପରୀକ୍ଷାର କିଛି ଦିନ ପୂର୍ବରୁ ପଢ଼ା ଆରମ୍ଭ କରାଯାଏ ନାହିଁ



ଖବରଦାତା ସମ୍ମିଳନୀରେ ସୂର୍ଯ୍ୟକୁମାର ଯାଦବ।

କଟକ,୮।୧୨(ଅନାଦି କର)


ପରୀକ୍ଷାରେ ଭଲ କରିବା ପାଇଁ ଯେମିତି ବର୍ଷ ତମାମ ପଢ଼ାଯାଏ, ଆମେ ସେହିଭଳି ବର୍ଷ ସାରା ପ୍ରସ୍ତୁତି କରିଛୁ। ପରୀକ୍ଷା ପୂର୍ବରୁ ଯେମିତି ୪ ଦିନ ପଢ଼ିଲେ କିଛି ହେବ ନାହିଁ। ସେଭଳି ଆମେ ବିଶ୍ୱକପ୍ ଲାଗି ପ୍ରସ୍ତୁତ କରୁ ନାହୁଁ। ଗତ ବର୍ଷ ଟି୨୦ ବିଶ୍ୱକପ୍ ଜିତିବା ପରଠାରୁ ଆମେ ପ୍ରସ୍ତୁତି କରୁଛି। ସେବେଠାରୁ ଆମେ ନୂଆ ନୂଆ ଖେଳାଳିଙ୍କୁ ଟ୍ରାଏ କରୁଛୁ ଏବଂ ସବୁକିଛି ଆମ ସପକ୍ଷରେ ଯାଇଛି। ଭାରତୀୟ ଟି୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବାରବାଟୀ ଷ୍ଟାଡିୟମରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଭଳି କହିଛନ୍ତି।

ମୋ ମତରେ ଆମେ ଖେଳିଥିବା ଗତ ୫ରୁ ୬ ସିରିଜ୍‌ରେ ଭଲ ପ୍ରଦର୍ଶନ କରିଛୁ। ଆମେ ପ୍ରାୟ ସମାନ କମ୍ବିନେଶନ ସହ ପ୍ରତ୍ୟେକ ମ୍ୟାଚ୍ ଖେଳି ଜିତିଛୁ। ଆମେ ନିର୍ଦ୍ଦିଷ୍ଟ ଭାବେ ଏହି ସିରିଜ୍ ଲାଗି ଅଧିକ କିଛି ପରିବର୍ତ୍ତନ କରି ନାହୁଁ। ସବୁ କିଛି ଠିକ ଚାଲିଛି। ଏଣୁ ଆମେ ସେହିଭଳି ଖେଳିବାକୁ ଚାହୁଁ। ଦଳରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭଳି ଅଲରାଉଣ୍ଡରଙ୍କ ଉପସ୍ଥିତି ସହାୟତା ହେବ। କାରଣ ସେ ନୂଆ ବଲରେ ଏବଂ ଡେଥ ଓଭରରେ ମଧ୍ୟ ବୋଲିଂ କରନ୍ତି। ତାଙ୍କ ଉପସ୍ଥିତି ଦଳକୁ ସନ୍ତୁଳନ ପ୍ରଦାନ କରିବା ସହ ଆମ ପାଇଁ ଅନେକ କିମ୍ବନେଶନ ବ୍ୟବହାର କରିବା ଲାଗି ବାଟ ଖୋଲିଦିଏ। ମୋ ମତରେ ତାଙ୍କ ଅଭିଜ୍ଞତା ଆମ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ। କାରଣ ସେ ଆଇସିସି ଇଭେଣ୍ଟ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରନ୍ତି ବୋଲି ଟିମ୍ କମ୍ବିନେଶନ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ସୂର୍ଯ୍ୟ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତୀୟ ଦଳର ଅନ୍ୟ ଖେଳାଳିଙ୍କଠାରୁ ଆଗୁଆ ଆସିଥିବା ହାର୍ଦ୍ଦିକ ରବିବାର ସନ୍ଧ୍ୟାରେ ବାରବାଟୀରେ ପ୍ରାକ୍ଟିସ କରିଥିଲେ। ଏଣୁ ସୋମବାର ଦଳର ଅପ୍ସନାଲ ପ୍ରାକ୍ଟିସରେ ଭାଗ ନେଇ ନ ଥିଲେ। ଏତଦ୍ ବ୍ୟତୀତ ଦଳରୁ ବାଦ୍ ପଡ଼ିଥିବା ରିଙ୍କୁ ସିଂଙ୍କୁ ଶିବମ ଦୁବେଙ୍କ ସହ ତୁଳନା କରାଯିବା ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ଦୁବେ ଜଣେ ଅଲରାଉଣ୍ଡର। ଏଣୁ ତାଙ୍କୁ ଓ ହାର୍ଦ୍ଦିକଙ୍କୁ ଅନ୍ୟ ଖେଳାଳିଙ୍କ ସହ ତୁଳନା କରାଯିବା ଉଚିତ ନୁହେଁ। ସବୁଠୁ ବଡ଼ କଥା ହେଲା ଯେ, ଆମ ଦଳର ୩ରୁ ୭–ନଂ ପର୍ଯ୍ୟନ୍ତ ବ୍ୟାଟର ଯେକୌଣସି ପୋଜିଶନରେ ବ୍ୟାଟିଂ କରିବାକୁ ଦକ୍ଷ। ବ୍ୟାଟିଂ ଲାଇନ୍‌ରେ ଓପନରଙ୍କୁ ଛାଡ଼ି ଦେଲେ ଅନ୍ୟ ବ୍ୟାଟରଙ୍କ ଲାଗି କୌଣସି ନିର୍ଦ୍ଦିଷ୍ଟ ପୋଜିଶନ ନାହିଁ। ମ୍ୟାଚ୍‌ର ପରିସ୍ଥିତିକୁ ଦେଖି ସେମାନଙ୍କ ବ୍ୟାଟିଂ ଅର୍ଡରରେ ପରିବର୍ତ୍ତନ କରାଯିବ। ଉଦାହରଣ ସ୍ୱରୂପ, ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍‌ରେ ଦୁବେ ନଂ–୩ ପୋଜିଶନକୁ ପ୍ରମୋଟ କରାଯାଇଥିଲା।



ବାରବାଟୀରେ ସୋମବାର ଅଭ୍ୟାସ ଅବସରରେ ଟିମ୍ ଇଣ୍ଡିଆ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର।



ଶୁବମନ ଗିଲ୍, ଅକ୍ଷର ପଟେଲ, ଅଭିଷେକ ଶର୍ମା, ଶିବମ୍ ଦୁବେ ଓ ୱାଶିଂଟନ ସୁନ୍ଦରଙ୍କ ଅଭ୍ୟାସ।

## ଖେଳାଳିଙ୍କ ଅଭ୍ୟାସ ଦେଖିବାକୁ ଗ୍ୟାଲେରିରେ ଭିଡ଼

କଟକ,୮।୧୨(ଶିଲ୍ପା ପ୍ରିୟଦର୍ଶିନୀ)

ବାରବାଟୀରେ ମଙ୍ଗଳବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ମ୍ୟାଚ୍ ଖେଳା ଯିବାକୁ ଥିବାବେଳେ ଏହାକୁ ନେଇ ଓଡ଼ିଶାର ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଇଛି। ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟା.୫୦ରେ ଭାରତୀୟ ଦଳ ନେଟ୍ ପ୍ରାକ୍ଟିସ ଲାଗି ପହଞ୍ଚିଥିଲା। ପ୍ରିୟ ଖେଳାଳିଙ୍କୁ ଦେଖିବା ପାଇଁ ପ୍ରାୟ ୪ରୁ ୫୦୦୦ ଦର୍ଶକ ଷ୍ଟାଡିୟମରେ ପହଞ୍ଚିଥିଲେ। ଅପରାହ୍ନ ପ୍ରାୟ ୪ଟା ୩୦ ସୁଦ୍ଧା ଦକ୍ଷିଣ ଆଫ୍ରିକା ଦଳ ବାରବାଟୀରେ ପହଞ୍ଚି ଫ୍ଲଡ୍ ଲାଇଟ୍ସରେ ନେଟ୍ସ ପ୍ରାକ୍ଟିସ କରିଥିଲା। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ନେଟ୍ସ ଦେଖିବା ପାଇଁ ଦର୍ଶକଙ୍କ ନିମନ୍ତେ ପ୍ରଥମେ ୬ ଓ ୭ ନଂ ଗ୍ୟାଲେରିକୁ ଖୋଲା ଯାଇଥିଲା। ପରେ ଦର୍ଶକଙ୍କ ସଂଖ୍ୟା ବଢ଼ିବାରୁ ୧ ଓ ୨ ନଂ ଗ୍ୟାଲେରିକୁ ମଧ୍ୟ ଖୋଲିବାକୁ ପଡିଥିଲା। ଶୀତୁଆ ସନ୍ଧ୍ୟାରେ ଗ୍ୟାଲେରିଗୁଡିକ ଲୋକାରଣ୍ୟ ହୋଇ ଉଠିଥିଲା। ଖେଳାଳିମାନେ ପଡ଼ିଆରେ ପ୍ରବେଶ କରୁଥିବା ବେଳେ ଦର୍ଶକମାନେ କୋଳାହଳ ମାଧ୍ୟମରେ ସେମାନଙ୍କୁ ସ୍ୱାଗତ କରିଥିଲେ। ଅଧିକ ସଂଖ୍ୟକ ଦର୍ଶକଙ୍କୁ ଦେଖି ଖେଳାଳିମାନେ ମଧ୍ୟ ଉତ୍ସାହିତ ହୋଇଥିଲେ। ଅଭ୍ୟାସ ପରେ ଖେଳାଳିମାନେ ଗ୍ରାଉଣ୍ଡରୁ ଫେରୁଥିବା ବେଳେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ହାତରେ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଅଭ୍ୟାସ ବେଳେ ଗ୍ରାଉଣ୍ଡରେ ନିଯୁକ୍ତ ଥିବା ଜଣେ କର୍ମଚାରୀ ଅଚେତ ହୋଇ ପଡ଼ିଥିଲେ। ତାଙ୍କୁ ଷ୍ଟ୍ରେଚର ଯୋଗେ ଗ୍ରାଉଣ୍ଡରୁ ବାହାରକୁ ନିଆଯାଇଥିଲା।

### କଏନ, ଚାର୍ଜର, ପାଣି ବୋତଲ ମନା

ମଙ୍ଗଳବାର ସନ୍ଧ୍ୟା ୭ଟାରେ ଭାରତ–ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଆରମ୍ଭ ହେବାକୁ ଥିବାବେଳେ ପ୍ରାୟ ୩ ରୁ ୪ ଘଣ୍ଟା ପୂର୍ବରୁ ଦର୍ଶକଙ୍କୁ ଷ୍ଟାଡିୟମ ପରିସରରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ। ମ୍ୟାଚପାଇଁ ଦର୍ଶକଙ୍କଲାଗି ବାରଣ କରାଯାଇଥିବା ସାମଗ୍ରୀ ମଧ୍ୟରେ କଏନ, ମୋବାଇଲ ଚାର୍ଜର, ପାଣି ବୋତଲ ଆଦି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସାମିଲ ରହିଛି।

ସାଧାରଣ ଦର୍ଶକଙ୍କ ପାଇଁ ଷ୍ଟାଡିୟମର ପ୍ରତ୍ୟେକ ଗ୍ୟାଲେରିରେ ପିଇବା ପାଣିର ବ୍ୟବସ୍ଥା କରାଯାଇଛି।

### ଉପସ୍ଥିତ ରହିବେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

ସେହିପରି ମ୍ୟାଚ୍‌ରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ। ଏଥିସହିତ ବାରବାଟୀରେ ପ୍ରଥମକରି ମ୍ୟାଚ୍ ପୂର୍ବରୁ ଓ ମଧ୍ୟାନ୍ତରରେ ଡିଏମ୍‌ଏକ୍ସ ଶୋ (ଲାଇଟ୍ ଶୋ) କରାଯିବ। ସେହିପରି ଯେଉଁ ଦର୍ଶକ ଷ୍ଟାଡିୟମ ପରିସରକୁ ଆସି ମ୍ୟାଚ୍ ଦେଖିବାରୁ ବଞ୍ଚିତ ରହିବେ, ସେମାନଙ୍କ ପାଇଁ ଖାସ୍ କରି ଉପର ଓ ତଳ ବାଲିଯାତ୍ରା ପଡ଼ିଆ ସହ ଇନଡୋର ଷ୍ଟାଡିୟମରେ ଫ୍ୟାନ୍ ପାର୍କର ବ୍ୟବସ୍ଥା କରାଯାଇଛି। ଏଠାରେ ଦର୍ଶକଙ୍କ ପାଇଁ ଏଲ୍‌ଇଡି ସ୍କ୍ରିନର ବ୍ୟବସ୍ଥା କରାଯାଇଛି।

## ଆମେ ଏଣ୍ଟରଟେନିଂ କ୍ରିକେଟ ଖେଳିବୁ: ମାରକ୍ରମ

କଟକ,୮।୧୨(ଅନାଦି କର)

ଗତ ଟି୨୦ ବିଶ୍ୱକପ୍ ଫାଇନାଲରେ ଭାରତଠାରୁ ପରାଜିତ ହୋଇ ରନର ଅପ୍ ହୋଇଥିବା ଦକ୍ଷିଣ ଆଫ୍ରିକା ଦଳ ଏଡେନ ମାରକ୍ରାମଙ୍କ ନେତୃତ୍ୱରେ ଅତ୍ୟଧିକ ଆଟାକିଂ କ୍ରିକେଟ ଖେଳି ଆସୁଛି। ଏହା ଦର୍ଶକଙ୍କୁ ଏଣ୍ଟରଟେନ କରୁଥିବା ବେଳେ ଏହି ଆପ୍ରୋଚ ଦକ୍ଷିଣ ଆଫ୍ରିକା ଲାଗି ଫଳପ୍ରଦ ସାବ୍ୟସ୍ତ ହୋଇ ନାହିଁ। ଏହି ଦଳ ଟି୨୦ ବିଶ୍ୱକପ୍ ପରଠାରୁ ବିଭିନ୍ନ ଦ୍ୱିପାକ୍ଷୀକ ଟି୨୦ ସିରିଜ୍‌ରେ ପରାଜିତ ହୋଇଛି। ଏହାସତ୍ତ୍ୱେ ବାରବାଟୀରେ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଯାଉଥିବା ସିରିଜ୍ ଲାଗି ଭ୍ରମଣକାରୀ ଦଳ ତା'ର ଆଟାକିଂ ଆପ୍ରୋଚରେ କୌଣସି ପରିବର୍ତ୍ତନ କରିବ ନାହିଁ। ଏ ନେଇ ଦକ୍ଷିଣ ଆଫ୍ରିକା ଦଳର ପ୍ରାକ୍ଟିସ ପୂର୍ବରୁ ଅଧିନାୟକ ଏଡେନ ମାରକ୍ରମ ସ୍ପଷ୍ଟ କରିଛନ୍ତି।

ଆମେ ଯୋଜନାରେ କୌଣସି ପରିବର୍ତ୍ତନ କରିନାହୁଁ। ଏହା ଟି୨୦ କ୍ରିକେଟ, ଯାହାକି ଏଣ୍ଟରଟେନିଂ ଫର୍ମାଟ। ଆମେ ସେହି ବ୍ରାଣ୍ଡର ଖେଳ ପ୍ରଦର୍ଶନ କରିବାକୁ ଚାହୁଁ। ଆମେ ଚାହୁଁ, ଆମ ଖେଳାଳି ଭୟମୁକ୍ତ ହୋଇ ନିଜ ଖେଳକୁ ଏଞ୍ଜୟ କରନ୍ତୁ ବୋଲି ମାରକ୍ରମ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏତଦ୍ ବ୍ୟତୀତ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଆନରିଚ ନର୍କିଆଙ୍କ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ୧୪୦ରୁ ଊର୍ଦ୍ଧ୍ୱ ଗତିରେ ବୋଲିଂ କରିପାରୁଥିବା ନର୍କିଆଙ୍କ ଭଳି ବୋଲର ଫେରିବା ଦ୍ୱାରା ଦଳର ଶକ୍ତି ବୃଦ୍ଧି ପାଇଛି। ତାଙ୍କ ଇଞ୍ଜୁରି ଯୋଗୁ ଆମ ପାଖରେ ଫାଷ୍ଟ ବୋଲିଂ ବିକଳ୍ପ ବୃଦ୍ଧି ପାଇଛି। ଅନ୍ତିମ ଥର ଟି୨୦ ବିଶ୍ୱକପ୍ ଫାଇନାଲ ଖେଳିଥିବା ନର୍କିଆ ଦଳକୁ ଫେରୁଥିବାରୁ ନିଶ୍ଚିତ ଭାବେ ଉତ୍ସାହିତ ଥିବେ ଏବଂ ମୁଁ ନିଶ୍ଚିତ ଯେ, ସେ ନିଜର ଶତ ପ୍ରତିଶତ ଦେବେ।

### ଅଭିଷେକଙ୍କ ଉଇକେଟ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ

ମୁଁ ଅଭିଷେକଙ୍କ ସହ ଆଇପିଏଲ୍‌ରେ ସନରାଇଜର୍ସ ହାଇଦ୍ରାବାଦ୍ ପାଇଁ ଖେଳିଛି। ସେ ଖୁବ ଭଲ ଓ ଭୟମୁକ୍ତ ଖେଳାଳି। ସେ ପ୍ରଥମ ବଲରୁ ପ୍ରତିପକ୍ଷ ଦଳ ଉପରେ ଚାପ ପକାନ୍ତି। ଏଣୁ ତାଙ୍କ ଉଇକେଟ ଆମ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ। ଏଥିରେ କିଛି ଦ୍ୱନ୍ଦ୍ୱ ନାହିଁ। ଏବେ ଆଗକୁ ଆସୁଥିବା ନୂଆ ପିଢ଼ିର ଖେଳାଳିମାନେ ଆରମ୍ଭରୁ ବଡ଼ ବଡ଼ ଶଟ୍ ଖେଳିବାକୁ ଚାହାଁନ୍ତି। କାରଣ ଏହା ଏଣ୍ଟରଟେନମେଣ୍ଟ ଯୋଗାଏ ଏବଂ ଏହା ଦ୍ୱାରା ସେମାନଙ୍କ ଲାଗି ବିଭିନ୍ନ ଲିଗ୍‌ରେ ଖେଳିବାର ବାଟ ଫିଟିଯାଏ। ବର୍ତ୍ତମାନ ଟି୨୦ କ୍ରିକେଟ ସେହି ଦିଗରେ ଆଗକୁ ଯାଉଛି ବୋଲି ଅଭିଷେକଙ୍କ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ମାରକ୍ରାମ କହିଛନ୍ତି। ୨୫ ବର୍ଷୀୟ ଅଭିଷେକ ଗତ ଏକ ବର୍ଷ ମଧ୍ୟରେ ନିଜକୁ ଜଣେ ବିସ୍ଫୋରକ ଓପନର ଭାବେ ପ୍ରତିଷ୍ଠିତ କରାଇଛନ୍ତି। ସେ ଗତ ଟି୨୦ ଏସିଆ କପ୍ ଓ ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍‌ରେ ସର୍ବାଧିକ ରନ ସ୍କୋର କରିଥିଲେ। ଏପରିକି ଜାତୀୟ ଦଳଠାରୁ ଦୂରରେ ଥିଲା ବେଳେ ପଞ୍ଜାବ ପାଇଁ ସୟଦ ମୁସ୍ତାକ ଅଲୀ ଘରୋଇ ଟି୨୦ ପ୍ରତିଯୋଗିତାରେ ସେ ୬ ମ୍ୟାଚ୍‌ରେ ୫୦ରୁ ଊର୍ଦ୍ଧ୍ୱ ଆଭରେଜ ୨୪୯.୧୮ ଷ୍ଟ୍ରାଇକ୍‌ରେଟ୍‌ରେ ୩୦୪ ରନ କରିଛନ୍ତି।



ନେଟ୍ସରେ ନିଜ ପାଳିକୁ ଅପେକ୍ଷା କରିଛନ୍ତି ଦକ୍ଷିଣ ଆଫ୍ରିକାର ଡେଭିଡ ମିଲର।


ଏଡେନ ମାରକ୍ରମଙ୍କ ବୋଲିଂ ଅଭ୍ୟାସ।



ଭାରତ ଓ ଦକ୍ଷିଣ ଆଫ୍ରିକା ନେଟ୍ ପ୍ରାକ୍ଟିସ ଦେଖିବାକୁ ସୋମବାର ଗ୍ୟାଲେରିରେ ଦର୍ଶକଙ୍କ ଭିଡ଼। (ଫଟୋ ରାଜକିଶୋର ମହାନ୍ତି)

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ